ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୦/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, December 10/2025 | Page 16 | ₹ 7.00
୫୨ଶ ଭାଗ ୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 17 | ମୂଲ୍ୟ ₹୭/-

# ବାରବାଟୀରେ ଭାରତର ଦମ୍‌ଦାର ବିଜୟ

କଟକ,୯।୧୨(ଅନାଦି କର)

ଐତିହାସିକ ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ କ୍ରିକେଟ ମ୍ୟାଚ୍‌ରେ ଭାରତ ୧୦୧ ରନ୍‌ରେ ଦମ୍‌ଦାର ବିଜୟ ହାସଲ କରିଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୭୫ ରନ୍ କରିଥିଲା। ୧୭୬ ରନ୍‌ର ଟାର୍ଗେଟ୍‌କୁ ପିଛାକରି ଦକ୍ଷିଣ ଆଫ୍ରିକା ସାଙ୍ଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୭୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଏହା ଦକ୍ଷିଣ ଆଫ୍ରିକା ପାଇଁ ସର୍ବନିମ୍ନ ସ୍କୋର। ବୋଲରଙ୍କ ଏଭଳି ଜବରଦସ୍ତ ପ୍ରଦର୍ଶନ ଯୋଗୁ ଏହି ଭେନ୍ୟୁରେ ୨୦୧୫ରେ ସମାନ ପ୍ରତିଦ୍ୱନ୍ଦ୍ୱୀ ଦଳଠାରୁ ମିଳିଥିବା ଶୋଚନୀୟ ପରାଜୟର ପ୍ରତିଶୋଧ ନେଇଛି ଭାରତ। ଉକ୍ତ ମ୍ୟାଚ୍‌ରେ ଭାରତୀୟ ଦଳ ମାତ୍ର ୯୨ ରନ୍‌ରେ ଅଲଆଉଟ୍ ହୋଇଥିଲା।



ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଟି୨୦ କ୍ରିକେଟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ଶଟ୍ ଖେଳିବା ଅବସରରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା। **(ଫଟୋ: ରାଜକିଶୋର ମହାନ୍ତି)**

ବାରବାଟୀରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହା ତୃତୀୟ ମ୍ୟାଚ୍ ହୋଇଥିବା ବେଳେ ଭାରତୀୟ ଦଳର ପ୍ରଥମ ବିଜୟ। ଏହି ମ୍ୟାଚ୍ ଜରିଆରେ ତିଲକ ବର୍ମା ଟି୨୦ କ୍ୟାରିୟରରେ ୧ ହଜାର ରନ୍ ପୂରଣ କରିଥିବାବେଳେ ହାର୍ଦ୍ଦିକ୍ ଅନ୍ତର୍ଜାତୀୟ ଟି୨୦ରେ ୧୦୦ ଛକା ଓ ଯଶ୍‌ପ୍ରୀତ ବୁମ୍‌ରା ୧୦୦ ଉଇକେଟ ପୂରଣ କରିଛନ୍ତି। ଏହି ବିଜୟ ସହ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍‌ରେ ଭାରତ ୧-୦ର ଅଗ୍ରଣୀ ହାସଲ କରିଛି। ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ହାର୍ଦ୍ଦିକ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ନୂଆ ଚଣ୍ଡିଗଡ଼ରେ ଖେଳାଯିବ।

ଭାରତୀୟ ବୋଲରଙ୍କୁ ମୁକାବିଲା କରି ନ ପାରି କ୍ୱିଣ୍ଟନ ଡି'କକ୍ ଖାତା ଖୋଲିପାରି ନ ଥିବାବେଳେ ଅଧିନାୟକ ଏଡେନ ମାରକ୍ରମ ୧୪, ଟ୍ରିଷ୍ଟନ ଷ୍ଟବ୍ସ ୧୪, ଡେଭିଡ୍ ମିଲର ୧, ଡୋନୋଭାନ ଫେରିରା ୫, ମାର୍କୋ ଜାନସେନ ୧୨, ଡେୱାଲ୍ଡ ବ୍ରେଭିସ ୨୨, ଏନରିଚ୍ ନର୍କିଆ ୧ ଏବଂ କେଶବ ମହାରାଜ ☞ପୃଷ୍ଠା-୪

# ଏସ୍‌ଆଇଆର୍: ସମାଧାନ ନ କଲେ ଅରାଜକତା ହେବ

## ବିଏଲ୍‌ଓଙ୍କ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ

ସମ୍ପ୍ରତି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ର ଦ୍ୱିତୀୟ ପର୍ଯ୍ୟାୟ ପଶ୍ଚିମବଙ୍ଗ ସମେତ ୯ ରାଜ୍ୟ ଓ ୩ କେନ୍ଦ୍ରଶାସିତ ଅଞ୍ଚଳରେ ଚାଲିଛି । ଏହି ଦାୟିତ୍ୱ ତୁଲାଇବାରେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନେ ବିଫଳ ହେଲେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ନିର୍ବାଚନ କମିଶନ (ଇସି)ଙ୍କ ଅଧିକାରୀମାନେ ଧମକ ଦେଉଥିବା ଅଭିଯୋଗ ଆସୁଛି । ଏପରି କି ଅନେକ ସ୍ଥଳେ ବିଏଲ୍‌ଓ ଭାବେ ନିୟୋଜିତ ଶିକ୍ଷୟିତ୍ରୀଶିକ୍ଷକ ଓ ଅଙ୍ଗନୱାଡି କର୍ମୀ ଆତ୍ମହତ୍ୟା କରୁଥିବା ମଧ୍ୟ ଦେଖିବାକୁ ମିଳୁଛି । ସୁପ୍ରିମକୋର୍ଟ ମଙ୍ଗଳବାର ଏ ସମ୍ପର୍କିତ ଆବେଦନର ଶୁଣାଣି କରି ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି । ଏସ୍‌ଆଇଆର୍ କାର୍ଯ୍ୟଚାପଜନିତ ସ୍ଥିତିର ମୁକାବିଲା ସହ ଏହାର ସମାଧାନ ନ କଲେ ଅରାଜକତା ସୃଷ୍ଟି ହେବ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଇସିଙ୍କୁ କଡ଼ା ଚେତାବନୀ ଦେଇଛନ୍ତି ।

ନୂଆଦିଲ୍ଲୀ,୯।୧୨(ପି.ଟି./ଲାଇଭ୍‌ଲ)

ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ବେଳେ ପର୍ଯ୍ୟାପ୍ତ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ମୁତୟନ ପାଇଁ ସନାତନୀ ସଂସଦ ନାମକ ଏକ ସଙ୍ଗଠନ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଛି। ବିଏଲ୍‌ଓ ଏବଂ ଅନ୍ୟ ଅଧିକାରୀମାନଙ୍କୁ ଧମକ ଦିଆଯିବା ସହ ସେମାନଙ୍କ ଉପରେ ହିଂସାତ୍ମକ ଆଚରଣ ମଧ୍ୟ କରାଯାଉଛି। ତେଣୁ ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଅଧିକାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଇସିଙ୍କୁ ନିର୍ଦ୍ଦେଶ ଦେବା ସକାଶେ ସନାତନୀ ସଂସଦର ଓକିଲ ଭି. ଗିରି ଅଦାଲତଙ୍କୁ ନିବେଦନ କରିଛନ୍ତି। ସିଜେଆଇ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି ବେଳେ କହିଛନ୍ତି, ତୃଣମୂଳସ୍ତରରେ ଭୋଟର ତାଲିକାର ତ୍ରୁଟିଶୂନ୍ୟ ☞ପୃଷ୍ଠା-୪

# ବଢ଼ିବ ବିଧାୟକ, ମନ୍ତ୍ରୀଙ୍କ ଦରମା

## ଗୃହରେ ବିଲ୍ ପାରିତ, ରାଜ୍ୟପାଳଙ୍କ ମୋହରକୁ ଅପେକ୍ଷା

ବିଧାୟକ, ମନ୍ତ୍ରୀ ଓ ବାଚସ୍ପତିଙ୍କ ଦରମା ବଢ଼ିବ । ଦରମା ବୃଦ୍ଧି ନେଇ ଦୀର୍ଘଦିନ ଧରି ହୋଇଆସୁଥିବା ଦାବି ସମ୍ପର୍କିତ ବିଲ୍ ମଙ୍ଗଳବାର ଓଡ଼ିଶା ବିଧାନସଭାରେ ପାରିତ ହୋଇଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୃହରେ ସଦସ୍ୟଙ୍କ ଦରମା ବୃଦ୍ଧି ସମ୍ପର୍କିତ ବିଲ୍ ଉପସ୍ଥାପନ କରିବା ପରେ ଏହାକୁ ସବୁ ଦଳର ସଦସ୍ୟମାନେ ସମର୍ଥନ ଜଣାଇଥିଲେ । ତେବେ ରାଜ୍ୟପାଳଙ୍କ ମୋହର ବାଜିବା ପରେ ଏହାକୁ ଲାଗୁ କରାଯିବ । ବିଧାୟକ, ମନ୍ତ୍ରୀ, ବାଚସ୍ପତି ଏବଂ ଉପବାଚସ୍ପତିଙ୍କ ଦରମା ସହ ଭତ୍ତା, ପେନ୍‌ସନ ଆଦି ବୃଦ୍ଧି କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ବର୍ଦ୍ଧିତ ଦରମା ଅନୁସାରେ ଏବେ ବିଧାୟକମାନେ ୩ଲକ୍ଷ ୪୫ହଜାର ଟଙ୍କା ଦରମା ପାଇବେ। ଏହି ବିଲ୍ ପାରିତ ହେବା ପରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଯାଇଛି ।

### ବର୍ଦ୍ଧିତ ମୋଟ ଦରମା

- ବିଧାୟକ – ୩ ଲକ୍ଷ ୪୫ ହଜାର
- କ୍ୟାବିନେଟ୍ ମନ୍ତ୍ରୀ – ୩ ଲକ୍ଷ ୬୨ ହଜାର
- ରାଷ୍ଟ୍ରମନ୍ତ୍ରୀ – ୩ ଲକ୍ଷ ୫୬ ହଜାର
- ବାଚସ୍ପତି – ୩ ଲକ୍ଷ ୬୮ ହଜାର
- ଉପବାଚସ୍ପତି – ୩ ଲକ୍ଷ ୫୬ ହଜାର
- ମୁଖ୍ୟମନ୍ତ୍ରୀ – ୩ ଲକ୍ଷ ୭୪ ହଜାର
- ଉପମୁଖ୍ୟମନ୍ତ୍ରୀ– ୩ ଲକ୍ଷ ୬୮ ହଜାର
- ବିରୋଧୀ ଦଳ ନେତା – ୩ ଲକ୍ଷ ୬୨ ହଜାର
- ସରକାରୀ ମୁଖ୍ୟ ସଚେତକ – ୩ ଲକ୍ଷ ୬୨ ହଜାର
- ଉପ ମୁଖ୍ୟ ସଚେତକ – ୩ ଲକ୍ଷ ୫୦ ହଜାର
- ପୂର୍ବତନ ବିଧାୟକ – ୧ ଲକ୍ଷ ୨୦ ହଜାର



ଭୁବନେଶ୍ୱର,୯।୧୨(ରବିନାରାୟଣ ଜେନା)

ବିଧାନସଭାରେ ମଙ୍ଗଳବାର ମଧ୍ୟାହ୍ନରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମହାଲିଙ୍ଗ ପ୍ରଥମେ ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କ ଦରମା, ଭତ୍ତା ଓ ପେନ୍‌ସନ ସଂଶୋଧନ ପ୍ରସ୍ତାବ ବିଧେୟକ-୨୦୨୫ ଆଗତ କରିଥିଲେ। ଏହାପରେ ବାଚସ୍ପତି, ଉପବାଚସ୍ପତି ଓ ମନ୍ତ୍ରୀଗଣଙ୍କ ଦରମା ଏବଂ ଭତ୍ତା ସଂଶୋଧିତ ବିଧେୟକ ଆଗତ କରିଥିଲେ। ଏହିସବୁ ବିଧେୟକ ଆଗତ କରି ମନ୍ତ୍ରୀ କହିଥିଲେ, ରାଜ୍ୟରେ ଶେଷଥର ପାଇଁ ୨୦୧୭ରେ ସଦସ୍ୟମାନଙ୍କ ଦରମା, ଭତ୍ତାର ସଂଶୋଧନ କରାଯାଇଥିଲା। ବର୍ତ୍ତମାନର ମୁଦ୍ରାସ୍ଫୀତି ହାର ବୃଦ୍ଧି, ଦରମା ଓ ଭତ୍ତାକୁ ଦୃଷ୍ଟିରେରଖି ଉପଦେଷ୍ଟା କମିଟିର ସୁପାରିସ୍‌କ୍ରମେ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ଏହା ପାରିତ ହେଲେ ସଦସ୍ୟ ଓ ଅନ୍ୟମାନେ ବିଶେଷ ଭାବେ ଉପକୃତ ହୋଇପାରିବେ। ପୂର୍ବତନ ବିଧାୟକମାନେ ଚିକିତ୍ସା କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏହାଦ୍ୱାରା ସେମାନେ ଉପକୃତ ହେବେ। ସଂଶୋଧିତ ବିଧେୟକ ଉପରେ ମତ ରଖି ଶାସକ ଦଳ ବିଧାୟକ ଭାସ୍କର ମଢ଼େଇ କହିଥିଲେ, ସରକାର ଯେଉଁ ପ୍ରସ୍ତାବ ଆଣନ୍ତି, ତାହା ସ୍ୱାଗତଯୋଗ୍ୟ। ବିଧାୟକମାନେ ତୃଣମୂଳସ୍ତରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜରୁରୀ ସମୟରେ ଲୋକଙ୍କୁ ସହାୟତା କରିପାରୁନାହାନ୍ତି। ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି, ଏହାଦ୍ୱାରା ସାଧାରଣ ଲୋକେ ବିଶେଷ ଭାବେ ଉପକୃତ ହେବେ। ଆଲୋଚନାରେ ଭାଗନେବା ସହିତ ବିଧେୟକକୁ ସମର୍ଥନ ଜଣାଇ ସଦସ୍ୟ ସନାତନ ବିଜୁଳି ଓ ପୂର୍ଣ୍ଣଚନ୍ଦ୍ର ସେଠୀ, ଗଣେଶ୍ୱର ବେହେରା, ଦାଶରଥି ଗମାଙ୍ଗ, ରାମଚନ୍ଦ୍ର କାଡାମ, ପ୍ରମିଳା ମଲ୍ଲିକ ପ୍ରମୁଖ କହିଥିଲେ, ଅର୍ଥନୈତିକ ଓ ସାମାଜିକ ପରିସ୍ଥିତିରେ ଏହା ବଢ଼ିବାର ଆବଶ୍ୟକତା ରହିଛି। ସରକାରଙ୍କ ଏହି ନିଷ୍ପତ୍ତି ସମୟୋଚିତ ବୋଲି ସଦସ୍ୟମାନେ କହିଥିଲେ। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ ଗୃହରେ ଗୋଟି ଗୋଟି କରି ବିଧାନସଭା ସଦସ୍ୟ, ବାଚସ୍ପତି, ଉପବାଚସ୍ପତି ଓ ମନ୍ତ୍ରୀମାନଙ୍କ ଦରମା, ଭତ୍ତା ବିଧେୟକକୁ ପାରିତ କରିଥିଲେ। ସେଥିମଧ୍ୟରେ ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କ ଦରମା, ଭତ୍ତା ଓ ପେନ୍‌ସନ(ସଂଶୋଧନ)ବିଲ୍-୨୦୨୫ ପାରିତ ହୋଇଛି। ପୂର୍ବରୁ ସଦସ୍ୟମାନେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଗାନ୍ଧୀ ବିଭାଜନକାରୀ**

# ଶିକାରୀ ଫାଶରେ ପଡ଼ି କଲରାପତରିଆ ବାଘ ମୃତ

ବନ୍ତଲା,୯।୧୨(ସୁଶିତ ସାହୁ)

ଅନୁଗୋଳ ରେଞ୍ଜ ପୁରୁଣାଗଡ଼ ସେକ୍ସନ କରତପଟା ବିଟ୍ ଅନ୍ତର୍ଗତ ଜଙ୍ଗଲରେ ଶିକାରୀ ଫାଶରେ ପଡ଼ି ଏକ କଲରାପତରିଆ ବାଘର ମଙ୍ଗଳବାର ମୃତ୍ୟୁ ହୋଇଛି। ସୋମବାର ରାତିରେ ବାଘଟି ଶିକାରୀ ଫାଶରେ ପଡ଼ିଥିବା ଖବରପାଇ ସକାଳେ ବନବିଭାଗ କର୍ମଚାରୀମାନେ ପହଞ୍ଚି ଟ୍ରାଙ୍କୁଲାଇଜ କରି ଉଦ୍ଧାର କରିଥିଲେ। ହେଲେ ଚିକିତ୍ସା ଚାଲିଥିବା ବେଳେ ବାଘର ମୃତ୍ୟୁ ଘଟିଥିଲା। ସୂଚନା ଅନୁଯାୟୀ, କରତପଟା ସେକ୍ସନର ଡିମିରିପାଳ ଜଙ୍ଗଲରେ ଅନେକ ☞ପୃଷ୍ଠା-୪


ଶିକାରୀଙ୍କ ଫାଶରେ ପଡ଼ିଥିବା କଲରାପତରିଆ ବାଘ।

# ନ୍ୟୁୟର୍କ ଟାଇମ୍ସ ଷ୍ଟାଇଲିଶ୍ ପିପୁଲ ତାଲିକାରେ ଶାହରୁଖ୍



ନୂଆଦିଲ୍ଲୀ,୯।୧୨(ପି.ଟି.)

ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍ ନ୍ୟୁୟର୍କ ଟାଇମ୍ସର ୬୭ ମୋଷ୍ଟ ଷ୍ଟାଇଲିଶ୍ ପିପୁଲ ତାଲିକାରେ ସ୍ଥାନିତ ହୋଇଛନ୍ତି। ୨୦୨୫ ବର୍ଷ ପାଇଁ ପ୍ରକାଶିତ ଏହି ତାଲିକାରେ ସର୍ବିନା କାର୍ପେଣ୍ଟର, ଦୋଏଚି, ଭିଭିଆନ୍ ୱିଲ୍‌ସନ, ନିକୋଲେ ସ୍କେର୍ଜିଙ୍ଗର, ୱାଲ୍ଟନ ଗୋଗିନ୍ସ, ଜେନିଫର ଲରେନ୍ସ, ଶାଇଗିଲ୍‌ଗେଅସ୍-ଆଲେକ୍‌ଜାଣ୍ଡାର, କୋଲେ ଏସ୍କୋଲା ଏବଂ ନୋଆହ ୱିଲେ ପ୍ରମୁଖ ସେଲିବ୍ରିଟି ରହିଥିବାବେଳେ ଭାରତରୁ କେବଳ ଶାହରୁଖ୍ ସ୍ଥାନ ପାଇଛନ୍ତି।

୬୦ ବର୍ଷୀୟ ସୁପରଷ୍ଟାର କିଙ୍ଗ୍ ଖାନ୍ ଚଳିତବର୍ଷ ଆୟୋଜିତ ମେଟ୍ ଗାଲାରେ ନଜର ଆସିଥିବାରୁ ତାଙ୍କୁ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି। ମେଟ୍ ଗାଲା ଇଭେଣ୍ଟରେ ଯୋଗଦାନ ବେଳେ ଶାହରୁଖ୍ ଜଣାଶୁଣା ଡିଜାଇନର ସବ୍ୟସାଚୀ ମୁଖାର୍ଜୀଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକ ପରିଧାନ କରିଥିଲେ। ବଲିଉଡ୍ ତଥା ବିଶ୍ୱର ଅନ୍ୟତମ ବଡ଼ ତାରକା ଭାବେ ପରିଚିତ ଏସ୍‌ଆର୍‌କେଙ୍କ ବହୁ ପ୍ରଶଂସକ ରହିଛନ୍ତି। ଏଥର ମେଟ୍ ଗାଲାରେ ତାଙ୍କୁ ଅତିଥି ଭାବେ ଦେଖିବାକୁ ମିଳିଥିଲା। ସେ ପିନ୍ଧିଥିବା ନେକ୍‌ଲେସ୍‌ରେ 'କେ' ଅକ୍ଷର ରହିଥିଲା। ଶାହରୁଖ୍‌ଙ୍କୁ ଆଗାମୀ ଫିଲ୍ମ 'କିଙ୍ଗ୍'ରେ ଦେଖିବାକୁ ମିଳିବ। ଏଥିରେ ତାଙ୍କ ଝିଅ ସୁହାନା ଖାନ୍ ଓ ଅଭିନେତ୍ରୀ ଦୀପିକା ପାଦୁକୋନ୍ ମଧ୍ୟ ଅଭିନୟ କରୁଛନ୍ତି। ୨୦୨୩ରେ ପଠାନ୍‌ର ନିର୍ଦ୍ଦେଶନା ଦେଇଥିବା ସିଦ୍ଧାର୍ଥ ଆନନ୍ଦ ଏହାର ଡାଇରେକ୍ଟର। ରେଡ୍ ଚିଲିଜ୍ ଏଣ୍ଟରଟେନ୍‌ମେଣ୍ଟ ଓ ମାର୍ଫ୍ଲିକ୍ସ ପିକ୍ଚର୍ସ ବ୍ୟାନରରେ ଏହି ହିନ୍ଦୀ ସିନେମା ନିର୍ମାଣ କରାଯାଉଛି।

OCAC
Odisha Computer Application Centre
Electronics & Information Technology Department
Government of Odisha

From IT, ESDM & Semiconductor to AI & Data Centre - Odisha is building the future of India's digital economy. Be part of a state that's pro-growth, pro-innovation, and pro-investor.

Why Odisha?
- 3rd Happiest State in India (The Week magazine)
- Abundant water supply with 11% of the total water resources of the country
- A power surplus state with a total installed capacity of 20,000+ MW.
- $1 Billion software exports in 2024-25
- 750+ acres of ready IT/ESDM infrastructure
- ₹20/sq. ft. lease in Govt IT Towers — among India's most affordable
- 30+ lakh sq. ft. Govt. IT Tower space + 15 new private towers coming up
- World-Class Incubation: O-Hub (0.4 million sq. ft.)

Policy Led Growth:
- Industrial Policy Resolution 2022
- Sectoral Policies: Semiconductor Manufacturing & Fabless Policy, Electronics Policy 2021, Electronics Component Manufacturing Policy 2025, IT Policy 2025, BPO Policy 2021, Data Centre Policy 2022, AI Policy 2025
- Upcoming: GCC Policy, FinTech Policy, O-CHIP (Semiconductor Design Ecosystem)
- Tailor Made Incentives for mega projects

Odisha's Tech Advantage:
- Strategic Location: Connected to major metros with excellent infrastructure & skilled workforce
- Fast-track Clearances: Time-bound approvals via Single Window
- Industry-ready Land Banks: Plug-and-play IT parks/SEZ and ESDM clusters
- Power & Connectivity: 24×7 power and upcoming cable landing station
- Home to Major Technology Companies: EY, Accenture, IBM, Cognizant, Infosys, TCS, Wipro, Deloitte, Tech Mahindra, and more

Odisha Computer Application Centre
(Technical Directorate to Electronics & IT Department)
OCAC Building, Plot No-N-1/7-D, Acharya Vihar,
RRL Post Office, Bhubaneswar- 751013
https://www.ocac.in/, https://it.odisha.gov.in/
Email: ifitp.eit@odisha.gov.in

@EITOdisha | LinkedIn | Electronics & Information Technology Department, Government of Odisha

## ଦିଲ୍ଲୀରେ ଆଜି




ରାଜାଜୀ, କୋର୍‌ବେଟ୍ ଏବଂ ଆମେର ଦୁର୍ଗରେ ହାତୀ ସବାର ପଛର ନିଷ୍ଠୁରତାକୁ ବିରୋଧ କରି ଏହାକୁ ପ୍ରତ୍ୟାଖ୍ୟାନ ଦାବିରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ପେଟା ଇଣ୍ଡିଆ ଏବଂ ଗୋଶାର୍ପନରର ସମର୍ଥକମାନେ ହାତୀମୁଖା ପିନ୍ଧି, ପାପୁଲିରେ ଲାଲ୍‌ରଙ୍ଗ ମାଖି ଓ ନିଜକୁ ଶିକୁଳିରେ ବାନ୍ଧି ଦେଶବାସୀଙ୍କୁ ଆହ୍ୱାନ ଦେଉଛନ୍ତି। (ଫଟୋ: ଚମନ ଗୌତମ)

# ୧୦% ଉଡ଼ାଣ ହ୍ରାସ ପାଇଁ ଇଣ୍ଡିଗୋକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୯।୧୨

ସପ୍ତାହେରୁଉର୍ଦ୍ଧ୍ୱସମୟଧରିବିମାନସେବାରେ ବିଭ୍ରାଟର ସମ୍ମୁଖୀନ ହୋଇଥିବା ଦେଶର ସର୍ବବୃହତ୍ ଏୟାରଲାଇନ୍ସ ଇଣ୍ଡିଗୋକୁ ଶୀତଋତୁରେ ଏହାର ଉଡ଼ାଣ ୧୦ ପ୍ରତିଶତ ହ୍ରାସ କରିବାକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ମଙ୍ଗଳବାର ମନ୍ତ୍ରଣାଳୟର ସଚିବ ସମୀର ସିହ୍ନା ଏବଂ ଇଣ୍ଡିଗୋ ସିଇଓ ପିଟର ଏଲବର୍ସଙ୍କୁ ଭେଟିବା ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି।

ପାଇଲଟ୍ ଓ କର୍ମଚାରୀ ସଙ୍କଟକୁ ନେଇ ଗତ ୨ ତାରିଖରୁ ବିଭିନ୍ନ ଘରୋଇ ରୁଟ୍‌ରେ ଇଣ୍ଡିଗୋର ବିମାନ ଉଡ଼ାଣ ବାତିଲ ଏବଂ ବିଳମ୍ବିତ ହୋଇଆସୁଛି। ଫଳରେ ଦେଶବ୍ୟାପୀ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଚଳିତ ବର୍ଷ ଶୀତଋତୁ ପାଇଁ ଇଣ୍ଡିଗୋ ଦୈନିକ ୨,୨୦୦ରୁ ଉର୍ଦ୍ଧ୍ୱ ବିମାନ ଉଡ଼ାଣ କରୁଥିବାବେଳେ ବୁଧବାର ସୁଦ୍ଧା ସଂଶୋଧିତ ଉଡ଼ାଉ କାର୍ଯ୍ୟସୂଚୀ ଦାଖଲ କରିବା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କହିଛି।

ବିମାନ ସେବା ବ୍ୟାଘାତ ନେଇ ସ୍ପଷ୍ଟୀକରଣ ଦେବାକୁ ଡିଜିସିଏ ପୂର୍ବରୁ

### ଯାତ୍ରୀଙ୍କୁ ଅସୁବିଧାରେ ପଡ଼ିବାକୁ ଦିଆଯିବନାହିଁ: ମନ୍ତ୍ରୀ

ଇଣ୍ଡିଗୋ ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ମୁଖ୍ୟ ଅପରେଟିଂ ଅଫିସରଙ୍କୁ କାରଣଦର୍ଶାଅ ନୋଟିସ୍ ପଠାଇଥିଲେ। ବିମାନସେବା ବାଧାପ୍ରାପ୍ତ ପଛର ତ୍ରୁଟି ଖୋଜି ବାହାର କରିବା ପାଇଁ ସରକାର ଏକ ୪ ଜଣିଆ କମିଟି ଗଠନ କରିଛନ୍ତି। ଏୟାରଲାଇନ୍ସ ଯେତେ ବଡ଼ ହୁଅନ୍ତୁ ନା କାହିଁକି କୌଣସି ସ୍ଥିତିରେ ଯାତ୍ରୀମାନଙ୍କୁ ଅସୁବିଧାରେ ପକାଇବାକୁ ଦିଆଯିବ ନାହିଁ ବୋଲି ମନ୍ତ୍ରୀ ନାଇଡୁ ମଙ୍ଗଳବାର କହିଛନ୍ତି। ବିମାନସେବାରେ ବ୍ୟାଘାତ ପାଇଁ ଇଣ୍ଡିଗୋ ବିରୋଧରେ କଠୋର ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଲୋକ ସଭାରେ କହିଛନ୍ତି। ମଙ୍ଗଳବାର ମଧ ଦେଶର ୬ଟି ମେଟ୍ରୋ ଏୟାରପୋର୍ଟରେ ଇଣ୍ଡିଗୋର ୪୨୨ଟି ବିମାନ ଉଡ଼ାଣ ବାତିଲ ହୋଇଛି। ଦିଲ୍ଲୀରେ ୧୫୨ ବିମାନ ଉଡ଼ାଣ ବନ୍ଦ ଥିବାବେଳେ ବେଙ୍ଗାଲୁରୁ ଏୟାରପୋର୍ଟରେ ୧୨୧, ହାଇଦ୍ରାବାଦରେ ୫୮, ଚେନ୍ନାଇରେ ୫୦ ଏବଂ ମୁମ୍ବାଇ ଏୟାରପୋର୍ଟରେ ୪୧ ବିମାନ ଉଡ଼ାଣ ବାତିଲ ହୋଇଛି। ସୋମବାର ଇଣ୍ଡିଗୋର ୫୬୦ ବିମାନ ଉଡ଼ାଣ ବାତିଲ ହୋଇଥିଲା।

## ରୁଷିଆ ସାମରିକ ବିମାନ ଦୁର୍ଘଟଣା: ୭ ମୃତ ଆଶଙ୍କା

ମସ୍କୋ,୯।୧୨

ରୁଷିଆ ସେନାର ଏକ ପରିବହନ ବିମାନ ମଙ୍ଗଳବାର କେନ୍ଦ୍ରୀୟ ଇନାନୋଭୋ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ଆଣ୍ଟୋନୋଭ ଏଏନ୍-୨୨ ବିମାନରେ ୭ ଜଣ ଥିବାବେଳେ ତାହା ଏକ ଜନଶୂନ୍ୟ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ବିମାନର ଭଗ୍ନାବଶେଷ ଉପକୂଳ ଏବଂ ଜଳରାଶି ମଧ୍ୟରୁ ମିଳିଥିବାବେଳେ ସେଥିରେ ଥିବା ଲୋକମାନଙ୍କ ପତ୍ତା ମିଳିନାହିଁ। ରୁଷିଆ ବାୟୁସେନା ଓଜନଦାର ଅସ୍ତ୍ରଶସ୍ତ୍ର ପରିବହନ ପାଇଁ ଏହି ବିମାନକୁ ବ୍ୟବହାର କରୁଥିଲା।

## ୨୦୧୯ରୁ ୨୯ ଶୀର୍ଷ ମାଓବାଦୀ କମାଣ୍ଡର ନିହତ ହେଲେଣି

ନୂଆଦିଲ୍ଲୀ,୯।୧୨(ପି.ଟି.)

ଦେଶରେ ୨୦୧୯ରୁ ବର୍ତ୍ତମାନ ସୁଦ୍ଧା ୨୯ ଜଣ ଶୀର୍ଷ ମାଓବାଦୀ କମାଣ୍ଡର ନିହତ ହେଲେଣି, ଯାହା ମାଓବାଦୀମାନଙ୍କୁ ବଡ଼ ଝଟକା ଦେଇଛି। କେବଳ ଚଳିତବର୍ଷ କେନ୍ଦ୍ରୀୟ କମିଟି ଏବଂ ପଲିଟ୍‌ବ୍ୟୁରୋର ୧୪ ଜଣ ସଦସ୍ୟ ନିହତ ହୋଇଥିବା ସରକାରଙ୍କ ତରଫରୁ ମଙ୍ଗଳବାର ଲୋକ ସଭାକୁ ସୂଚନା ଦିଆଯାଇଛି। ପ୍ରଶ୍ନୋତ୍ତର କାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି, ୨୦୧୪ରେ ମାଓବାଦୀ ଅଧ୍ୟୁଷିତ ରାଜ୍ୟ ସଂଖ୍ୟା ୧୦ ଥିବାବେଳେ ୨୦୨୫ର ଅକ୍ଟୋବର ସୁଦ୍ଧା ଏହା ୫କୁ ହ୍ରାସ ପାଇଛି। ସେହିପରି ବାମପନ୍ଥୀ ମାଓବାଦୀ ପ୍ରଭାବିତ ଜିଲ୍ଲା ସଂଖ୍ୟା ୯୧ ପ୍ରତିଶତ ହ୍ରାସ ପାଇଛି। ଉପରୋକ୍ତ ସମୟ ମଧ୍ୟରେ ଏଭଳି ଜିଲ୍ଲା ସଂଖ୍ୟା ୧୨୬ରୁ ହ୍ରାସ ପାଇ ୧୧ରେ ପହଞ୍ଚିଛି। ସମ୍ପ୍ରତି ମାତ୍ର ୩ଟି ଜିଲ୍ଲା ଅତ୍ୟଧିକ ମାଓବାଦୀ ପ୍ରଭାବିତ ରହିଥିବା ମନ୍ତ୍ରୀ କହିଛନ୍ତି।

# ଭୋଟ ଚୋରି ସବୁଠୁ ବଡ଼ ଦେଶବିରୋଧୀ କାର୍ଯ୍ୟ

ନୂଆଦିଲ୍ଲୀ,୯।୧୨

ଭାଜପାର ଭୋଟ ଚୋରି ସବୁଠୁ ବଡ଼ ଦେଶବିରୋଧୀ କାର୍ଯ୍ୟ। ଏଥିରେ ନିର୍ବାଚନ କମିଶନ (ଇସି)ଙ୍କ ସମ୍ପୃକ୍ତି ରହିଛି। ଭାଜପା ଏବଂ ଇସିଙ୍କ ଅସାଧୁ ମେଣ୍ଟ ଭାରତକୁ ନଷ୍ଟ କରୁଛି ବୋଲି ମଙ୍ଗଳବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ପାର୍ଲାମେଣ୍ଟର ନିମ୍ନ ସଦନରେ ନିର୍ବାଚନୀ ସଂସ୍କାର ଉପରେ ଆଲୋଚନାରେ ଭାଗନେଇ କଂଗ୍ରେସ ନେତା ରାହୁଲ ୩ଟି ପ୍ରଶ୍ନ କରିଥିଲେ। ଏଥିସହ ଭାରତୀୟ ଗଣତନ୍ତ୍ରକୁ ନଷ୍ଟ କରିବା ପାଇଁ ଭାଜପା ଇସିଙ୍କୁ ନିର୍ଦ୍ଦେଶ ଦେଉଛି ଓ ବ୍ୟବହାର କରୁଛି ବୋଲି କହିଥିଲେ। ରାହୁଲ କହିଥିଲେ, ନିର୍ବାଚନର ମାସକ ପୂର୍ବରୁ ମେଶିନ୍ ପଢ଼ିପାରିବା ଭଳି ଭୋଟର ତାଲିକା ସବୁ ଦଳକୁ ଦେବା, ୪୫ ଦିନ ପରେ ସିସିଟିଭି ଫୁଟେଜ୍‌କୁ ନଷ୍ଟ କରିବା ପାଇଁ ଅନୁମତି ଦେଉଥିବା ଆଇନକୁ ପ୍ରତ୍ୟାହାର କରିବା ଏବଂ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଯାଞ୍ଚ ପାଇଁ ସୁଯୋଗ ଦେବା ସହ ଇସିଙ୍କ ମନମୁଖି କାର୍ଯ୍ୟ ସମ୍ପର୍କିତ ଆଇନରେ

### ଭାଜପା-ଇସି ଅସାଧୁ ମେଣ୍ଟକୁ ରାହୁଲଙ୍କ ସମାଲୋଚନା



ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବକ୍ତବ୍ୟ ରଖୁଛନ୍ତି।

ପରିବର୍ତ୍ତନ ଆଣିବା ଉପରେ ରାହୁଲ ପ୍ରସ୍ତାବ ଦେଇଥିଲେ। ରାହୁଲ ଆହୁରି କହିଥିଲେ, ଭାଜପା ସବୁଠୁ ବଡ଼ ଯେଉଁ ଦେଶବିରୋଧୀ କାର୍ଯ୍ୟ କରିପାରିବ, ତାହା ହେଲା ଭୋଟ ଚୋରି। କାରଣ ଏହାମାନେ ଭୋଟକୁ ନଷ୍ଟ କରିପାରିବେ। ଦେଶର ଆତ୍ମାକୁ ନଷ୍ଟ କରି ଆଧୁନିକ ଭାରତକୁ ଧ୍ୱଂସ କରିପାରିବେ ବୋଲି ଶାସକ ପକ୍ଷ ଆଡ଼କୁ ଚାହିଁ କହିଥିଲେ। ସେହିପରି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନରମାନଙ୍କ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ପ୍ୟାନେଲରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ କାହିଁକି ହଟାଯାଇଛି ବୋଲି ସେ ପ୍ରଶ୍ନ କରିଥିଲେ। ସିଇସି-ଇସି ନିଯୁକ୍ତି ଏକ ଅଥାରିଟି ଗଣତାନ୍ତ୍ରିକ ନିଷ୍ପତ୍ତି। ତାଙ୍କୁ ଚୟନ କରାଯିବାବେଳେ ଗୋଟିଏପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଥିବାବେଳେ ଅନ୍ୟପଟେ ଲୋକ ସଭାର ବିରୋଧୀ ଦଳ ନେତା ବସିଥାନ୍ତି। ସେହି ବୈଠକରେ

### ତୁମେ ଜିତିଲେ ଇଭିଏମ୍ ଠିକ୍, ହାରିଲେ ଜାଲିଆତି

ସଂସଦର ଶୀତ ଅଧିବେଶନ ବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାର ଏବଂ ଇସିଙ୍କ ବିରୋଧରେ ଆଣିଥିବା ଅଭିଯୋଗକୁ ଶାସକ ଭାଜପା ଖଣ୍ଡନ କରିଛି। ନିର୍ବାଚନ କମିଶନରଙ୍କ ନିଯୁକ୍ତି ବେଳେ ରାହୁଲ ଗଠନମୂଳକ ଭାବେ ସହଯୋଗ କରିବା ପରିବର୍ତ୍ତେ ଭ୍ରାମ କରିବା ସହ ମିଛ କଥା କହୁଛନ୍ତି ବୋଲି ଭାଜପା ପକ୍ଷରୁ 'X' ରେ ସମାଲୋଚନା କରାଯାଇଛି। ସେହିପରି ଉପା ସରକାର ଅମଳରେ କଂଗ୍ରେସ ନେତ୍ରୀ ସୋନିଆ

#### ରାହୁଲ ମିଛ କହୁଛନ୍ତି: ଭାଜପା

ଗାନ୍ଧୀ କେଉଁ କ୍ଷମତା ବଳରେ ନବୀନ ଚାଓଲାଙ୍କୁ ନିର୍ବାଚନ କମିଶନର ନିଯୁକ୍ତ କରିଥିଲେ ବୋଲି ଏଥିରେ ପ୍ରଶ୍ନ କରାଯାଇଛି। ଭାଜପାର ସହଯୋଗୀ ତେଲୁଗୁ ଦେଶମ୍ ପାର୍ଟି (ଟିଡ଼ିପି) ଓ ସଂଯୁକ୍ତ ଜନତା ଦଳ (ଜେଡିୟୁ) ମଧ ରାହୁଲଙ୍କୁ ସମାଲୋଚନା କରିଛନ୍ତି। କଂଗ୍ରେସ ଜିତିଲେ ଇଭିଏମ୍ ଠିକ୍, ହାରିଲେ ଜାଲିଆତି ବୋଲି ଏନ୍‌ଡିଏର ୨ ପ୍ରମୁଖ ଅଂଶୀଦାର ଓଲଟା ପ୍ରଶ୍ନ କରିଛନ୍ତି।

ବିରୋଧୀ ଦଳ ନେତାଙ୍କ ମତାମତକୁ ଗୁରୁତ୍ୱ ଦିଆଯାଉନାହିଁ। ସେମାନେ ମନଇଚ୍ଛା ନିଯୁକ୍ତ କରୁଥିବାରୁ ଏପରି ପରିଣାମ ଆସୁଛି। ପରବର୍ତ୍ତୀ ନିର୍ବାଚନ କମିଶନର କିଏ ହେବେ ତାହା ନିର୍ଦ୍ଦିଷ୍ଟ ଭାବେ ସ୍ଥିର କରିବା ପାଇଁ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଏତେ ଆଗ୍ରହୀ କାହିଁକି? ଭାରତର ଇତିହାସରେ କୌଣସି ପ୍ରଧାନମନ୍ତ୍ରୀ ଏପରି କରିନାହାନ୍ତି। ୨୦୨୩ ଡିସେମ୍ବରରେ ଏହି ସରକାର ନିଶ୍ଚିତ କରିଥିଲେ ଯେ କୌଣସି ନିର୍ବାଚନ କମିଶନରଙ୍କୁ ତାଙ୍କ କୌଣସି କାର୍ଯ୍ୟ ପାଇଁ ଦଣ୍ଡିତ କରାଯାଇପାରିବ ନାହିଁ। ନିର୍ବାଚନୀ ସଂସ୍କାର ଏକ ସରଳ କାମ। କିନ୍ତୁ ବର୍ତ୍ତମାନର ସରକାର ଏହାକୁ ଚାହୁଁ ନାହାନ୍ତି ବୋଲି ରାହୁଲ ସମାଲୋଚନା କରିଛନ୍ତି।

## ଜାକର୍ତ୍ତାରେ ୭ ମହଲା ବିଲ୍ଡିଂରେ ନିଆଁ: ୨୨ ମୃତ

ଜାକର୍ତ୍ତା,୯।୧୨

ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାର ଏକ ୭ ମହଲା ବିଶିଷ୍ଟ ଅଫିସ୍ ବିଲ୍ଡିଂରେ ମଙ୍ଗଳବାର ଭୟାବହ ଅଗ୍ନିକାଣ୍ଡ ଘଟି ଅନ୍ୟୁନ ୨୨ ଜଣଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ଜଣେ ଗର୍ଭବତୀଙ୍କ ସମେତ ୧୫ ମହିଳା ଥିବା ପୋଲିସ କହିଛି। ସମ୍ପୂର୍ଣ୍ଣ ବିଲ୍ଡିଂ ଜଳିବା ସହ ବହଳ କଳାଧୂଆଁ ବହୁ ଉଚ୍ଚ ପର୍ଯ୍ୟନ୍ତ ଉଠୁଥିବା ଦେଖାଯାଉଛି। ମଧ୍ୟାହ୍ନ ସମୟରେ କେମାୟୋରାନ୍‌ସ୍ଥିତ ଉକ୍ତ ବିଲ୍ଡିଂର ପ୍ରଥମ ମହଲାରୁ ନିଆଁ ଲାଗି ପରେ ଅନ୍ୟ ସମସ୍ତ ମହଲାକୁ ବ୍ୟାପିଯାଇଥିବା ବିଶ୍ୱାସ କରାଯାଉଛି। ନିଆଁଲିଭା କାର୍ଯ୍ୟରେ ଶତାଧିକ କର୍ମଚାରୀ ଏବଂ ୨୯ଟି ଅଗ୍ନିଶମ ଗାଡ଼ିକୁ ନିୟୋଜିତ କରାଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ତେବେ ଡ୍ରୋନ୍ ବ୍ୟାଟେରିରେ ଶର୍ଟସର୍କିଟ କିମ୍ବା ଥର୍ମାଲ ଫେଲ୍ୟୁର ଯୋଗୁ ନିଆଁ ଲାଗିଥିବା ବିଶ୍ୱାସ କରାଯାଉଛି। ଏକ ଡ୍ରୋନ୍ କମ୍ପାନୀର ସେଲ୍ସ ଆଣ୍ଡ ଷ୍ଟୋରେଜ୍ ଅଫିସ୍ ଭାବେ ଉକ୍ତ ବିଲ୍ଡିଂ ବ୍ୟବହୃତ ହେଉଥିଲା।

## ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ: ଲୁଥ୍ରା ଭ୍ରାତାଙ୍କ କ୍ଲବ୍ ଭଙ୍ଗାଗଲା



ନୂଆଦିଲ୍ଲୀ,୯।୧୨

ଗୋଆ ବିର୍ଚ ବାଇ ରୋମିଓ ଲେନ୍ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିବା ପରେ ଏହାର ୨ ମାଲିକ ସୌରଭ ଏବଂ ଗୌରବ ଲୁଥ୍ରା ଦେଶ ଛାଡ଼ି ଥାଇଲାଣ୍ଡ ପଳାଇଛନ୍ତି। ଏବେ ସରକାର ଲୁଥ୍ରା ଭ୍ରାତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବାବେଳେ ସେମାନଙ୍କ ମାଲିକାନାରେ ଗୋଆର ଭାଗାଟରେ ଉପକୂଳରେ ଥିବା କ୍ଲବ୍‌କୁ ଭାଙ୍ଗିଦିଆଯାଇଛି। ସରକାରୀ ଜମିରେ ବେଆଇନ ଭାବେ ଉକ୍ତ ଅସ୍ଥାୟୀ ଘର ନିର୍ମାଣ ହୋଇଥିବାବେଳେ ତାକୁ ଭାଙ୍ଗିବା ପାଇଁ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ନିର୍ଦ୍ଦେଶ ଦେଇଥିଲେ। ଲୁଥ୍ରା ଭ୍ରାତାଙ୍କ ବିରୋଧରେ ବ୍ଲୁ କର୍ଣ୍ଣର ନୋଟିସ ଜାରି ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫଳରେ ତଦନ୍ତକାରୀ ଅଧିକାରୀମାନେ ବିଭିନ୍ନ ଦେଶରୁ ସେମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିପାରିବେ। ଅଗ୍ନିକାଣ୍ଡ ପରେ ପ୍ରଶାସନ ଭାଗାଟରେ ଉପକୂଳ ଘର ଓ ଆସାଗାଓରେ ଥିବା ଲୁଥ୍ରା ଭ୍ରାତାଙ୍କ ଅନ୍ୟ ସମ୍ପତ୍ତିକୁ ସିଲ୍ କରିଥିଲା।

## ଦୁର୍ନୀତି ମାମଲାରେ ଚାଇନାର ପୂର୍ବତନ ବ୍ୟାଙ୍କରଙ୍କୁ ଫାଶୀ

ନୂଆଦିଲ୍ଲୀ,୯।୧୨(ପି.ଟି.)



ବାଇ ତିଆନହୁଇ

ଚାଇନା ହୁଆରୋଙ୍ଗ ଇଣ୍ଟରନ୍ୟାସନାଲ ହୋଲ୍ଡିଂସ୍ (ସିଏଚ୍‌ଆଇଏଚ୍)ର ପୂର୍ବତନ ମହାପ୍ରବନ୍ଧକ ବାଇ ତିଆନହୁଇ ୧୫୬ ନିୟୁତ ଡଲାର ଲାଞ୍ଚ ଗ୍ରହଣ ଅଭିଯୋଗରେ ଗତ ମେ'ରେ ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ଚାଇନାର ସୁପ୍ରିମ୍ ପିପୁଲ୍ସ କୋର୍ଟ ଏହାକୁ ଅନୁମୋଦନ କରିବା ପରେ ତିଆନହୁଇ ସହରର ଏକ ଅଦାଲତ ମଙ୍ଗଳବାର ତାଙ୍କୁ ଫାଶୀ ଦେଇଥିବା ଚାଇନା ସେଣ୍ଟ୍ରାଲ ଟେଲିଭିଜନ ଖବର ପ୍ରକାଶ କରିଛି। ସିଏଚ୍‌ଆଇଏଚ୍ ହେଉଛି ଚାଇନା ହୁଆରୋଙ୍ଗ ଆସେଟ୍ ମ୍ୟାନେଜମେଣ୍ଟର ଉପ ସହକାରୀ ସଂସ୍ଥା। ଏହା ଦେଶର ଅନ୍ୟତମ ବୃହତ୍ ଆସେଟ୍ ମ୍ୟାନେଜମେଣ୍ଟ ଫର୍ମ ଭାବେ କାର୍ଯ୍ୟ କରିଥାଏ। ୨୦୧୪ରୁ ୨୦୧୮ ମଧ୍ୟରେ ବିଭିନ୍ନ ପ୍ରକଳ୍ପର ଅଧିଗ୍ରହଣ ଏବଂ ପାଣ୍ଠି ଯୋଗାଣରେ ଅନୁକମ୍ପା ପ୍ରଦାନ ଲାଗି ଏହାର ପୂର୍ବତନ ମହାପ୍ରବନ୍ଧକ ତିଆନହୁଇ ୧୫୬ ନିୟୁତ ଡଲାରରୁ ଉର୍ଦ୍ଧ୍ୱ ଉତ୍କୋଚ ଗ୍ରହଣ କରିଥିଲେ। ହୋଇଙ୍ଗ୍ ବହୁ ବର୍ଷ ହେଲା ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ଟାର୍ଗେଟରେ ରହିଆସିଛି। ଏହାର ପୂର୍ବତନ ଅଧ୍ୟକ୍ଷ ଲାଇ ଝିଆଓମିନ୍‌ଙ୍କୁ ୨୫୩ ନିୟୁତ ଡଲାର ଉତ୍କୋଚ ଗ୍ରହଣ ଅଭିଯୋଗରେ ୨୦୨୧ରେ ଫାଶୀ ଦିଆଯାଇଥିଲା।

## ଭାରତୀୟ ଚାଉଳ ଉପରେ ଟାରିଫ୍ ଲଗାଇବାକୁ ଟ୍ରମ୍ପଙ୍କ ଧମକ

ୱାଶିଂଟନ,୯।୧୨

ଭାରତ ସମେତ ବିଭିନ୍ନ ଦେଶରୁ ରପ୍ତାନି ହେଉଥିବା ଚାଉଳ ଉପରେ ଅତିରିକ୍ତ ଟାରିଫ୍ ଲଗାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଛନ୍ତି। ଭାରତ ଆମେରିକା ବଜାରରେ ଚାଉଳ ଗଦେଇବା ଉଚିତ ନୁହେଁ। ଟାରିଫ୍ ହିଁ ଏହି ସମସ୍ୟାର ସହଜ ସମାଧାନ ବୋଲି ଟ୍ରମ୍ପ କହିଛନ୍ତି। ସୋମବାର ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ କୃଷି ସେକ୍ଟରର ପ୍ରତିନିଧି, ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ, କୃଷି ସଚିବ ବ୍ରୁକ୍ ରୋଲିନ୍ସଙ୍କ ସମେତ ତାଙ୍କ କ୍ୟାବିନେଟ ସଦସ୍ୟମାନଙ୍କ ସହ ଏକ ବୈଠକରେ ଏକାଠି ହୋଇଥିଲେ। ସେ ଦେଶର କୃଷକମାନଙ୍କ ପାଇଁ ୧୨ ବିଲିୟନ ଡଲାର ସଂଘୀୟ ସହାୟତା ଘୋଷଣା କରିଛନ୍ତି। ଅନ୍ୟ ଦେଶଗୁଡ଼ିକର ଚାଉଳ ଆମେରିକା ବଜାରରେ ଭର୍ତ୍ତି ହୋଇଯାଉଥିବାରୁ ଆମେରିକା ଦକ୍ଷିଣ ଭାଗର ଧାନଚାଷୀମାନେ ଅସୁବିଧାରେ ପଡୁଥିବା ଲୁଇସିଆନାର କେନେଡି ରାଇସ୍ ମିଲ୍ ସିଇଓ ମେରିଲ୍ କେନେଡି କହିଥିଲେ। ଭାରତ, ଚାଇନା ଏବଂ ଥାଇଲାଣ୍ଡ ଆମେରିକାକୁ ଅଧିକ ଚାଉଳ ରପ୍ତାନି କରୁଛନ୍ତି। ଆମେରିକାର ସର୍ବବୃହତ୍ ଚାଉଳ ବଜାର ପୁଏର୍ଟୋ ରିକୋକୁ ଚାଇନା ଅଧିକ ଚାଉଳ ପଠାଉଥିବାରୁ ସ୍ଥାନୀୟ ବ୍ୟବସାୟୀମାନେ ଚଳିତବର୍ଷ ସେଠାକୁ ଚାଉଳ ପଠାଇପାରି ନାହାନ୍ତି ବୋଲି କେନେଡି କହିଥିଲେ। ତେଣୁ ଉପରୋକ୍ତ ଦେଶଗୁଡ଼ିକ ଉପରେ ଟାରିଫ୍ ଦୁଇଗୁଣ କରାଯିବା ଆବଶ୍ୟକ ବୋଲି ସେ ପ୍ରସ୍ତାବ ଦେଇଥିଲେ। ଅଧିକ ଚାଉଳ ପଠାଉଥିବା ପାଇଁ ଭାରତକୁ କାହିଁକି ଅନୁମତି ଦିଆଯାଉଛି ବୋଲି ଟ୍ରମ୍ପ ବେସେଣ୍ଟଙ୍କୁ ପ୍ରଶ୍ନ କରିଥିଲେ। ଏହାର ସହଜ ସମାଧାନ ପାଇଁ ଭାରତ ଉପରେ ଟାରିଫ୍ ଲଗାଇବାକୁ ହେବ। ଭାରତ ବିରୋଧରେ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ମାମଲା ରହିଥିବା କେନେଡି ଟ୍ରମ୍ପଙ୍କୁ କହିଥିଲେ। ତେବେ ଟ୍ରମ୍ପଙ୍କ ଟାରିଫ୍ ଭାରତୀୟ ଚାଉଳ ରପ୍ତାନିକାରୀଙ୍କୁ ବିଶେଷ ପ୍ରଭାବିତ କରିବ ନାହିଁ। ବରଂ ଆମେରିକାର ବାସମତୀ ଚାଉଳ ଗ୍ରାହକମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହେବେ ବୋଲି ଅଖିଳ ଭାରତ ଚାଉଳ ରପ୍ତାନିକାରୀ ସଂଗଠନର ସାଧାରଣ ସମ୍ପାଦକ ଅଜୟ ଭାଲୋଟିଆ କହିଛନ୍ତି।

### ଫୁରସତ

# ବ୍ରୁନେଇରେ ଦେବାକୁ ପଡ଼େନାହିଁ ଆୟକର

ନୂଆଦିଲ୍ଲୀ

କୋଭିଡ୍ ମହାମାରୀ ପ୍ରାୟ ପ୍ରତ୍ୟେକ ଦେଶର ଅର୍ଥନୀତିକୁ ଖଣ୍ଡ ଆଘାତ ଦେଇଥିଲା। ଅନେକ ଦେଶରେ ସରକାର ଖର୍ଚ୍ଚ ବୃଦ୍ଧି, ଋଣ ନେବା ଏବଂ ବଜେଟ ବୃଦ୍ଧି କରିବାକୁ ବାଧ ହୋଇଥିଲେ। ତଥାପି ଏଭଳି ସମୟରେ ଏକ ଛୋଟ ଦେଶ ବ୍ରୁନେଇ ସମ୍ପୂର୍ଣ୍ଣ ଭାବରେ ଅବିଚଳିତ ମନେହେଉଥିଲା। ସାରା ବିଶ୍ୱ ବର୍ଦ୍ଧିତ ଋଣ ସହିତ ଲଢ଼ୁଥିବା ବେଳେ ବ୍ରୁନେଇର ସରକାରୀ ଋଣ ଜିଡିପି ତୁଳନାରେ ପ୍ରାୟ ୧.୯% ଥିଲା। ଦକ୍ଷିଣ ପୂର୍ବ ଏସିଆରେ ଅବସ୍ଥିତ ଏହି



ଦେଶର ଜନସଂଖ୍ୟା ପ୍ରାୟ ୫ଲକ୍ଷ, କିନ୍ତୁ ଏହାର ସୁବିଧା କୌଣସି ବିକଶିତ ରାଷ୍ଟ୍ର ତୁଳନାରେ କମ୍ ନୁହେଁ। ଏହାର ନାଗରିକଙ୍କ ଉପରେ କୌଣସି ଆୟକର ଲାଗୁ ହୁଏନାହିଁ। ଏଠାରେ ଶିକ୍ଷାଠାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ ସବୁକିଛି ମାଗଣା। ସରକାର ଅଭାବୀ ପରିବାରଙ୍କୁ ଜମି ଏବଂ ବାସସ୍ଥାନ ମଧ ଯୋଗାଇ ଦିଅନ୍ତି। ଏହି କାରଣରୁ ବ୍ରୁନେଇର ସୁଲତାନଙ୍କୁ ବିଶ୍ୱର ସବୁଠାରୁ ଧନୀ ଶାସକଙ୍କ ମଧ୍ୟରୁ ଅନ୍ୟତମ ବିବେଚନା କରାଯାଏ। ରାଜଧାନୀ ବନ୍ଦର ସେରି ବେଗାୱାନ, ଏହାର ସ୍ୱଚ୍ଛ ଏବଂ ଶାନ୍ତିପୂର୍ଣ୍ଣ ଜୀବନଶୈଳୀ ଯୋଗୁ ବିଶ୍ୱର ଅନ୍ୟତମ ସୁରକ୍ଷିତ ସହର ପରିଗଣିତ ହୁଏ। ଲଣ୍ଡନ ସ୍କୁଲ ଅଫ୍ ଓରିଏଣ୍ଟାଲ ଆଣ୍ଡ ଆଫ୍ରିକାନ ଷ୍ଟଡ଼ିଜ୍ର ପ୍ରଫେସର ଉଲରିଚ ୱାଲ୍କଙ୍କ ଅନୁଯାୟୀ, ବ୍ରୁନେଇ ଏକ 'ପେଟ୍ରୋ-ଷ୍ଟେଟ', ଯାହାର ଅର୍ଥନୀତିର ପ୍ରାୟ ୯୦% ତେଲ ଏବଂ ପ୍ରାକୃତିକ ଗ୍ୟାସ୍ ଦ୍ୱାରା ପରିଚାଳିତ। ୨୦୨୦ ସୁଦ୍ଧା ଏହାର ତୈଳ ଭଣ୍ଡାର ଏକ ବିଲିୟନ ବ୍ୟାରେଲ ଅତିକ୍ରମ କରିଥିଲା।

**ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ, ରାସ୍ତାରୋକୋ**

ଖଡ଼ିଆଳ, (ସୁଜିତ କୁମାର ପ୍ରଧାନ): ଖଡ଼ିଆଳ ନୂଆପଡ଼ା ଜାତୀୟ ରାଜପଥର ବରଗାଁ ଛକ ନିକଟରେ ମଙ୍ଗଳବାର ଏକ ଟ୍ରକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ଘଟିଛି। ସେ ହେଲେ ଖଡ଼ିଆଳ ବ୍ଲକ ଭୋଜପୁର ଗ୍ରାମର ଦୀନବନ୍ଧୁ ପୁଞ୍ଜି(୬୮)। ଘଟଣା ପରେ ପରିବାର ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଖଡ଼ିଆଳ ଥାନା ଛକଠାରେ ୩୫୩ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଖଡ଼ିଆଳ ଥାନାଧିକାରୀ ଦିଲୀପ କୁମାର ସାହୁ ପହଞ୍ଚି ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଥିଲା। ଦୀନବନ୍ଧୁ କୌଣସି କାମରେ କମାଜୋରା ଗ୍ରାମକୁ ଯାଇ ଫେରିବା ବେଳେ ଏକ ଟ୍ରକ୍ ଧକ୍କାରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ସ୍ୱାଧୀନତା ସଂଗ୍ରାମରେ ଶହୀଦ ରେଣ୍ଡୋ ମାଝୀଙ୍କ ଭୂମିକା ସ୍ୱତନ୍ତ୍ର ଥିଲା

ଭବାନୀପାଟଣା,୯।୧୨( ଉତ୍ତମ କୁମାର ଦାଶ)

ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଶହୀଦ ରେଣ୍ଡୋ ମାଝୀଙ୍କ ଭୂମିକା ଅତୁଳନୀୟ ଥିଲା। ସ୍ୱାଧୀନତା ସଂଗ୍ରାମର ପ୍ରାରମ୍ଭିକ ସମୟରେ ଯେଉଁ ଆଦିବାସୀ ଗୋଷ୍ଠୀ ଇଂରେଜ ଶାସନ ବିରୋଧରେ ବିଦ୍ରୋହର ବିଗୁଲ ବଜାଇଥିଲେ ସେମାନଙ୍କ ମଧ୍ୟରେ ଶହୀଦ ରେଣ୍ଡୋ ମାଝୀଙ୍କ ସଶସ୍ତ୍ର ବିପ୍ଳବ ଅନନ୍ୟ ଥିଲା। ତାଙ୍କ ବିପ୍ଳବର ରଣହୁଙ୍କାର ବ୍ରିଟିଶ ସରକାରର ମୂଳଦୁଆ ଦୋହଲାଇ ଦେବାକୁ ଯଥେଷ୍ଟ ଥିଲା। ସେଥିରେ ରେଣ୍ଡୋଙ୍କ ସହଯୋଗୀ ଶହୀଦ ଅନ୍ଧାରୁ ଡମ୍ଫ, ପଦି ଡମ୍ଫ, ଟଡ଼ ଡମ୍ଫ, ବସଟା ଡମ୍ଫ, ଡାକି ଡମ୍ଫ, ଲିଆଭାଜୁ ଡମ୍ଫଙ୍କ ସହିତ ମାରନା ମାଝୀ, ଆବନ ମାଝୀ, ବିଜୟ ମାଝୀ, ପଟା ମାଝୀ, ଆମୋଷ ପାତ୍ର, ବଳରାମ ପାତ୍ର, ଗୁହାଲୁ ପାତ୍ର, ଦୁଃଖିଆ ପାତ୍ର ପ୍ରମୁଖଙ୍କ ଭୂମିକା ରହିଥିଲା। ସେମାନଙ୍କ ତ୍ୟାଗ ଓ ବଳିଦାନକୁ ମନେ ପକାଇବାର ଆବଶ୍ୟକତା ରହିଛି। ସେହିପରି ପାରମ୍ପରିକ ଜଳସେଚନ ବ୍ୟବସ୍ଥାରେ ନିଜସ୍ୱ ଜ୍ଞାନ କୌଶଳ ଉପଯୋଗ କରି ପାହାଡ଼ ଉପରେ ବହିଯାଉଥିବା ଝରଣା ପାଣିକୁ କ୍ଷେତକୁ ନେବାର ଉପାୟ ଜାଣିଥିଲେ ଜଳପୁରୁଷ କାର୍ଜୀ ମାଝୀ। ପାହାଡିଆ ଢିପ ଜମିରେ ବାଉଁଶ ଜରିଆରେ ଜଳସେଚନ ଓ ଏହାର ସନ୍ତୁଳନ ରଖିବାରେ ସେ ସିଦ୍ଧହସ୍ତ ଥିଲେ। ତାଙ୍କର ଜ୍ଞାନ କୌଶଳ ଦ୍ୱାରା କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମାଲିଗୁବାଙ୍ଗ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳରେ ୪୨ଗୋଟି କେନାଲ ଖନନ ଓ ଜଳସେଚନର ସୁବ୍ୟବସ୍ଥା ହୋଇପାରିଥିଲା। ଏଣୁ ଆଜିର ଦିନରେ ଜଳପୁରୁଷ କାର୍ଜୀ ମାଝୀଙ୍କ ସମ୍ପର୍କରେ ଉଚ୍ଚତର ଗବେଷଣା ସହିତ ତାଙ୍କ ନାମରେ କଳାହାଣ୍ଡି କୃଷି ମହାବିଦ୍ୟାଳୟକୁ ନାମିତ କରିବା, ମରଣୋତ୍ତର ଭାବେ ତାଙ୍କୁ ଭାରତରତ୍ନ ପ୍ରଦାନ କରାଯିବା ଉପରେ ମଙ୍ଗଳବାର




ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

## ରାଜ୍ୟସ୍ତରୀୟ ଆଲୋଚନାଚକ୍ର

### ଆଧୁନିକ ଯୁଗରେ ଜଳପୁରୁଷ କାର୍ଜୀ ମାଝୀଙ୍କ ଅବଦାନ ଅବିସ୍ମରଣୀୟ

ଅନୁଷ୍ଠିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଗୁରୁତ୍ୱାରୋପ କରାଯାଇଥିଲା। ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ବୁଦ୍ଧିଜୀବୀ ସଂଗଠନ ଦଳିତ ଆଦିବାସୀ ମହାସଂଘ ତରଫରୁ ରେଣ୍ଡୋ ମାଝୀ ଶହୀଦ ସପ୍ତାହ ଓ କାର୍ଜୀ ମାଝୀ ବର୍ଷ ପାଳନ ଅବସରରେ ଭବାନୀପାଟଣା ଅମଲାଭବନରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।

ମହାସଂଘ ସଭାପତି ପରମାନନ୍ଦ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ଅଜୟ କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଏବିସିଏସ୍ ଗ୍ରୁପ ଅଫ ଏଜୁକେଶନର ପରିଚାଳନା ନିର୍ଦ୍ଦେଶକ ଡ. ସୁରେଶ କୁମାର ପ୍ରଧାନ ଯୋଗ ଦେଇଥିଲେ। ସହିଦ ରେଣ୍ଡୋ ମାଝୀଙ୍କ ସମ୍ପର୍କରେ ଡ. ଭବାନୀଶଙ୍କର ନିଆଲ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିବାବେଳେ ଜଳପୁରୁଷ କାର୍ଜୀ ମାଝୀଙ୍କ ସମ୍ପର୍କରେ ବରିଷ୍ଠ ଖବରଦାତା ଗବେଷକ ଦେବେନ୍ଦ୍ର ବିଶି ତଥ୍ୟପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ମହାସଂଘର କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ନାଏକ ଅତିଥି ପରିଚୟ ଦେଇଥିବାବେଳେ ମହାସଚିବ ଦେବୀ ପ୍ରସାଦ ସିନ୍ଦୂର, ନଗର ସଭାପତି ଚକ୍ରଧର ସେଠୀ ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିବାବେଳେ ମହେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କିସ ଅନୁଷ୍ଠାନର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ ପ୍ରଧାନ, ନଗର କାର୍ଯ୍ୟକାରୀ ସଭାପତି ଅଭୟ ଚରଣ ନାଏକ, ନଗର ଉପଦେଷ୍ଟା ନାଦରାଜ ନାଏକ, ପ୍ରକାଶ ମଙ୍ଗରାଜ, ବରିଷ୍ଠ ଖବରଦାତା ରାଜକୁମାର ସିଂଦେଓ, ସମାଜିକ କର୍ମୀ ତ୍ରିଲୋଚନ ପାଣିଗ୍ରାହୀ, ଯତୀନ୍ଦ୍ର କରଙ୍କ ସମେତ ଶତାଧିକ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# 'ଜୁହାର' କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା



ସଂକୀର୍ତ୍ତନ ମାଧ୍ୟମରେ ହିତାଧିକାରୀଙ୍କୁ ସଚେତନ କରାଯାଉଛି।

କୋମନା/ନୂଆପଡ଼ା, ୯।୧୨ (ସୋବିନ ଛତ୍ରିଆ/ ମକାରୁ ବେମାଲ)

କୋମନା ବ୍ଲକ୍ ଦର୍ଲିପଡ଼ା ପଞ୍ଚାୟତରେ 'ଜୁହାର' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି। ସୂଚନାଯୋଗ୍ୟ, ଦୀର୍ଘଦିନ ଧରି ନିର୍ମାଣ କାର୍ଯ୍ୟାଦେଶ ପାଇଥିଲେ ମଧ୍ୟ ବହୁ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ କରୁନାହାନ୍ତି କିମ୍ବା ଗୃହକାମ ସମ୍ପୂର୍ଣ୍ଣ କରୁନାହାନ୍ତି। ଫଳରେ ପ୍ରଶାସନ ଉପରେ ଅଯଥା ଚାପ ସୃଷ୍ଟି ହେଉଛି ଓ ନୂତନ କୋଟା ପୂରଣ ପାଇଁ ଅସୁବିଧା ହେଉଛି। ଏହାକୁ ଦୃଷ୍ଟିରେ ରଖି ପ୍ରୋଗ୍ରାମ ମ୍ୟାନେଜର ରୁରାଲ ହାଉସିଂ, ପିଏମ୍ଆର୍ଏଚ୍ ନୂଆପଡା ବିଦେଶ ଘୋଷ, ଏବିଡିଓ କୋମନା ଭକ୍ତବନ୍ଧୁ ବୁଡେକ, ବିପିସି ଆର୍ଏଚ୍ ରୁଦ୍ରେଶ୍ୱର ନାଗଙ୍କ ସମ୍ମିଳିତ ଉଦ୍ୟମ କ୍ରମେ ଏକ ଅଭିନବ ଜୁହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୃଦଙ୍ଗ ଓ ତାଳ ସହ କୀର୍ତ୍ତନ ଦ୍ୱାରା ଏହା ଆରମ୍ଭ ହୋଇଥିଲା। ଏହା ମାଧ୍ୟମରେ ଅଧିକାରୀମାନେ ହିତାଧିକାରୀଙ୍କୁ ଆବାସ ଗୃହ ନିର୍ମାଣ ଶୀଘ୍ର ସାରିବାକୁ ନିବେଦନ କରିଥିଲେ।

# ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଦାବିପତ୍ର

ଧର୍ମଗଡ, ୯।୧୨ (ଘାସିରାମ ଜଗତ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ କାଙ୍କେରୀ ଗ୍ରାମପଞ୍ଚାୟତ କାଙ୍କେରି ୩ନମ୍ବର ୱାର୍ଡ ରାସ୍ତା ଚିହ୍ନଟ ଓ ଜବରଦଖଲ ଉଚ୍ଛେଦ ପାଇଁ ମଙ୍ଗଳବାର ଗ୍ରାମବାସୀ ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ କାଙ୍କେରୀ ଗାଁ ରାସ୍ତାରେ ଦିନକୁ ଦିନ ଲୋକେ ଘର, ବାଡ଼, ପିଣ୍ଡା ଆଦି ନିର୍ମାଣ କରୁଥିବାରୁ ଗ୍ରାମ୍ୟରାସ୍ତା ସଂକୁଚିତ ହେବାରେ ଲାଗିଛି। ବିଭିନ୍ନ ସମୟରେ ଗାଁ ଭିତରକୁ ଦମକଳ ଗାଡ଼ି, ଆମ୍ବୁଲାନ୍ସ ଯାଇପାରୁନାହିଁ। ଅନେକ ସମୟରେ ରୋଗୀଙ୍କୁ କାନ୍ଧରେ ବୋହି ମୁଖ୍ୟରାସ୍ତାରେ ଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସମାଜିକ କର୍ମୀ ଅପରେସ ସ୍ୱାଇଁଙ୍କ ସମେତ ମା' ଡୁମେରମୁଡେନ ଯୁବକ ସଂଘ ସଭାପତି ମହେଶ୍ୱର ସୁନାନୀ, ଦିଲୀପ ବାଗ, ଶିବା ସାଗର, ଆକାଶ ତାଣ୍ଡି, ହରିଲାଲ ଜଗତ, ଚକ୍ରଧର ଜଗତ ପ୍ରମୁଖ ଉପସ୍ଥିତ ଥିଲେ।



ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

# ଏସ୍‌ପି ଅଫିସ ଆଗରେ କଂଗ୍ରେସର ବିକ୍ଷୋଭ



ଏସ୍‌ପିଙ୍କୁ ଦାବିପତ୍ର ଦେଉଛନ୍ତି କଂଗ୍ରେସ କର୍ମକର୍ତ୍ତା।

## ବିଧାୟକ ସାଗର ଦାସଙ୍କୁ ହତ୍ୟା ଧମକ ଘଟଣା

ଭବାନୀପାଟଣା,୯।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସଙ୍କୁ ସ୍ଥାନୀୟ ଦେପୁର ଜୋନ ସଭାପତିଙ୍କ ଜରିଆରେ କେହି ଦୁର୍ବୃତ୍ତ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଗତ ନଭେମ୍ବର ୨୧ରେ ଭବାନୀପାଟଣା ସଦର ଥାନାରେ ଜୋନ ସଭାପତି ଦେବାନନ୍ଦ ଯୋଶୀ ଲିଖିତ ଅଭିଯୋଗ କରିଥିଲେ। ଇତିମଧ୍ୟରେ ୧୮ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି ରହିଛି। ଏହି ଘଟଣାକୁ ତୀବ୍ର ନିନ୍ଦା କରି କଂଗ୍ରେସ ପକ୍ଷରୁ କିଛିଦିନ ତଳେ ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଥାନା ଓ ଫାଣ୍ଡି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାସହ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହା ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶେଷରେ ମଙ୍ଗଳବାର ଭବାନୀପାଟଣାସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ ଦାବିରେ କଂଗ୍ରେସ କର୍ମୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ପରେ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ସଭାପତି ଜଳନ୍ଧର ନାଏକଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଜିଲା ସଭାପତି ଭାରତ ଭୂଷଣ ବେମାଲ, ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ପିସିସି ସମ୍ପାଦକ ତୁଳେଶ୍ୱର ନାଏକ, ଜିଲା ସଭାନେତ୍ରୀ ମର୍ଜିନା ପ୍ରଧାନ, ବରିଷ୍ଠ ନେତ୍ରୀ ସୁକାନ୍ତି ସରାଫ, ଜିଲା ଉପସଭାପତି ଧନୁର୍ଦ୍ଧର ଗହୀର, ଉଚ୍ଛବ ସାହୁ, ସ୍ଥାନୀୟ ବ୍ଲକ ସଭାପତି ସୁବାସ ପ୍ରଧାନ, ପିସିସି ଏସ୍‌ସି ସେଲର ଉପାଧ୍ୟକ୍ଷ ଚିତ୍ତ ରଞ୍ଜନ ନିଆଲ, ବରିଷ୍ଠ ନେତା ପ୍ରଭାତ ଦାଶ, ଅମିତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ନଭେମ୍ବର ୨୦ ତାରିଖ ରାତିରେ ଭବାନୀପାଟଣା ବ୍ଲକ ଦେପୁର ଜୋନ କଂଗ୍ରେସ ସଭାପତି ଦେବାନନ୍ଦ ଯୋଶୀଙ୍କ ଘର ଉଦେପୁରରେ କେତେଜଣ ଦୁର୍ବୃତ୍ତ ପହଞ୍ଚି ତାଙ୍କୁ ବନ୍ଧୁକ ଦେଖାଇ ସଦର ବିଧାୟକ ସାଗର ଚରଣ ଦାସଙ୍କ ବିଷୟରେ ପଚାରିଥିଲେ। ବିଧାୟକଙ୍କ ବିଷୟରେ ନ କହିଲେ ଜୀବନରୁ ମାରିଦେବାକୁ ଧମକ ଦେବା ସହ ବିଧାୟକଙ୍କୁ ମଧ୍ୟ ହତ୍ୟା କରାଯିବ ବୋଲି ଧମକ ଦେଇଥିଲେ।

# ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ଲାଞ୍ଜିଗଡ଼,୯।୧୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଶଶାଙ୍କ ପାତ୍ର ମୁଖ୍ୟଅତିଥି ଓ ଏବିଇଓ ତଥା ବିଆର୍‌ସିସି ସୁଢଳଦେବ ମୁଣ୍ଡ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନନ୍ଦୀ କିଶୋର ନାଏକ, ସମସ୍ତ କ୍ଲଷ୍ଟରର ସଂଯୋଜକ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ୯୫ ବିଦ୍ୟାଳୟର ୩୨୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ତପନ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏବିଇଓ ତଥା ବିଆର୍‌ସିସି ସୁଢଳଦେବ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଲ୍‌ଆଇ ପଏଣ୍ଟରୁ ପାଣି ପମ୍ପ ଚୋରି



ଥାନାକୁ ଅଭିଯୋଗ ପାଇଁ ଆସିଥିବା ଚାଷୀମାନେ।

ଖଡ଼ିଆଳ,୯।୧୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକର ବିଭିନ୍ନ ଗ୍ରାମରେ ସ୍ଥାପିତ ଉଠା ଜଳସେଚନ ପ୍ରକଳ୍ପର ପାଣି ପମ୍ପ (ମୋଟର) ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଚାଷୀମାନେ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବ୍ଲକ ଅନ୍ତର୍ଗତ ବହଲପଦର ଗ୍ରାମର ଚାଷୀ ଶ୍ରୀକାନ୍ତ ଠେଲା, ଦୀନବନ୍ଧୁ ଠେଲା, ନିରଞ୍ଜନ ଦୁବେଙ୍କ ପାଣି ମୋଟର ରାତିରେ ଚୋରି ହୋଇଛି। ସେହିପରି ବିରିଘାଟ, ଢ଼ଙ୍କସର, ଅଞ୍ଚଳପୁର ଆଦି ଗ୍ରାମରୁ ୧୦ରୁ ଅଧିକ ମୋଟର ଚୋରି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ରବି ଚାଷ ପାଇଁ ଚାଷୀମାନେ ତଳି ପକାଇ ସାରିଛନ୍ତି। ଏପରି ସମୟରେ ମୋଟର ସ୍ଥାପନ ନ ହେଲେ ଚାଷ କରିବା ସମ୍ଭବ ହେବନାହିଁ। ପୋଲିସ ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବା ସହ ପ୍ରଶାସନ ପକ୍ଷରୁ ଜଳସେଚନ ବ୍ୟବସ୍ଥା କରିବାକୁ ଖିରଧର ତାଣ, ହୃଷୀକେଶ ସୁନା, ଦେବ କୁମାର ତାଣ୍ଡି ପ୍ରମୁଖ ଅନୁରୋଧ କରିଛନ୍ତି।

# ପ୍ରବାସୀ ଶ୍ରମିକ ସଚେତନତା ଶିବିର

ନୂଆପଡ଼ା,୯।୧୨ (ମକାରୁ ବେମାଲ)

କୋମନା ବ୍ଲକ୍ ରଜନା ପଞ୍ଚାୟତ ବେଲଗାଁଠାରେ ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳଙ୍କ ସମେତ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମି ସୋରେନ, ସିଡିଏମ୍ଓ ଡା. ଧନେଶ୍ୱର ସେଠୀ, ବ୍ଲକ୍ ଅଧ୍ୟକ୍ଷା ଅନସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପଧାନ, କୋମନା ବିଡିଓ ସର୍ବେଶ୍ୱର ଜାଲ, ସ୍ଥାନୀୟ ସରପଞ୍ଚ କ୍ଷୀରସିନ୍ଧୁ ଭୋଇ, ସମିତି ସଭ୍ୟ ଭୂମିସୂତା ଶଗରିଆ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଝିଅ ପାଇଁ ଗଛଟିଏ ଓ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଜିଲାପାଳ ନବଜାତ ୨ ଶିଶୁକନ୍ୟାଙ୍କୁ କୋଳରେ ଧରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ୩ ଜଣ ଗର୍ଭବତୀ ମହିଳାଙ୍କୁ ଅତିଥିମାନେ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଭେଟି ଦେଇଥିଲେ। ଏହାପରେ ଜିଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ଦୂରକରିବା ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧରୁଆ ଏହାକୁ ପରିଚାଳନା କରିଥିଲେ। ସଭାରେ ଅତିଥି ଓ ଅଧିକାରୀ ଉପସ୍ଥିତ ଜନସାଧାରଣଙ୍କୁ ପ୍ରବାସୀ ଶ୍ରମିକ ପ୍ରଥା କିଭଳି ରୋକାଯାଇପାରିବ ସେ ବିଷୟରେ ସୂଚନା ଦେଇଥିଲେ। ନୂଆପଡ଼ା ଥରେ ମାତ୍ର ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ମୁକ୍ତ ଜିଲା ଘୋଷିତ ହୋଇଥିବାରୁ ଏସବୁର ବ୍ୟବହାର ନ କରିବାକୁ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଏହାସହ ବିବାହ ତଥା ପର୍ବପର୍ବାଣିରେ ପ୍ଲାଷ୍ଟିକ୍ ଖଲି, ଦନା, ଗ୍ଲାସ୍ ଇତ୍ୟାଦି ବ୍ୟବହାର ବନ୍ଦକରିବା ପାଇଁ ଜିଲାପାଳ ଏକ ବର୍ତ୍ତନ ବ୍ୟାଙ୍କର ଉଦ୍‌ଘାଟନ କରିଥିଲେ। ଆମେ ସମସ୍ତେ ମିଶି ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ଓ ପ୍ଲାଷ୍ଟିକ୍‌ମୁକ୍ତ ଜିଲାରେ ପରିଣତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ।

# ସମସ୍ୟା ଘେରରେ ଧୂକୁଟି ପ୍ରାଥମିକ ବିଦ୍ୟାଳୟ

ପଲମ, ୯।୧୨ (ଭିକାରି ଗଉଡ଼)

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅନ୍ତର୍ଗତ ବଡ଼ଧାରପୁର ପଞ୍ଚାୟତର ଧୂକୁଟି ପ୍ରାଥମିକ ବିଦ୍ୟାଳୟ ସମସ୍ୟା ଘେରରେ ରହିଛି। ବିଦ୍ୟାଳୟ ପରିସରରେ ନଳକୂପ ଥିଲେ ମଧ୍ୟ ସେଥିରୁ ନାଲିପାଣି ବାହାରୁଥିବାରୁ ତାହା ବ୍ୟବହାର ହୋଇପାରୁ ନାହିଁ। ସେଥିପାଇଁ ଛାତ୍ରୀଛାତ୍ର ପିଇବା ପାଣି ପାଇଁ ଅନେକ ସମସ୍ୟା ଭୋଗୁଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ରହିଛି। ହେଲେ ଶ୍ରେଣୀଗୃହ କମ୍ ଥିବାରୁ ୫୪ ଜଣ ଛାତ୍ରୀଛାତ୍ର ଦୁଇଟି ଶ୍ରେଣୀଗୃହରେ ଅଧ୍ୟୟନ କରୁଛନ୍ତି। ଅଧିକାଂଶ ସମୟ ବାରଣ୍ଡାରେ ଶିକ୍ଷାଦାନ ଚାଲୁଥିବା ଦେଖାଯାଏ। ରାଜ୍ୟ ସରକାରଙ୍କ ନୂଆ ନିୟମ ଅନୁଯାୟୀ ବାଟିକା ଶ୍ରେଣୀ ଖୋଲିବା କଥା ମାତ୍ର ତାହା ମଧ୍ୟ ହୋଇପାରୁନାହିଁ। ରୋଷେଇ କାର୍ଯ୍ୟ ପାଇଁ ୨ଜଣ ଥିଲେ ହେଁ ୩ ବର୍ଷ ହେଲା ହେଲ୍‌ପର ଜଣକ ଅବସର ନେବା ପରେ ଏବେ ଜଣକରେ କାମ ଚାଲିଛି। ଏ ସମ୍ପର୍କରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ମାଝିଙ୍କୁ ପଚାରିବାରୁ ସ୍କୁଲ ଗୃହ ନିର୍ମାଣ ଓ ଅନ୍ୟାନ୍ୟ ମରାମତି କାର୍ଯ୍ୟ ପାଇଁ ଅନୁଦାନ ଆସିସାରିଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ସେ କହିଥିଲେ।

# ଛାତ୍ରୀନିବାସରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**

ଭବାନୀପାଟଣା,୯।୧୨(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନାଗାବଳୀ ଛାତ୍ରୀନିବାସରେ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟ ଦ୍ୱାରା ପ୍ରଥମ ପର୍ଯ୍ୟାୟ ନିଶୁଳ୍କ ସାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଅନ୍ତେବାସୀଙ୍କ ଭିତରେ 'ସ୍ୱାସ୍ଥ୍ୟ ହିଁ ସମ୍ପଦ'ର ମୂଲ୍ୟବୋଧ କିଭଳି ଜାଗ୍ରତ ହୋଇପାରିବ ସେଥିପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଏହି ଅଭିନବ ପ୍ରୟାସ କରାଯାଇଛି। କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଅନ୍ତେବାସୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା। ଏହି ଅବସରରେ ସମସ୍ତ ଅନ୍ତେବାସୀଙ୍କ ହିମୋଗ୍ଲୋବିନ ଓ ସିକଲସେଲ ପରୀକ୍ଷା କରାଯାଇଥିଲା। ସାମ୍ପ୍ରତିକ ସମୟରେ ବିଭିନ୍ନ କାରଣରୁ ମଣିଷର ସାସ୍ଥ୍ୟବସ୍ଥା ଖରାପ ହେଉଛି। ଚିକିତ୍ସା ବିଜ୍ଞାନର ବିକାଶ ହେଲେ ମଧ୍ୟ ମଣିଷ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛି। ସେଥିପାଇଁ ପ୍ରାଥମିକ ସଚେତନତା ନିହାତି ଜରୁରୀ। ଏହାକୁ ଭିତ୍ତିକରି ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀମାନେ ଛାତ୍ରୀନିବାସରେ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଏଥିପାଇଁ ଭାରପ୍ରାପ୍ତ କୁଳପତି ନାଥ ବିଶ୍ୱବିଦ୍ୟାଳୟ ତରଫରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିରେ ନାଗାବଳୀ ଛାତ୍ରୀନିବାସର ତତ୍ତ୍ୱାବଧାରିକା ଡ. ସୁମନା ରାୟ, ସହତତ୍ତ୍ୱାବଧାରିକା ରୋଜମେରୀ ରଶ୍ମିତା ଏକ୍କା ସହଯୋଗ କରିଥିଲେ ।



ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ପ୍ରଶାସନର ଦାଦନ ମୁକ୍ତ ସଚେତନତା ପ୍ରହସନ

ନୂଆପଡ଼ା,୯।୧୨ (ମକାରୁ ବେମାଲ)

ବଲାଙ୍ଗୀର ଜିଲା ତୁରେକେଲା ଥାନା ମହୁଲବାହାଲି ରେଳଲାଇନ୍‌ରୁ ସୋମବାର ନୂଆପଡ଼ା ଜିଲା ଲଖନା ଗାଁର ଦାଦନ ଶ୍ରମିକ ବାଞ୍ଛାନିଧି କୈବର୍ତ୍ତଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲା ଶ୍ରମିକ ମହାସଂଘର ଚାରି ଜଣିଆ ପ୍ରତିନିଧି ମଣ୍ଡଳୀ ତାଙ୍କ ଘରକୁ ଯାଇ ସମବେଦନା ଜଣାଇବା ସହ ଲଖନା ଥାନାକୁ ଯାଇ ଥାନା ଅଧିକାରୀ ରଞ୍ଜନ ନାୟକଙ୍କ ସହ ଆଲୋଚନା କରିଥିଲେ। ବଲାଙ୍ଗୀର ଜିଲାର ଦାଦନ ଦଲାଲ ବିନା ପଞ୍ଜିକରଣରେ ନୂଆପଡ଼ା ଜିଲାର ଦାଦନ ଶ୍ରମିକଙ୍କୁ ଅଧିକ ଟଙ୍କା ପ୍ରଲୋଭନ ଦେଖାଇ ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ହେଲେ ଜିଲା ପ୍ରଶାସନ, ପୋଲିସ ଓ ଜିଲା ଶ୍ରମ ବିଭାଗ ଆଖି ବୁଜି ଦେଇଛନ୍ତି। ନୂଆପଡାକୁ ଦାଦନ ଶ୍ରମିକ ମୁକ୍ତ ଜିଲା ଭାବରେ ଗଠନ କରିବା ପାଇଁ ଜିଲା ପ୍ରଶାସନ ପ୍ରତ୍ୟେକ ସୋମବାର ଗୋଟିଏ ପଞ୍ଚାୟତକୁ ଯାଇ ସଚେତନ କରୁଛନ୍ତି । ହେଲେ ଏହା ପ୍ରହସନରେ ପରିଣତ ହୋଇଛି ବୋଲି ଶ୍ରମିକ ମହାସଂଘ ପକ୍ଷରୁ କୁହାଯାଇଛି। କାମଧନ୍ଦା ଅଭାବରୁ ପରିବାର ପ୍ରତିପୋଷଣ ପାଇଁ ଏଠାକାର ଶ୍ରମିକ ଦଲାଲମାନଙ୍କ ମୋହରେ ପଡି ବାହାର ରାଜ୍ୟକୁ ଯାଇ ନିର୍ଯାତନାର ଶିକାର ହେଉଛନ୍ତି। ପ୍ରତିଦିନ ଟ୍ରେନ୍, ବସ୍ ଯୋଗେ ଶ୍ରମିକ ଚାଲାଣ ହେଉଥିଲେ ମଧ୍ୟ ଏହା ଉପରେ ଅଙ୍କୁଶ ଲଗାଯାଉନାହିଁ। ଯଥାଶୀଘ୍ର ଦାଦନ ଶ୍ରମିକ ମୃତ୍ୟୁର ତଦନ୍ତ କରି ପ୍ରକୃତ ଦୋଷୀ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଶ୍ରମିକ ମହାସଂଘ ଚେତାବନୀ ଦେଇଛି । ଜିଲାର ଦାଦନ ସମସ୍ୟା ଉପରେ ବହୁ ଶୀଘ୍ର ମହାସଂଘର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିବ ବୋଲି ଜିଲା ଶ୍ରମିକ ମହାସଂଘ ଆବାହକ ଯଦୁମଣି ପାଣିଗ୍ରାହୀ କହିଛନ୍ତି। ଏହି ସମୟରେ ଜିଲା ଶ୍ରମିକ ମହାସଂଘ ଜିଲା ସହ ଆବାହକ ଭକ୍ତବନ୍ଧୁ ଧରୁଆ, ସୁଖଦେବ ସାହୁ, ଅନିରୁଦ୍ଧ ନାଗ ପ୍ରମୁଖ ଉପସ୍ଥିତ ଥିଲେ ।



ପ୍ରତିନିଧିମଣ୍ଡଳୀ ଥାନା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।



'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ମଙ୍ଗଳବାର ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟଠାରେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ମାଲକାନଗିରିର ଦୀପାରାଣୀ ନାୟକଙ୍କୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍ -୨୦୨୫ର ବ୍ୟକ୍ତିଗତ ସ୍ତରରେ 'କ୍ଲାଇମେଟ୍ ଗ୍ରାଣ୍ଟ' ବିଜେତା ବାବଦରେ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।



'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ମଙ୍ଗଳବାର ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟଠାରେ ପୁରୀ ଜିଲା ଗୋପର ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା 'ସବୁଜ ସଂକଳ୍ପ'ର ସଭାପତି ରମେଶ ବେହେରାଙ୍କୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍ -୨୦୨୫ର 'କ୍ଲାଇମେଟ୍ ଗ୍ରାଣ୍ଟ' ବିଜେତା ବାବଦରେ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।

# ୧୮ ଦିନ ପୂର୍ବରୁ ସରିଲା ଶୀତ ଅଧିବେଶନ

## ରାଷ୍ଟ୍ରପତିଙ୍କ ମାର୍ଗଦର୍ଶନ ଗୃହରେ ସୁସ୍ଥ ଗଣତନ୍ତ୍ର ସ୍ଥାପନ କରିଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୧୨ (ରବିନାରାୟଣ ଜେନା)**

ସପ୍ତଦଶ ବିଧାନସଭାର ପଞ୍ଚମ ତଥା ଶୀତକାଳୀନ ଅଧିବେଶନ ୧୮ ଦିନ ପୂର୍ବରୁ ମଙ୍ଗଳବାର ଅପରାହ୍ଣରେ ଶେଷ ହୋଇଛି। ଗୃହର କୌଣସି ସରକାରୀ କାର୍ଯ୍ୟ ନ ଥିବା ଦର୍ଶାଇ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏନେଇ ପ୍ରସ୍ତାବ ଆଗତ କରିଥିଲେ। ସେ କହିଥିଲେ, କୌଣସି ସରକାରୀ କାର୍ଯ୍ୟ ନ ଥିବା ଯୋଗୁ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖିବା ଲାଗି ସମସ୍ତ ସଦସ୍ୟଙ୍କୁ ଅନୁରୋଧ କରୁଛି। ଏହି ପ୍ରସ୍ତାବକୁ ସମର୍ଥନ କରି ଭାଜପା ସଦସ୍ୟ ଭାସ୍କର ମଢ଼େଇ, ସନାତନ ବିଜୁଳି କହିଥିଲେ, ସରକାରଙ୍କ ପକ୍ଷରୁ ଯେଉଁ ପ୍ରସ୍ତାବ ଆସିଛି ତାହା ଯଥାର୍ଥ। ଗୃହର ସଦସ୍ୟମାନେ ବିଧାନସଭାର ଶୀତ ଅଧିବେଶନ ପାଇଁ ଦୀର୍ଘଦିନ ଧରି ଏଠାରେ ରହିବା ଯୋଗୁ ସ୍ଥାନୀୟ ଅଞ୍ଚଳ ଲୋକଙ୍କ ସମସ୍ୟା ପ୍ରତି ସେତେଟା ଗୁରୁତ୍ୱ ଦିଆଯାଇପାରୁନାହିଁ। ଏହାବାଦ୍ ସରକାରୀ ଅର୍ଥର ଅପବ୍ୟୟ ଯେପରି ନ ହେବ ତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଯେଉଁ ମୁଲତବୀ ପ୍ରସ୍ତାବ ଆସିଛି, ତାହାକୁ ସମର୍ଥନ କରୁଛୁ। ଆଲୋଚନାରେ ଭାଗନେଇ ଭାଜପା ସଦସ୍ୟ ଗୌରୀ ଶଙ୍କର ମାଝୀ, ପୂର୍ଣ୍ଣଚନ୍ଦ୍ର ସେଠୀ, ସନ୍ତୋଷ ଖଟୁଆ, ବିଜେଡି ସଦସ୍ୟ ଗଣେଶ୍ୱର ବେହେରା, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ପ୍ରସ୍ତାବକୁ ସମର୍ଥନ ଜଣାଇବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଲେ, ସରକାରଙ୍କ ପକ୍ଷରୁ 'ବନ୍ଦେ ମାତରମ୍' ସଂକଳ୍ପ ଯେଉଁ ଆସିଥିଲା ତାକୁ କେବଳ ଆମେ ନୁହେଁ, ସାରା ଦେଶର ପ୍ରତ୍ୟେକ ନାଗରିକ ହୃଦୟରେ ରଖିଛନ୍ତି। ଦେଶର ସମ୍ବିଧାନ ପ୍ରତି ଆମର ଯଥେଷ୍ଟ ସମ୍ମାନ ଓ ଶ୍ରଦ୍ଧା ରହିଛି। ହେଲେ ସମ୍ବିଧାନ ଯେଉଁ ୨ଟି ପଂକ୍ତିକୁ ସ୍ୱୀକୃତି ଦେଇଥିଲା ତାହା ବାଦ୍ ଗୃହରେ ସମସ୍ତ ପଂକ୍ତି ଗାନ କରାଯିବା କଥା ନୁହେଁ, ଏହା ସମ୍ବିଧାନର ଅବମାନନା। ସେଥିପାଇଁ ବିଜେଡି ଗୃହରେ ସେହି କିଛି ସମୟ ପାଇଁ ଅନୁପସ୍ଥିତ ଥିଲା। ତେବେ ଗୃହ ମୁଲତବୀ ପାଇଁ ଯେଉଁ ପ୍ରସ୍ତାବ ଆସିଛି, ତାହାକୁ ସମର୍ଥନ କରୁଛି। ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ବୋଲି ଆଚାର୍ଯ୍ୟ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ଏହି ଅଧିବେଶନଟି ଐତିହାସିକ ଥିଲା। ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମାର୍ଗଦର୍ଶନ ଯୋଗୁ ଗୃହରେ ସୁସ୍ଥ ପରମ୍ପରା ବଜାୟ ରହିଛି। ରାଷ୍ଟ୍ରପତିଙ୍କ ପ୍ରତ୍ୟେକ ବାଣୀ ସମସ୍ତ ସଦସ୍ୟଙ୍କ ଉପରେ ପ୍ରଭାବ ପକାଇଛି, ଯେଉଁଥିପାଇଁ ଗୃହ ସୁରୁଖୁରୁରେ ଚାଲିପାରିଲା। ଏଥିପାଇଁ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସମସ୍ତ ମନ୍ତ୍ରୀ ଓ ସଦସ୍ୟ, ବିଧାନସଭା ସଚିବ ଏବଂ ଗୃହ ପରିଚାଳନା ଦାୟିତ୍ୱରେ ଥିବା ସମସ୍ତ ସୁରକ୍ଷାକର୍ମୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଉଛି। ଶେଷରେ ବାଚସ୍ପତି ସୁରମା ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ଯାଏ ମୁଲତବୀ ଘୋଷଣା କରିଥିଲେ।

ସୂଚନାଯୋଗ୍ୟ, ନଭେମ୍ବର ୨୭ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବାକୁ ବିଜ୍ଞପ୍ତି ଜାରି ହୋଇଥିଲା। ଗୃହ ୨୯ ଦିନ ଚାଲିବାକୁ ସ୍ଥିର ହୋଇଥିବାବେଳେ ୧୮ ଦିନ ପୂର୍ବରୁ ଅର୍ଥାତ୍ ୧୧ ଦିନରେ ବନ୍ଦ ହୋଇଯାଇଛି। ଏହି ଅବଧି ମଧ୍ୟରେ ୧,୫୪୬ଟି ତାରକା ପ୍ରଶ୍ନ ଗ୍ରହଣ ହୋଇଥିବାବେଳେ ୨୮ଟିର ଉତ୍ତର ଗୃହରେ ଦିଆଯାଇଛି। ସେହିପରି ୨୧୩୫ଟି ଅଣତାରକା ପ୍ରଶ୍ନ ନୋଟିସ୍ ବାଚସ୍ପତି ଗ୍ରହଣ କରିଥିବାବେଳେ ୬ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ସେଥିମଧ୍ୟରେ ଚାଷୀ, ଆଇନଶୃଙ୍ଖଳା, ଦାଦନ ଭଳି ବିଭିନ୍ନ ପ୍ରସଙ୍ଗ ରହିଛି। ଏହାବାଦ୍ ୩୧ଟି କାଗଜ ଗୃହରେ ଉପସ୍ଥାପିତ(ଲେ) ହୋଇଥିବାବେଳେ ୪୪ ଜଣ ସଦସ୍ୟ ସମ୍ମିଶନରେ ଭାଗ ନେଇଥିଲେ। ୭ଟି ବିଧେୟକ ଉପସ୍ଥାପିତ ହେବା ସହିତ ସମସ୍ତ ବିଧେୟକ ଗୃହରେ ପାରିତ ହୋଇଛି। ଏହାସହିତ ୨ଟି ସରକାରୀ ସଂକଳ୍ପ ପାରିତ ହୋଇଥିବା ଜଣାପଡ଼ିଛି।

# ୧୨ ଯାଏ ଥରିବ ଓଡ଼ିଶା

## ୭ ଜିଲାକୁ କୋଲ୍ଡ ୱେଭ୍ ପାଇଁ ୟେଲୋ ୱାର୍ନିଂ

**ଭୁବନେଶ୍ୱର, ୯।୧୨ (ବନ୍ଦନା ସେଠୀ)**

ପ୍ରବଳ ଶୀତରେ ଥରୁଛି ସାରା ଓଡ଼ିଶା। ଆହୁରି ୩ ଦିନ ପର୍ଯ୍ୟନ୍ତ ଶୀତ ଲହରି ବା କୋଲ୍ଡ ୱେଭ୍ ଜାରି ରହିବ। ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଥଣ୍ଡା ଶୁଷ୍କ ବାୟୁ ପ୍ରଭାବରେ ୧୨ ତାରିଖ ଯାଏ ଶୀତ ଲହରି ଜାରି ରହିବ। ଏନେଇ ଆସନ୍ତା ୪୮ଘଣ୍ଟା ପର୍ଯ୍ୟନ୍ତ ୭ ଜିଲା ଝାରସୁଗୁଡ଼ା, ଅନୁଗୋଳ, ସୁନ୍ଦରଗଡ଼, ସୋନପୁର, କଳାହାଣ୍ଡି, କନ୍ଧମାଳ ଏବଂ କୋରାପୁଟକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରାଜ୍ୟରେ ବର୍ତ୍ତମାନ କୌଣସି ପାଣିପାଗ ନିୟାମକ ସକ୍ରିୟ ନ ଥିବାବେଳେ ଆସନ୍ତା ୭ ଦିନ ଯାଏ ପାଗ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, କୋଲ୍ଡ ୱେଭ୍ ସହ ଘନ କୁହୁଡ଼ିର ପ୍ରଭାବ ଦେଖିବାକୁ ମିଳିବ। ଆସନ୍ତା ୨୪ଘଣ୍ଟା ପାଇଁ ସୁନ୍ଦରଗଡ଼, କନ୍ଧମାଳ ଏବଂ ଝାରସୁଗୁଡ଼ାରେ ଘନ କୁହୁଡ଼ି ଦୃଶ୍ୟମାନ ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ୧୦ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ରହିଥିବାବେଳେ ସେମିଳିଗୁଡ଼ାରେ ୬.୨ ଡିଗ୍ରୀ, ଫୁଲବାଣୀ ୬.୮, ଚିପିଲିମା ୭.୩, ରାଉରକେଲା ୭.୬, ଦାରିଙ୍ଗବାଡ଼ି ଓ ଝାରସୁଗୁଡ଼ାରେ ୮ଡିଗ୍ରୀ, ଅନୁଗୋଳ ଓ ଭବାନୀପାଟଣାରେ ୯ଡିଗ୍ରୀ ଏବଂ କିରେଇରେ ୯.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଭୁବନେଶ୍ୱରରେ ୧୩.୭ ଓ କଟକରେ ୧୨.୬ ଡିଗ୍ରୀ ତାପମାତ୍ରା ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




# ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣା | ଭୟରେ ଗାଁ ଛାଡୁଛନ୍ତି ଗ୍ରାମବାସୀ

## ଆଉ ୧୨ ଘଣ୍ଟା ବନ୍ଦ ରହିବ ଇଣ୍ଟରନେଟ୍ ସେବା

**ମାଲକାନଗିରି/ କୋରୁକୋଣ୍ଡା,୯।୧୨ (ଦୁର୍ଯ୍ୟୋଧନ ପାତ୍ର/ ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ଅନ୍ତର୍ଗତ ଜୁଡ଼ାମେଟଲା ନଦୀ ନିକଟରୁ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣାରେ ଏମ୍‌ଭି-୨୬ ଗ୍ରାମରେ ୩-୪ ଦିନ ଧରି ଲାଗି ରହିଥିବା ଚାପା ଉତ୍ତେଜନାରେ ମଙ୍ଗଳବାର ସୁଧାର ଦେଖିବାକୁ ମିଳିଛି। ଗ୍ରାମରେ ଶାନ୍ତି ବଜାୟ ରଖିବାକୁ ଜିଲାରେ କରାଯାଇଥିବା ଇଣ୍ଟରନେଟ୍ ସେବା ବନ୍ଦ ସହ ବିଦେଶୀ ମଦଦୋକାନ ବନ୍ଦକୁ ଆଉ ୧୨ ଘଣ୍ଟା ପାଇଁ ବୃଦ୍ଧି କରାଯାଇଛି। ବିଭିନ୍ନ ଗ୍ରାମର ଲୋକେ ପୁଣି ଗଣ୍ଡଗୋଳର ଆଶଙ୍କାକରି ଭୟରେ ଜିନିଷପତ୍ର ଧରି ଗାଁ ଛାଡ଼ି ଅନ୍ୟତ୍ର ଚାଲିଯାଉଥିବା ଦେଖିବାକୁ ମିଳିଛି। ଘଟଣାରେ ଅଭିଯୁକ୍ତ ସୁଖ ମଣ୍ଡଳଙ୍କୁ ଗିରଫ କରାଯାଇ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯିବ ବୋଲି ମାଲକାନଗିରି ଆଇଆଇସି ରିଗାମ୍ କିଣ୍ଡୋ ସୂଚନା ଦେଇଛନ୍ତି।

ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହାୟତା ପାଣ୍ଠିରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ପ୍ରଦାନ କରିବା ଘୋଷଣା କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ୍ ପାଣ୍ଠିରୁ ମୃତଦେହ ସତ୍କାର ବାବଦକୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ମୃତାଙ୍କ ପରିବାର ଲୋକଙ୍କୁ ୩ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ଜିଲାପାଳ ସୋମେଶ ଉପାଧ୍ୟାୟ କହିଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ଏମ୍‌ଭି-୨୬ ଗ୍ରାମରେ ସିସିଟିଭି ସହ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ଗାଁର ଗତିବିଧି ଉପରେ ବିଏସ୍‌ଏଫ୍, ସିଆର୍‌ପିଏଫ୍, ପୋଲିସ ମୁତୟନ ହୋଇ କଡ଼ା ନଜର ରଖିଛନ୍ତି। ଘଟଣାସ୍ଥଳରେ କୋରାପୁଟ ଡିଆଇଜି, ଏସ୍‌ପି ବିନୋଦ ପାଟିଲ ଓ ଜିଲାପାଳ ସୋମେଶ ଉପାଧ୍ୟାୟ ଉପସ୍ଥିତ ଥିବା ସୂଚନା ରହିଛି। ସୂଚନା ମୁତାବକ, ଜିଲା ପ୍ରଶାସନ ଓ ଆଦିବାସୀ ସମାଜର ନେତୃମଣ୍ଡଳୀ ଆପୋସ ଆଲୋଚନାକରି ସର୍ବସହମତିରେ କୋରାପୁଟରୁ ଡାକ୍ତରୀ ଟିମ୍ ଆସି ସୋମବାର ମୃତଦେହ ବ୍ୟବଚ୍ଛେଦ କରିଥିଲେ। ଜିଲା ପ୍ରଶାସନ ଓ ଆଦିବାସୀ ସଂଘର ଉପସ୍ଥିତିରେ ଶାନ୍ତିପୂର୍ଣ୍ଣ ଭାବେ ରାଖେଲଗୁଡ଼ା ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତାଙ୍କ ମୁଣ୍ଡ ମିଳି ନ ଥିବାରୁ ତାଙ୍କ ପରିବାର ଲୋକେ ସମ୍ମାନ ଦୃଷ୍ଟିରୁ ମାଟିରେ ଏକ ମୁଣ୍ଡ ତିଆରିକରି ବିଭିନ୍ନ ସୁନା ଅଳଙ୍କାର ପିନ୍ଧାଇ ମୃତଦେହ ପାଖରେ ରଖି ପୋତିଥିବା ଦେଖିବାକୁ ମିଳିଛି। ରାଖେଲଗୁଡ଼ା ଗ୍ରାମବାସୀଙ୍କ ସମେତ ଜିଲାପାଳ ସୋମେଶ ଉପାଧ୍ୟାୟ, ଦକ୍ଷିଣାଞ୍ଚଳ ଡିଆଇଜି ଡ.କନୱର ବିଶାଳ ସିଂହ, ଏସ୍‌ପି ବିନୋଦ ପାଟିଲ, ମାଲକାନଗିରି ବିଧାୟକ ନରସିଂହ ମାଡକାମି ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ୭ ଦଫା ଦାବି ସମ୍ବଳିତ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ହତ୍ୟାକାଣ୍ଡରେ ଲିପ୍ତଥିବା ଅଭିଯୁକ୍ତମାନଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିବା, ମୃତ ବ୍ୟକ୍ତିଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ବେଆଇନ ଅନୁପ୍ରବେଶକାରୀଙ୍କୁ ଚିହ୍ନଟକରି ତୁରନ୍ତ ବାହାରକରିବା, ଜବରଦଖଲ ଜମିକୁ ଗ୍ରାମସଭାକୁ ଫେରସ୍ତ ଦେବା, ଏଭଳି ନୃଶଂସ ହତ୍ୟା କରୁଥିବା ବ୍ୟକ୍ତିଙ୍କୁ ଜିଲାରୁ ବହିଷ୍କାର କରିବା, ଏମ୍‌ଭି-୨୬ ଗ୍ରାମକୁ ସବୁଦିନ ପାଇଁ ଜିଲାରୁ ବାଦ୍ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଗାଁରେ ୧୮୮ ଘର ମଧ୍ୟରୁ ୧୬୩ ଘର ପୋଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି।




# ଯୁକ୍ତ୨ ପରୀକ୍ଷା ସୂଚୀରେ ପରିବର୍ତ୍ତନ

## ମାର୍ଚ୍ଚ ୧୧ ଓ ୨୧ ପରୀକ୍ଷା ୨୩ ଓ ୨୫ରେ ହେବ

**ଭୁବନେଶ୍ୱର,୯।୧୨(ସୁଚିସ୍ମିତା ସାହୁ)**

ଯୁକ୍ତ୨ ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିବର୍ତ୍ତିତ ସୂଚୀ ଅନୁଯାୟୀ, ମାର୍ଚ୍ଚ ୧୧ରେ ହେବାକୁ ଥିବା କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ୨୩ ତାରିଖରେ ଅନୁଷ୍ଠିତ ହେବ। ସେହିପରି ମାର୍ଚ୍ଚ ୨୧ରେ ହେବାକୁ ଥିବା କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ୨୫ ତାରିଖରେ ହେବ। ତେବେ ପୂର୍ବରୁ ପ୍ରକାଶିତ ଅବଶିଷ୍ଟ ପରୀକ୍ଷା ସୂଚୀ ଅପରିବର୍ତ୍ତିତ ରହିଛି। ପରୀକ୍ଷା ସୂଚୀରେ ଏହି ପରିବର୍ତ୍ତନ ହେବା ପରେ ଯୁକ୍ତ୨ ପରୀକ୍ଷା ମାର୍ଚ୍ଚ ୨୫ରେ ସରିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ଜାନୁଆରୀ ୨ରୁ ଯୁକ୍ତ୨ ପ୍ରାକ୍ଟିକାଲ ଆରମ୍ଭ ହୋଇ ୧୫ ତାରିଖ ଯାଏ ଚାଲିବ। ସେହିପରି ଫେବୃଆରୀ ୧୮ରୁ ଯୁକ୍ତ୨ ଥିଓରି ପରୀକ୍ଷା ଆରମ୍ଭ ହେବ।

# ଆଜିଠାରୁ ଯୁକ୍ତ୨ ଚତୁର୍ଥ ପର୍ଯ୍ୟାୟ ନାମଲେଖା ଆବେଦନ

**ଭୁବନେଶ୍ୱର,୯।୧୨(ସୁଚିସ୍ମିତା ସାହୁ)**

ଯୁକ୍ତ ୨ ନାମଲେଖା ପାଇଁ ବିଦ୍ୟାର୍ଥୀଙ୍କୁ ପୁଣି ଥରେ ସୁଯୋଗ ଦିଆଯାଇଛି। ଚତୁର୍ଥ ପର୍ଯ୍ୟାୟ ନାମଲେଖା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁ ବିଦ୍ୟାର୍ଥୀମାନେ ନାମଲେଖାଇ ପାରିନାହାନ୍ତି ସେମାନେ ଆସନ୍ତା ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଆବେଦନ କରିବାରେ ୩ଦିନ ଅର୍ଥାତ୍ ୧୭ ତାରିଖରେ ମେଧା ତାଲିକା ସହ ୱେଟିଂ ଲିଷ୍ଟ ପ୍ରକାଶ ପାଇବ। ମେଧା ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନେ ୧୮ ଓ ୧୯ ତାରିଖରେ ନାମଲେଖାଇବେ। ୱେଟିଂ ଲିଷ୍ଟରେ ଥିବା ଅବଶିଷ୍ଟ ପ୍ରାର୍ଥୀ ୨୦ରୁ ୨୨ ତାରିଖ ମଧ୍ୟରେ ପଞ୍ଜୀକରଣ କରିବେ ଏବଂ ସେମାନଙ୍କ ମେଧା ତାଲିକା ୨୨ ତାରିଖରେ ପ୍ରକାଶ ପାଇବ। ୨୪ ତାରିଖ ମଧ୍ୟରେ ନାମଲେଖା ପ୍ରକ୍ରିୟା ସରିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ପୂର୍ବରୁ ଆବେଦନ କରି ନାମଲେଖାଇ ନ ଥିବା ସମସ୍ତ ଛାତ୍ରୀଛାତ୍ର ଆବେଦନ କରିପାରିବେ ବୋଲି କୁହାଯାଇଛି।



# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ୍ ରାଇଟ୍ସ ଏଜୁକେଶନ୍ ଏବଂ ସିଭିଲ୍ ସୋସାଇଟି ଫୋରମ୍ ପକ୍ଷରୁ ଇଣ୍ଟରନାଶନାଲ ହ୍ୟୁମାନ୍ ରାଇଟ୍ସ ଡେ' ପାଳନ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ମାନବାଧିକାର ଉଲ୍ଲଂଘନ ଉପଲକ୍ଷେ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ରାଲି, ସ୍ଥାନ: ଲୋୟର୍ ପିଏମ୍‌ଜି, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଇଣ୍ଟରନାଶନାଲ ହ୍ୟୁମାନ୍ ରାଇଟ୍ସ ଡେ ପାଳନ, ସ୍ଥାନ: ସିୱାଇଏସ୍‌ଡି, ଫର୍ଚ୍ୟୁନ୍ ଟାୱାର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- 'ମାନବାଧିକାର ମଞ୍ଚ' ଆନୁକୂଲ୍ୟରେ ବିଶ୍ୱ ମାନବାଧିକାର ଦିବସ ପାଳନ, ସ୍ଥାନ: ରେଡକ୍ରସ ଭବନ, ସମୟ: ଅପରାହ୍ନ ୫ଟା।
- କାବ୍ୟଲୋକ ପକ୍ଷରୁ ପୁସ୍ତକ ଲୋକାର୍ପଣ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ସମୟ: ସନ୍ଧ୍ୟା ୫ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା।

### କଟକ
- ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଦ୍ୱିତୀୟ ଦିବସ, ସ୍ଥାନ: ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାର ଦ୍ୱିତୀୟ ଦିବସ, ସ୍ଥାନ: ବସୁନ୍ଧରା ପଡ଼ିଆ, ବିଡ଼ାନାସୀ, ସମୟ: ସକାଳ ୯ଟା।
- ଅଭୀପ୍‌ସା ପକ୍ଷରୁ ବିଶ୍ୱ ମାନବିକ ଅଧିକାର ଦିବସ ପାଳନ, ସ୍ଥାନ: ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ, ବଜ୍ରକବାଟି ରୋଡ୍, ସମୟ: ଅପରାହ୍ନ ୨ଟା।
- କଟକ ଲେଖକ ସହଯୋଗ ସମିତି ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଜୟନ୍ତୀ, ସ୍ଥାନ: କାଳୀଭବନ, ଖାନନଗର, ସମୟ: ଅପରାହ୍ନ ୫ଟା ୩୦।
- ଉଦୟ ଓଡ଼ିଶା ଫାଉଣ୍ଡେସନ ପକ୍ଷରୁ କଟକ ଦିବସ, ସ୍ଥାନ: ସାରଳା ଭବନ, ସମୟ: ଅପରାହ୍ନ ୫ଟା ୩୦।

### ପୁରୀ
- ଫାର୍ମାସୀ କଲେଜ ପକ୍ଷରୁ ଜାତୀୟ ଦର୍ଶନ, ସ୍ଥାନ: ପୌରସଦନ ସମ୍ମିଳନୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାପ କୋଠୀ ସମ୍ପର୍କରେ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓକିଲ ସଂଘ ପକ୍ଷରୁ ସତ୍ୟାଗ୍ରହ, ସ୍ଥାନ: ପୁରୀ ବାର୍ ଆସୋସିଏଶନ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା୩୦।
- ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ନେଇ ଏସ୍‌ପିଙ୍କ ସହ ବୈଠକ, ସ୍ଥାନ: ହୋଟେଲ ହୋଲିଡେ ରିସର୍ଟ, ସମୟ: ଅପରାହ୍ନ ୫ଟା।
- ସାଇ ସ୍ମାର୍ଟ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଭିଆଇପି ରୋଡ୍, ସମୟ: ସକାଳ ୮ଟା୩୦।

### ଭଦ୍ରକ
- ଲିଙ୍ଗଭିତ୍ତିକ ହିଂସା ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବର ୯ମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

### କେନ୍ଦୁଝର
- ମାନବାଧିକାର ଦିବସ ପାଳନ, ସ୍ଥାନ:ମାଟକାମବେଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ବଡ଼ବିଲ,ସମୟ: ପୂର୍ବାହ୍ନ ୧୦ଟା।

### ମୟୂରଭଞ୍ଜ
- ଲେଟ୍‌କଟ୍ କ୍ଲବ ଆନୁକୂଲ୍ୟରେ ୩୧ତମ ସର୍ବ ଭାରତୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଷ୍ଟେଶନ ବଜାର ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରଡ଼ା-କାକୁଡିହା ପ୍ରିମିୟର ଲିଗର କ୍ୱାଲିଫାୟର ମ୍ୟାଚ, ସ୍ଥାନ:ଚିତ୍ରଡ଼ା-କାକୁଡିହା କ୍ରିକେଟ ପଡ଼ିଆ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ମାଧ୍ୟମିକ ବିଦ୍ୟାଳୟ କୁଆଁମରାର ବାର୍ଷିକ ଉତ୍ସବ,ସ୍ଥାନ:କୁଆଁମରା କଲେଜ ପରିସର, ସମୟ:ପୂର୍ବାହ୍ନ ୧୦ଟା।
- ବାବୁଲାଲ ଅଗ୍ରୱାଲଙ୍କ ସ୍ମୃତିରେ ଚାଷୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଆଇଓସିଏଲ୍ ପକ୍ଷରୁ ଖବରଦାତା ସମ୍ମିଳନୀ,ସ୍ଥାନ: ସର୍କିଟ ହାଉସ, ବାରିପଦା, ସମୟ: ଅପରାହ୍ନ ୧ଟା।
- ମୟୂରଭଞ୍ଜ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।
- ରବି ଫସଲ ପାଇଁ ଜିଲା କମିଟିର ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ଅପରାହ୍ନ ୪ଟା।
- ବଲିଉଡ୍ ସୁପରଷ୍ଟାର ଭାଗ୍ୟଶ୍ରୀ ଓ କଣ୍ଠଶିଳ୍ପୀ କୁମାର ରାଠୋରଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ:ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ, ବାରିପଦା,ସମୟ:ସନ୍ଧ୍ୟା ୭ଟା।

### ବ୍ରହ୍ମପୁର
- ଜିଲାସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଭିଭି ଗିରି ସ୍କୁଲ, ସମୟ: ଅପରାହ୍ନ ୩ଟା।

### କନ୍ଧମାଳ
- ଦାରିଙ୍ଗବାଡି ବ୍ଲକସ୍ତରୀୟ କ୍ରୀଡା ଉତ୍ସବ, ସ୍ଥାନ: ହେଲିପ୍ୟାଡ଼ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- କବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ଦାରିଙ୍ଗବାଡି ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ ମାନବାଧିକାର ଦିବସ ପାଳନ, ସ୍ଥାନ: ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

### ଯାଜପୁର
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଯାଜପୁର ରୋଡ୍ କାଳୀମେଳଣ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ବରୀ ଲୋକ ମହୋତ୍ସବ -୨୦୨୫ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବିଧାନ ଚନ୍ଦ୍ର ଏକାଡେମୀ ବାଲିଆପାଳ, ସମୟ: ସନ୍ଧ୍ୟା ୬ଟା।

### ନୟାଗଡ଼
- ଘୋଡଲାଗି ପର୍ବର ୧୪ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା। ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ ଟା ୩୦।
- ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କଣ୍ଟିଲୋର ଭୂମି ପୂଜନ ଓ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ:କଣ୍ଟିଲୋ, ସମୟ:ପୂର୍ବାହ୍ନ ୧୦ଟା।
- ମା' ବରୁଣେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୬ଷ୍ଠ ଦିବସରେ ବାଣପୁର ବନାମ କଣ୍ଟିଲୋ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ମହାଲକ୍ଷ୍ମୀ ପୂଜାର ସପ୍ତମ ଦିବସରେ ମହିଳା ବାଦିରାସ ସଂକୀର୍ତ୍ତନ, ସ୍ଥାନ:ଖଣ୍ଡପଡା ବ୍ଲକ ବାଇଗୁଣିଆ, ସମୟ:ଅପରାହ୍ନ ୩ ଟା।
- ସୁନାଖଳା ମହୋତ୍ସବର ୩ୟ ଦିବସ, ସ୍ଥାନ:ସିଟି ସ୍କୁଲ ପଡିଆ ସୁନାଖଳା, ସମୟ:ସନ୍ଧ୍ୟା ୬ଟା।

### ରାୟଗଡ଼ା
- ଚଇତି କ୍ରୀଡା ମହୋତ୍ସବ ଉପଲକ୍ଷେ ଗଣଦୌଡ, ସ୍ଥାନ: ରିଲାଏନ୍ସ ମାର୍ଟ ଛକ, ସମୟ: ସକାଳ ୬ଟା।
- ଚଇତି ଉପଲକ୍ଷେ ବାସ୍କେଟ ବଲ ପ୍ରତିଯୋଗିତା, ସ୍ଥାନ: ସଦଭାବନା ସ୍ପୋର୍ଟସ କମ୍ପ୍ଲେକ୍ସ, ରାୟଗଡ଼ା, ସମୟ: ସକାଳ ୭ଟା।
- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ମାନବାଧିକାର ଦିବସ ପାଳନ, ସ୍ଥାନ: ଯୁକ୍ତ ଦୁଇ ଆୟାରାମା ମହିଳା ମହାବିଦ୍ୟାଳୟ, ଗୁଣପୁର, ସମୟ: ଅପରାହ୍ନ ୪ଟା ୩୦।

### ନବରଙ୍ଗପୁର
- ବ୍ଲକ୍‌ସ୍ତରୀୟ ମଣ୍ଡେଇ ଉତ୍ସବ, ସ୍ଥାନ: ହାଇସ୍କୁଲ ପଡିଆ, ଝରିଗାଁ, ତେନ୍ତୁଳିଖୁଣ୍ଟି, ସମୟ: ସକାଳ ୯ଟା।

### କୋରାପୁଟ
- ଆଞ୍ଚଳିକ ବିକାଶ ମଞ୍ଚ ପକ୍ଷରୁ ଯାତ୍ରୀବାହୀ ରେଳ ରୋକୋ, ସ୍ଥାନ: କାକିରିଗୁମ୍ମା ରେଲଓ୍ୱେ ଷ୍ଟେଶନ, ଲକ୍ଷ୍ମୀପୁର ବ୍ଲକ୍, ସମୟ: ସକାଳ ୮ଟା।
- ମାନବ ଅଧିକାର ଦିବସ ଅବସରରେ ସଚେତନତା ବୈଠକ, ସ୍ଥାନ: ନନ୍ଦପୁର ସର୍ବେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: କୋଟପାଡ଼ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଆଦିବାସୀ ବାଦ୍ୟ ପ୍ରତିଯୋଗିତା, ସ୍ଥାନ: ନିଶାଣିମୁଣ୍ଡା, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ପର୍ଯ୍ୟଟନ ବିକାଶ ପରିଷଦର ବୈଠକ, ସ୍ଥାନ: ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ପାଳନ, ସ୍ଥାନ: ମହିଳା ମହାବିଦ୍ୟାଳୟ ପରିସର, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ସମ୍ବଲପୁରୀ ଧନୁଯାତ୍ରାର ଆଲୋଚନା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- .ଲଜପତ ରାୟ ଆଇନ ମହାବିଦ୍ୟାଳୟ ପକ୍ଷରୁ ମାନବ ଅଧିକାର ଦିବସ କାର୍ଯ୍ୟକ୍ରମ, ସ୍ଥାନ : ମହାବିଦ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ମେହେରସ ମୋବାଇଲ ପକ୍ଷରୁ ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମେହେର ସ୍ଥିତ ଶୋରୁମ, ସମୟ : ଅପରାହ୍ନ ୪ଟା।

### ବଲାଙ୍ଗୀର
- କୁଚ୍ ବିହାର ଟ୍ରଫି ଓଡ଼ିଶା-କର୍ଣ୍ଣାଟକ ମ୍ୟାଚ୍‌ର ଦ୍ୱିତୀୟ ଦିବସ, ସ୍ଥାନ ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ଭାରତୀୟ ସମ୍ବିଧାନ ଓ ମାନବ ଅଧିକାର ସମ୍ପର୍କିତ କର୍ମଶାଳା, ସ୍ଥାନ: କଲେଜ ଛକ କଲ୍ୟାଣ ମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦।

### ରାଉରକେଲା
- ସାଂସଦ ଖେଳ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଆଧ୍ୟାତ୍ମିକ ସାଧନା ଶିବିରର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୭ ଶିବାନନ୍ଦ ଆଶ୍ରମ, ସମୟ: ସକାଳ ୯ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବି ୯ମ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

### ବରଗଡ଼
- ଜିଲାସ୍ତରୀୟ ଯୁବୋତ୍ସବ,ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ସକାଳ ୯ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ,ସ୍ଥାନ:ସରସ୍ୱତୀ ଶିଶୁ ମନ୍ଦିର (ଓଡ଼ିଆ), କେଶବ ନଗର, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- ପଦ୍ମପୁର ଲୋକମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରା, ବାଣିଜ୍ୟ ମେଳା, ସ୍ଥାନ: ଅଶୋକ ପଡିଆ ପଦ୍ମପୁର,ସମୟ: ପୂର୍ବାହ୍ନ ୧୦ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ:ଗାନ୍ଧିଛକ କଲ୍ୟାଣ ମଣ୍ଡପ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।

### ସୁନ୍ଦରଗଡ଼
- ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ସାଂସଦ ଖେଳ ଅଭିଯାନ, ସ୍ଥାନ: ଭବାନୀପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଯତରା ପଡିଆ ଓ ଭବାନୀଭବନ ଷ୍ଟାଡିୟମ, ସମୟ: ସକାଳ ୮ଟା।।
- ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର, ସ୍ଥାନ: କରମଡିହି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପୂର୍ବାହ୍ନ୧୧ଟା।

### କଳାହାଣ୍ଡି
- ଗ୍ରାମସଭା ସଂଘ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ସଂଗ୍ରାମୀ ଶହୀଦ ରେଣ୍ଡୋ ମାଝୀଙ୍କ ଶହୀଦ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ବାନ୍ଦପଲା ଆଦିବାସୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ
- ମାନବ ଅଧିକାର ଦିବସ ପାଳନ, ସ୍ଥାନ: ପଞ୍ଚାୟତ ମହାବିଦ୍ୟାଳୟ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।
- ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବ ଶୁଭାରମ୍ଭ, ସ୍ଥାନ: ଭୈରବୀ ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ସନ୍ତୋଷୀ ମନ୍ଦିରର ବାର୍ଷିକ ଉତ୍ସବରେ ସୁନ୍ଦରାକାଣ୍ଡ ପରାୟଣ, ସ୍ଥାନ: ବିନିକା ଶିଶୁମନ୍ଦିର ସାମ୍ନା ସନ୍ତୋଷୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ବ୍ଲକ ଛକ ସ୍ଥିତ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।

### ନୂଆପଡ଼ା
- ଲିଙ୍ଗଭିତ୍ତିକ ହିଂସା ଦିବସରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ବିଜ୍ଞାପିତ ଅଞ୍ଚଳ ପରିଷଦ କଲ୍ୟାଣ ମଣ୍ଡପ-୨ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଲାଞ୍ଜି ପଞ୍ଚାୟତ ଡୁମେରଯୋର ଗାଁ, ସମୟ: ପୂର୍ବାହ୍ନ ୧୦ଟା।

### ଝାରସୁଗୁଡ଼ା
- କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଝାରସୁଗୁଡ଼ା ମନମୋହନ ସ୍କୁଲପଡିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାପଯୁକ୍ତ ଚନ୍ଦ୍ର କୋଣସ୍ଥାନରେ ରହିଥିବାରୁ ସନ୍ତାନଙ୍କ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାରୁ ଆଶ୍ୱସ୍ତି ଲାଭ କରିବେ। ଜଳ, ତୈଳ, ବିଦ୍ୟୁତ୍ ବ୍ୟବସାୟ ଓ ତେଜରାତି ଦୋକାନରୁ ଲାଭବାନ ହେବେ। ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନା ସାଙ୍ଗକୁ ବିଳାସ ବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବାର ସୂଚନା ରହିଛି।

**ବୃଷ** ରାଶ୍ୟାଧିପ ଶୁକ୍ର ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ପଡ଼ୋଶୀଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ଆନୁଷ୍ଠାନିକ କାମ କିମ୍ବା ସ୍ୱତନ୍ତ୍ରଭାବେ ନିମନ୍ତ୍ରିତ ସଭାସମିତିକୁ ଯିବା ସକାଶେ ଦୂରଯାତ୍ରା କରିବେ। ଶିଳ୍ପ, ବ୍ୟବସାୟ, ପରିବହନ, ସରକାରୀ କାମ, ପଦସ୍ଥବ୍ୟକ୍ତିଙ୍କୁ ସାକ୍ଷାତ କରିବା ପାଇଁ ମନ୍ଦ ହେବନି।

**ମିଥୁନ** ଲାଭାଧିପ ମଙ୍ଗଳ ସପ୍ତମକେନ୍ଦ୍ରସ୍ଥ ଯୋଗୁ ଆଜିର ଯାତ୍ରା, ବାଣିଜ୍ୟ ଏବଂ ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ। ପାରିବାରିକ କ୍ଷେତ୍ରରେ ବୁଝାମଣା ଅଭାବରୁ ବିତର୍କ ଓ ମନାନ୍ତର ସୃଷ୍ଟି ହେବ। ବିବାଦୀୟ ସ୍ଥିତି ଦୂରେଇବାରେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କଚେରି ମାମଲାର ପୂର୍ଣ୍ଣଚ୍ଛେଦ ସାମୟିକ ଆଶ୍ୱସ୍ତି ପ୍ରଦାନ କରିବ।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଥିବାରୁ ମାନସିକ ସ୍ଥିତି ବିଗିଡ଼ିପାରେ। ଅନାବଶ୍ୟକ ଖର୍ଚ୍ଚ ସଙ୍ଗକୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ କାର୍ଯ୍ୟ ହିଁ ଅସୁବିଧାର ସମ୍ମୁଖୀନ କରାଇବ। ଟେନ୍ସନର ଲାଘବ ସକାଶେ ସ୍ତ୍ରୀଙ୍କ ସହ ଆଲୋଚନା କଲେ ଆଶଙ୍କା ଦୂର ହୋଇପାରିବ। ସାମାଜିକ ସ୍ତରରେ କିମ୍ବା ସଂଗଠନ କ୍ଷେତ୍ରରେ ପ୍ରତିବନ୍ଧକ ସୁଧୁରି ଯିବାର ସୂଚନା ରହିଛି।

**ସିଂହ** ଆଜିର ଗ୍ରହସ୍ଥିତି ଅନୁକୂଳ ଯୋଗୁ କାର୍ଯ୍ୟ ହାସଲରେ ସମର୍ଥ ହେବେ। କିନ୍ତୁ ଚନ୍ଦ୍ର ଓ କେତୁଙ୍କ ସମ୍ପର୍କ ମାନସିକ ଅଶାନ୍ତି ଆପଣଙ୍କୁ ଗୋଲକ ଧନ୍ଧାରେ ପକାଇପାରେ। ଶାଶୁଘର ସମସ୍ୟା ତଥା ଅର୍ଥାଭାବ ହେତୁ ଧାର କରଜଜନିତ ବିବ୍ରତ ରହିବେ। ବନ୍ଧୁଙ୍କ ସହ ଆଳାପ ପରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ସକାଶେ ମନସ୍ଥ କରିବେ।

**କନ୍ୟା** ଭାଗ୍ୟସ୍ଥାନକୁ ତିନୋଟି ଗ୍ରହଙ୍କ ଦୃଷ୍ଟି ତୀର୍ଥାଟନ କିମ୍ବା ଧାର୍ମିକ କାର୍ଯ୍ୟ ସକାଶେ ଅନୁପ୍ରେରିତ କରାଇପାରେ। ଈର୍ଷା ମନୋଭାବ ପୋଷଣ କରୁଥିବା ବ୍ୟକ୍ତି ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟି କରିପାରନ୍ତି। ଅପରିଚିତ ଲୋକଟିଏ ଯାତ୍ରାକାଳରେ ସାହାଯ୍ୟ କରିବ। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**ତୁଳା** ଶନିଙ୍କ କ୍ଷେତ୍ରରେ ରାହୁଙ୍କ ସ୍ଥିତି ଆପଣଙ୍କ ବିଚାରଧାରାକୁ କଳୁଷିତ କରିପାରନ୍ତି। ଏଣେ ଅଧିକାଂଶ ସମୟ ସନ୍ତାନଙ୍କ ସ୍ୱାସ୍ଥ୍ୟ ଖରାପ ହେଉଥିବାରୁ ବ୍ୟସ୍ତତା ବଢ଼ିଯିବ। ଭଲକାମ କରି ମଧ୍ୟ ପରିବାର କିମ୍ବା ସାମାଜିକ ସ୍ତରରେ ଅଭିଯୋଗର ସମ୍ମୁଖୀନ ହେବେ। ମାତ୍ରାଧିକ ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରିପାରନ୍ତି।

**ବିଛା** ରାଶ୍ୟାଧିପ ଧନସ୍ଥାନରେ ରହି ଧନାଧିପତି ବୃହସ୍ପତି ଦେଖୁଥିବାରୁ ଅର୍ଥଲାଭର ଯୋଗ ରହିଛି। ସପ୍ତମାଧିପ ଶୁକ୍ର ରାଶିରେ ଅବସ୍ଥାନ କରୁଥିବାରୁ ପାରିବାରିକ ଶାନ୍ତି ଅନୁଭବ କରିବେ। ବାଣିଜ୍ୟ, ପ୍ରଶାସନ, କଳା, ସାହିତ୍ୟ ଓ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ବନ୍ଧୁଙ୍କ କଥାକୁ ପ୍ରତିବାଦ କରି ଟେନ୍ସନ୍‌କୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ** ମଙ୍ଗଳଙ୍କ ରାଶ୍ୟାବସ୍ଥାନ ଆପଣଙ୍କୁ ବାତ୍ସଲ୍ୟ ମମତା ପ୍ରଦାନ ସାଙ୍ଗକୁ ବନ୍ଧୁସମ୍ପର୍କ ବୃଦ୍ଧିରେ ସହାୟକ ହେବ। ଭୋଗସ୍ଥାନରେ ଶୁକ୍ରଙ୍କ ସ୍ଥିତିଜନିତ ବ୍ୟବସାୟ, କ୍ରୀଡ଼ା, ସଙ୍ଗୀତାଦି କ୍ଷେତ୍ରରେ ସଫଳତା ହାସଲ କରିବେ। ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବା କ୍ଷେତ୍ରରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି। ବନ୍ଧୁ ସାହାଯ୍ୟକୁ ମନା କରିପାରିବେ ନାହିଁ।

**ମକର** ଗ୍ରହଙ୍କ ପ୍ରତିକୂଳସ୍ଥିତି ହେତୁ ଦୁର୍ଭାବନାରେ ମନ ବିଚଳିତ ରହିବାରୁ କୌଣସି କାମ ଶୃଙ୍ଖଳିତ ହେବନାହିଁ। ଅଟକି ରହିଥିବା କାମ ବନ୍ଧୁ କରାଇ ଦେଇପାରନ୍ତି। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବାର ଆଶା ରହିଛି।

**କୁମ୍ଭ** କର୍ମାଧିପ ଏକାଦଶଭାବରେ ଅବସ୍ଥାନ କରିଥିବାରୁ ଆଶା ନିଶ୍ଚିତ ପୂରଣ ହେବ। କିନ୍ତୁ ନୀଚାରୋହୀ ଶନିଙ୍କ ପ୍ରଭାବରେ ଥଣ୍ଡା ଓ କାଶ ହେତୁକ ଅସୁସ୍ଥତା ଅନୁଭବ କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଅବଶ୍ୟ ପାଇବେ।

**ମୀନ** ବୃହସ୍ପତିଙ୍କ ପ୍ରତି ମଙ୍ଗଳଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଅର୍ଥଲାଭ ସହ କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ପ୍ରିୟଭାଜନ କରାଇବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତିରୁ ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହିତ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। କର୍ମକ୍ଷେତ୍ରରେ ଚେଷ୍ଟା କରୁଥିବା କାମରେ ଅବଶ୍ୟ ସଫଳତା ପାଇବେ।

ଆଜି ଡିସେମ୍ବର ୧୦ ତାରିଖ। ବିଶ୍ୱ ମାନବାଧିକାର ଦିବସ, ପୌଷ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ ବୁଧବାର। ରାଶିନକ୍ଷତ୍ର-ମଘା/ସିଂହ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୪ମି. ଗତେ ଘ.୦୮.୨୪ମି. ମଧ୍ୟେ, ଘ.୧୦.୩୪ମି. ଗତେ ଘ.୧୧.୩୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୯ମି. ଗତେ ଘ.୦୧.୦୦ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଏସ୍‌ଆଇଆର୍: ସମାଧାନ...

ଏସ୍‌ଆଇଆର୍ ସୁନିଶ୍ଚିତ କରାଇବାକୁ ଆମେ ଚାହୁଁଛୁ। ତେବେ ଏସ୍‌ଆଇଆର୍ କାର୍ଯ୍ୟ ଚାଲିଥିବା ସମୟରେ ବିଏଲ୍‌ଓମାନଙ୍କୁ ଧମକ ଦିଆଯାଉଥିବା ଅଭିଯୋଗ ଆମ ଦୃଷ୍ଟିକୁ ଅଣାଯାଇଛି। ସହଯୋଗର ଅଭାବ ଯୋଗୁ ବିଏଲ୍‌ଓମାନଙ୍କ କାର୍ଯ୍ୟରେ ବାଧା ଉପୁଜୁଥିବା ଜାଣିବାକୁ ମିଳିଛି। ଏହାର ତ୍ୱରିତ ସମାଧାନ କରା ନ କଲେ ଅରାଜକତା ସୃଷ୍ଟିହେବ। ଏହାକୁ ଏଡ଼ାଇବା ପାଇଁ ସୁପ୍ରିମକୋର୍ଟ ଉପଯୁକ୍ତ ରାୟ ପ୍ରକାଶ କରିବେ ବୋଲି ଇସିଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀଙ୍କୁ ଖଣ୍ଡପୀଠ ତାଗିଦ୍ କରିଛନ୍ତି। ଦ୍ୱିବେଦୀ ଯୁକ୍ତି ବାଢ଼ିଛନ୍ତି, ରାଜ୍ୟ ସରକାରମାନେ ଇସିଙ୍କୁ ସହଯୋଗ କରି ସୁରକ୍ଷା ଦେବା ଉଚିତ। ରାଜ୍ୟ ସରକାର ଏପରି ନ କଲେ ସ୍ଥାନୀୟ ପୋଲିସର ସହଯୋଗ ନେବା ବ୍ୟତୀତ ଆମ ପାଖରେ ଅନ୍ୟ ବିକଳ୍ପ ନାହିଁ। ଏହାସତ୍ତ୍ୱେ ସ୍ଥିତିରେ ଉନ୍ନତି ନ ଆସିଲେ ଆମେ କେନ୍ଦ୍ରୀୟ ବଳକୁ ଡକାଇବୁ। ଏହା ଶୁଣିବା ପରେ ଜଷ୍ଟିସ୍ ବାଗ୍‌ଚୀ କହିଥିଲେ, ନିର୍ବାଚନ ପ୍ରକ୍ରିୟା ଆରମ୍ଭ ନ ହେବା ପର୍ଯ୍ୟନ୍ତ ଇସି ପୋଲିସକୁ ନିଜ ଅଧୀନକୁ ନେଇପାରିବେ ନାହିଁ। ଏସ୍‌ଆଇଆର୍ କରାଇବା ପାଇଁ ବିଏଲ୍‌ଓ ଏବଂ ଅନ୍ୟ ଅଧିକାରୀମାନଙ୍କ କ୍ଷେତ୍ରରେ ଉପୁଜୁଥିବା ଅବ୍ୟବସ୍ଥାର ସମାଧାନ ଲାଗି ଇସିଙ୍କ ସାମ୍ବିଧାନିକ କ୍ଷମତା ରହିଛି। ଏହା ଶୁଣିବା ପରେ ସିଜେଆଇ ସୂର୍ଯ୍ୟକାନ୍ତ ଦ୍ୱିବେଦୀଙ୍କୁ କହିଥିଲେ, ସ୍ଥିତି ଅତ୍ୟନ୍ତ ଗମ୍ଭୀର ରହିଛି। ଏହାର ସମାଧାନ କରନ୍ତୁ। ନଚେତ୍ ଅରାଜକତା ସୃଷ୍ଟି ହେବ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ଏସ୍‌ଆଇଆର୍ ଅଧୀନରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପର୍ଯ୍ୟନ୍ତ ରାଜ୍ୟ ପୋଲିସ ମୁତୟନ କରାଇବା ଉପରେ ଇସି, କେନ୍ଦ୍ର ସରକାର ଓ ପଶ୍ଚିମବଙ୍ଗ ସରକାରଙ୍କୁ ଖଣ୍ଡପୀଠ ଜବାବ ମାଗିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରୁଆ ଚାଉଳ ପେଯ
କାଲି ଖାଇନାହିଁ ରହିଛି ଆଜି
ମୁଖରେ ନାହିଁ ତ ତେଜ।**

ଖାଦ୍ୟ ମଣିଷକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇ ଦେଇଥାଏ। ବିନା ଖାଦ୍ୟପେୟରେ ମଣିଷ ସୁସ୍ଥ ସବଳ ରହିବା ନିହାତି ଅସମ୍ଭବ। ଏଭଳି ସ୍ଥିତିରେ ଭୋକ ଉପାସରେ ରହିଥିବା ବ୍ୟକ୍ତି ଦୁର୍ବଳ ଦିଶିବା ସହ ତେଜ ଓ ଶ୍ରୀହୀନ ହୋଇପଡ଼ିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅବଧାନିଆଣୀ, ବଡ଼ ମାଆ,
ମାଉସୀ, ପିଉସୀ, ଶାଶୁ, ମାଇଁ,
ନାନୀ, ଭାଉଜ
ଏ ଆଠ ମାନ୍ୟ ଯାହା।**

ଭାରତୀୟ ସଂସ୍କୃତିରେ ନାରୀମାନଙ୍କୁ ଉଚ୍ଚାସନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଉପର ବର୍ଣ୍ଣିତ ମହୀୟସୀ ତଥା ସମ୍ମାନାସ୍ପଦା ମହିଳାଙ୍କୁ ମାଆର ମାନ୍ୟତା ଦିଆଯିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ ପବ୍ଲିଶର୍ସ**



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ବାରବାଟୀରେ ଭାରତର...

ଡକ୍ (୦)ରେ ଆଉଟ ହୋଇଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂ, ଯଶପ୍ରୀତ୍ ବୁମ୍‌ରା, ବରୁଣ ଚକ୍ରବର୍ତ୍ତୀ ଓ ଅକ୍ଷର ପଟେଲ ୨ଟି ଲେଖାଏ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ୍ ଦୁବେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଭାରତୀୟ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍ ବେକଜନିତ ସମସ୍ୟାରୁ ମୁକୁଳିବା ପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍ ଜରିଆରେ ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରଥମ ବଲ୍‌ରେ ଚୌକା ଲଗାଇ ସେ ଖାତା ଖୋଲିଥିଲେ। ହେଲେ ଦ୍ୱିତୀୟ ବଲ୍‌କୁ ବୋଲରଙ୍କ ମୁଣ୍ଡ ଉପରେ ମାରିବାକୁ ଯାଇ ଲଙ୍ଗ ଅପ୍ ଅଞ୍ଚଳରେ କ୍ୟାଚ୍‌ଆଉଟ୍ ହୋଇଥିଲେ। ତାଙ୍କ ପରେ ଭଲ ଟଚ୍‌ରେ ଜଣାପଡୁଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଧ୍ୟ ଖରାପ ଶଟ୍ ସିଲେକ୍ସନର ଶିକାର ହୋଇଥିଲେ। ତୃତୀୟ ଓଭରରେ ଲଗାତର ଦୁଇ ବଲ୍‌ରେ ଚୌକା ଓ ଛକା ଲଗାଇବା ପରେ ସୂର୍ଯ୍ୟ ତୃତୀୟ ବଲ୍‌ରେ ମଧ୍ୟ ଶଟ୍ ଖେଳିବାକୁ ଉଦ୍ୟମ କରିଥିଲେ। ହେଲେ ସେ ୩୦ ୟାର୍ଡ ସର୍କଲ ମଧ୍ୟରେ ଲଙ୍ଗଅନ୍‌ରେ କ୍ୟାଚ୍‌ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୧୨ ରନ୍ କରିଥିଲେ। ଦୁଇ ବ୍ୟାଟର ଲୁନ୍‌ଗି ଏନ୍‌ଗିଡିଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ପ୍ରଥମ ୩ ଓଭରରେ ଦୁଇ ଉଇକେଟ୍‌ର ପତନ ଘଟିବାରୁ ଭଲ ଫର୍ମରେ ଥିବା ଭାରତୀୟ ଦଳର ବିସ୍ଫୋରକ ଓପନର ଅଭିଷେକ ଶର୍ମାଙ୍କଠାରୁ ଅଧିକ ଆଶା କରାଯାଉଥିଲା। ହେଲେ ପାୱାରପ୍ଲେ ଶେଷହେବା ପରେ ସପ୍ତମ ଓଭରରେ ଲଗାତର ଦୁଇ ଚୌକା ଲଗାଇବା ପରେ ଲୁଥୋ ସିପମଲାଙ୍କ ବଲ୍‌ରେ ଫାଇନ ଲେଗ୍ ଅଞ୍ଚଳରେ ମାର୍କୋ ଜାନସେନଙ୍କ ହାତରେ କ୍ୟାଚ୍‌ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୧୨ ବଲ୍‌ରେ ୨ ଚୌକା ଓ ୧ ଛକା ସହିତ ୧୭ ରନ୍ କରିଥିଲେ। ତାଙ୍କ ପରେ କ୍ରିଜ୍‌ରେ ସେଟ୍ ହୋଇସାରିଥିବା ତିଲକ ବର୍ମା ପାଭିଲିଅନ ଫେରିଥିଲେ। ସେ ୩୨ ବଲ୍‌ରେ ୨ ଚୌକା ଓ ୧ ଛକା ସହ ୨୬ ରନ୍‌କରି ଏନ୍‌ଗିଡିଙ୍କ ବଲ୍‌ରେ ଆଉଟ୍ ହୋଇଯାଇଥିଲେ। ସେହିଭଳି ୧ ଛକା ସହ ୨୧ ବଲ୍‌ରେ ୨୩ ରନ୍‌କରି ସେଟ୍ ଜଣାପଡୁଥିବା ଅକ୍ଷର ଖରାପ ଶଟ୍ ଖେଳି ପଏଣ୍ଟରେ ଫେରିରାଙ୍କ ହାତରେ କ୍ୟାଚ୍‌ଆଉଟ୍ ହୋଇଥିଲେ।

### ଏକାକୀ ଲଢ଼ିଲେ ହାର୍ଦ୍ଦିକ

ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ହାର୍ଦ୍ଦିକ ୧୩ତମ ଓଭରରେ କେଶବ ମହାରାଜଙ୍କୁ ଦୁଇ ଛକା ଲଗାଇ ମୋମେଣ୍ଟମ୍‌କୁ ଭାରତୀୟ ଦଳ ସପକ୍ଷକୁ ଆଣିଥିଲେ। ସେହିଭଳି ଏନ୍‌ରିଚ ନର୍କିଆଙ୍କ ୧୫ତମ ଓଭରରେ ହାର୍ଦ୍ଦିକ ୨ ଚୌକା ସହିତ ୧୭ ରନ୍ ଆଦାୟ କରିଥିଲେ। ୧୬ତମ ଓଭରରେ ହାର୍ଦ୍ଦିକଙ୍କ ବ୍ୟାଟ୍‌ରୁ ଏକ ଚୌକା ସତ୍ତ୍ୱେ ଭାରତ ମାତ୍ର ୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ୧୭ତମ ଓଭରର ପ୍ରଥମ ବଲ୍‌ରେ ଶିବମ ଦୁବେ(୧୧ ରନ୍, ୨ ଚୌକା) କ୍ଲିନ୍‌ବୋଲ୍ଡ ହୋଇଥିଲେ। ୧୯ତମ ଓଭରରେ ପାଣ୍ଡ୍ୟା ଛକା, ଚୌକା ଲଗାଇ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ଏପରିକି ପୂରା ଷ୍ଟାଡିୟମରେ ହାର୍ଦ୍ଦିକ୍... ହାର୍ଦ୍ଦିକ୍... ନାରା ଗୁଞ୍ଜରିତ ହୋଇଥିଲା। ୧୯ତମ ଓଭରରେ ଭାରତ ୧୮ ରନ୍ କରିଥିବା ବେଳେ ଅନ୍ତିମ ଓଭରରେ ୧୨ ରନ୍ କରିଥିଲା। ହାର୍ଦ୍ଦିକ ୨୮ ବଲ୍‌ରେ ୬ ଚୌକା ଓ ୪ ଛକା ସହ ୫୯ ରନ୍ କରିଥିଲେ। ଜୀତେଶ ଶର୍ମା ୧୦ ରନ୍‌କରି ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ ଏନ୍‌ଗିଡି ୩ ଓ ସିପ୍‌ମଲା ୨ ଉଇକେଟ ନେଇଥିଲେ।

## ବଢ଼ିବ ବିଧାୟକ...

୩୬ ହଜାର ମୂଳ ଦରମା ପାଉଥିବାବେଳେ ଏବେ ସେହି ସ୍ଥାନରେ ୯୦ ହଜାର ଟଙ୍କା ପାଇବେ। ଏହାବାଦ୍ ଗାଡ଼ିଖର୍ଚ୍ଚ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ବଡ଼ା ଭତ୍ତା ମିଶାଇ ୩ଲକ୍ଷ ୪୫ହଜାର ଟଙ୍କା ପାଇବେ। ସେହିପରି ଓଡ଼ିଶା ବିଧାନସଭା ମନ୍ତ୍ରୀଙ୍କ ଦରମା ଓ ଭତ୍ତା (ସଂଶୋଧନ) ଅଧିନିୟମ ବିଲ୍-୨୦୨୫ ପାରିତ ହୋଇଛି। ପୂର୍ବରୁ ରାଷ୍ଟ୍ର ମନ୍ତ୍ରୀମାନେ ୪୦ହଜାର ମୂଳ ଦରମା ପାଉଥିବାବେଳେ ଏବେ ତାହା ୯୪ ହଜାର ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ଦରମା ଓ ଭତ୍ତା ମିଶାଇ ୩ ଲକ୍ଷ ୫୬ ହଜାର ଟଙ୍କା ପାଇବେ। ଓଡ଼ିଶା ବିଧାନସଭା ବାଚସ୍ପତି ଓ ଉପବାଚସ୍ପତିଙ୍କ ଦରମା ଓ ଭତ୍ତା(ସଂଶୋଧନ)ବିଲ୍-୨୦୨୫ ପାରିତ ହୋଇଛି। ବାଚସ୍ପତି ୯୮ ହଜାର ମୂଳ ଦରମା ସହିତ ୩ ଲକ୍ଷ ୬୮ ହଜାର ଟଙ୍କା ପାଇବାକୁ ରହିଥିବାବେଳେ ଉପବାଚସ୍ପତି ୯୪ ହଜାର ମୂଳ ଦରମା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ଭତ୍ତା ମିଶାଇ ୩ ଲକ୍ଷ ୫୬ ହଜାର ଟଙ୍କା ପାଇବେ। ଏହାବାଦ୍ ଉପମୁଖ୍ୟମନ୍ତ୍ରୀ ୯୮ ହଜାର ମୂଳ ଦରମା ସହିତ ଅନ୍ୟାନ୍ୟ ଭତ୍ତା ମିଶାଇ ୩ ଲକ୍ଷ ୬୮ ହଜାର ଟଙ୍କା ପାଇବାକୁ ରହିଥିବାବେଳେ ମୁଖ୍ୟମନ୍ତ୍ରୀ ୧ ଲକ୍ଷ ଦରମା ସହିତ ଅନ୍ୟାନ୍ୟ ଭତ୍ତା ମିଶାଇ ୩ ଲକ୍ଷ ୭୪ ହଜାର ଟଙ୍କା ପାଇବେ। ପୂର୍ବତନ ସଦସ୍ୟମାନେ ପେନ୍‌ସନ ବାବଦକୁ ୮୦ ହଜାର ଟଙ୍କା ସହିତ ଅନ୍ୟାନ୍ୟ ଭତ୍ତା ପାଇବେ।

ଗୃହରେ ଏହି ବିଧେୟକ ଆଗତ ହେବା ପୂର୍ବରୁ 'ବନ୍ଦେ ମାତରମ୍' ସଂକଳ୍ପ ଆଲୋଚନା ବେଳେ ସରକାରଙ୍କ ପକ୍ଷରୁ ସମସ୍ତ ପଂକ୍ତି ଆବୃତ୍ତ କରାଯାଇଥିବାରୁ ଏହାକୁ ବିରୋଧକରି ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟ କକ୍ଷତ୍ୟାଗ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ସେମାନଙ୍କୁ ଗୃହକୁ ଅନୁରୋଧ କରିବା ପରେ ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲିଥିଲା।

## ଶିକାରୀ ଫାଶରେ...

ସମୟରେ ଶିକାରୀ ଫାଶ ବସାଇ ଜନ୍ତୁ ଶିକାର କରୁଥିବା ଅଭିଯୋଗ ହୋଇଆସୁଛି। ସୋମବାର ରାତିରେ ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀମାନେ ଜିଆଇ ତାରରେ ଫାଶ ବିଛାଇଥିବା ବେଳେ ଡିମିରିପାଳ ଗାଁ ନିକଟ ଛଣମଳିଆ ନାଳଠାରେ ଏକ କଲରାପତରିଆ ବାଘ ଫାଶରେ ପଡ଼ିଯାଇଥିଲା। ମଙ୍ଗଳବାର ସକାଳୁ ବାଘର ଗର୍ଜନ ଶୁଣି ସ୍ଥାନୀୟ ଲୋକମାନେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ଫାଶରେ ପଡ଼ିଥିବା ବାଘର ସ୍ଥିତି ଅନୁଧ୍ୟାନ କରିଥିଲେ। ଫାଶରୁ ମୁକୁଳିବାକୁ ଉଦ୍ୟମ କରୁଥିବା ବାଘଟି ଅଚେତ ହୋଇଯିବା ପରେ ଟ୍ରାଙ୍କୁଲାଇଜ କରାଯାଇ ଉଦ୍ଧାର କରାଯାଇଥିଲା। ପରେ ଆହତ ବାଘକୁ ପୁରୁଣାଗଡ଼ ନିକଟ କୁଲାସିଙ୍ଗା ନର୍ସରୀକୁ ଅଣାଯାଇ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଚିକିତ୍ସା କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ବାଘଟିର ମୃତ୍ୟୁ ହୋଇଥିବା ଅନୁଗୋଳ ଡିଏଫ୍‌ଓ ନୀତୀଶ କୁମାର ସ୍ପଷ୍ଟ କରିଛନ୍ତି। ବ୍ୟବଚ୍ଛେଦ କରିଥିବା ବନ୍ତଳା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦେବାଶିଷ ପଣ୍ଡା କହିଛନ୍ତି, ମଧ୍ୟବୟସ୍କ ଅଣ୍ଡିରା ବାଘଟି ଫାଶରୁ ମୁକୁଳିବାକୁ ଟାଣିଓଟାରି ହୋଇଥିଲା। ଅଣ୍ଟା ପାଖରେ ଚାପିହୋଇ ଭିତରେ ଅଧିକ ରକ୍ତସ୍ରାବ ହେବାରୁ ପ୍ରାଣ ହରାଇଛି।

# ୧୫୦ ଜଳାଶୟ ନଷ୍ଟ କରିବ ଜେଏସ୍‌ଡବ୍ଲ୍ୟୁ

## ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିଃର ସ୍ଲରି ପାଇପ୍ ଲାଇନ୍

ଯାଜପୁର,୯।୧୨
(ହର୍ଷବର୍ଦ୍ଧନ ବେହେରା)

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିଃ ଲୁହାପଥର ପରିବହନ ପାଇଁ କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରୁ ପାରାଦୀପସ୍ଥିତ ନିଜସ୍ୱ ଷ୍ଟିଲ୍ ପ୍ଲାଣ୍ଟକୁ ସ୍ଲରି ପାଇପ୍ ଲାଇନ ବିଛାଇବା ନିମନ୍ତେ ୨୦୧୯ରେ ରାଜ୍ୟ ଜଳସମ୍ପଦ ବିଭାଗର ଅନୁମତି ପାଇଥିଲା। ଏବେ ଏହି ପାଇପ୍ ଲାଇନ୍‌କୁ ଯୋଡ଼ାଠାରୁ ପଛକୁ ସୁନ୍ଦରଗଡ଼ ଜିଲାର କଳମଙ୍ଗ ପର୍ଯ୍ୟନ୍ତ ବଢ଼ାଯାଇଛି। ଅର୍ଥାତ୍ କଳମଙ୍ଗଠାରୁ ଯୋଡ଼ା ହୋଇ ପାରାଦୀପ ପର୍ଯ୍ୟନ୍ତ ବିଛାଯିବ ସ୍ଲରି ପାଇପ୍ ଲାଇନ। ଏହି ପ୍ରସ୍ତାବକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ମଞ୍ଜୁରୀ ମିଳିଥିବାବେଳେ ଅନୁସଚିବ ସସ୍ମିତା ମିଶ୍ର ୫।୧୨।୨୦୨୫ରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଚିଫ୍ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ଏହି ସ୍ଲରି ପାଇପ୍ ଲାଇନ୍ ଦ୍ୱାରା ୧୫୦ଟି ବିଭିନ୍ନ ଜଳାଶୟ ସିଧାସଳଖ ପ୍ରଭାବିତ ହେବ ବୋଲି ସୂଚନା ମିଳିଛି।



Government of Odisha
Department of Water Resources
*****

No. 33751 /WR., Date: 05/12/2025
Irr.-II-WRC-174/2025(Physical File No.)
WR-MAJII-WRC-0009-2019(OSWAS File No.)

From
Smt. Sasmita Mishra,
Under Secretary to Government.

To
The OSD-cum-Engineer-in-Chief,
Water Resources, Odisha, Bhubaneswar

Sub: ROW permission in favour of M/s JSW Utkal Steel Ltd. for laying 32" 86 24" Dia. Iron Ore Slurry pipeline across various water bodies (River/ Nallah/Canal) from its beneficiation plant at Nuagaon, Keonjhar District & Kalamanga to Palashponga in Keonjhar District.

Sir,

In inviting reference to your Letter No. 30101/WE dated 16.10.2025 on the subject noted above, I am directed to say that M/s JSW Utkal Steel Ltd. was given permission for laying slurry pipeline from slurry pump station at Gobardhanpur to steel plant at Paradeep with total 136 nos. of water body crossings from Joda, Keonjhar to Paradeep Plant vide DoWR letter no.19557 dtd.04.09.2019.

In the meantime, M/s JSW Utkal Steel Ltd. shifted the beneficiation plant from Gobardhanpur under Joda block, Keonjhar to Nuagaon, Keonjhar & Kalamanga, Sundergarh for which the industry has sought permission for additional 14 nos. of new water body crossings for laying Iron Ore Slurry pipeline.

The details of the water body crossing location of pipeline are given below.

| Controlling officer | Division Name | Pipeline crossing water bodies | | | |
|---|---|---|---|---|---|
| | | River | Canal | Nalla | Total |
| CE&BM, Baitarani Basin | Baitarani Irrigation Division, Salapada | 3 | 0 | 8 | 11nos. |
| CE, Minor Irrigation | M. I. Division, Keonjhar | 0 | 3 | 00 | 3nos. |
| | Total | 3 | 3 | 8 | 14nos. |

Page 1 of 7

"Every drop of water is precious. Use optimally by adopting recycle, reuse and zero discharge technology".

ଦିନକୁ ଦିନ ଭୂତଳ ଜଳସ୍ତର କମିବାରେ ଲାଗିଛି। ବିଭିନ୍ନ ଖଣି ଓ ଶିଳ୍ପ କାରଖାନା ବୃଦ୍ଧି ସାଙ୍ଗକୁ ମୋରମ ଓ ପଥର ଖାଦାନରେ ବେଆଇନ ବିସ୍ଫୋରଣ ଭୂତଳ ଜଳକୁ ବି ପ୍ରଦୂଷିତ କରିଛି। ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ(ସିଜିଡବ୍ଲ୍ୟୁବି) ପକ୍ଷରୁ ଗତ ଜୁନରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ଦାଖଲ ହୋଇଥିବା ରିପୋର୍ଟ ଅନୁସାରେ ସୁକିନ୍ଦା ଖଣି ଅଞ୍ଚଳର ଭୂତଳ ଜଳରେ ପରମିଶିବୁଲ ଲିମିଟ୍ ଲିଟର ପ୍ରତି ୦.୦୫ ମିଲିଗ୍ରାମ(ଏମ୍‌ଜି)ଠାରୁ ପ୍ରାୟ ୧୪ ଗୁଣ ଅଧିକ ବିଷାକ୍ତ କ୍ରୋମିୟମ ଅଂଶ ରହିଥିବା ପ୍ରମାଣିତ ହୋଇଛି। ଏପରି ସ୍ଥିତିରେ ଜଳାଶୟ କିସମ ଜମି ହ୍ରାସ ପର୍ଯ୍ୟାବରଣ ପାଇଁ ବିପଦ ସୃଷ୍ଟି କରିଛି। ପୋଖରୀ ପୁନରୁଦ୍ଧାର ଅବା ଖୋଳାଯିବା ପରିବର୍ତ୍ତେ ପୁରାତନ ପୋଖରୀକୁ ପୋତା ଚାଲିଛି। ଏପରି କି ବିଭିନ୍ନ ଜଳାଶୟ ପ୍ରଭାବିତ ହେଉ ପଛେ ଶିଳ୍ପପତିମାନଙ୍କ ସ୍ୱାର୍ଥ ଆଗ ନୀତିରେ ସ୍ଲରି ପାଇପ୍ ଲାଇନ୍ ବିଛାଇବାକୁ ଅନୁମତି ଦିଆଯାଉଛି। ସୂଚନା ଅନୁସାରେ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଲିଃର ନାମ ପରିବର୍ତ୍ତନ କରାଯାଇ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିଃ ରଖାଯାଇଛି। ଏହାର ପାରାଦୀପ ଷ୍ଟିଲ୍ ପ୍ଲାଣ୍ଟର ବାର୍ଷିକ ଉତ୍ପାଦନ କ୍ଷମତା ୧୦ ମେଟ୍ରିକ ଟନ୍‌ରୁ ୧୨ ମେଟ୍ରିକ ଟନ୍‌କୁ ବୃଦ୍ଧି କରାଯାଇଛି। ଏଥିପାଇଁ ଜେଏସ୍‌ଡବ୍ଲ୍ୟୁ ପାରାଦୀପ ପର୍ଯ୍ୟନ୍ତ ପ୍ରାୟ ୩୫୦ କି.ମି. ପାଇପ୍ ବିଛାଇ ଲୁହାପଥର ପରିବହନ କରିବାକୁ ଅନୁମତି ପାଇଛି। ପୂର୍ବରୁ ଜେଏସ୍‌ଡବ୍ଲ୍ୟୁ ବୈତରଣୀ ନଦୀକୂଳ କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଗୋବର୍ଦ୍ଧନପୁରରେ ସ୍ଲରି ପମ୍ପ୍ ଷ୍ଟେଶନ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲା। ଏଥିପାଇଁ ୧୩୬ଟି ବିଭିନ୍ନ ଜଳାଶୟ ଅତିକ୍ରମ କରି ଯୋଡ଼ା, କେନ୍ଦୁଝରଠାରୁ ପାରାଦୀପ ଷ୍ଟିଲ ପ୍ଲାଣ୍ଟ ପର୍ଯ୍ୟନ୍ତ ସ୍ଲରି ପାଇପ୍ ଲାଇନ୍ ବିଛାଇବାକୁ ୪।୯।୨୦୧୯ରେ ଅନୁମତି ମିଳିଥିଲା। ଏବେ ପୁଣି ଗୋବର୍ଦ୍ଧନପୁରଠାରୁ ବିପରୀତ ଦିଗରେ କେନ୍ଦୁଝର ଜିଲା ନୂଆଗାଁ ଦେଇ ସୁନ୍ଦରଗଡ଼ ଜିଲା କଳମଙ୍ଗ ପର୍ଯ୍ୟନ୍ତ ସ୍ଲରି ପାଇପ୍ ଲାଇନ୍ ବଢ଼ାଯିବା ପ୍ରସ୍ତାବକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅନୁମତି ମିଳିଛି। ଏଥିଲାଗି ଅତିରିକ୍ତ ଭାବେ ୧୪ଟି ବିଭିନ୍ନ ଜଳାଶୟ ଅତିକ୍ରମ କରିବ ବୋଲି ପ୍ରସ୍ତାବ ଦିଆଯାଇଛି। ଏନେଇ ଜଳ ସମ୍ପଦ ବିଭାଗ ପକ୍ଷରୁ ଜେଏସ୍‌ଡବ୍ଲ୍ୟୁ ଉପରେ ୩୦ ଦଫା ସର୍ତ୍ତ ରଖାଯାଇଛି। ତଦନୁଯାୟୀ, ଜଳାଶୟ ନିକଟରେ ସ୍ଲରି ପାଇପ୍ ଲାଇନ୍ ଯଦି ଫାଟିଯାଏ, ତେବେ କମ୍ପାନୀ ତୁରନ୍ତ ମରାମତି ସହ ଆଇନ ଅନୁସାରେ କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରିବ। ପାଇପ୍ ଲାଇନ୍ ବିଛା କାର୍ଯ୍ୟ ସମୟରେ ଜଳସେଚନ ଉପରେ କୌଣସି ବାଧା ଯେପରି ନ ଉପୁଜେ କିମ୍ବା ଜଳସେଚନ ଭିତ୍ତିଭୂମି ଓ ଜଳାଶୟ ଯେପରି ନଷ୍ଟ ନ ହୁଏ, ସେଥିପ୍ରତି କମ୍ପାନୀ କର୍ତ୍ତୃପକ୍ଷ ଧ୍ୟାନ ରଖିବେ। ଏଭଳି କେତେକ ସର୍ତ୍ତ ରହିଥିଲେ ମଧ୍ୟ ଜଳାଶୟଗୁଡ଼ିକ ନିଶ୍ଚିତ ଭାବେ ପ୍ରଭାବିତ ହେବ ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହାବାଦ କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ବ୍ୟାପକ ଜଙ୍ଗଲ ଧ୍ୱଂସ ହେବା ସହ ଗରିବ ଆଦିବାସୀ ଲୋକଙ୍କ ଚାଷଜମି ନଷ୍ଟ ହେବ। ପାଇପ୍ ଲାଇନ୍ ପ୍ରାୟ ୭୦ କି.ମି. ସଂରକ୍ଷିତ ଜଙ୍ଗଲ, ୩୦ କି.ମି. ସୁରକ୍ଷିତ ଜଙ୍ଗଲ ଓ ୨୦ କି.ମି. ଅନ୍ୟାନ୍ୟ ଜଙ୍ଗଲ ଦେଇ ଯାଉଥିବା କୁହାଯାଉଛି। ବଡ଼ବିଲ, ରିମୁଳି, କେନ୍ଦୁଝର, ଆନନ୍ଦପୁର, କଳିଙ୍ଗନଗର, ଚଣ୍ଡିଖୋଲ ଦେଇ ପାରାଦୀପକୁ ପାଇପ୍ ବିଛା ହେବ। ଏହି ପ୍ରକଳ୍ପ ପାଇଁ ବୈତରଣୀ ନଦୀରୁ ଦୈନିକ ୧୦ ହଜାରରୁ ଊର୍ଦ୍ଧ୍ୱ କ୍ୟୁବିକ ମିଟର ପାଣି ଆବଶ୍ୟକ।

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଳାଶୟ କିସମ ଜମିକୁ ସୁରକ୍ଷା କରିବାକୁ ୨୦୧୮ରେ ଆରଡିସିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଥିଲା। ଏଥିରେ ଜିଲାପାଳ ଆବାହକ, ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ, ନିର୍ବାହୀ ଅଧିକାରୀ, ଉନ୍ନୟନ ପରିଷଦର ଯୋଜନା ଅଧିକାରୀ ପ୍ରମୁଖ ସଭ୍ୟ ରହିଥିଲେ। ଏହି ନିଷ୍ପତ୍ତିର ୭ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ହେଲେ ସୁରକ୍ଷା ଓ ସଂରକ୍ଷଣ ଦିଗରେ ଧ୍ୟାନ ନ ଦେଇ ସ୍ଲରି ପାଇପ୍ ଲାଇନ୍ ବିଛା ନାମରେ ଜଳାଶୟଗୁଡ଼ିକର ଅସ୍ତିତ୍ୱ ହରାଇବାକୁ ଯୋଜନା କରାଯାଉଛି ବୋଲି ମତପ୍ରକାଶ ପାଇଛି।




# କେନ୍ଦ୍ରାପଡ଼ାରେ ୩ ଅନୁପ୍ରବେଶକାରୀ ଚିହ୍ନଟ

କେନ୍ଦ୍ରାପଡ଼ା, ୯।୧୨ (ଜଗନ୍ନାଥ ଧଳ)

ଦୀର୍ଘଦିନର କସରତ ପରେ କେନ୍ଦ୍ରାପଡ଼ା ଜିଲା ପୋଲିସ ଉକ୍ତ ଜିଲାରେ ରହୁଥିବା ୩ ଜଣ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିଛି। ସେମାନଙ୍କ ପ୍ରମାଣ ପତ୍ର ଯାଞ୍ଚ ଚାଲିଥିବାବେଳେ ସେମାନଙ୍କୁ ଆଠଗଡ଼ ଅବରୋଧ ଗୃହକୁ ମଙ୍ଗଳବାର ପଠାଯାଇଛି। ଅନୁପ୍ରବେଶକାରୀଙ୍କ ମଧ୍ୟରୁ ୨ ଜଣ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗରାପୁର ଏବଂ ଅନ୍ୟ ଜଣକ ଜମ୍ବୁ ସାମୁଦ୍ରିକ ଥାନା ଅନ୍ତର୍ଗତ ଛପାଲିରେ ରହୁଥିଲେ। ଗତ ଅଗଷ୍ଟ ମାସରୁ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଜିଲା ପୋଲିସ ତନାଘନା ଆରମ୍ଭ କରିଥିଲା। ରାଜ୍ୟରେ ଚିହ୍ନଟ ୪୮ ଜଣ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର କରାଯାଇଥିବା ବେଳେ ରାଜ୍ୟର କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ଅନୁପ୍ରବେଶକାରୀ ରହୁଥିଲେ ମଧ୍ୟ ଜଣେ ହେଲେ ଚିହ୍ନଟ ହୋଇ ପାରି ନ ଥିଲେ। ତେବେ ୨୦୦୪ରେ ଏହି ଜିଲାରେ ମୋଟ ୧୬୪୯ ଜଣ ଅନୁପ୍ରବେଶକାରୀ ଚିହ୍ନଟ ହୋଇଥିଲେ। ୨୦୦୫ରେ ଏହି ଚିହ୍ନଟ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ମହାକାଳପଡାର ୧୫୫୧ ଜଣଙ୍କୁ ଦେଶାନ୍ତର ନୋଟିସ ଦିଆଯାଇଥିଲା। ମାତ୍ର ସେମାନେ କୋର୍ଟର ଦ୍ୱାରସ୍ଥ ହୋଇ ଅଦ୍ୟାବଧି ଦେଶାନ୍ତର ହୋଇନାହାନ୍ତି। ତେବେ ଚିହ୍ନଟ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡଙ୍କୁ ପଚାରିବାରେ ଏନେଇ ତଦନ୍ତ ଜାରି ରହିଛି। ଚିହ୍ନଟ ଅନୁପ୍ରବେଶକାରୀମାନେ ଅଦ୍ୟାବଧି ସେମାନଙ୍କ ଭାରତୀୟ ପ୍ରମାଣପତ୍ର ଦେଖାଇ ନାହାନ୍ତି ବୋଲି ସେ କହିଛନ୍ତି।

# ଅଭିଳାଷ ଯୁବ, ଐଶ୍ୱର୍ଯ୍ୟା ମହିଳା ମୋର୍ଚ୍ଚା ସଭାପତି

- ୭ ମୋର୍ଚ୍ଚା ସଭାପତିଙ୍କ ନାଁ ଘୋଷଣାକଲା ଭାଜପା
- ଯୁବ, ମହିଳା ବ୍ୟତୀତ ଅନ୍ୟ ମୋର୍ଚ୍ଚାର ସଭାପତି ନୂଆ ଚେହେରା

ଭୁବନେଶ୍ୱର, ୯।୧୨
(ସୁନିତ୍ ମିଶ୍ର)

ଭାଜପା ପକ୍ଷରୁ ମଙ୍ଗଳବାର କେତେକ ସାଙ୍ଗଠନିକ ନିଯୁକ୍ତି ଦିଆଯାଇଛି। ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ୭ଟି ମୋର୍ଚ୍ଚା ସଭାପତିଙ୍କ ନାଁ ଘୋଷଣା କରାଯାଇଛି। ମନମୋହନ ତାଙ୍କର ଦ୍ୱିତୀୟ ତାଲିକାରେ ନିଜ ଟିମ୍ ଗଠନ ପ୍ରକ୍ରିୟାକୁ ଆଉ ପାଦେ ଆଗକୁ ନେଇଥିବା ଚର୍ଚ୍ଚା ହେଉଛି। ଏହା ପୂର୍ବରୁ କେତେଜଣ ନେତାଙ୍କୁ ସେ ଉପସଭାପତି ଏବଂ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଥିଲେ। ତେବେ ଏହି ତାଲିକାରେ ଯୁବ ଓ ମହିଳା ମୋର୍ଚ୍ଚା ସଭାପତିଙ୍କୁ ଛାଡ଼ିଦେଲେ ବାକି ପ୍ରାୟ ସମସ୍ତ ମୋର୍ଚ୍ଚାରେ ନୂଆ ଚେହେରାଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଛି। ଭାଜପା ଯୁବମୋର୍ଚ୍ଚା ସଭାପତି ଭାବେ ଅଭିଳାଷ ପଣ୍ଡାଙ୍କୁ ନିଯୁକ୍ତି ମିଳିଥିବା ବେଳେ ମହିଳା ମୋର୍ଚ୍ଚା ସଭାପତି ଭାବେ ଐଶ୍ୱର୍ଯ୍ୟା ବିଶ୍ୱାଳ, ଶୁଭ୍ରାଂଶୁ ମୋହନ ପାଢ଼ୀ କୃଷକ ମୋର୍ଚ୍ଚା ସଭାପତି, କାନ୍ଦ୍ରା ସୋରେନ ଏସ୍‌ଟି ମୋର୍ଚ୍ଚା ସଭାପତି, ବାଇଧର ମଲିକ ଏସ୍‌ସି ମୋର୍ଚ୍ଚା ସଭାପତି, ପ୍ରଦ୍ୟୁମ୍ନ ନାଏକ ଓବିସି ମୋର୍ଚ୍ଚା ସଭାପତି ଏବଂ ସୁରିନ୍ଦର ସିଂଙ୍କୁ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି


ଅଭିଳାଷ ପଣ୍ଡା


ଐଶ୍ୱର୍ଯ୍ୟା ବିଶ୍ୱାଳ

ଭାବେ ନିଯୁକ୍ତି ଦିଆଯାଇଛି।

ସେହିପରି ସୁନ୍ଦରଗଡ଼, କଳାହାଣ୍ଡି ଏବଂ ଖୋର୍ଦ୍ଧାର ୩ ଜଣ ନେତାଙ୍କୁ ବିଭିନ୍ନ ପ୍ରକୋଷ୍ଠର ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ଓଡ଼ିଶା ଭାଜପା ସଙ୍ଗଠନରେ ପ୍ରଥମ ଥର ଲାଗି ପ୍ରକୋଷ୍ଠ ପ୍ରଭାରୀ ପଦ ସୃଷ୍ଟି କରାଯାଇଛି। ରଞ୍ଜନ କୁମାର ପଟେଲ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଏବଂ ସୁଦୀପ୍ତ କୁମାର ରାୟ ଏହି ନୂତନ ଦାୟିତ୍ୱ ମିଳିଛି। କାର୍ଯ୍ୟାଳୟ ସମ୍ପାଦକ ଭାବେ ଯାଜପୁରର ଦେବେନ୍ଦ୍ର କୁମାର ନନ୍ଦ ଏବଂ ଆଇଟି ବିଭାଗ ଦାୟିତ୍ୱ ଜ୍ୟୋତି ରଞ୍ଜନ ନାଏକଙ୍କୁ ଦିଆଯାଇଛି। ସେହିପରି ୩୭ଟି ସାଙ୍ଗଠନିକ ଜିଲାର ପ୍ରଭାରୀ ଦାୟିତ୍ୱ ମଧ୍ୟ ବଣ୍ଟାଯାଇଛି। ଗୋଲକ ପ୍ରସାଦ ମହାପାତ୍ରଙ୍କୁ ଅନୁଗୋଳ, ଗୌତମ ରାଏ ବାଲେଶ୍ୱର, ଉମାକାନ୍ତ ମହାପାତ୍ର ଉତ୍ତର ଭୁବନେଶ୍ୱର, ବାସୁଦେବ ବାରିକ ବରଗଡ଼, ସଞ୍ଜୀବ ମହାନ୍ତି ଭଦ୍ରକ, ସରୋଜ କୁମାର କର ଭୁବନେଶ୍ୱର, ପର୍ଶୁରାମ ମାଝୀ ବଲାଙ୍ଗୀର, ଗୋବିନ୍ଦ ଅଗ୍ରୱାଲ ବୌଦ୍ଧ, ଜ୍ଞାନଦେବ ବେଉରା କଟକ, କିଶୋର କୁମାର ପଣ୍ଡା କଟକ ଗ୍ରାମାଞ୍ଚଳ, ସୁଦର୍ଶନ ଜିଅଲ ଦେବଗଡ଼, ସ୍ମୃତି ପଟ୍ଟନାୟକ ଢେଙ୍କାନାଳ, ବିଶ୍ୱେଶ୍ୱର ଟୁଡୁ ଗଜପତି, ସାରଦା ପ୍ରସାଦ ଶତପଥୀ ଗଞ୍ଜାମ, ପ୍ରକାଶ ମଙ୍ଗରାଜ ଘୁମୁସୁର(ଆସ୍କା), ଭଗବାନ ମହାନ୍ତି ଘୁମୁସୁର(ଭଞ୍ଜନଗର), ସୁବାସ ଜେନା ଜଗତ୍‌ସିଂହପୁର, ଯତୀନ ମହାନ୍ତି ଯାଜପୁର, ସୀମାଞ୍ଚଳ ଖଟେଇ ଝାରସୁଗୁଡ଼ା, ଶିବାଜୀ ମହାନ୍ତି କଳାହାଣ୍ଡି, ପୃଥ୍ୱୀରାଜ ମହାପାତ୍ର କନ୍ଧମାଳ, ଅଶୋକ କୁମାର ମିଶ୍ର କେନ୍ଦ୍ରାପଡ଼ା, ବିରଞ୍ଚି ନାରାୟଣ ତ୍ରିପାଠୀ କେନ୍ଦୁଝର, ପବିତ୍ର ମୋହନ ଦାସ ଖୋର୍ଦ୍ଧା, ଭବେନ୍ଦ୍ର ପଣ୍ଡା କୋରାପୁଟ, ରମେଶ ଚନ୍ଦ୍ର ସାହୁ ମାଲକାନଗିରି, ସିପ୍ରା ବାଜପେୟୀ ମୟୂରଭଞ୍ଜ(ଇଷ୍ଟ), ଅଂଶୁମାନ ସବୁଜ ମହନ୍ତ ବର୍ମା ମୟୂରଭଞ୍ଜ(ୱେଷ୍ଟ), ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାଏକ ନବରଙ୍ଗପୁର, ସୁରଥ ବିଶ୍ୱାଳ ନୟାଗଡ଼, ଆର୍ତ୍ତତ୍ରାଣ ମହାପାତ୍ର ନୂଆପଡ଼ା, ବିଷ୍ଣୁ ଦାସ ପୁରୀ, ବଟକିଶୋର ମିଶ୍ର ରାଉରକେଲା, କେ.ନାରାୟଣ ରାଓ ରାୟଗଡ଼ା, କାଳନ୍ଦୀ ସାମଲ ସମ୍ବଲପୁର, ସୁରେଶ୍ୱର ଶତପଥୀ ସୋନପୁର ଏବଂ ରାମଚନ୍ଦ୍ର ହାଁସଦାଙ୍କୁ ସୁନ୍ଦରଗଡ଼ ପ୍ରଭାରୀ ଭାବେ ଦାୟିତ୍ୱ ମିଳିଛି। ଏନେଇ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତିଙ୍କ ଦସ୍ତଖତ ସମ୍ବଳିତ ଏକ ତାଲିକା ଦଳ ପକ୍ଷରୁ ପ୍ରକାଶ ପାଇଛି।

# ଗଛରେ ପିଟିହେଲା ବାଇକ୍, ୨ ମୃତ

ବାଲିଗୁଡ଼ା,୯।୧୨
(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବିରାଗୁଡ଼ା ଗ୍ରାମ ନିକଟରେ ମଙ୍ଗଳବାର ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ବାଟାଗୁଡ଼ା ପଞ୍ଚାୟତ ପୁରୁଣା ବାଟାଗୁଡା ଗ୍ରାମର ଆଜାଦ ମଲ୍ଲିକ (୧୬) ଓ ଜୀବନ କୁମାର ନାୟକ (୧୯)। ଆହତ ସେହି ଗ୍ରାମର ଆସ୍ତିର ମଲ୍ଲିକ ବୋଲି ଜଣାପଡିଛି। ଅପରାହ୍ନରେ ୩ ଯୁବକ କେଟିଏମ୍ ବାଇକ୍ (ନଂ.ଓଡି ୧୨ ଜି ୩୯୬୮)ରେ ବାରଖମା ଅଞ୍ଚଳରୁ ବାଲିଗୁଡ଼ା ଅଭିମୁଖେ ଦ୍ରୁତଗତିରେ ଆସୁଥିଲେ। ବିରାଗୁଡ଼ା ନିକଟସ୍ଥ ବୁଲାଣିରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହେଇଯିବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ବାଲିଗୁଡ଼ା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଗୁରୁତର ଆସ୍ତିରଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ସିକିସୁଡ଼ା ଜଙ୍ଗଲରୁ ବିସ୍ଫୋରକ ସାମଗ୍ରୀ ଜବତ

ଫୁଲବାଣୀ,୯।୧୨
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ବାଲିଗୁଡା ଥାନା ଅଞ୍ଚଳରୁ ବିଏସ୍‌ଏଫ୍ ଯବାନମାନେ ମଙ୍ଗଳବାର ବିପୁଳ ପରିମାଣର ବିସ୍ଫୋରକ ଜବତ କରିଛନ୍ତି। ଜବତ ବିସ୍ଫୋରକ ମଧ୍ୟରେ ଜିଲେଟିନ ଷ୍ଟିକ, ଡିଟୋନେଟର, ବ୍ୟାଟେରି, ବିଦ୍ୟୁତ୍ ତାର, ସୋଲାର ପ୍ଲେଟ ଓ ଅନ୍ୟାନ୍ୟ ସାମଗ୍ରୀ ରହିଛି। ବିଏସଏଫର ୧୩୬ ବାଟାଲିୟନ ପକ୍ଷରୁ ବାଲିଗୁଡା ଥାନା ଅଞ୍ଚଳରେ ସର୍ଚ୍ଚ ଅପରେଶନ କରାଯାଇଥିଲା। ଏହି ସମୟରେ ସିକିସୁଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଯବାନମାନେ ମାଓବାଦୀଙ୍କ ଦ୍ୱାରା ବ୍ୟବହୃତ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଠାବ କରିଥିଲେ। ଏହାକୁ ଜବତ କରି ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଛି। ସୂଚନାଯୋଗ୍ୟ, ଏହି ଅଞ୍ଚଳ ଏକଦା ମାଓବାଦୀଙ୍କ ଗଡ ରୂପେ ପରିଚିତ ଥିଲା। ଏଠାରେ ଆଇଇଡି ପ୍ରସ୍ତୁତ କରି ସୁରକ୍ଷାବାହିନୀ ବିରୋଧରେ ବ୍ୟବହାର କରାଯାଉଥିଲା। ତେବେ ବିଏସ୍‌ଏଫ୍ କ୍ୟାମ୍ପ ସ୍ଥାପନ ପରେ ଏଠାରେ ମାଓବାଦୀଙ୍କ ଗତିବିଧି କମିବାରେ ଲାଗିଛି। ବିଏସ୍‌ଏଫ୍ ପକ୍ଷରୁ ମଧ୍ୟ ଲଗାତର ମାଓବାଦୀ ବିରୋଧୀ ଅଭିଯାନ ଜାରି ରହିଛି।

# ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ୍

### ଓଏଏସ୍, ଓଆର୍‌ଏସ୍ ଅଧିକାରୀଙ୍କ ଆନ୍ଦୋଳନକୁ ନେଇ ମାମଲା

କଟକ,୯।୧୨(କାର୍ତ୍ତିକ ସାହୁ)

ସରକାରୀ କର୍ମଚାରୀ ତଥା ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀଙ୍କ ଆନ୍ଦୋଳନକୁ ନେଇ ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ମାମଲାର ଶୁଣାଣି କରି ଏ ସଂକ୍ରାନ୍ତରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ସପ୍ତାହରେ ପରବର୍ତ୍ତୀ ଶୁଣାଣି ନିମନ୍ତେ ଧାର୍ଯ୍ୟ କରାଯାଇଛି। ଆବେଦନକାରୀ ପ୍ରତାପ ଚନ୍ଦ୍ର ସାହୁଙ୍କ ପକ୍ଷରୁ ମଙ୍ଗଳବାର ଶୁଣାଣି ବେଳେ ଅଦାଲତଙ୍କୁ ଦର୍ଶାଯାଇଥିଲା ଯେ, ସରକାରୀ କର୍ମଚାରୀମାନେ ଆନ୍ଦୋଳନ କରିବା ଦ୍ୱାରା ସାଧାରଣ ଲୋକେ ପ୍ରଭାବିତ ହେଉଛନ୍ତି। ଆବେଦନକାରୀ ରାଜ୍ୟରେ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀମାନଙ୍କ ଆନ୍ଦୋଳନକୁ ଉଦାହରଣ ଭାବେ ଉପସ୍ଥାପନ କରି ତଜ୍ଜନିତ ସମସ୍ୟା ସଂକ୍ରାନ୍ତରେ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଏଥିସହ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ଦୀର୍ଘ ଦିନ ହେବ ଆନ୍ଦୋଳନ କରୁଛନ୍ତି। ବିଦ୍ୟାଳୟରେ ପରୀକ୍ଷା ପାଖେଇ ଆସୁଥିବାରୁ ଛାତ୍ରୀଛାତ୍ରମାନଙ୍କ ପାଠପଢ଼ା ବ୍ୟାହତ ହେଉଛି। ଏହାକୁ ନେଇ ଅଦାଲତ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ସରକାରୀ କର୍ମଚାରୀ ବିଶେଷକରି ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀମାନେ ଆନ୍ଦୋଳନ କରୁଛନ୍ତି। ଏହାଦ୍ୱାରା ଓଡ଼ିଶା ସରକାରୀ କର୍ମଚାରୀ କଣ୍ଡକ୍ଟ ରୁଲ୍‌ସ ୧୯୫୯ର ଉଲ୍ଲଂଘନ ହେଉଛି। ତେଣୁ ସରକାର ଉକ୍ତ ନିୟମାନୁସାରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ, ଓଡ଼ିଶା ପ୍ରଶାସନିକ ସେବା ସଂଘର ସଭାପତି ଏବଂ ଓଡ଼ିଶା ଅମଲା ସଂଘର ସଭାପତିଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି।

# ପୋଲ ତଳକୁ ବାଇକ୍ ଖସି ଗଲା ୨ ଜୀବନ

ଓଡ଼ଗାଁ,୯।୧୨
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଗିରିଡିପଲ୍ଲୀ ପଞ୍ଚାୟତ ଧଖୋଲା ଗ୍ରାମର ଫକୀର ନାୟକ(୪୫) ଓ ରାଜେନ୍ଦ୍ର ନାୟକ(୪୦)ଙ୍କର ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଉଭୟେ ସୋମବାର ରାତିରେ ନିକଟସ୍ଥ ବେଲଦୁଆର ଗ୍ରାମରୁ ଗୋଟିଏ ବାଇକ୍‌ରେ ଫେରୁଥିବା ବେଳେ ତୋଦିଗାଡ଼ିଆ ଗ୍ରାମ ନିକଟରେ ରାସ୍ତାରେ ଥିବା ଏକ ଶଙ୍ଖରେ ପିଟିହୋଇ ପୋଲ ତଳକୁ ଖସି ପଡ଼ିଥିଲେ। ଉଭୟେ ଦୁର୍ଘଟଣାଗ୍ରସ୍ତ ହୋଇ ଚେତାଶୂନ୍ୟ ଅବସ୍ଥାରେ ରାତି ସାରା ପୋଲ ତଳେ ପଡ଼ି ରହିଥିଲେ। ମଙ୍ଗଳବାର ସକାଳୁ ଏନେଇ ବାହାଡାଝୋଲା ଫାଣ୍ଡି ପୋଲିସ ସୂଚନା ପାଇ ସ୍ଥାନୀୟ ଦମକଳ ବାହିନୀ ସାହାଯ୍ୟରେ ଉଭୟଙ୍କୁ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିବା ସହିତ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
One Computer Operator for office and one Sales man for filed work with Graduation
- WhatsApp -
9338205137 / 9861404151
Bhubaneswar

WANTED
1) Mali (Bagicha Kama)
2) Lady Office Assistant
Phulanakhara, Cuttack
Rahiba, Khaiba Free
Plus 10000 Each
Contact : 7809525452

Sales Executive For Angul Location Requires
Min. 1yr Exp. in Sales. Salary - 15k To 25k + Incentive
Interview Date :15/12/2025. Contact : 9124614408.
Saurashakti Enterprises Private Limited
Add : B/16, ID Market, Nayapalli, BBSR.

ପାରାଦୀପ ବନ୍ଦର ପାଇଁ କ୍ରିକେଟ ପ୍ରଶିକ୍ଷକ ନିମନ୍ତେ ଆବେଦନ
No.PPT/GKS/Cricket Coach/2025/119 Date: 03.12.2025
ପାରାଦୀପ ବନ୍ଦର ପ୍ରାଧିକରଣ ରେ ଠିକା କର୍ମଚାରୀ ହିସାବରେ ୧ ବର୍ଷ ପାଇଁ କ୍ରିକେଟ ପ୍ରଶିକ୍ଷକ ର ଆବଶ୍ୟକ। ପାରାଦୀପ ବନ୍ଦର ରେ ଥିବା କ୍ରିକେଟ ଟ୍ରେନିଙ୍ଗ୍, ପାରାଦୀପ ବନ୍ଦର ର କ୍ରିକେଟ ଟିମ୍‌ର ଖେଳାଳୀ ଏବଂ ପାରାଦୀପ ବନ୍ଦର ର ଷ୍ଟାଡିୟମ ରେ ଆସୁଥିବା ଯୁବ ଖେଳାଳୀ (ପୁଅ ଓ ଝିଅ)ଙ୍କୁ ଖେଳ ପ୍ରଶିକ୍ଷଣ ଦେବେ। ଆବେଦନର ଶେଷ ତାରିଖ ୧୭.୧୨.୨୦୨୫। ଏହା ପରେ ସାକ୍ଷାତକାର ପାଇଁ ଜଣାଇଦିଆଯିବ।
For further details, visit our website- https://paradipport.gov.in/ Carrer.aspx.
Sd/ Working president
Gopabandhu Kreeda Sansad, Paradip port Authority
PPA/PR/55/2025-2026 05/12/2025

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସୁରକ୍ଷା ଜମା ରାଶିର ସମାୟୋଜନ/ଦାବି ସମ୍ବନ୍ଧୀୟ ବିଜ୍ଞପ୍ତି

ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଯୋଗାଣ ସଂହିତା ୨୦୧୯ର ବିନିୟମ ୫୩ ଏବଂ ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୪୭ର ବ୍ୟବସ୍ଥା ଅନୁଯାୟୀ, ଟିପିସିଓଡିଏଲକୁ ପୂର୍ବ ବର୍ଷ ଅର୍ଥାତ୍ ଆର୍ଥିକ ବର୍ଷ ୨୪-୨୫ର ଏପ୍ରିଲରୁ ମାର୍ଚ୍ଚ ପର୍ଯ୍ୟନ୍ତ ୧୨ (ବାର) ମାସର ହାରାହାରି ବିଦ୍ୟୁତ ବ୍ୟବହାର ଉପରେ ଆଧାର କରି ସୁରକ୍ଷା ଜମା ରାଶିର ସମୀକ୍ଷା କରିବା ଆବଶ୍ୟକ କରୁଛି। ଏହା ଏକ ବାର୍ଷିକ ସମୀକ୍ଷା ପ୍ରକ୍ରିୟା। ଏହି ସମୀକ୍ଷାର ଉଦ୍ଦେଶ୍ୟ ହେଉଛି ଯେ ଟିପିସିଓଡିଏଲ ପାଖରେ ହାରାହାରି ଦୁଇ ମାସର ବିଦ୍ୟୁତ୍ ବ୍ୟବହାର ସହିତ ସମାନ ପର୍ଯ୍ୟାପ୍ତ ସୁରକ୍ଷା ଜମା ଉପଲବ୍ଧ ଅଛି।

ଯେଉଁ ଉପଭୋକ୍ତାମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ କମିଯାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମାଠାରୁ ୧୦% ରୁ ଅଧିକ ଅତିରିକ୍ତ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଜମା ହୋଇଛି, ସେମାନେ ବିଦ୍ୟୁତ ବିଲ୍‌ରେ ସମାୟୋଜନ ମାଧ୍ୟମରେ ଫେରସ୍ତ ପାଇବେ। ସେହିଭଳି, ଯେଉଁ ଗ୍ରାହକମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ ବୃଦ୍ଧି ପାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମା ଠାରୁ ୧୦% ରୁ ଅଧିକ କମ୍ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଅଛି, ସେମାନଙ୍କୁ ବାକି ସୁରକ୍ଷା ଜମା ପୈଠ କରିବାକୁ ପଡିବ। ଏହିଭଳି ଉପଭୋକ୍ତାମାନେ ଦାବି ନୋଟିସ୍ ପାଇବେ ଏବଂ ଏହି ଅତିରିକ୍ତ ସୁରକ୍ଷା ଜମା (ASD) ନୋଟିସ୍ ପାଇବାର ୩୦ ଦିନ ମଧ୍ୟରେ ପୈଠ କରିବାକୁ ବାଧ୍ୟ ହେବେ।

ସମାୟୋଜନ/ଅତିରିକ୍ତ ସୁରକ୍ଷା ଦାବି ସମ୍ବନ୍ଧୀୟ ସୂଚନା ଉପଭୋକ୍ତାଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରରେ ଏସ୍‌ଏମ୍‌ଏସ୍/ହ୍ୱାଟ୍‌ସଆପ୍ ମାଧ୍ୟମରେ ନୋଟିସର ଏକ ସଫ୍ଟ କପି ଡାଉନଲୋଡ କରିବା ପାଇଁ ଏକ ଲିଙ୍କ ସହିତ ପଠାଯିବ। ଏହା ବ୍ୟତୀତ, ଉପଭୋକ୍ତାଙ୍କ ପାଖରେ ଟିପିସିଓଡିଏଲ ୱେବସାଇଟ / ମିତ୍ରା ଆପ୍‌ରୁ ସିଧାସଳଖ ସମାୟୋଜନ ବିବରଣୀ / ଏଏସ୍‌ଡି ନୋଟିସ୍ ସିଧାସଳଖ ଡାଉନଲୋଡ କରିବାର ବିକଳ୍ପ ଅଛି।

ଉପଭୋକ୍ତାମାନେ ଆରଟିଜିଏସ୍/ଏନ୍‌ଇଏଫଟି ମାଧ୍ୟମରେ କିମ୍ବା ନିକଟସ୍ଥ ଟିପିସିଓଡିଏଲ କାର୍ଯ୍ୟାଳୟକୁ ଯାଇ ଏଏସ୍‌ଡି ଡିମାଣ୍ଡ ଅନଲାଇନରେ ଦେୟ ପୈଠ କରିପାରିବେ। ଏନ୍‌ଇଏଫଟି/ଆରଟିଜିଏସ୍‌ଦେୟ ପାଇଁ, ଆକାଉଣ୍ଟ ନମ୍ବର TPCODLxxxxxxxxxx (ଯେଉଁଠାରେ xxxxxxxxx ହେଉଛି ଏଏସ୍‌ଡି ରେଫରେନ୍‌ସ ଡକ୍ୟୁମେଣ୍ଟ ନମ୍ବର) ଏବଂ ଆଇଏଫଏସ୍‌ସି କୋଡ୍ IBKL0000042 ହେବା ଉଚିତ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୫ ଅନୁଯାୟୀ, ଗ୍ରାହକମାନେ ଟିପିସିଓଡିଏଲ ଦ୍ୱାରା ଡିମାଣ୍ଡ ନୋଟିସ୍ ଜାରି ହେବାର ତିରିଶ (୩୦) ଦିନ ମଧ୍ୟରେ ନିଶ୍ଚିତଭାବେ ଏଏସ୍‌ଡି ଦେବାକୁ ପଡିବ। ବିଳମ୍ବଜନିତ ଦେୟ ପାଇଁ ବାର୍ଷିକ ଅତିରିକ୍ତ ୧୫% ଶୁଳ୍କ ପୈଠ କରିବାକୁ ପଡିବ। ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୬ ଅନୁଯାୟୀ, ଯଦି ଏଏସ୍‌ଡି ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ ନ କରାଯାଏ, ତେବେ ଉପଭୋକ୍ତା ଯୋଗାଣ ବିଚ୍ଛିନ୍ନ ହେବା ପାଇଁ ଦାୟୀ ରହିବେ।

ଉପଭୋକ୍ତମାନଙ୍କୁ ଅବଗତ କରାଯାଉଛି ଯେ ସେମାନେ ଟିପିସିଓଡିଏଲ ପାଖରେ ଥିବା ସୁରକ୍ଷା ଜମା ଉପରେ ବାର୍ଷିକ ୬.୫୦% ହାରରେ ସୁଧ ପାଉଛନ୍ତି, ଯାହା ବାର୍ଷିକ ଭାବରେ ସେମାନଙ୍କ ଆକାଉଣ୍ଟରେ ଜମା କରାଯାଉଛି। ଏହା ବ୍ୟତୀତ, ଓଇଆରସିର ନିର୍ଦ୍ଦେଶ ଅନୁଯାୟୀ, ଉପଭୋକ୍ତାଙ୍କ ଠାରୁ ସଂଗ୍ରହ କରାଯାଇଥିବା ସୁରକ୍ଷା ଜମା ଟିପିସିଓଡିଏଲ ଦ୍ୱାରା ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଏ ନାହିଁ। ବରଂ, ଏହାକୁ ଅଧିସୂଚିତ ବ୍ୟାଙ୍କଗୁଡିକରେ ସ୍ଥାୟୀ ଜମା ଭାବରେ ସୁରକ୍ଷିତ ଭାବରେ ରଖାଯାଏ। ଏହି ଜମା ଉପରେ ଅର୍ଜିତ ସୁଧ ଏଏଆରରେ ଉପଭୋକ୍ତାଙ୍କୁ ପ୍ରଦାନ କରାଯାଏ।

ଅଧିକ ବିବରଣୀ ପାଇଁ, ଦୟାକରି ଆମର ଉପଭୋକ୍ତା ସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ, ୧୯୧୨ରେ କଲ୍ କରନ୍ତୁ, କିମ୍ବା ୯୫୫୬୧୭୧୦୦୨ରେ ମିସ୍‌ଡ କଲ କରନ୍ତୁ ଅବା ଟିପିସିଓଡିଏଲ ୱେବସାଇଟ୍/ମିତ୍ର ଆପରେ ଲଗ୍ ଇନ୍ କରନ୍ତୁ।

୧୦ ଡିସେମ୍ବର ୨୦୨୫ଠାରୁ ମିସ୍‌ଡ କଲ ସେବା ସକ୍ରିୟ ରହିବ।

ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି– ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ। –ଶ୍ରୀଅରବିନ୍ଦ



# ଗାନ୍ଧୀ ବିଭାଜନକାରୀ

ଭାରତ ୨୦୪୭ ସୁଦ୍ଧା ବିକଶିତ ହେବ ବୋଲି କେନ୍ଦ୍ର ସରକାର ବାରମ୍ବାର ଦୋହରାଉଛନ୍ତି। ବିକଶିତ ଦେଶ ଗଢ଼ିବାର ସ୍ୱପ୍ନ ଦେଖାଯିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ପ୍ରଶ୍ନ ଉଠୁଛି ସେହି ଲକ୍ଷ୍ୟ ହାସଲ ଦିଗରେ ଦେଶବାସୀଙ୍କୁ କେତେ ମାତ୍ରାରେ ପ୍ରସ୍ତୁତ କରାଯାଉଛି। ଏହା ପୂର୍ବରୁ ପ୍ରଶ୍ନ ହେଉଛି ପ୍ରତ୍ୟେକ ନାଗରିକ ପାଇଁ 'ବିକଶିତ' ଶବ୍ଦର ଅର୍ଥ କେଉଁ ପ୍ରକାର ବୁଝାପଡ଼ିବ। ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଯୁବଶକ୍ତିକୁ ନିଯୁକ୍ତି ସୁଯୋଗ ଦେବା, ଯୋଜନା ଓ ନୀତିକୁ ଜନମଙ୍ଗଳ ଦିଗରେ ଅଭିପ୍ରେତ କରାଇବା ସହିତ ଜନଗଣଙ୍କୁ ସମଦୃଷ୍ଟିରେ ଦେଖି ସମସ୍ତଙ୍କ ଜୀବନକୁ ସୁରକ୍ଷିତ ରଖିବାର ସରକାରୀ ପ୍ରଚେଷ୍ଟାର ସଫଳତା ବିକଶିତ ଆଡ଼କୁ ଅଗ୍ରସର ହୋଇଥାଏ। ଭୋଟ ରାଜନୀତିକୁ ଦେଖି ବିଭାଜନ ସୃଷ୍ଟିକାରୀ ପ୍ରସଙ୍ଗ ଉଠାଇଲେ ବା କାର୍ଯ୍ୟ କଲେ ତାହା ରାଷ୍ଟ୍ରର ଗତିକୁ ପଶ୍ଚାତ୍‌ପଦ କରେ। କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ବହୁ କଥାରେ ଅତୀତ ଓ ଅତୀତର ବ୍ୟକ୍ତିବିଶେଷଙ୍କୁ ଆକ୍ଷେପ କରିଆସୁଛି। ଏଭଳି ଅନେକ ପ୍ରସଙ୍ଗ ମଧ୍ୟରୁ ଭାରତର ବିଭାଜନକୁ ନେଇ ଗୋଟେ ବଡ଼ ବର୍ଗ ଓକିଲାତି କରିଥାଏ। ଭାରତ ଓ ପାକିସ୍ତାନ ବିଭାଜିତ ହୋଇ ନ ଥିଲେ ଆମ ଦେଶ ବିଶାଳ ରୂପ ଧାରଣ କରିଥାଆନ୍ତା ବୋଲି କହିଥାଆନ୍ତି। ଆଉ ଥୋକେ 'ଅଖଣ୍ଡ ଭାରତ' କଥା ଉଠାଇ ଏବେ ମଧ୍ୟ ସେହି ସ୍ୱପ୍ନକୁ ସାକାର କରିବାକୁ ଚେଷ୍ଟିତ। ଏଠି ପ୍ରଶ୍ନ କରାଯାଇପାରେ ଆଜିର ଭୂରାଜନୈତିକ ସ୍ଥିତିରେ ବିକଶିତ ଭାରତ ନା ଅଖଣ୍ଡ ଭାରତ କେଉଁଟି ଆଗ ଦରକାର। ପ୍ରକୃତ କାର୍ଯ୍ୟରେ ବିକଶିତ ହେବା ଦିଗରେ ନିଜକୁ ପ୍ରସ୍ତୁତ କରିପାରିଲେ ଦେଶ ଆଗକୁ ବଢ଼ିପାରିବ। ଅନ୍ୟପକ୍ଷରେ ଅଖଣ୍ଡ ଭାରତ ଚିନ୍ତା ରହିଲେ ତାହା ସମଗ୍ର ଦେଶକୁ କୋରି ଖାଇବାର ସବୁ ସଙ୍କେତ ଏଠି ବିଦ୍ୟମାନ। ଏ ବିଷୟରେ ବିସ୍ତୃତ ଅଲୋଚନା କରିବା ପୂର୍ବରୁ 'ଅଖଣ୍ଡ ଭାରତର'ର ସ୍ୱରୂପ ଉପରେ ଦୃଷ୍ଟିପାତ କରିବା। ଅଖଣ୍ଡ ଅର୍ଥାତ୍ ଅବିଭକ୍ତ ଭାରତ ବୋଇଲେ ଦକ୍ଷିଣ-ପୂର୍ବ ଏସିଆର କିଛି ଅଂଶ ସହିତ ଏକ ବୃହତ୍ ଏକୀକୃତ ଭାରତର ପରିକଳ୍ପନା। ଆଜିର ଆଫଗାନିସ୍ତାନ, ବାଂଲାଦେଶ, ପାକିସ୍ତାନ, ଭୁଟାନ, ମାଳଦ୍ୱୀପ, ମ୍ୟାନ୍‌ମାର, ନେପାଳ, ଶ୍ରୀଲଙ୍କା, ତିବ୍ବତ ଓ ଭାରତକୁ ଏକାଠି ମିଶାଇ ଯେଉଁ ଭୂଖଣ୍ଡ ହେବ ତାହା 'ଅଖଣ୍ଡ ଭାରତ'କୁ ବୁଝାଇବ।

ମନେରଖିବାକୁ ହେବ ଯେ, ଏହି ଅଖଣ୍ଡ ଭାରତ ମାନଚିତ୍ରକୁ ପ୍ରଥମେ ବ୍ରିଟିଶ ଶାସକ ସୃଷ୍ଟି କରିଥିଲେ। ଜଣେ ବ୍ୟକ୍ତି ଭାଇସ୍‌ରାଏ ପଦବୀରେ ରହି ଏହି ସମଗ୍ର ଅଞ୍ଚଳକୁ ଶାସନ କରୁଥିଲେ ବୋଲି ଏହାକୁ ଅଖଣ୍ଡ ଭାରତର ଆଖ୍ୟା ଦିଆଯାଉଛି। ବ୍ରିଟିଶ ଶାସନ ପୂର୍ବର ମୋଗଲ, ଆଫ୍‌ଗାନ କିମ୍ବା ହିନ୍ଦୁ ରାଜାମାନଙ୍କ ରାଜତ୍ୱ ଦେଖିଲେ ଏହି ବିରାଟକାୟ ଅଞ୍ଚଳ କେହି ଦଖଲ କରିପାରି ନ ଥିଲେ। ତେଣୁ ଅଖଣ୍ଡ ଭାରତର ମାନଚିତ୍ରକୁ କୌଣସି ଭାରତୀୟ ସୃଷ୍ଟି କରି ନ ଥିଲେ। ଭାରତର ସ୍ୱାଧୀନତା ଆନ୍ଦୋଳନ ବେଳେ ବିଶିଷ୍ଟ ଜନନାୟକ କେ.ଏମ୍. ମୁନ୍‌ସୀ 'ଅଖଣ୍ଡ ଭାରତ ବା ଅଖଣ୍ଡ ହିନ୍ଦୁସ୍ଥାନ' କଥା ଉଠାଇଥିଲେ। ଇଂଲିଶ୍‌ମାନଙ୍କୁ ତଡ଼ିବା ଲାଗି ସମ୍ଭବତଃ ସେହି ସମୟରେ ଏଭଳି ଏକ ଚିନ୍ତନ ଆସିଥିବ। ହେଲେ ଆଜିର ସ୍ଥିତିକୁ ଦେଖିଲେ ତାହା ଭାରତ ପାଇଁ ବୁମେରାଂ ହେବା ଥୟ। ବିଭାଜନକୁ ନେଇ ବହୁ ସମୟରେ ମହାତ୍ମା ଗାନ୍ଧୀ, କଂଗ୍ରେସ, ମହମ୍ମଦ ଅଲ୍ଲୀ ଜିନ୍ନା ଓ ଲର୍ଡ ମାଉଣ୍ଟବ୍ୟାଟେନଙ୍କୁ ଅନେକେ ଦାୟୀ କରିଆସୁଛନ୍ତି। କିନ୍ତୁ ଗଭୀରକୁ ଯାଇ ଚିନ୍ତା କରାଗଲେ ଅତୀତର ନିଷ୍ପତ୍ତି ଯାହା ହୋଇଯାଇଛି ତାହାକୁ ଗ୍ରହଣ କରାଯିବା ବୁଦ୍ଧିମାନର କାର୍ଯ୍ୟ। ଆଜିର ସ୍ଥିତିକୁ ଦେଖିଲେ ଏପରି ମନ୍ତବ୍ୟକୁ ଖୁଣି ହେବ ନାହିଁ। କାରଣ ପଡ଼ୋଶୀ ପାକିସ୍ତାନ ଅଲଗା ହୋଇଥିଲେ ମଧ୍ୟ ଭାରତ ସହ ଶତ୍ରୁତା ସୀମା ନିକଟରେ ବେଶି ଅନୁଭୂତ ହେଉଛି। ସାଥୀରେ ସେହି ମୁସଲମାନ ଜନସଂଖ୍ୟା ରହିଥିଲେ ଦେଶ ଭିତରେ ପ୍ରତି ମୁହୂର୍ତ୍ତରେ ଅରାଜକତା ସୃଷ୍ଟି ହୋଇଥାଆନ୍ତା। ଯଦି ପରିସଂଖ୍ୟାନକୁ ଦେଖିବା ଏବେ ଭାରତରେ ପ୍ରାୟ ୧୫୦ କୋଟି ଲୋକ ଅଛନ୍ତି ବୋଲି ଆକଳନ କରାଯାଇଛି। ଏମାନଙ୍କ ମଧ୍ୟରେ ମୁସଲମାନଙ୍କ ସଂଖ୍ୟା ୨୩ କୋଟି କୁହାଯାଉଛି। ପାକିସ୍ତାନରେ ୨୪ କୋଟିରୁ ଊର୍ଦ୍ଧ୍ୱ ମୁସଲମାନ ଅଛନ୍ତି। ସେହିପରି ବାଂଲାଦେଶରେ ଏମାନଙ୍କ ସଂଖ୍ୟା ୧୫ କୋଟିରୁ ଅଧିକ ଥିବା ବେଳେ ଆଫଗାନିସ୍ତାନରେ ୩ କୋଟି ୮୦ ଲକ୍ଷ, ମାଳଦ୍ୱୀପରେ ୩ ଲକ୍ଷ ୭୫ ହଜାର, ମ୍ୟାନମାରରେ ୧୪ ଲକ୍ଷ ରୋହିଙ୍ଗ୍ୟା, ନେପାଳରେ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ମୁସଲମାନ, ଶ୍ରୀଲଙ୍କାରେ ୧୯ ଲକ୍ଷରୁ ଅଧିକ ଓ ଭୁଟାନରେ ୨,୦୦୦ ମୁସଲମାନ ରହିଛନ୍ତି। ଭାରତର ମୁସଲମାନଙ୍କ ସହ ଉପରଲିଖିତ ଦେଶର ମୁସଲମାନଙ୍କ ସଂଖ୍ୟାକୁ ଏକତ୍ର କଲେ ପ୍ରାୟ ୬୬ କୋଟିରୁ ଅଧିକ ହେବେ। ଏମାନେ ସମସ୍ତେ ଭାରତରେ ରହିଲେ ସେମାନେ ସ୍ୱତନ୍ତ୍ର ଅଧିକାର ଦାବି କରି ସ୍ଥଳବିଶେଷରେ ଅରାଜକତା ସୃଷ୍ଟି କରିବା ବିଷୟକୁ ଏଡ଼ାଇ ଦିଆଯାଇ ନ ପାରେ। ଏଠାରେ ସବୁ ମୁସଲମାନଙ୍କ ସ୍ୱଭାବକୁ ନୁହେଁ, ବରଂ ସଂଖ୍ୟାତ୍ମକ ଦୃଷ୍ଟିକୁ ହିସାବକୁ ନେଲେ ଏପରି ଆଶଙ୍କା ଉପୁଜିବା ସ୍ୱାଭାବିକ। ସେହିସବୁ ଦେଶର ଅନ୍ୟାନ୍ୟ ଧର୍ମ ବା ସମ୍ପ୍ରଦାୟକୁ ମିଶାଇ ଦେଲେ ଅଖଣ୍ଡ ଭାରତର ଜନସଂଖ୍ୟା କାହିଁରେ କେତେ ବଢ଼ିଯିବ। ସେଥିପାଇଁ ଯେଉଁମାନେ ଗାନ୍ଧୀଙ୍କୁ 'ବିଭାଜନକାରୀ' ଭାବେ ଆଖ୍ୟା ଦେଉଛନ୍ତି ଓ ତାଙ୍କୁ ଗାଳି ଦେଲା ଭଳି କହୁଛନ୍ତି; କାରଣ ସେମାନଙ୍କର ଏହି ମୌଳିକ ଜ୍ଞାନର ଅଭାବ ରହିଛି। ଏହା ସତ୍ୟ ଯେ, ଭାରତର ବିଭାଜନରେ ଗାନ୍ଧୀଙ୍କ ସକ୍ରିୟ ଭୂମିକା ରହିଥିଲା। ତାଙ୍କୁ ସେଥିପାଇଁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ମଧ୍ୟ ଅର୍ପଣ କରିବା ଦରକାର। କାରଣ ତାଙ୍କ ଯୋଗୁ ଆଜି ଆମେ ଏକପ୍ରକାର ଶାନ୍ତିରେ ରହିପାରୁଛେ। ଗାନ୍ଧିଜୀ ଦେଶବାସୀଙ୍କ ନାଡ଼ି ଚିପି ଥିବାରୁ ଅଳ୍ପ ଅଶାନ୍ତିରେ ବିଭାଜନ ସମ୍ଭବ ହୋଇଥିଲା। କୁହାଯାଇଥାଏ-ଅଣ୍ଟିରେ ନିଆଁକୁ ଢାଙ୍କି ରଖିଲେ ତାହା ନିଜକୁ ଜାଳିଦିଏ। ବରଂ ଭଲ ସେହି ନିଆଁକୁ ଦୂରେଇ ଦେଇ ପ୍ରଶ୍ୱାସ ନେବା।

# ମାନବାଧିକାର, ଆମର ଦୈନନ୍ଦିନ ଆବଶ୍ୟକତା



ଡ. ସମୀର କୁମାର ନନ୍ଦ

ଆଜି ସାରା ବିଶ୍ୱରେ ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳନ ହେଉଛି। ଚଳିତ ବର୍ଷ ଜାତିସଂଘ ତରଫରୁ ଏହି ଦିବସ ପାଇଁ ସ୍ଲୋଗାନ ରହିଛି ''ମାନବାଧିକାର, ଆମର ଦୈନନ୍ଦିନ ଆବଶ୍ୟକତା''। ୧୯୪୮ ମସିହାର ଆଜିର ଦିନରେ ଜାତିସଂଘ ମହାସଭାରେ ମାନବାଧିକାର ଘୋଷଣାନାମାକୁ ପାରିତ କରାଯାଇଥିଲା। ଓଡ଼ିଶାରେ କାରାଗାର ପାଇଁ 'ପ୍ରତିଷ୍ଠା ଦିବସ' ପାଳନ କରିବାର ଧାରଣା ସାମ୍ପ୍ରତିକ ବର୍ଷଗୁଡ଼ିକରେ ପ୍ରଚଳିତ ହୋଇଥିଲା। ଅନ୍ତର୍ଜାତୀୟ ମାନବାଧିକାର ଦିବସ ସହିତ ସମନ୍ୱୟ ରଖିବା ପାଇଁ ୨୦୨୦ରୁ ଡିସେମ୍ବର ୧୦କୁ ବାଛି ନିଆଯାଇଥିଲା, ଏହିପରି କାରାଗାର ପ୍ରଶାସନକୁ ମାନବାଧିକାର ଆଲୋଚନା ସହିତ ଯୋଡିଥିଲା। ପ୍ରଥମ ପାଳନରେ, ରାଜ୍ୟ ସରକାର ଆନୁଷ୍ଠାନିକ ଭାବରେ ନିର୍ଦ୍ଦେଶ ଦେଇଥିଲେ ଯେ ଓଡ଼ିଶାର କାରାଗାର ଏବଂ ସଂଶୋଧନ ସେବା ପ୍ରତିବର୍ଷ ଏହି ଦିନକୁ ବିଶେଷ ଉତ୍ସବ, କାର୍ଯ୍ୟକ୍ରମ ଏବଂ ସ୍ୱୀକୃତି ସହିତ ପାଳନ କରିବେ। ମାନବାଧିକାର ଦିବସ ସହିତ ସମନ୍ୱୟ ରଖି, ରାଜ୍ୟ ଏକ ବାର୍ତ୍ତା ପଠାଏ ଯେ କଏଦୀମାନେ ଅଧିକାର ପରିସର ବାହାରେ ନୁହନ୍ତି ଏବଂ ମାନବିକ ବ୍ୟବହାର, ମର୍ଯ୍ୟାଦା ଏବଂ ପୁନର୍ବାସ ସଂଶୋଧନ ଦର୍ଶନର କେନ୍ଦ୍ରବିନ୍ଦୁ। କିନ୍ତୁ ଯେଉଁ ଗୁରୁତ୍ୱପୂର୍ଣ୍ଣ ମାନବାଧିକାର ରହିଛି ସେସବୁକୁ ଠିକ୍‌ଭାବରେ ଅବଲମ୍ବନ କରିବା ନିମନ୍ତେ ଆମ କାରାଗାରଗୁଡ଼ିକରେ ଉପଯୁକ୍ତ ଭିତ୍ତିଭୂମି ରହିଛି କି ନାହିଁ ତାକୁ ତର୍ଜମା କରିବାର ଆବଶ୍ୟକତା ରହିଛି।

ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ- ୨୦୨୫ର ସାମଗ୍ରିକ ର୍‍ୟାଙ୍କିଙ୍ଗ୍‌ରେ ଓଡ଼ିଶା ଅଷ୍ଟମ ସ୍ଥାନରେ ରହିଛି। ରାଜ୍ୟଗୁଡ଼ିକର ନ୍ୟାୟ ବିତରଣର ଚାରିଟି ଅଙ୍ଗ ପୋଲିସ, ଜେଲ, ନ୍ୟାୟପାଳିକା ଓ ଆଇନଗତ ସହାୟତାର ତର୍ଜମା କରାଯାଇ ଟାଟା ଟ୍ରଷ୍ଟ ସମେତ ୮ଟି ସଂସ୍ଥାର ମିଳିତ ପ୍ରୟାସରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ ଓଡ଼ିଶା ଜେଲ ର୍‍ୟାଙ୍କିଙ୍ଗ୍‌ରେ ଷଷ୍ଠ ସ୍ଥାନରେ ରହିଛି। ଓଡ଼ିଶାରେ ଜେଲଗୁଡ଼ିକରେ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟକ କଏଦୀ ରହିବା ମାମଲା ହ୍ରାସ ପାଇଥିବା, ଜେଲ ବଜେଟରେ ୩୦% ବୃଦ୍ଧି ଓ ୯୦% ଉପଯୋଗ କରାଯାଇଥିବା ଉଲ୍ଲେଖ କରାଯାଇଛି। ରାଜ୍ୟରେ ଥିବା ୮୭ଟି ଜେଲର ମୁଖ୍ୟ ସମସ୍ୟା ହେଉଛି ୪୦% ଖାଲି ଥିବା ୱାର୍ଡନ ପଦବୀ ସମେତ ଅନ୍ୟାନ୍ୟ ପଦବୀ। ଉକ୍ତ ପଦବୀଗୁଡ଼ିକରେ ସେନାର ଅବସରପ୍ରାପ୍ତ ଯବାନମାନଙ୍କୁ ନିଯୁକ୍ତି ଦେବାର ପ୍ରସ୍ତାବ କାର୍ଯ୍ୟକାରୀ ହୋଇ ନ ପାରିବାରୁ ବର୍ତ୍ତମାନ ଉକ୍ତ ୬୦୦ ପଦବୀ ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଗୃହରକ୍ଷୀମାନଙ୍କୁ ଦାୟିତ୍ୱ ଦେବାପାଇଁ ଯୋଜନା ଚାଲିଛି। ହେଲେ ଗୃହରକ୍ଷୀମାନଙ୍କ ପରି ଅନଭିଜ୍ଞ କର୍ମଚାରୀଙ୍କ ହାତରେ ଜେଲଗୁଡିକ କେତେ ସୁରକ୍ଷିତ ରହିବ ତାହା ସମୟ କହିବ। ଗତ ୯ବର୍ଷରେ ଜେଲ ପାଚେରି

## ବିଶ୍ୱ ମାନବ ଅଧିକାର ଦିବସ ଉପଲକ୍ଷେ



ଡେଇଁ ୬୭ ଜଣ କଏଦୀ ଫେରାର ହୋଇଯିବା ଏକ ଚିନ୍ତାଜନକ ଘଟଣା ହୋଇଛି। ରାଜ୍ୟରେ ୧୯୭୬ରୁ ଏହି ପାଚେରିଡିଆଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ଜେଲ ବିଭାଗ ଆସନ୍ତା ୫୦ ବର୍ଷକୁ ଦୃଷ୍ଟିରେ ରଖି କଏଦୀଙ୍କ ସଂଖ୍ୟା ବୃଦ୍ଧି ସମସ୍ୟାକୁ ଏଡ଼ାଇବା ପାଇଁ ଅତ୍ୟାଧୁନିକ ଜେଲ ନିର୍ମାଣ କରିବାକୁ ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛି। ଏଥିପାଇଁ ୧୩ଟି ଜେଲକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ହୋଇଥିଲାବେଳେ ୬ଟି ଜେଲ ପାଇଁ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି, ଭୁବନେଶ୍ୱର ସ୍ୱତନ୍ତ୍ର କାରାଗାରକୁ ଜାମୁଝରୀକୁ ଓ ବାରିପଦା,ସୁନ୍ଦରଗଡ଼ ଓ କେନ୍ଦୁଝର ଜେଲ ପାଇଁ ଜମି ସ୍ଥିର ହୋଇସାରିଛି। ଜେଲ ପାଚେରି ଡେଇଁ ଭିତରକୁ ଆସୁଥିବା ନିଶା ସାମଗ୍ରୀକୁ ପ୍ରତିହତ କରିବା ପାଇଁ ଚୌଦ୍ୱାର, କୋରାପୁଟ, ସମ୍ବଲପୁର, ବ୍ରହ୍ମପୁର ଓ ଖାରପଡ଼ା ଜେଲରେ ଡ୍ରୋନ୍ କ୍ୟାମେରା ଉଡ଼େଇବାର ବ୍ୟବସ୍ଥା କରାଯିବାର ପ୍ରସ୍ତାବ ରହିଛି। କିନ୍ତୁ ଏସବୁ ଯୋଜନା କାର୍ଯ୍ୟକାରୀ ହେବକି କେବଳ ପ୍ରସ୍ତାବରେ ରହିଯିବ ସେକଥା ବିଚାର ସାପେକ୍ଷ।

ଯଦିଓ, ବ୍ରିଟେନ୍ ଟିମ୍‌ର ତିହାର ଜେଲ ପରିଦର୍ଶନ ସମୟରେ ଜୁଲାଇରେ ଜେଲ ବ୍ୟବସ୍ଥାକୁ ଭଲ ଓ ଅନ୍ତର୍ଜାତୀୟ ମାନଦଣ୍ଡର ନିକଟତର ବୋଲି ପ୍ରକାଶ କରିଛନ୍ତି,ହେଲେ ମଧ୍ୟ, ଦେଶର ବିଭିନ୍ନ ଜେଲରେ ବନ୍ଦୀ ଥିବା ପ୍ରାୟ ୪.୫ ଲକ୍ଷ ବିଚାରାଧୀନ କଏଦୀଙ୍କ ଭୋଟ ଅଧିକାରକୁ ସ୍ୱୀକୃତି ଦେବା ପାଇଁ ଏକ ଜନସ୍ୱାର୍ଥ ମାମଲା ଉପରେ ୨୪ ଅକ୍ଟୋବରରେ ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଓ ନିର୍ବାଚନ ଆୟୋଗଙ୍କୁ ଜବାବ ମାଗିଛନ୍ତି। କୋର୍ଟଙ୍କ ଅନୁସାରେ ଜନପ୍ରତିନିଧି ଆଇନ ୧୯୫୧ର ଧାରା ୬୨(୫)ଅନୁଯାୟୀ ଲାଗୁ ହୋଇଥିବା ବର୍ତ୍ତମାନର ନିଷେଧାଦେଶ ସାମ୍ବିଧାନିକ ଗ୍ୟାରେଣ୍ଟି ଓ ଅନ୍ତର୍ଜାତୀୟ ଗଣତନ୍ତ୍ର ନିୟମର ଉଲ୍ଲଂଘନ କରୁଛି। ତା'ସହିତ ଜେଲଗୁଡ଼ିକରେ ଭିନ୍ନକ୍ଷମ ସମେତ କଏଦୀଙ୍କୁ ନିଜ ପସନ୍ଦର ଖାଦ୍ୟ ନ ମିଳିବା ମୌଳିକ ଅଧିକାରର ଉଲ୍ଲଂଘନ ନୁହେଁ ବୋଲି ସୁପ୍ରିମକୋର୍ଟ ପ୍ରକାଶ କରିଛନ୍ତି। ସମ୍ବିଧାନର ଧାରା-୨୧ ଅନୁଯାୟୀ ଜୀବନର ଅଧିକାର ସମସ୍ତ କଏଦୀଙ୍କ ପାଇଁ ରହିଛି, କିନ୍ତୁ ଏହି ଆଇନ ବ୍ୟକ୍ତିଗତ କିମ୍ବା ବିଳାସପୂର୍ଣ୍ଣ ଖାଦ୍ୟ ପସନ୍ଦ ଦାବି କରିବାର ଅଧିକାର ଦେଇନାହିଁ। ଜେଲଗୁଡିକ ସୁଧାର ଗୃହ ବୋଲି କୁହାଯାଇଛି, ନାଗରିକ ସମାଜର ସୁବିଧାର ସମ୍ପ୍ରସାରଣ ନୁହେଁ। ଜେଲଗୁଡିକ ପ୍ରାୟତଃ ଐତିହାସିକ ଭାବରେ କଠୋର ଶୃଙ୍ଖଳା, କଠୋର ପରିସ୍ଥିତି ଓ ସର୍ବନିମ୍ନ ସ୍ୱାଧୀନତା ପାଇଁ ଡିଜାଇନ କରାଯାଇଛି। ଯଦିଓ ଆଧୁନିକ ନୀତି ପ୍ରତିଶୋଧ ଅପେକ୍ଷା ଅନ୍ୟମାନଙ୍କୁ ସମର୍ଥନ କରେ, କିନ୍ତୁ ଭାରତରେ ବର୍ତ୍ତମାନର ଜେଲ ଭିତ୍ତିଭୂମି ଓ ପରିଚାଳନା ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ଚୌଦ୍ୱାର ଜେଲର ଅଘଟଣ ପରେ ସରକାର ଜେଲ ପ୍ରଶାସନକୁ କଡ଼ାକଡ଼ି କରିବା ପାଇଁ ବିଭିନ୍ନ ସମୟରେ ଡିଆଇଜି ଓ ଏସ୍‌ପିମାନେ ଜେଲକୁ ଅକସ୍ମାତ୍ ପରିଦର୍ଶନରେ ଯିବା ଓ ଲ୍ୟାଣ୍ଡଲାଇନ ଫୋନରେ ଅଧିକାରୀମାନଙ୍କୁ ଫୋନ କରି ସେମାନଙ୍କ ଅବସ୍ଥିତିକୁ ଯାଞ୍ଚ କରିବା ପାଇଁ ଚିନ୍ତା କରୁଛନ୍ତି। ଅବ୍ୟବସ୍ଥିତ ଓ ଅସୁରକ୍ଷିତ କାରାଗାର ଗଣତନ୍ତ୍ର, ନ୍ୟାୟତନ୍ତ୍ର ଓ ମାନବାଧିକାର ପାଇଁ ଏକ ବଡ଼ ଆହ୍ୱାନ। ତେଣୁକରି, ଦେଶର ବିଭିନ୍ନ ଜେଲରେ ଥିବା ବିଚାରାଧୀନ ବନ୍ଦୀଙ୍କ ସଂଖ୍ୟା ହ୍ରାସ କରିବା ନିମନ୍ତେ ଅଜିମ ପ୍ରେମ୍‌ଜୀ ଫାଉଣ୍ଡେଶନ ତରଫରୁ ୨୦୨୪ରୁ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା କଟକ ମିଳିତ ସହଭାଗିତାରେ ଏକ କାରାଗାର ପକ୍ଷପୋଷଣ ପ୍ରକଳ୍ପ ସ୍ଥାପନ କରି ମଣ୍ଡଳ କାରାଗାର ଚୌଦ୍ୱାର, ସ୍ୱତନ୍ତ୍ର କାରାଗାର ଭୁବନେଶ୍ୱର, ଜିଲ୍ଲା କାରାଗାର ଖୋର୍ଦ୍ଧା ଓ ଉପକାରାଗାର ବାଙ୍କୀରେ ଅବସ୍ଥିତ ବିଚାରାଧୀନ ବନ୍ଦୀଙ୍କୁ ନିଃଶୁଳ୍କ ଆଇନ ସେବା ପ୍ରଦାନ କରିବା ସହିତ ଜାମିନ କରାଇବା ପାଇଁ ଅଣ୍ଟା ଭିଡିଛି। ଏହି କାର୍ଯ୍ୟକ୍ରମ ଯୋଜନାରେ ଉକ୍ତ ପ୍ରକଳ୍ପ ସମ୍ପୃକ୍ତ ଜେଲଗୁଡିକରେ ଥିବା ବନ୍ଦୀଙ୍କୁ ଜାମିନ ପ୍ରଦାନ କରିବାରେ ସଫଳତା ହାସଲ କରିବା ସହ ମାସିକ ଗୋଟିଏ ଲେଖାଏ ଆଇନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରି ଜେଲ ଅନ୍ତେବାସୀଙ୍କୁ ବିଭିନ୍ନ ବିଷୟରେ ସଚେତନ କରିବାରେ ସଫଳତା ହାସଲ କରିଛି। ଏହା ଏକ ପାଇଲଟ୍ ପ୍ରକଳ୍ପ ଭାବରେ କାର୍ଯ୍ୟ କରୁଛି।

ଜେଲଗୁଡ଼ିକରେ ଥିବା ଅଧିକାଂଶ ବନ୍ଦୀ ପୋକ୍‌ସୋ ଆଇନର ବିଭିନ୍ନ ଦଫାରେ ଗିରଫ ହୋଇ ରହିଛନ୍ତି। ସେମାନେ ଏହି ଆଇନ, ନାବାଳିକାମାନଙ୍କ ସହିତ ଶାରୀରିକ ସମ୍ପର୍କ ଓ ବିବାହର ପରିଣାମ ସମ୍ପର୍କରେ ଅନଭିଜ୍ଞ ବୋଲି ମତବ୍ୟକ୍ତ କରନ୍ତି। ତେଣୁ ଏହି ଆଇନ ଉପରେ ନିୟମିତ ଭାବରେ ଯଦି ସଚେତନତା କାର୍ଯ୍ୟକ୍ରମ କରାଯିବ ତେବେ ବାଲ୍ୟବିବାହ, ନାବାଳିକାଙ୍କ ସହିତ ଯୌନ ସମ୍ପର୍କ ମାମଲା ହ୍ରାସ ପାଇବ ବୋଲି ବିଶ୍ୱାସ। ମାନବାଧିକାର ଆୟୋଗଙ୍କ ହସ୍ତକ୍ଷେପ ପରେ କାରାଗାରଗୁଡ଼ିକ ବର୍ତ୍ତମାନ କେବଳ ବନ୍ଦୀଗୃହ ନ ହୋଇ ସଂସ୍କାର କେନ୍ଦ୍ର ପାଲଟିଛି। କିନ୍ତୁ ପ୍ରଶାସନିକ ସଂସ୍କାର ନ ହେବାରୁ କାରାଗାରଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମିର ଅଭାବ ଦୃଷ୍ଟିଗୋଚର ହେଉଛି। ଦୁର୍ବଳ ଭିତ୍ତିଭୂମି କେବେହେଲେ ମାନବାଧିକାରକୁ ଦୈନନ୍ଦିନ ଅବଶ୍ୟକତା ଭାବରେ ବନ୍ଦୀମାନଙ୍କୁ ପ୍ରଦାନ କରିପାରିବ ନାହିଁ, ଏକଥା ସ୍ୱୀକାରଯୋଗ୍ୟ।

ମୋ: ୯୪୩୭୨୧୮୯୧୭

# ଦରମା ଦେଇପାରୁନି ଆମେରିକା



ଲଳିତେନ୍ଦୁ ପଲାଉରୀ

ବିଶ୍ୱର ବିକଶିତ ଦେଶ ଆମେରିକାରେ ଅଚଳାବସ୍ଥା। ୧୪ ଲକ୍ଷରୁ ଅଧିକ ଫେଡେରାଲ କର୍ମଚାରୀଙ୍କୁ ବେତନ ନ ମିଳିବା , ୪୧ ଲକ୍ଷ ନିମ୍ନ ଆୟକାରୀ ଆମେରିକୀୟଙ୍କ ପାଇଁ ଖାଦ୍ୟ ସୁରକ୍ଷା ଯୋଜନା ବିଫଳ ହେବା, ଅଧିକାଂଶ କର୍ମଚାରୀ ଛଟେଇ ହେବା, ଦରମା ନ ପାଇ କର୍ମଚାରୀମାନେ ସାମୂହିକ ଛୁଟିରେ ରହିବା, କିଛି କର୍ମଚାରୀ ବିନା ଦରମାରେ କାମ କରିବା ଭଳି ସ୍ଥିତି ଚଳିତବର୍ଷ ଅକ୍ଟୋବର ୧ରୁ ନଭେମ୍ବର ୧୨ ପାଖାପାଖି ୪୨ଦିନ ଆମେରିକାରେ ଦେଖା ଦେଇଥିଲା। ଆମେରିକା ଇତିହାସରେ ଏଭଳି ଦୀର୍ଘ ଦିନର ଅଚଳାବସ୍ଥା ପ୍ରଥମ ଥର ଦେଖିବାକୁ ମିଳିଥିଲା। ଏହି ଅଚଳାବସ୍ଥାକୁ ଆମେରିକାର ସଂଘୀୟ ସରକାର ବ୍ୟବସ୍ଥାର ସବୁଠୁ ଦୀର୍ଘକାଳୀନ ଶଟ୍‌ଡାଉନ ବୋଲି କୁହାଯାଉଛି। କାରଣ ଥିଲା ଆମେରିକା କଂଗ୍ରେସରେ ବ୍ୟୟ ମଞ୍ଜୁରୀ ବିଲ୍ ପାସ ହୋଇ ପାରିନଥିଲା। ଆମେରିକାର ନୂଆ ଆର୍ଥିକ ବର୍ଷ ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ବେଳେ ଫେଡେରାଲ ସରକାର ଓ ସିନେଟ ମଧ୍ୟରେ ବିବାଦ ଏବଂ ତାଳମେଳ ଅଭାବ ଏଭଳି ସ୍ଥିତି ସୃଷ୍ଟି କରିଥିଲା। ସିନେଟର ଡେମୋକ୍ରାଟ ସାଂସଦମାନେ ସରକାରଙ୍କ ଖର୍ଚ୍ଚଦାବି ବିଲ୍‌କୁ ସମର୍ଥନ କରିନଥିଲେ। ତେଣୁ ବିଲ୍ ପାସ୍‌ରେ ସରକାରଙ୍କୁ ବାଧା ଉପୁଜିଥିଲା।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ଶାସନରେ ସିନେଟ୍‌ରେ ତାଙ୍କ ଦଳ ରିପବ୍ଲିକାନଙ୍କ ସଂଖ୍ୟା କମ୍। ତେଣୁ ଆମେରିକାର ପ୍ରତିନିଧି ସଭାରେ ବିଲ୍ ସହଜରେ ପାସ୍ ହେଉଥିବା ବେଳେ ଏହା ସିନେଟରେ ଅଟକି ରହୁଛି। ବ୍ୟୟ ମଞ୍ଜୁରୀ ବିଲ୍‌ରେ ଅସାମଞ୍ଜସ୍ୟ ଦର୍ଶାଇ ୧୪ଥର ସିନେଟ୍‌ର ବିରୋଧୀ ସଦସ୍ୟମାନେ ବିଲ୍‌କୁ ଖାରଜ କରି ଦେଇଥିଲେ। ଟ୍ରମ୍ପ ପ୍ରଶାସନ ସାଧାରଣତଃ ଆମେରିକୀୟଙ୍କ ସ୍ୱାସ୍ଥ୍ୟ, ଦେଶରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ବିଫଳ ଓ ଜରୁରୀ କ୍ଷେତ୍ରରେ ଅଧିକ ବ୍ୟୟ ବରାଦ କରିନଥିବାରୁ ବିଲ୍‌ଗୁଡ଼ିକୁ ବାରମ୍ବାର ସିନେଟର ବିରୋଧୀ ସଦସ୍ୟମାନେ ପାସ୍ କରାଇ ଦେଉନଥିଲେ। ଡେମୋକ୍ରାଟ୍ ସାଂସଦଙ୍କ ଅସହମତ କାରଣରୁ କୌଣସି ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରୁନଥିଲା। ବିଭିନ୍ନ ବିଭାଗଗୁଡ଼ିକ ପାଇଁ ଅର୍ଥ ବରାଦ ଅଟକି ଥିଲା। ଏଭଳି ଅଚଳାବସ୍ଥା ଆମେରିକାର ଶାସନ ନେତୃତ୍ୱ ପ୍ରତି ମଧ୍ୟ ବିରୋଧାଭାଷର ଏକ ସଂକେତ। କେତେକ ଅତ୍ୟାବଶ୍ୟକ ସେବାକୁ ଛାଡ଼ିଦେଲେ ଅନ୍ୟ ସବୁ ବିଭାଗ ଅର୍ଥ ଅଭାବରୁ ପ୍ରଭାବିତ ହୋଇଥିଲେ। ଫେଡେରାଲ ଏଭିଏସନ୍ ଏଜେନ୍ସି ପ୍ରତିଦିନ ହଜାର ହଜାର ବିମାନ ଉଡ଼ାଣ ବାତିଲ କରିବାକୁ ବାଧ ହୋଇଥିଲା। ତଥ୍ୟ କହୁଛି ଚଳିତ ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ପାଖାପାଖି ୩୫ ଲକ୍ଷ ବିମାନଯାତ୍ରୀ ଏହି ଅଚଳାବସ୍ଥା ଦ୍ୱାରା ପ୍ରଭାବିତ ହୋଇଥିଲେ। ଏହି ଅଚଳାବସ୍ଥାକୁ ଆମେରିକା ଇତିହାସରେ ୨୧ତମ ବ୍ୟୟବରାଦ



ବିଲ୍ ଅଚଳାବସ୍ଥା ବୋଲି ବିବେଚନା କରାଯାଇଛି। ଏହାସହ ଆମେରିକା ଫେଡେରାଲ ଇତିହାସରେ ଏହା ୧୧ତମ ସରକାରୀ ଅଚଳାବସ୍ଥା ଥିଲା। ୨୦୧୮ ଡିସେମ୍ବରରୁ ୨୦୧୯ ଜାନୁଆରୀ ଯାଏ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ ପାଳି ସରକାରରେ ମଧ୍ୟ ଏମିତି ଅଚଳାବସ୍ଥା ଉପୁଜିଥିଲା। ସେତେବେଳେ ୩୪ଦିନ ପାଇଁ ଆମେରିକାରେ ଶଟ୍‌ଡାଉନ ସ୍ଥିତି ଉପୁଜିଥିଲା। ପୂର୍ବରୁ ୨୦୧୩ରେ ୧୬ଦିନ ଓ ୧୯୯୫ରେ ବିଲ୍ କ୍ଲିଣ୍ଟନ୍‌ଙ୍କ ରାଷ୍ଟ୍ରପତିତ୍ୱ ସମୟ ମଧ୍ୟରେ ୨୧ଦିନ ପାଇଁ ଆମେରିକାରେ ଶର୍ଟଡାଉନ ଦେଖିବାକୁ ମିଳିଥିଲା। ତେବେ ବର୍ତ୍ତମାନ ଆମେରିକାରେ ସ୍ଥିତି ସ୍ୱାଭାବିକ ହୋଇଛି। ଦୁଇ ସପ୍ତାହ ଧରି ଆଲୋଚନା ପର୍ଯ୍ୟାଲୋଚନା ପରେ ଆମେରିକାରେ ଶଟ୍‌ଡାଉନରେ ବିରାମ ଲାଗିଛି। ଡେମୋକ୍ରାଟ୍ ସାଂସଦଙ୍କ ଏକ ଗୋଷ୍ଠୀ ରିପବ୍ଲିକାନ୍‌ଙ୍କ ସହ କିଛି ମାତ୍ରାରେ ସହମତ ପରେ ସ୍ଥିତି ସୁଧୁରିଥିଲା। ୨୦୨୬ ଆର୍ଥିକବର୍ଷ ପାଇଁ ବଜେଟ ପାସ୍ ଜରୁରୀ ଭାବି ଡେମୋକ୍ରାଟ୍‌ମାନେ ଶେଷରେ ଫେଡେରାଲ ସରକାରଙ୍କୁ ସମର୍ଥନ କରିଥିଲେ। ବର୍ତ୍ତମାନ ଫେଡେରାଲ ସରକାର ସିନେଟ୍‌ରେ କୌଣସି ବିଲ୍ ପାସ କରିବାକୁ ଅତିକମ୍‌ରେ ୬୦ଟି ଭୋଟ ଆବଶ୍ୟକ କରୁଛି। ରିପବ୍ଲିକାନ୍‌ଙ୍କ ହାତରେ ରହିଛି ୫୩, ଆଉ ଡେମୋକ୍ରାଟ୍‌ଙ୍କ ହାତରେ ୪୭ଖଣ୍ଡ ଭୋଟ। ତେଣୁ ପ୍ରତି ବିଲ୍ ପାସ ପାଇଁ ଡେମୋକ୍ରାଟ୍‌ଙ୍କ ୮ଖଣ୍ଡ ଭୋଟ ଜରୁରୀ। ବର୍ତ୍ତମାନ ପାଇଁ ବ୍ୟୟ ମଞ୍ଜୁରୀ ବିଲ୍ ରିପବ୍ଲିକାନ୍ ଦଳ ସହ ୮ ଡେମୋକ୍ରାଟ୍‌ଙ୍କ ସମର୍ଥନ ପାଇବା ପରେ ୪୨ ଦିନର ଅଚଳାବସ୍ଥା ଦୂର ହୋଇଛି ସତ, କିନ୍ତୁ ଆଗକୁ ମଧ୍ୟ ଏଭଳି ଅଚଳାବସ୍ଥା ଆସିପାରେ।

ଆମେରିକାରେ ଏଭଳି ଶଟ୍‌ଡାଉନ ସ୍ଥିତି ବେଶ ପୁରୁଣା, କିନ୍ତୁ ଏତେଦିନ କେବେ ହୋଇନଥିଲା। ଅଚଳାବସ୍ଥା ଭିତରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିନ୍ତୁ ଏହାର ସ୍ଥାୟୀ ସମାଧାନ କଥା ନ ଉଠାଇ ବିଶ୍ୱରେ ଆମେରିକା ଲାଗୁ କରିଥିବା ଉଚ୍ଚ ଟାରିଫ୍ ଅନେକ କୋଟି ଡଲାର ରାଜସ୍ୱ ସୃଷ୍ଟି କରିବ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। ଧନୀ ଆମେରିକୀୟଙ୍କୁ ଛାଡ଼ି ନିମ୍ନ ଓ ମଧ୍ୟମ ବର୍ଗ ଆମେରିକୀୟଙ୍କୁ ସର୍ବାଧିକ ୨ ହଜାର ଡଲାରର ଲାଭାଂଶ ଦେବେ ବୋଲି କହିଥିଲେ ଟ୍ରମ୍ପ। ଆମେରିକା ଟାରିଫ୍‌କୁ ସମାଲୋଚନା କରୁଥିବା ବ୍ୟକ୍ତିଙ୍କୁ ଟ୍ରମ୍ପ ମୂର୍ଖ ବୋଲି କହିଥିଲେ। ତେବେ ବିଶ୍ୱର ସର୍ବଶକ୍ତିମାନ୍ ଆମେରିକାରେ କେବଳ ଚଳିତବର୍ଷ ବ୍ୟୟ ମଞ୍ଜୁରୀ ବିଲ୍‌କୁ ନେଇ ଗୋଟିଏ ମାତ୍ର ଅଚଳାବସ୍ଥା ନୁହେଁ, ଦିନକୁ ଦିନ ବିଶ୍ୱ ମାନଚିତ୍ରରେ ଆମେରିକାର ନୀତି ନୈତିକତାକୁ ସମାଲୋଚନା କରାଯାଉଛି। ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକାରେ ସାଧାରଣ ନାଗରିକ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଟ୍ରମ୍ପ ଓ ରିପବ୍ଲିକାନ୍‌ଙ୍କ ବିରୋଧରେ ପ୍ରତିଫଳନ ହେଉଛି ନଭେମ୍ବର ୪ରେ ନ୍ୟୁୟର୍କ ମେୟର ନିର୍ବାଚନରେ ଡେମୋକ୍ରାଟ୍ ପ୍ରାର୍ଥୀ ଜୋହରାନ ମାମଦାନି ରିପବ୍ଲିକାନ୍ କୁର୍ତ୍ତିସ ସ୍ଲିୱାଙ୍କୁ ପରାସ୍ତ କରି ଟ୍ରମ୍ପ ପ୍ରଶାସନ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି। ବିଶ୍ୱରେ ଯୁଦ୍ଧ ବନ୍ଦ ପାଇଁ ଟ୍ରମ୍ପ ବିଫଳ ହୋଇଛନ୍ତି। ଆମେରିକାର ଟ୍ରମ୍ପ ପ୍ରଶାସନ ତା'ର କଠୋର ଟାରିଫ୍ ନୀତି ପାଇଁ ନିନ୍ଦିତ ହେଉଥିବା ବେଳେ ବିଶ୍ୱରେ ଆମେରିକା ଦ୍ରବ୍ୟର ଗ୍ରହଣୀୟତା ମଧ୍ୟ କମିଛି। ଏହାସହ ଆମେରିକା ଡଲାରର ବିକଳ୍ପ ସୃଷ୍ଟି ପାଇଁ ବିଶ୍ୱ ଏକଜୁଟ ହେବା ଆମେରିକାକୁ ଚିନ୍ତାରେ ପକାଇଛି।

ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୯୭୦୩୬

## ଏଇ ଭାରତରେ

ଆଧୁନିକ ପ୍ରଣାଳୀ ଚାଷରେ ମାଟି ପରୀକ୍ଷାର ଗୁରୁତ୍ୱ ରହିଛି କାରଣ କେଉଁ ମାଟିରେ କି ଫସଲ କଲେ ଉତ୍ପାଦନ ଅଧିକ ହେବ, ତାହା ଏଥିରୁ ଜଣାପଡ଼ିଥାଏ। କିନ୍ତୁ ଏଥିପାଇଁ ଭାରତରେ ବ୍ୟାପକ ସୁଯୋଗ ନ ଥିବାରୁ କୃଷକମାନେ ତାହା କରିପାରୁନାହାନ୍ତି। ତେବେ ଏଭଳି ସମସ୍ୟା ଦୂର କରିଛନ୍ତି ଆଇଆଇଟି, ବମ୍ବେର ବୈଜ୍ଞାନିକ ଡ. ରଜୁଲ ପାଟକର। ଡ. ପାଟକର ହେଉଛନ୍ତି ପ୍ରକ୍ସିମାଲ ସଏଲସେନ୍ସ ଟେକ୍ନୋଲୋଜିର ସହ ପ୍ରତିଷ୍ଠାତା ଓ ସିଇଓ। ସେ ବିଶ୍ୱର ସବୁଠୁ ଛୋଟ 'ନ୍ୟୁଟ୍ରିସେନ୍ସ' ନାମକ ମାଟି ପରୀକ୍ଷା ଉପକରଣ ବିକାଶ କରିଛନ୍ତି। ଏଥିରେ ସହଜରେ, କମ୍ ସମୟରେ ଏବଂ ଶସ୍ତାରେ ମାଟି ପରୀକ୍ଷା କରାଯାଇପାରୁଛି। ନ୍ୟୁଟ୍ରିସେନ୍ସରେ ଥିବା କାଗଜ ଆଧାରିତ ସେନ୍‌ସରରେ ମାଟିର ୬ଟି ଗୁରୁତ୍ୱପୂର୍ଣ୍ଣ ମାନକ ପରୀକ୍ଷା କରାଯାଉଛି। ନ୍ୟୁଟ୍ରିସେନ୍ସ ୧ ଗ୍ରାମ ମାଟିକୁ ୫ ମିନିଟରୁ କମ୍ ସମୟ ମଧ୍ୟରେ ପରୀକ୍ଷା କରିଦେଇପାରୁଛି। ଫଳରେ କମ୍ ରାସାୟନିକ ସାରରେ ଅଧିକ ଉତ୍ପାଦନ ସମ୍ଭବ ହେଉଛି। ଏବେସୁଦ୍ଧା ଆସାମ, ପଞ୍ଜାବ, ତେଲଙ୍ଗାନା, ଗୁଜରାଟ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଆଦି ରାଜ୍ୟର ୧୦,୦୦୦ରୁ ୧୫,୦୦୦ କୃଷକ ଉପକୃତ ହୋଇସାରିଲେଣି। ଡ. ପାଟକର ନ୍ୟୁଟ୍ରିସେନ୍ସକୁ ସବୁ ରାଜ୍ୟର କୃଷକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ରଖିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ଡିସେମ୍ବର ୧୯୭୬

- ସୁପରିଚିତ ହିନ୍ଦୀ ଲେଖକ ସ୍ୱର୍ଗତ ମୁନ୍‌ସି ପ୍ରେମଚନ୍ଦ୍ରଙ୍କର ବିଧବା ପତ୍ନୀ ଶିବରାଣୀ ଦେବୀଙ୍କ ପରଲୋକ।
- ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଦେଶର ୭୭ ଜଣ ହରିଜନ ଓ ଆଦିବାସୀ ପ୍ରାର୍ଥୀଙ୍କୁ ଜୁନିୟର ଗବେଷଣା ଛାତ୍ରବୃତ୍ତି ଦେବା ଲାଗି ମନୋନୀତ କରିଛନ୍ତି।

## ଚିରନ୍ତନୀ

ବିରହ ମିଳନ ଶୁଭଇ ଛଳନା ସମ
ତଥାପି ତୋ ରୂପେ ଲୋଲୁପ ପରାଣ ମମ
ତଥାପି ରସନା ଡାକିବାକୁ ଖୋଜେ ତୋତେ
''ଜୀବନ ଦୋସର ପରାଣର ପ୍ରିୟତମ।''
-(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | | | | |
| | | 5 | | 1 | 3 | 2 | | |
| | | 1 | | | | | 4 | |
| | 1 | 7 | | | | | 3 | |
| 4 | 8 | | 2 | | 5 | | | |
| | | 2 | | | 6 | | | |
| | 6 | 3 | | 4 | | | | |
| | | | | | | 9 | | |
| | | | 6 | | 9 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 7 | 8 | 1 | 4 | 6 | 2 | 3 |
| 8 | 3 | 6 | 7 | 9 | 2 | 4 | 5 | 1 |
| 2 | 4 | 1 | 5 | 3 | 6 | 8 | 7 | 9 |
| 4 | 2 | 9 | 1 | 8 | 7 | 5 | 3 | 6 |
| 3 | 7 | 8 | 2 | 6 | 5 | 9 | 1 | 4 |
| 6 | 1 | 5 | 3 | 4 | 9 | 7 | 8 | 2 |
| 5 | 9 | 3 | 6 | 2 | 8 | 1 | 4 | 7 |
| 1 | 8 | 4 | 9 | 7 | 3 | 2 | 6 | 5 |
| 7 | 6 | 2 | 4 | 5 | 1 | 3 | 9 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅପ୍ରୀତିକର ପରିସ୍ଥିତି ନ ଘଟୁ

ମହାଶୟ,

ନିକଟରେ କଲମ୍ବୋରେ ଅନୁଷ୍ଠିତ ଦୃଷ୍ଟିବାଧିତ ମହିଳା ଟି-୨୦ କ୍ରିକେଟ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳରେ ସାମିଲ ଓଡ଼ିଶାର ୪ ଖେଳାଳି ଫୁଲ, ପାର୍ବତୀ, ଯମୁନା ଓ ବାସନ୍ତୀଙ୍କୁ ପ୍ରଥମେ ରାହୁଲ ଗାନ୍ଧୀ ତା'ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶେଷରେ ମୋହନ ଚରଣ ମାଝୀ ଭେଟିଛନ୍ତି। ଭାରତ ବର୍ଷରେ କ୍ରିକେଟର ଚମକ ଅନ୍ୟ ଖେଳଠୁ ବହୁତ ଆଗରେ। ବିଗତ ଏସିଆ କପ୍‌ରେ ଭାରତ ଚାମ୍ପିୟନ ହୋଇଥିବା ବେଳେ ଭାରତ ପାକିସ୍ତାନ ୩ ଥର ପରସ୍ପରକୁ ଭେଟିଥିଲେ। ଆଇସିସି କ୍ରିକେଟକୁ ଅଧିକ ରୋଚକ କରିବା ଉଦ୍ଦେଶ୍ୟରେ ଭାରତ ଓ ପାକିସ୍ତାନକୁ ଗୋଟିଏ ଗ୍ରୁପରେ ରଖିଛି। ଏସିଆ କପ୍ ଟ୍ରଫି ପ୍ରଦାନ ସମୟରେ ଘଟିଥିବା ଅପ୍ରୀତିକର ପରିସ୍ଥିତି ଆଗକୁ ଯେଭଳି ନ ଘଟେ ଆଇସିସି ସୁନିଶ୍ଚିତ କରିବା ଦରକାର। ଭାରତ ହକିଦଳର ମହିଳା ଓ ପୁରୁଷ ଖେଳାଳି ଇଂଲିଶରେ ଓଡ଼ିଶା ଲେଖାଥିବା ଜର୍ସି ପିନ୍ଧୁଛନ୍ତି। ଓଡ଼ିଶା ଟୁରିଜମ୍ ଲେଖାଗଲେ ଭଲ ହୁଅନ୍ତା।

–ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସ୍ୱରୂପ


@ ଅକ୍ଷୟ


@ ପ୍ରଦୀପ


@ ଏ.ଡି.ପୁରୀ


@ ତୃପ୍ତିମୟୀ


@ ମାନସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଦୁର୍ବଳ, ଅବହେଳିତ ବର୍ଗର ପିଲା : ସିଏଜି

## ବିଭାଗୀୟ ଅବହେଳା ଦାୟୀ, ସଚେତନତା ଆବଶ୍ୟକ

ଭୁବନେଶ୍ୱର,୯।୧୨(ସୁଚିସ୍ମିତା ସାହୁ)

ରାଜ୍ୟରେ ଦୁର୍ବଳ ଓ ଅବହେଳିତ ପିଲା (ଡବ୍ଲ୍ୟୁଏସ୍ ଆଣ୍ଡ ଡିଜି)ଙ୍କ ପାଇଁ ରାଜ୍ୟ ସରକାର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥା କରିଛନ୍ତି। ହେଲେ ଶିକ୍ଷା ବିଭାଗର ଅବହେଳା ଯୋଗୁ ଅଧିକାଂଶ ଶିକ୍ଷା ଅଧିକାର ଆଇନ ବ୍ୟବସ୍ଥା ସମ୍ପର୍କରେ ସଚେତନ ହୋଇପାରୁନାହାନ୍ତି। ଫଳରେ ବିଭିନ୍ନ ବେସରକାରୀ ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଦୁର୍ବଳ ଓ ଅବହେଳିତ ବର୍ଗର ପିଲାଙ୍କ ପାଇଁ ସିଟ୍ ସଂରକ୍ଷିତ ରହିଥିଲେ ସୁଦ୍ଧା ସେମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ବୋଲି ମଙ୍ଗଳବାର ବିଧାନସଭାରେ ଉପସ୍ଥାପିତ ସିଏଜି ରିପୋର୍ଟରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ସିଏଜିଙ୍କ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହାଲେଖାକାର ଅତୁଲ ପ୍ରକାଶ ଓ ଉପମହାଲେଖାକାର ପ୍ରଥମା ପ୍ରତୀକ୍ଷା ପ୍ରଧାନ ଏ ସଂକ୍ରାନ୍ତ ତଥ୍ୟ ଉପସ୍ଥାପନ କରିବା ସହ ସଚେତନତା ଉପରେ ଗୁରୁତ୍ୱ ଦେଇଛନ୍ତି।

ରିପୋର୍ଟ ଅନୁସାରେ, ୨୦୨୧-୨୩ ମସିହା ମଧ୍ୟରେ ରାଜ୍ୟରେ ୪,୨୬୫ରୁ ୪,୩୪୪ଟି ବେସରକାରୀ ଅଣ ଅନୁଦାନପ୍ରାପ୍ତ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଚାଲିଥିଲା। ସମସ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମଲେଖା କ୍ଷମତା ୭୮,୦୬୦ ରହିଥିଲା। ଶିକ୍ଷା ଅଧିକାର ଆଇନ ଅନୁସାରେ ଏଥିରୁ ଦୁର୍ବଳ ଓ ଅବହେଳିତ ବର୍ଗର ପାଇଁ ୨୫% ଅର୍ଥାତ୍ ୧୯,୫୧୫ ସିଟ୍ ରହିଥିବାବେଳେ ୧୩ହଜାର ୧୧୨ଜଣ ପିଲା ନାମ ଲେଖାଇଥିଲେ ଓ ୬ହଜାର ୪୦୩ଜଣ ପିଲାଙ୍କ ଅଭାବ ରହିଥିଲା। ୬ଟି ନମୁନାଭୁକ୍ତ ଜିଲା ଭଦ୍ରକ, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର ଓ ସୋନପୁରରେ ୨୦୧୮-୨୩ ମଧ୍ୟରେ ୪୧ରୁ ୨୩୦ଟି ବେସରକାରୀ ଅଣ ଅନୁଦାନ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଚାଲିଥିଲା। ବିଦ୍ୟାଳୟଗୁଡ଼ିକରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ କ୍ଷମତା ୮୨ହଜାର ୬୨୭ ରହିଥିଲା। ମାନଦଣ୍ଡ ଅନୁଯାୟୀ, ଦୁର୍ବଳ ଓ ଅବହେଳିତ ବର୍ଗର ୨୦ହଜାର ୬୨୭ଜଣ ନାମଲେଖାଇବାର ବ୍ୟବସ୍ଥା ରହିଥିବା ବେଳେ ମାତ୍ର ୭ହଜାର ୭୬୭ଜଣ ପିଲା ନାମ ଲେଖାଇଥିଲେ। ୧୨ହଜାର ୮୬୦ ଜଣ ପିଲାଙ୍କ ଅଭାବ ରହିଥିଲା। ଭଦ୍ରକ ଜିଲାରେ ଅଣ ଅନୁଦାନ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ସଂଖ୍ୟା ୧୬୨ରୁ ୨୩୦ ରହିଥିବା ବେଳେ ପ୍ରଥମ ଶ୍ରେଣୀରେ ମୋଟ ପ୍ରବେଶ କ୍ଷମତା ୨୨ହଜାର ୨୦୭ ରହିଥିଲା। ନାମ ଲେଖାଇବା ପାଇଁ ଆବଶ୍ୟକ ଡବ୍ଲ୍ୟୁଏସ୍ ଆଣ୍ଡ ଡିଜି ପିଲାଙ୍କ ସଂଖ୍ୟା ୫ହଜାର ୫୫୨ ରହିଥିବା ବେଳେ ମୋଟ ୧୨୭୪ଜଣ ପିଲା ନାମ ଲେଖିଥିଲେ ଓ ୪୨୭୮ଜଣ ପିଲାଙ୍କ ଅଭାବ ଦେଖିବାକୁ ମିଳିଥିଲା। କୋରାପୁଟ ଜିଲାରେ ଅଣ ଅନୁଦାନ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ୮୪ରୁ ୮୫ଟି ରହିଥିବା ବେଳେ ପ୍ରଥମ ଶ୍ରେଣୀରେ ମୋଟ ପ୍ରବେଶ କ୍ଷମତା ୧୪ହଜାର ୯୫୬ ରହିଥିଲା। ନାମ ଲେଖାଇବା ପାଇଁ ଆବଶ୍ୟକ ଡବ୍ଲ୍ୟୁଏସ୍ ଆଣ୍ଡ ଡିଜି ପିଲାଙ୍କ ସଂଖ୍ୟା ୩ହଜାର ୭୩୯ ରହିଥିବା ବେଳେ ମୋଟ ୭୩୮ଜଣ ପିଲା ନାମଲେଖାଇ ଥିଲେ ଓ ୩୦୦୧ ସିଟ୍ ଫାଙ୍କା ପଡିଥିଲା। ନବରଙ୍ଗପୁରର ୬୯ଟି ବିଦ୍ୟାଳୟରେ ପ୍ରବେଶ କ୍ଷମତା ୯,୧୫୪ଟି ରହିଥିଲା। ଡବ୍ଲ୍ୟୁଏସ୍ ଆଣ୍ଡ ଡିଜି ପିଲାଙ୍କ ପାଇଁ ୨,୨୮୯ ସିଟ୍ ରହିଥିବାବେଳେ ୨୫୧ ଜଣ ନାମ ଲେଖାଇଥିବାରୁ ୨୦୩୮ଟି ସିଟ୍ ଫାଙ୍କା ପଡିଥିଲା। ନୂଆପଡ଼ାରେ ୪୧ରୁ ୪୮ଟି ଅଣ ଅନୁଦାନ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ପ୍ରବେଶ କ୍ଷମତା ୭,୯୦୫ ରହିଥିଲା। ସେଥିରେ ଡବ୍ଲ୍ୟୁଏସ୍ ଆଣ୍ଡ ଡିଜି ପିଲାଙ୍କ ପାଇଁ ନାମ ଲେଖାଇବା ନିମନ୍ତେ ୧,୯୭୬ଟି ସିଟ୍ ରହିଥିବାବେଳେ ୫୨୩ ଜଣ ପିଲା ନାମଲେଖାଇଥିଲେ ଓ ୧,୪୫୩ ଜଣ ପିଲାଙ୍କ ଅଭାବ ରହିଥିଲା। ସମ୍ବଲପୁରରେ ୮୧ରୁ ୧୮୫ଟି ଅଣ ଅନୁଦାନ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ପ୍ରବେଶ କ୍ଷମତା ୧୮ହଜାର ୫୬୪ ରହିଥିଲା ବେଳେ ଡବ୍ଲ୍ୟୁଏସ୍ ଆଣ୍ଡ ଡିଜି ପିଲାଙ୍କ ପାଇଁ ଥିବା ସମସ୍ତ ୪,୬୪୧ଟି ସିଟ୍ ପୂରଣ ହୋଇଯାଇଥିଲା। ସେହିପରି ସୋନପୁର ଜିଲାରେ ୯୩ରୁ ୧୦୪ଟି ଅଣ ଅନୁଦାନ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ପ୍ରବେଶ କ୍ଷମତା ୯,୮୪୧ ରହିଥିବାବେଳେ ଡବ୍ଲ୍ୟୁଏସ୍ ଆଣ୍ଡ ଡିଜି ପିଲାଙ୍କ ପାଇଁ ୨,୪୬୦ ସିଟ୍ ରହିଥିଲା। ଏଥିରେ ୩୭୦ ଜଣ ପିଲା ନାମ ଲେଖାଇଥିବାବେଳେ ୨,୦୯୦ଟି ସିଟ୍ ଫାଙ୍କା ପଡ଼ିଥିବା ମହାଲେଖାକାର ସୂଚନା ଦେଇଛନ୍ତି।

# ଅଧ୍ୟାପିକାଙ୍କୁ ଅଧ୍ୟକ୍ଷଙ୍କ ପ୍ରେମ ନିବେଦନ ନେଇ ଥାନାରେ ଏତଲା

ବୋଲଗଡ଼,୯।୧୨
(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ସ୍ଥିତ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଦାସ ଜଣେ ନବନିଯୁକ୍ତ ଅଧ୍ୟାପିକାଙ୍କ ମୋବାଇଲ ନମ୍ବରକୁ ମେସେଜରେ ପ୍ରେମ ନିବେଦନ କରିବା ଏବଂ ଏକଥା ଅନ୍ୟକାହାକୁ ଜଣାଇଲେ ଚାକିରିରୁ ବହିଷ୍କାର ସହ ଜୀବନ ବରବାଦ କରିଦେବାର ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ଅଧ୍ୟାପିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ବୋଲଗଡ଼ ପୋଲିସ ଏକ ମାମଲା (ନଂ.୩୧୦/୨୫) ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଉକ୍ତ ମହାବିଦ୍ୟାଳୟରେ ଅଧ୍ୟାପିକା ଜଣଙ୍କ ନୂତନଭାବେ ନିଯୁକ୍ତି ପାଇଥିବା ବେଳେ ଅଧ୍ୟକ୍ଷ ଦାସ ତାଙ୍କ ମୋବାଇଲ ନମ୍ବରରେ ମେସେଜ ମାଧ୍ୟମରେ ପ୍ରେମ ନିବେଦନ କରି ଆସୁଥିଲେ। ଏକଥା ବାହାରେ ପ୍ରକାଶ ନ କରିବା ପାଇଁ ଧମକ ଦେଉଥିଲେ। ଏନେଇ ଅଧ୍ୟାପିକା ଜଣଙ୍କ ଘରେ ଜଣାଇବା ପରେ ତାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଜାଣିବା ପାଇଁ ଏନେଇ ଅଧ୍ୟକ୍ଷ ଦାସଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ।


ରାଜ୍ୟର ପାଚକପାଚିକାମାନେ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଅହୋରାତ୍ର ଧାରଣା ଦେବା ସହ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ସରିଲା ସୂର୍ଯ୍ୟମନ୍ଦିର କୋର୍ ଡ୍ରିଲ୍ କାର୍ଯ୍ୟ

**ନମୁନା ଯାଞ୍ଚ ପାଇଁ ବାଲି, ପଥର ଖଣ୍ଡ ଗଲା ଆଇଆଇଟି ମାଡ୍ରାସ**

କୋଣାର୍କ,୯।୧୨(ଜ୍ୟୋତିରାଜ ମହାନ୍ତି)

ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ପକ୍ଷରୁ ରବିବାର ୧୦ଜଣିଆ ବିଶେଷଜ୍ଞ ଦଳ ପ୍ରକ୍ରିୟା ଆରମ୍ଭ କରିଥିଲେ। ସୋମବାର କୋର୍ ଡ୍ରିଲ୍ କାର୍ଯ୍ୟ ଶେଷ ହୋଇଥିଲା। ମନ୍ଦିର ପଥରର କୌଣସି କ୍ଷତି ନ ପହଞ୍ଚିବା ପାଇଁ ଡାଇମଣ୍ଡ ଡ୍ରିଲ୍ କଟର ସହ ଜିରୋ ଭାଇବ୍ରେଶନ ମିଟର ବ୍ୟବହାର କରାଯାଇଥିଲା। ଖନନ ପରେ ଗର୍ଭଗୃହର ବାଲି ଓ ପଥର ଖଣ୍ଡ ସଂଗ୍ରହ କରାଯାଇ ମାଡ୍ରାସ ଆଇଆଇଟି ପଠାଯିବା ସହ ମନ୍ଦିର ଗର୍ଭଗୃହ ମଧ୍ୟରେ ଥିବା ବାଲିରେ ପ୍ରଚୁର ଆର୍ଦ୍ରତା ଥିବା ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି. ବି. ଗଡ଼ନାୟକ ସୂଚନା ଦେଇଛନ୍ତି।

**कार्यपालक अभियन्ता का कार्यालय**
**लघु सिंचाई प्रमण्डल, चाईबासा**

पत्रांकः—......................चाईबासा / दिनांकः—......../....../2025

**CORRIGENDUM**

ई० निविदा आमंत्रण सूचना संख्या– WRD/MID/CHAIBASA/F2-06/2025-26 जिसका PR-No- 366214 (West Singhbhum) 25-26*D है। जिसमें SPECIAL CONDIT ION के कंडिका 25 को विलोपित किया जाता है।

ह०/–
कार्यपालक अभियन्ता
लघु सिंचाई प्रमण्डल, चाईबासा

PR 368063 West Singhbhum(25-26).D

**ଦେବୋତ୍ତର ବିଭାଗ, ଢେଙ୍କାନାଳ**

ଢେଙ୍କାନାଳ ଦେବୋତ୍ତର ବିଭାଗ ତରଫରୁ ଓଡ଼ିଶାର ଅଗଣିତ ଭକ୍ତମାନଙ୍କୁ ସ୍ୱାଗତ କରାଯାଉଛି । ଢେଙ୍କାନାଳ ଓ କାମାକ୍ଷାନଗର ଉପଖଣ୍ଡ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିର-ତଥା-ପର୍ଯ୍ୟଟନସ୍ଥଳୀଗୁଡିକୁ ଆସି ସେଠାକାର ଐତିହ୍ୟ ପରମ୍ପରା ସମ୍ବନ୍ଧରେ ଜାଣିବା ସହିତ ସଂପୃକ୍ତ ଠାକୁରଙ୍କର କୃପା ଲାଭ କରିବା ପାଇଁ ଦେବୋତ୍ତର ବିଭାଗ ତରଫରୁ ଅନୁରୋଧ । ଢେଙ୍କାନାଳ ଜିଲ୍ଲାର ପ୍ରମୁଖ ମନ୍ଦିରଗୁଡିକ ମଧ୍ୟରେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ ବିଜେ କପିଳାସ, ଶ୍ରୀ ଶ୍ରୀ ବଳଦେବ ଜୀଉ ବିଜେ ଢେଙ୍କାନାଳ ଟାଉନ୍, ଶ୍ରୀ ଶ୍ରୀ ରାମଚନ୍ଦ୍ର ଜୀଉ ବିଜେ ସପ୍ତଶଯ୍ୟା, ଶ୍ରୀ ଶ୍ରୀ ରାମଚଣ୍ଡୀ ଠାକୁରାଣୀ ବିଜେ ନାଧରା, ଶ୍ରୀ ଶ୍ରୀ ପଞ୍ଚମେଶ୍ୱର ମହାଦେବ ବିଜେ ଗଙ୍ଗାଧରପ୍ରସାଦ, ଶ୍ରୀ ଶ୍ରୀ ବୁଦ୍ଧେଶ୍ୱର ମହାଦେବ ବିଜେ ଭୁବନ, ଶ୍ରୀ ଶ୍ରୀ ରଘୁନାଥ ଜୀଉ ବିଜେ ବାଲିବୋ, ଶ୍ରୀ ଶ୍ରୀ କପିଳେଶ୍ୱର ମହାଦେବ ବିଜେ ହାଟୁଆରୀ, ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବ ବିଜେ ତେନ୍ତୁଳିସିଂହା, ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ବିଜେ ଶିବୁଳାପଶି ଓ ଶ୍ରୀ ଶ୍ରୀ ଅଷ୍ଟଶମ୍ଭୁ ମହାଦେବ ବିଜେ କୁଆଳୋ ପ୍ରସିଦ୍ଧ ଦେବ ପୀଠ ଅଟେ । ପ୍ରତ୍ୟେକ ସ୍ଥାନର ମହତ୍ତ୍ୱ ସ୍ୱତନ୍ତ୍ର ଏବଂ ଏହି ସ୍ୱତନ୍ତ୍ରତା ସମ୍ବନ୍ଧରେ ଜାଣିବା ପାଇଁ ପ୍ରତ୍ୟେକ ପୀଠକୁ ପରିଦର୍ଶନ କରିବା ଅତ୍ୟନ୍ତ ଆବଶ୍ୟକ ।

କୌଣସି ପୀଠ ସମ୍ବନ୍ଧରେ ନିଜର ମତାମତ ଲିଖିତ ଆକାରରେ ପ୍ରଦାନ କଲେ ସଂପୃକ୍ତ ପୀଠର ମର୍ଯ୍ୟାଦା ବୃଦ୍ଧି ପାଇଁ ଦେବୋତ୍ତର ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ।

ଯୋଗାଯୋଗ ନଂ.୯୩୩୭୮୪୭୨୫୬, ୬୩୭୧୬୨୫୮୦୩ ।
ସ୍ୱା./- ବିବୁଧ ଗଡ଼ନାୟକ
ଉପ-ଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ,
ଦେବୋତ୍ତର, ଢେଙ୍କାନାଳ

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited from eligible bidders for "Supply, Installation, Testing, and Commissioning of Gym Equipment at NLUO Cuttack" and "Repair of Existing Gym Equipment at NLUO Cuttack". Last date & time of receipt is **23-12-2025** at **11.00 A.M.** For details please visit-For details please visit website- https://nluo.ac.in/tenders/. Sd/- Registrar

**SHREE JAGANNATH TEMPLE OFFICE, PURI**

RFP No.17446 dt.08.12.25 RFP for "Providing Air conditioning facilities with Design, Fabrication, Supply, Installation, Testing and Commissioning of a VRF Type AC System along with 6 years O&M and 5 years Comprehensive Maintenance for Natamandap of SJTA, Puri."
Visit Website : www.shreejagannatha.in
**Last date : 23.12.2025 by 5 P.M.**

Sd./- Administrator
Shri Jagannath Temple, Puri

# ଧାରଣା ଦେଇଥିବା ଶିକ୍ଷକଙ୍କ ତାଲିକା ଦେବାକୁ ଡିଇଓଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୯।୧୨(ସୁଚିସ୍ମିତା ସାହୁ)

ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଧାରଣା ଦେଇଥିବା ଶିକ୍ଷକଙ୍କ ପାଇଁ ଅଡୁଆ ବଢ଼ିଲା। ମୁଖ୍ୟାଳୟର ବିନା ଅନୁମତିରେ ଯେଉଁ ଶିକ୍ଷକମାନେ ଧର୍ମଘଟ କରିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବିଦ୍ୟାଳୟରେ ଅନୁପସ୍ଥିତ ରହି ଧାରଣା ଦେଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ତାଲିକା ଓ ସେମାନଙ୍କ ଦୈନିକ ରିପୋର୍ଟ ପ୍ରଦାନ କରିବା ପାଇଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାଥମିକ ଶିକ୍ଷକ ମହାସଂଘର ଗତ ୩ ତାରିଖ ପତ୍ରକୁ ଆଧାର କରି ରାଜ୍ୟର ସମସ୍ତ ଡିଇଓଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ବିନା ଅନୁମତିରେ କୌଣସି ଶିକ୍ଷକମାନେ କାର୍ଯ୍ୟାଳୟ ଛାଡିବା ଉଚିତ ନୁହେଁ। ହେଲେ ସେମାନେ ମୁଖ୍ୟାଳୟ ଛାଡ଼ି ବିନା ଅନୁମତିରେ ଆନ୍ଦୋଳନରେ ଯୋଗଦେଇଛନ୍ତି। ଏହାର ବିପରୀତ କୌଣସି କାର୍ଯ୍ୟ ହେଲେ ତାହାକୁ ଗୁରୁତ୍ୱର ସହ ନେଇ ଜରୁରିକାଳୀନ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୋମବାର ଜାରି କରାଯାଇଥିବା ଚିଠିରେ ସ୍ପଷ୍ଟ କରାଯାଇଛି।

# ଶ୍ରୀମନ୍ଦିରରେ ଦିବ୍ୟାଙ୍ଗଙ୍କ ସ୍ୱଚ୍ଛନ୍ଦ ଦର୍ଶନ ନେଇ ଆଲୋଚନା

ପୁରୀ,୯।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଦିବ୍ୟାଙ୍ଗଙ୍କ ସ୍ୱଚ୍ଛନ୍ଦ ଦର୍ଶନ ବ୍ୟବସ୍ଥା ସମ୍ପର୍କରେ ପ୍ରାରମ୍ଭିକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ପରିଚାଳନା କମିଟିର ସେବକ ସଦସ୍ୟମାନଙ୍କ ସହିତ ବରିଷ୍ଠ ସେବକ ନିମନ୍ତ୍ରିତ ସଦସ୍ୟ ଭାବେ ଯୋଗଦେଇଥିଲେ। ଶ୍ରୀମନ୍ଦିରର ବରିଷ୍ଠ ଅଧିକାରୀ ବୃନ୍ଦ ମଧ୍ୟ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗଙ୍କ ସୁବିଧା ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିବା ପ୍ରସ୍ତାବିତ ମାର୍ଗଦର୍ଶିକା ଆଗାମୀ ଛତିଶା ନିଯୋଗ ବୈଠକରେ ଉପସ୍ଥାପନ କରାଯାଇ ପରିଚାଳନା କମିଟି ଅନୁମୋଦନ କ୍ରମେ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି।

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ. SDMM/KUR/EP/2025-26/ E-procurement Tender Notice/14, ତା.05.12.2025ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି।

**କ୍ରମ ସଂ. 01 :** ଟେଣ୍ଡର ସଂ. 81256552, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : CCTV କ୍ୟାମେରା ର ଯୋଗାଣ ଓ ସଂସ୍ଥାପନ, ପରିମାଣ : 261 ସଂଖ୍ୟକ।

**କ୍ରମ ସଂ. 02 :** ଟେଣ୍ଡର ସଂ. 81256563, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ୟାଟେରୀ ଚାଳିତ ରେଲ କୋର ଡ୍ରିଲିଙ୍ଗ ମେସିନ୍‌ର ଯୋଗାଣ, ପରିମାଣ : 80 ସଂଖ୍ୟକ।

**କ୍ରମ ସଂ. 03 :** ଟେଣ୍ଡର ସଂ. 81256543A, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : RDSO ବିନିର୍ଦ୍ଦେଶ ସଂ.-TM-58 ଅନୁଯାୟୀ ଡିଜିଟାଲ ଗେଜ୍ କମ୍ ଲେଭେଲ ର ଯୋଗାଣ, ପରିମାଣ : 72 ସଂଖ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 29.12.2025, 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-886/Q/25-26

See Career Appointment on every Wednesday & Saturday

**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE CHIEF ENGINEER, GODAWARI BASIN, JAGDALPUR, (CHHATTISGARH)**
**e-PROCUREMENT TENDER NOTICE**
eProcurement Portal:https://eproc.cgstate.gov.in
(Second Call)

**System Tender No.181201/NIT No:16/SAC/25-26** **Dated:08.12.2025**
**Online Tenders are invited for the following work upto 26.12.2025 at 17.30 hours**
**Name of Work- Renovation of Headwork, Canal and Cement Concrete lining of Korkotti Tank in Block Keshkal, District Kondagaon.**
Probable Amount of Contract :- **Rs.294.59 Lakhs**
**(As per S.O.R. dated 01.08.2010 and amended upto dated 22.08.2022).**

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date 15.12.2025, at 17.31 Hours (IST) onwards.**

**NOTE:-** All eligible/interested contractors/bidders are mandated to get enrolled on the Integrated e-procurement portal (**https://eproc.cgstate.gov.in**) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process. Prequalification Certificates issued by Water Resources Department whose validity is upto 30.09.2026 is applicable in this tender.

Sd./- Executive Engineer
Water Resources Division, Kondagaon
For, Chief Engineer, Godawari Basin, Jagdalpur (C.G.)

G-252605322/5

बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ ଋଣଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା**
ପ୍ଲଟ୍ ନଂ.: ୮୩୧/୩୮୨୩, ସାମପୁର, କଳିଙ୍ଗ ନଗର, ଭୁବନେଶ୍ୱର-୦୩

**ଦଖଲ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିୟମ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ନିୟମର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲକୁ** ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣମାନଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
| --- | --- | --- | --- |
| **ଋଣଗ୍ରହୀତା: ମେସର୍ସ ହରେକୃଷ୍ଣ ଷ୍ଟୋନ କ୍ରସର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦିବାକର ମହାରଥୀ,** ସା/ପୋ: ଡିହପୁର, ବାଜପୁର, ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୦ / **ଗ୍ୟାରେଣ୍ଟିଦାତା: ଶ୍ରୀ ଲୋକନାଥ ହରିଚନ୍ଦନ,** ପିତା: ବାନାମ୍ବର ହରିଚନ୍ଦନ, ସା: ଦୁର୍ଗାପୁର, ବେଗୁନିଆ, ଥାନା: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୫ | **ଶ୍ରୀ ଲୋକନାଥ ହରିଚନ୍ଦନ,** ପିତା: ବାନାମ୍ବର ହରିଚନ୍ଦନ (ଗ୍ୟାରେଣ୍ଟିଦାତା)ଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଯାହାର ମୌଜା: ଦୁର୍ଗାପୁର, ଖାତା ନଂ.: ୨୮୬, ପ୍ଲଟ୍ ନଂ.: ୧୯୫, କ୍ଷେତ୍ର: ଏକର ୦.୧୩୫ ଡ଼ିସିମିଲି, ସାବିକ ଖାତା ନଂ.: ୨୮୯, ପ୍ଲଟ୍ ନଂ.: ୧୩୭, କିସମ: ଘରବାରୀ ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ଭଗତ ସାମନ୍ତସିଂହାର, ଦକ୍ଷିଣ: ବାଇଧର ସୁନରା | ୧୭.୦୧.୨୦୨୫ / ୦୯.୧୨.୨୦୨୫ | ତା.୧୭.୦୧.୨୦୨୫ରିଖ ସୁଦ୍ଧା ଟ.୧୬,୦୭,୮୭୫.୨୫ + ତା.୧୮.୦୧.୨୦୨୫ରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୯.୧୨.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

**CSR DEPARTMENT**
**SUB: FINANCIAL ASSISTANCE TO STUDENTS FOR PURSUING PROFESSIONAL STUDIES (AY 2025-26 JOINING)**
ABRIDGED VERSION OF CIRCULAR NO. CSR/2025-26/200 Dtd. 09/10/2025
**LAST DATE FOR SUBMISSION OF APPLICATION EXTENDED UP TO- 31/12/2025**

Applications in the prescribed format are invited for grant of the above financial assistance from the eligible students as per details given below.

**Eligibility criteria for application:**
- The student should belong to Scheduled Caste or Scheduled Tribe/others, and should be a resident of Sundargarh district, Odisha.
- The applicant should have taken admission in academic year 2025-26:
  **Graduation course in Engineering, Medical or Agriculture (including integrated/dual degree M.Tech. Course) OR**
  **Post Graduation course of at least two years duration in Engineering/ Medical/ Agriculture/ Business Administration.**
- Details of professional course, in the academic year 2025-26 in a recognized institution should be as follows,–
  i. For Graduation Courses of at least four years duration (B.Tech./B.Sc(Engg.)/B.Sc(Ag) etc.).
  ii. For Graduation Courses of less than 4-years duration (e.g. Lateral entry in B.Tech./B.Sc(Engg.) after Diploma in Engg.).
  iii. For Graduation courses of more than 4-years duration (e.g. 5 yrs MBBS, 5-yr integrated/dual degree M.Tech.). **OR**
  iv. For Post Graduate course of at least two years duration (e.g. M.Tech./MD/MS M.Sc.(Ag)/MBA etc.)
- The student, whose parents (taken together) are having annual income from all sources **not exceeding Rs.2,50,000/- (Rupees Two Lakhs Fifty Thousand)**, shall be eligible for the financial assistance.

**Basis of Selection:** The best twenty students (10 boys and 10 girls) separately for the graduation courses including 5-yr MBBS/5-yr integrated/dual degree M.Tech.) and best 10 students (5 boys and 5 girls) for Post-graduation courses will be selected from amongst the eligible applicants. In case there is a shortfall in number of selected candidates in either of the categories i.e Boys or Girls for which merit lists are prepared separately, then the applicants from the merit list of the other category may be additionally selected for the scholarship keeping the total number of scholarships as 20 in case of Graduation courses and 10 in case of Post-Graduation courses.

**Financial assistance amount:** The amount of financial amount is Rs.1,20,000/- (Rupees One Lakh Twenty Thousand Only) for the graduation courses of 4-year duration, Rs.90,000/- (Rupees Ninety Thousand only) for the graduation courses of less than 4 years (e.g. lateral entry in B.Tech./B Sc (Engg.) after Diploma in Engg., Rs.1,50,000/- (Rupees One Lakh Fifty Thousand Only) for courses of 5-yr duration and Rs.60,000/- (Rupees Sixty Thousand Only) for the post-graduation courses, per student for entire duration of the course. The amount will be released in equal yearly installments @ Rs. 30.000/- (Rupees Thirty Thousand Only) per Academic Year based on documentary evidence of admission and continuation in the course.

For further details on the basis of selection, financial assistance amount and mode of payment, application format etc., the main circular as referred above may be referred to. The details along with application format are available in the 'News' section of "Career" page at our company's website **www.sail.co.in** or **www.sailcareers.co.in**. The duly completed application along with required documents are to be submitted in a sealed envelope at the office of the **General Manager I/c, CSR Department, IPD Building, Sector-20, Rourkela-769005 is here by extended up to 31/12/2025.**

**General Manager I/c (CSR)**

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

# ଓଡ଼ିଆ ସାହିତ୍ୟକୁ ବଳିଷ୍ଠ କରିଛି ଭଞ୍ଜ ସାହିତ୍ୟ

ଜଟଣୀ,୯।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୁସ୍ତକ ମେଳା ସମିତି ପକ୍ଷରୁ ସ୍ଥାନୀୟ ଟାଉନ ହଲ(ସ୍ୱଷ୍ଟା) ପରିସରରେ ଅନୁଷ୍ଠିତ ତ୍ରୟୋବିଂଶତିତମ ଜଟଣୀ ପୁସ୍ତକ ମେଳାର ମଙ୍ଗଳବାର ଥିଲା ତୃତୀୟ ସନ୍ଧ୍ୟା। ଏହି ଅବସରରେ ଆୟୋଜିତ ସାହିତ୍ୟ ସଭାରେ ସ୍ୱପ୍ନିତା ପାଲ୍ ସଭାପତିତ୍ୱ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ କୃପାସିନ୍ଧୁ ମିଶ୍ର ଯୋଗଦେଇ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସରୁ ବିଭିନ୍ନ ପଂକ୍ତି ଉଦ୍ଧାର କରି ସାବଲୀଳ ଭାବେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ମୃତ୍ୟୁଞ୍ଜୟ ରଥ ଉପେନ୍ଦ୍ର ଭଞ୍ଜଙ୍କ ରଚନାରେ ନୈସର୍ଗିକ ପ୍ରେମ ସମ୍ପର୍କରେ ବର୍ଣ୍ଣନା କରିବା ସହିତ ରୀତିଯୁଗର କାବ୍ୟକବିତା ଉପସ୍ଥାପନା କରିଥିଲେ। ଭଞ୍ଜଙ୍କ ବୈଦେହୀଶ ବିଳାସ କାବ୍ୟରେ ଶ୍ରୀରାମଚନ୍ଦ୍ର ଏବଂ ସୀତା ବିବାହରେ ରାମଙ୍କ ଏକପତ୍ନୀବ୍ରତ ଘଟଣା ଆଜିର ସମାଜ ପାଇଁ ଏକାନ୍ତ ଅପରିହାର୍ଯ୍ୟ। ଓଡ଼ିଆ ସାହିତ୍ୟକୁ ଭଞ୍ଜ ସାହିତ୍ୟର ଅବଦାନ ଅତୁଳନୀୟ ବୋଲି କହିଥିଲେ। ଡ. ସୁକାନ୍ତି ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମିତି ସଭ୍ୟାସଭ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିମାନେ ପ୍ରଶାନ୍ତି ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଜଟଣୀ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା**

ଅଧ୍ୟାପକ ବିଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଲୋକକଳା ପାଇଁ ସନ୍ତୋଷ କୁମାର ବେହେରା ଏବଂ ସାହିତ୍ୟ ପାଇଁ ପ୍ରଶାନ୍ତି ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଦେଶାତ୍ମବୋଧକ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ପ୍ରାୟ ୨୦୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପ୍ରହ୍ଲାଦ ସାହୁ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ଜଳଧର ପ୍ରଧାନ ବିଚାରକଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ସଂଯୋଜକ ଭବାନୀ ଶଙ୍କର ମହାପାତ୍ର, ପଦ୍ମନାଭ ପାଣିଗ୍ରାହୀ, ପଦ୍ମଲୋଚନ ସାହୁ, ଅନ୍ତର୍ଯ୍ୟାମୀ ପ୍ରଧାନ, ଅଙ୍କିତା ଶର୍ମା ପରିଚାଳନା କରିଥିଲେ।

# ଚାନ୍ଦପୁର-ରଣପୁର ରାସ୍ତାରେ ହାତୀପଲ



ଟାଙ୍ଗୀ,୯।୧୨(ରଘୁନାଥ ସାହୁ)

ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ୍ ଅନ୍ତର୍ଗତ କନ୍ଧମୟଗଡ଼ ରଣପୁର ରାସ୍ତା ରାଣୀକୋଠା ନିକଟରେ ୨୦ଟିକିଆ ହାତୀପଲ ଆତଙ୍କ ସୃଷ୍ଟି କରିଛନ୍ତି। ଏଥିରେ ୬ଟି ଦନ୍ତା, ୬ଟି ମାଈ ଏବଂ ୮ଟି ଛୁଆ ହାତୀ ଥିବା ଜଣାପଡ଼ିଛି। ହାତୀପଲଙ୍କ ଉପଦ୍ରବ ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଜଙ୍ଗଲରୁ ହାତୀପଲ ଆସି କେରଣ୍ଡ, ଟାଙ୍ଗୀ, କୁକୁଡ଼ାଡିହି, ଗୌରଚନ୍ଦ୍ରପୁର, ଏକତାଳ ଆଦି ଅଞ୍ଚଳରେ ବ୍ୟାପକ ଧାନଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ହାତୀପଲ ଚାନ୍ଦପୁର-ରଣପୁର ରାସ୍ତାରେ ଛିଡ଼ା ହୋଇଥିବାରୁ ଉଭୟପଟୁ ଆସୁଥିବା ଗାଡ଼ି ଅଟକି ରହିଥିଲା। ତେଣୁ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂକୁ ଗୁରୁତ୍ୱ ଦିଆଯିବା ସହ ଉକ୍ତ ଅଞ୍ଚଳରୁ ହାତୀପଲଙ୍କୁ ଘଉଡ଼ାଇବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜନବସତିମୁହାଁ ହାତୀପଲ, ନଷ୍ଟ କରୁଛନ୍ତି ଫସଲ



ବେଗୁନିଆ,୯।୧୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିଚାଲିଛି। ଗୋଡ଼ା ଅଞ୍ଚଳରେ ଏକ ଦନ୍ତାହାତୀ ଖାଦ୍ୟ ଅନ୍ୱେଷଣରେ ଆସି ଚାଷୀମାନଙ୍କ ଧାନ, ପରିବା ଫସଲ ଓ କଦଳୀବାରି ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ଅଜୟ ଖୁଣ୍ଟିଆ, ଝାମ୍ପୁଲି ଚମ୍ପତି, ଚରଣ ପାଇକରାୟ, ସଦାନନ୍ଦ ଚମ୍ପତିରାୟ, ଆରତ ପରିଡ଼ା, କଂଗ୍ରେସ ଶ୍ରୀଚନ୍ଦନ, ଭୀମସେନ ସାମନ୍ତରାୟ, ମୁରଲୀଧର ଶ୍ରୀଚନ୍ଦନଙ୍କ ଏକର ଏକର ଧାନ ଓ ପରିବା ଫସଲ ହାତୀ ନଷ୍ଟ କରିଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚଳିତ ବର୍ଷ ଚାଷୀ ଭଲ ଧାନଫସଲ ଅମଳ ଆଶା ରଖିଥିବା ବେଳେ ହାତୀ ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହୋଇ ଦଳିଚକଟି ଫସଲ ନଷ୍ଟ କରୁଥିବାରୁ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ସୋମବାର ଅପରାହ୍ନରେ ଦନ୍ତାଟି ଦେଉଳି-ଓଗାଳପୁର ରାସ୍ତା ଉପରକୁ ଆସି ବୁଲୁଥିବା ବେଳେ ସ୍ଥାନୀୟ ଜନସାଧାରଣ ଘଉଡ଼ାଇବା ପାଇଁ ଚେଷ୍ଟା କରିଥିଲେ।

# ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟକୁ ମିଳିଲା ବିସିଆଇ ଅନୁମୋଦନ

ଖୋର୍ଦ୍ଧା,୯।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ପୁଣି ଥରେ ବାର୍ କାଉନ୍ସିଲ ଅଫ୍ ଇଣ୍ଡିଆ(ବିସିଆଇ) ଅନୁମୋଦନ ଲାଭ କରିଛି। ୨୦୧୬ ମସିହାରେ ପ୍ରତିଷ୍ଠିତ ଏହି ମହାବିଦ୍ୟାଳୟ ରାଜ୍ୟ ସରକାରଙ୍କ ପକ୍ଷରୁ ୬୦ଟି ଆସନରେ ତିନି ବର୍ଷିୟା ଏଲ୍ଏଲ୍ବି ପାଠ୍ୟକ୍ରମ ପାଇଁ ଅନୁମୋଦନ ସହ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ୱୀକୃତି ପାଇଛି। ପୂର୍ବରୁ ୨୦୧୬-୧୭ ରୁ ୨୦୧୮-୧୯ ପର୍ଯ୍ୟନ୍ତ ବାର୍ କାଉନ୍ସିଲ ଅଫ୍ ଇଣ୍ଡିଆ ଅନୁମୋଦନ ପ୍ରଦାନ କରିଥିଲେ। ଇତି ମଧ୍ୟରେ ଏହି ମହାବିଦ୍ୟାଳୟର ତିନି ବର୍ଷିୟା ଶ୍ରେଣୀରେ ୬୦ ଆସନ ପରିବର୍ତ୍ତେ ତିନିଟି ସେକ୍ସନରେ ୧୮୦, ସ୍ନାତକୋତ୍ତର ଶ୍ରେଣୀରେ ୩୦, ପାଞ୍ଚ ବର୍ଷିୟା ବିଏଏଲ୍ଏଲ୍ବି (ସମ୍ମାନ)ରେ ୬୦ଟି ସ୍ଥାନ ନିମନ୍ତେ ରାଜ୍ୟ ସରକାର ଏହାର ଭିତ୍ତିଭୂମି ଉପରେ ସନ୍ତୁଷ୍ଟ ହୋଇ ମଞ୍ଜୁର କରିଥିଲେ। ଏହାର ଅନୁମୋଦନ ଓ ଆଫିଲେସନ ପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ନିରନ୍ତର ଉଦ୍ୟମ ଚଳାଇଥିଲେ। ବାର୍ କାଉନ୍ସିଲ ଅଫ୍ ଇଣ୍ଡିଆ ପକ୍ଷରୁ ଅନଲାଇନ ମାଧ୍ୟମରେ ଗତ ନଭେମ୍ବର ୧୮ରେ ପଦସ୍ଥ ଅଧିକାରୀମାନେ ସମସ୍ତ ଭିତ୍ତିଭୂମି, ଯାଞ୍ଚ କରିଥିଲେ। ବିସିଆଇ ୨୦୧୯-୨୦ ଠାରୁ ୨୦୨୪-୨୫ ଶିକ୍ଷା ବର୍ଷ ପର୍ଯ୍ୟନ୍ତ ନିୟମିତ କରିଛନ୍ତି ଏବଂ ଉଭୟ ତିନି ବର୍ଷିୟା ଏଲ୍ଏଲ୍ବି ଡିଗ୍ରୀ କୋର୍ସର ପ୍ରତ୍ୟକ ୩ଟି ସେକ୍ସନକୁ ୬୦ ଲେଖାଏ ଆସନ ଏବଂ ପାଞ୍ଚ ବର୍ଷିୟା ବିଏଏଲ୍ଏଲ୍ବି (ଅନର୍ସ) କୋର୍ସକୁ ମଧ୍ୟ ୬୦ଟି ଆସନ ୨୦୨୫-୨୬ ପର୍ଯ୍ୟନ୍ତ ଅନୁମୋଦନ ବର୍ଦ୍ଧିତ କରିଛନ୍ତି। ଏଥିନିମନ୍ତେ ମହାବିଦ୍ୟାଳୟ ପରିଚାଳନା ପରିଷଦ, ଅଭିଭାବକ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବିବେକାନନ୍ଦ ଛୋଟରାୟ, ପ୍ରତିଷ୍ଠାତା ସମ୍ପାଦକ ସୁଧୀର କୁମାର ମାନସିଂହ ପ୍ରମୁଖ ବିସିଆଇ, ପୁରୀ ଏମ୍ପି ଡା.ସମ୍ବିତ ପାତ୍ର ଏବଂ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ, ରାସ୍ତାରୋକୋ


ରାସ୍ତାରୋକୋ ଯୋଗୁ ଯାନବାହନ ଅଟକି ରହିଛି।

ଟାଙ୍ଗୀ,୯।୧୨(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବିନ୍ଧାଣିଆ ଗ୍ରାମ ନିକଟରେ ମଙ୍ଗଳବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡ଼ି ଗ୍ରାମର ସୁବ୍ରତ ପ୍ରଧାନ(୩୨)। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ସୂଚନା ମୁତାବକ, ସୁବ୍ରତ ଟାଙ୍ଗୀରୁ ଗ୍ରାମକୁ ବାଇକ୍‌ରେ ଯାଉଥିବା ବେଳେ ବିନ୍ଧାଣିଆ ଗ୍ରାମ ନିକଟରେ ପଛପଟୁ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଚିଲିକା ନୂଆପଡ଼ାରେ ସ୍ୱାସ୍ଥ୍ୟସେବା ଶିବିର



କୃଷ୍ଣପ୍ରସାଦ, ୯।୧୨(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡ଼ାସ୍ଥିତ ନାରାୟଣ ବିଦ୍ୟାପୀଠ ପରିସରରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଡାକ୍ତରମାନେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଓ ଔଷଧ ମାଗଣାରେ ବିତରଣ କରିଥିଲେ। ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ପ୍ରଚେଷ୍ଟା କ୍ରମେ ଆୟୋଜିତ ଏହି ଶିବିରରେ ଭୁବନେଶ୍ୱରସ୍ଥିତ ସମ୍ ଅଲ୍‌ଟିମେଟ୍ ହସ୍ପିଟାଲର ଡା. ଶରତ କୁମାର ସାହୁ, ପ୍ରଫେସର ଅୟସକାନ୍ତ ସିଂହ, ପ୍ରଫେସର ବୁଦ୍ଧେଶ୍ୱର ମାଝୀ, ଡା. ଚିନ୍ମୟୀ କର, ଡା. ଶିବ ପ୍ରସାଦ ସାହୁ, ଡା. ରାଜୀବ ପରିଡ଼ା, ଡା. ସତ୍ୟବ୍ରତ ବରାହ, ଡା. ନଚିକେତା ଗୁପ୍ତା ପ୍ରମୁଖ ଯୋଗଦେଇଥିଲେ। ବ୍ରହ୍ମଗିରି ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ, ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ଏମ୍ପି ପ୍ରତିନିଧି ହରିହର ଦାଶ, ଯୁବନେତା ପ୍ରଦୀପ କୁମାର ଜେନା, ମନୋଜ କୁମାର ଜେନା, ସରୋଜ କୁମାର ଜେନା, ବିଶ୍ୱରଞ୍ଜନ ପ୍ରଧାନ, ପ୍ରିୟବ୍ରତ ସିଂହସାମନ୍ତ, ଭିକାରୀ ବିଶ୍ୱାଳ, ରଶ୍ମିରଞ୍ଜନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶିକ୍ଷୟିତ୍ରୀଙ୍କୁ ସିଆର୍‌ସିସିଙ୍କ ନିର୍ଯାତନା ଅଭିଯୋଗ

ନିରାକାରପୁର,୯।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ବଡ଼ପୋଖରିଆ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ସସ୍ମିତା ବେହେରାଙ୍କୁ ଉକ୍ତ କ୍ଲଷ୍ଟରର ସିଆର୍‌ସିସି ସୁଶାନ୍ତ ମଲ୍ଲିକ ଦୀର୍ଘଦିନ ହେବ ଆକ୍ରୋଶମୂଳକ ଭାବେ ହଇରାଣ କରିବା ସହ ନିର୍ଯାତନା ଦେଉଥିବା ନିରାକାରପୁର ଥାନାରେ ଅଭିଯୋଗ ହୋଇଛି। ଏପରିକି ଶିକ୍ଷୟିତ୍ରୀ ବେହେରା ପୂର୍ବରୁ ଖଜୁରିପଡ଼ା ବିଦ୍ୟାଳୟରେ କାର୍ଯ୍ୟରତ ଥିବା ସମୟରେ ସିଆର୍‌ସିସି ବାରମ୍ବାର ଆକ୍ରୋଶମୂଳକଭାବେ ବିନା କାରଣରେ ବଡ଼ପୋଖରିଆ ଉନ୍ନତ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଇଥିଲେ। ଏଥିସହ ଗତ ୩ ତାରିଖରେ ସିଆର୍‌ସିସି ମଲ୍ଲିକ ବଡ଼ପୋଖରିଆ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ଆକ୍ରୋଶମୂଳକ ଭାବେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ ବୋଲି ଶିକ୍ଷୟିତ୍ରୀ ବେହେରା ଅଭିଯୋଗରେ ଦର୍ଶାଇଛନ୍ତି।

**ଅଭିଯୋଗ ଭିତ୍ତିହୀନ: ସିଆର୍‌ସିସି**

ଅନ୍ୟପକ୍ଷରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ କପୋଳକଳ୍ପିତ ଓ ଭିତ୍ତିହୀନ ବୋଲି ସିଆର୍‌ସିସି ମଲ୍ଲିକ କହିଛନ୍ତି। ଏନେଇ ସିଆର୍‌ସିସି ମଧ୍ୟ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଗତ ଶିକ୍ଷାଧିକାରୀଙ୍କ ସମୟରେ ଆବଶ୍ୟକତା ଦୃଷ୍ଟିରୁ ଖଜୁରିପଡ଼ା ସ୍କୁଲରୁ ବଡ଼ପୋଖରିଆ ସ୍କୁଲକୁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିଲା। ସେହି ବଦଳିରେ ତାଙ୍କର କିଛି ଭୂମିକା ନାହିଁ। ଅଯଥାରେ ତାଙ୍କୁ ସେ ବଦ୍‌ନାମ କରୁଛନ୍ତି। ସେହିପରି ଉକ୍ତ ସ୍କୁଲକୁ ପରିଦର୍ଶନରେ ଗଲାବେଳେ ଅନ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ମଧ୍ୟ ଥିଲେ। ତାଙ୍କ ସହ ସେଭଳି କିଛି ଦୁର୍ବ୍ୟବହାର କରି ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ କହିଛନ୍ତି, ଉଭୟ ଅଭିଯୋଗକୁ ଭିତ୍ତିକରି ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି। ସେହିପରି ଟାଙ୍ଗୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ କହିଛନ୍ତି, ଉଭୟ ବୁଧବାର ଅଫିସ ଆସିବା ପରେ ସମସ୍ୟାର ସମାଧାନ କରାଯିବ।

# ସ୍ତ୍ରୀଇଁ ଖଣ୍ଡାଚୋଟରେ ଶାଶୁ, ଶ୍ୱଶୁର ଗୁରୁତର

ଟାଙ୍ଗୀ,୯।୧୨(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ପାରିଓରଡ଼ ଗ୍ରାମରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଇଁଙ୍କ ଖଣ୍ଡା ଚୋଟରେ ଶାଶୁ, ଶ୍ୱଶୁର ଗୁରୁତର ହୋଇଛନ୍ତି। ସେମାନେ ହେଲେ ଝୁନୁ ଦାସ(୪୦) ଏବଂ ତାଙ୍କ ସ୍ୱାମୀ ସନ୍ତୋଷ ଦାସ(୫୦)। ଉଭୟଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସ୍ତ୍ରୀଇଁ ମନୋଜ ନାୟକ ଶାଶୁ ଶ୍ୱଶୁରଙ୍କ ନିକଟରେ ଯୌତୁକ ପାଇଁ ଦାବିକରି ଆସୁଥିଲେ। ମନୋଜ ଏବଂ ତାଙ୍କ ଭାଇ ଓ ବାପା ସୋମବାର ରାତିରେ ଶ୍ୱଶୁର ସନ୍ତୋଷଙ୍କୁ ଗାଳିଗୁଲଜ କରିବା ସହ ଯୌତୁକ ଦେବା ପାଇଁ ଅଡ଼ିବସିଥିଲେ। ତେବେ ଶ୍ୱଶୁର ସନ୍ତୋଷ ସ୍ତ୍ରୀଇଁ ମନୋଜଙ୍କୁ ଆକଟ କରିଥିଲେ। ମନୋଜ ଏଥିରେ ଉତ୍‌କ୍ଷିପ୍ତ ହୋଇ ଶ୍ୱଶୁର ସନ୍ତୋଷଙ୍କ ମୁଣ୍ଡକୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସନ୍ତୋଷଙ୍କ ଚିତ୍କାର ଶୁଣି ତାଙ୍କ ସ୍ତ୍ରୀ ଝୁନୁ ପହଞ୍ଚିବାରୁ ତାଙ୍କ ମୁଣ୍ଡକୁ ମଧ୍ୟ ସ୍ତ୍ରୀଇଁ ଖଣ୍ଡାରେ ହାଣିଦେଇଥିଲେ। ଖବରପାଇ ଟାଙ୍ଗୀ ଥାନା ପୋଲିସ ପହଞ୍ଚି ସନ୍ତୋଷ ଏବଂ ସ୍ତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତେବେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱର ଏମ୍‌ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ବେଳେ ଅନ୍ୟ ଦୁଇଜଣ ଫେରାର ଥିବା ଜଣାପଡ଼ିଛି।

# ମଦନପୁର ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ୧୬ରୁ

ଯାଁଳା,୯।୧୨(ବୁଲା ବାରିକ)

ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ମଦନପୁରଠାରେ ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ୧୪ତମ ମଦନପୁର ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ-୨୦୨୫ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍ ବିଡ଼ାନାସୀ କଟକ ଏବଂ ରାଜଧାନୀ ଏଫ୍‌ସି ମଇଁଦପୁର ପାରଦ୍ୱୀପ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ୧୭ ତାରିଖରେ ଦ୍ୱିତୀୟ ମ୍ୟାଚ୍ ବକ୍ସର ବିହାର ଏବଂ ଜଗା ୟୁନାଇଟେଡ୍ ଭୁବନେଶ୍ୱର ମଧ୍ୟରେ ଖେଳାଯିବ। ୧୮ତାରିଖରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ୧୯ ତାରିଖରେ ଭଞ୍ଜନଗର ଫୁଟ୍‌ବଲ ଏକାଡେମୀ ଏବଂ ଆଫ୍ରିକା ଏକାଦଶ, ୨୦ ତାରିଖରେ ପପୁଲାର ଢେଙ୍କାନାଳ ଏବଂ ସ୍ପୋର୍ଟ୍ସ ହଷ୍ଟେଲ ଫୁଲବାଣୀ ମଧ୍ୟରେ ମ୍ୟାଚ୍ ହେବ। ୨୧ତାରିଖରେ ଦ୍ୱିତୀୟ ସେମିଫାଇନାଲ ଏବଂ ୨୨ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଟାଙ୍ଗୀ ବ୍ଲକରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ହୋଇନି

ଟାଙ୍ଗୀ,୯।୧୨(ରଘୁନାଥ ସାହୁ)

ରାଜ୍ୟର ବିଭିନ୍ନ ଅଞ୍ଚଳରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ତେବେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକରେ ଏପର୍ଯ୍ୟନ୍ତ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏହି ବ୍ଲକର ବିଭିନ୍ନ ସ୍ଥାନରେ ବାଂଲାଦେଶୀମାନେ ବସବାସ କରିବା ସହ ଫେରିବାଲା ଭାବେ ଗାଁ ଗାଁ ବୁଲି ବିଭିନ୍ନ ସାମଗ୍ରୀ ବିକ୍ରି କରୁଛନ୍ତି। ଭୁଷଣ୍ଡପୁର ଅଞ୍ଚଳରେ ୬ଟି ବଙ୍ଗାଳୀ କଲୋନୀ ରହିଛି। ଏଠାରେ ସରକାରୀ ଭାବେ ୯୩୧ ବଙ୍ଗାଳୀ ପରିବାର ଶରଣାର୍ଥୀଙ୍କୁ ବାସସ୍ଥାନ ଦିଆଯାଇ ଥଇଥାନ କରାଯାଇଛି। ଏବେ ସେମାନଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରୁ ଅନେକେ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ଏହି ପରିବାରଗୁଡ଼ିକର ଯାଞ୍ଚ କରାଯିବାକୁ ସାଧାରଣରେ ଦାବି ହେଉଛି।

# ଯାଁଳାକୁ ହରାଇ ସୁଆଣ୍ଡ ବିଜୟୀ

ଖୋର୍ଦ୍ଧା,୯।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କୁରାଢ଼ମଲ୍ଲଠାରେ ମା'ବାଉଟୀ କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ସୁଆଣ୍ଡ (ଭୁବନେଶ୍ୱର) ଏବଂ ଯାଁଳା ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମେ ଯାଁଳା ଟିମ ବ୍ୟାଟିଂ କରି ୧୩ ଓଭରରେ ୯ ଉଇକେଟ ବିନିମୟରେ ୧୬୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୨୩ବଲରୁ ୫୫ ରନ କରିଥିଲେ। ଜବାବରେ ସୁଆଣ୍ଡ (ଭୁବନେଶ୍ୱର) ଟିମ୍ ବ୍ୟାଟିଂ କରି ୧୩ ଓଭରରେ ୪ଉଇକେଟ ବିନିମୟରେ ୧୭୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଆଶୁତୋଷ ୩୫ ବଲରୁ ୬୧ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଛବି ନାରାୟଣ ପରିଡ଼ା ଏବଂ ଆକାଶ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। ଜିତେନ୍ଦ୍ର ପ୍ରଧାନ ସ୍କୋରର ଏବଂ ଶଶୀଭୂଷଣ ସିଂହ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥିଭାବେ କୁରାଢ଼ମଲ୍ଲ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ସାମନ୍ତରାୟ, ସମିତିସଭ୍ୟାଙ୍କ ପ୍ରତିନିଧି କମଳ କୁମାର ଜଗଦ୍ଦେବ, ଜ୍ୟୋତି ଶଙ୍କର ପରିଡ଼ା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।


ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

**କୁରାଢ଼ମଲ୍ଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# କ୍ରୀଡ଼ା ଶୃଙ୍ଖଳାବୋଧ, ମୈତ୍ରୀଭାବ ଶିକ୍ଷା ଦିଏ

ଟାଙ୍ଗୀ,୯।୧୨(ରଘୁନାଥ ସାହୁ)

କ୍ରୀଡ଼ା ଦ୍ୱାରା ଶରୀର ସୁସ୍ଥ ଓ ମନ ପ୍ରଫୁଲ୍ଲ ରହେ। ଛାତ୍ରୀଛାତ୍ରୀଙ୍କ ମନରୁ ବିମୁଖତା ଦୂର ହୋଇ ପାଠ ପଢ଼ିବାରେ ଆଗ୍ରହ ଜନ୍ମେ। ବିଶେଷଭାବେ କ୍ରୀଡ଼ା ଶୃଙ୍ଖଳାବୋଧ ଓ ମୈତ୍ରୀଭାବ ଶିକ୍ଷା ଦେଇଥାଏ ବୋଲି ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମଣୀ ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଡା.ମଧୁସୂଦନ ସେନାପତି, ମୁଖ୍ୟ ବକ୍ତା ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକ ବିଜୟ କୁମାର ରାଉତ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ କୁମାର ବଳବନ୍ତରାୟ, ଖବରଦାତା ରଘୁନାଥ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣେଶ ବାରିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱଜିତ୍ ପଲାଇ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ସେନାପତି କ୍ରୀଡ଼ା ପତାକା ଉତ୍ତୋଳନ କରି କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ହରପ୍ରିୟା ଶ୍ରୀଚନ୍ଦନ ଶପଥ ପାଠ କରିଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ ଛାତ୍ରୀଛାତ୍ରମାନେ ଦୌଡ଼, ସର୍ଟପୁଟ, ଡିସକସ, ଜାଭେଲିନ ଥ୍ରୋ, ଲଙ୍ଗଜମ୍ପ, ହାଇଜମ୍ପ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। କ୍ରୀଡ଼ା ପ୍ରତିଯୋଗିତାକୁ ଶିକ୍ଷକ ଅନିରୁଦ୍ଧ ସେଠୀ, ଶିକ୍ଷୟିତ୍ରୀ ରଶ୍ମିତା ବେହେରା, ଶର୍ମିଳା ବେହେରା, ସଙ୍ଗୀତା ଜାଲି, ପ୍ରଜ୍ଞା ପ୍ରିୟଦର୍ଶନୀ ପରିଡା, ଭାଗ୍ୟଶ୍ରୀ ମହାରଣା, ମନିଷା ବେହେରା, କ୍ରୀଡ଼ା ଶିକ୍ଷକ ସତ୍ୟବ୍ରତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।


ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିମାନେ।

# ମଦନପୁର ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ୧୬ରୁ

ଯାଁଳା,୯।୧୨(ବୁଲା ବାରିକ)

ଜଟଣୀ ବ୍ଲକ ମଦନପୁରଠାରେ ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ୧୪ତମ ମଦନପୁର ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍ ବିଡ଼ାନାସୀ କଟକ ଏବଂ ରାଜଧାନୀ ଏଫ୍‌ସି ମଈଦିପୁର ପାରଦ୍ୱୀପ ଏବଂ ଦ୍ୱିତୀୟ ମ୍ୟାଚ୍ ବକ୍ସର ବିହାର ଏବଂ ଜଗା ୟୁନାଇଟେଡ୍ ଭୁବନେଶ୍ୱର ମଧ୍ୟରେ ଖେଳାଯିବ। ୧୮ତାରିଖରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ୧୯ ତାରିଖରେ ଭଞ୍ଜନଗର ଫୁଟ୍‌ବଲ ଏକାଡେମୀ ଏବଂ ଆଫ୍ରିକା ଏକାଦଶ, ୨୦ରେ ପପୁଲାର ଢେଙ୍କାନାଳ ଏବଂ ସ୍ପୋର୍ଟ୍ସହଷ୍ଟେଲ ଫୁଲବାଣୀ ମଧ୍ୟରେ ମ୍ୟାଚ୍ ହେବ। ୨୧ତାରିଖରେ ଦ୍ୱିତୀୟ ସେମିଫାଇନାଲ ଏବଂ ୨୨ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ୭ ମାସରେ ୮,୬୧୧ ସୂଚନା ଅଧିକାର ମାମଲା ସମାଧାନ

ଭୁବନେଶ୍ୱର,୯।୧୨(ତ୍ରିନାଥ ମହାନ୍ତି)

- ଅବହେଳା କରିଥିବା କର୍ମଚାରୀଙ୍କ ଉପରେ ୧.୪୭ କୋଟିରୁ ଊର୍ଦ୍ଧ୍ୱ ଜରିମାନା
- ୧୮୫୭ଜଣ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ରାଜ୍ୟ ସୂଚନା ଆୟୋଗ ଦ୍ୱାରା ରେକର୍ଡ ସଂଖ୍ୟକ ୮,୬୧୧ ମାମଲାର ସମାଧାନ ହୋଇଛି। ଗତ ୭ ମାସରେ ଆୟୋଗରେ ବିଚାରାଧୀନ ଅଭିଯୋଗ ସଂଖ୍ୟା ୨୨ ହଜାର ୬୧୧ରୁ କମି ୧୪ ହଜାରରେ ପହଞ୍ଚିଛି। କୋଭିଡ୍ ମହାମାରୀ ବେଳେ ମାମଲାର ଶୁଣାଣି ଧିମା ପଡ଼ିଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ପଦବୀ ଖାଲିପଡ଼ିବା ଓ ଆୟୋଗରେ କେବଳ ଦୁଇଜଣ ସୂଚନା କମିଶନର ଥିବାରୁ ଶୁଣାଣିରେ ସମସ୍ୟା ହୋଇଥିଲା। ତେବେ ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ଏପ୍ରିଲ ୨୦୨୫ରେ ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ସହ ଚାରିଜଣ ସୂଚନା କମିଶନର ନିଯୁକ୍ତି ପ୍ରଦାନ କରିଥିଲେ। ଫଳରେ ମାମଲାଗୁଡ଼ିକର ଦ୍ରୁତ ସମାଧାନ ପାଇଁ ଆୟୋଗ ବିଶେଷ ଅଭିଯାନ ଆରମ୍ଭ କରିଥିବା ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା କହିଛନ୍ତି।

ଆୟୋଗର ସୂଚନା ଅନୁସାରେ, ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡା ଓପିଏସ୍‌ସି ଦ୍ୱାରା ପରିଚାଳିତ ସମସ୍ତ ପରୀକ୍ଷାର ସାକ୍ଷାତ୍କାର ମାର୍କ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ଦେବାକୁ ଆଦେଶ ଦେଇଛନ୍ତି। ଅତୀତରେ ଓପିଏସ୍‌ସି କେବଳ କିଛି ସୀମିତ ପରୀକ୍ଷାର ସାକ୍ଷାତ୍କାର ମାର୍କ ପ୍ରାର୍ଥୀମାନଙ୍କୁ ଦେଉଥିଲେ। ଏପରି ନିର୍ଦ୍ଦେଶ ଷ୍ଟାଫ୍‌ସିଲେକ୍ସନ କମିଶନକୁ ମଧ୍ୟ ଦିଆଯାଇଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି ଆର୍‌ଟିଆଇ ଆଇନକୁ ଦୁରୁପଯୋଗ କରି ଶହ ଶହ ମାମଲା ଆବେଦନ କରୁଥିବା ବ୍ୟକ୍ତିଙ୍କୁ ପ୍ରତିବନ୍ଧ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ କିଛିବର୍ଷ ମଧ୍ୟରେ ଆୟୋଗ ନିର୍ଦ୍ଦେଶକୁ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ୧ କୋଟି ୪୭ ଲକ୍ଷ ୭୬ ହଜାର ୨୫୦ଟଙ୍କାର ଜରିମାନା ଲାଗୁ କରାଯାଇଛି। ୧୮୫୭ଜଣ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି ସୁପାରିସ କରିବା ସହ ୧୬ ଲକ୍ଷ ୫୪ ହଜାର ଟଙ୍କାର କ୍ଷତିପୂରଣ ଦେବାକୁ ଆୟୋଗ ଆଦେଶ କରିଛନ୍ତି। ପିଆଇଓମାନଙ୍କୁ ଭାରି ଜରିମାନା ଦେଇ ଭୟଭୀତ କରିବା ପରିବର୍ତ୍ତେ ଆୟୋଗ ସୂଚନା ପ୍ରଦାନ ଉପରେ ଗୁରୁତ୍ୱ ଦେଉଛନ୍ତି। କେବଳ ଅଭ୍ୟାସଗତ ଓ ଜାଣିଶୁଣି ଅବହେଳା କରୁଥିବା ଅଫିସରଙ୍କୁ ଜରିମାନା କରାଯାଉଛି। ସୂଚନା ଆୟୋଗଙ୍କ ଦ୍ୱାରା ମାମଲାର ଦ୍ରୁତ ଫଇସଲା ଲାଗି ଗ୍ରହଣ କରାଯାଇଥିବା ପଦକ୍ଷେପକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଭିନ୍ନ ରାୟରେ ନ୍ୟାୟୋଚିତ ତଥା ଯଥାର୍ଥ ବୋଲି କହିଛନ୍ତି। ଏସବୁ ପଦକ୍ଷେପ ଯୋଗୁ ଆଗାମୀ ବର୍ଷ ଶେଷ ସୁଦ୍ଧା ବିଚାରାଧୀନ ମାମଲା କେବଳ କିଛି ହଜାରକୁ କମିଯାଇପାରିବ। ଏହାଦ୍ୱାରା ସୂଚନା ପାଇଁ ଆବେଦନକାରୀଙ୍କ ପ୍ରତୀକ୍ଷା ସମୟ ୩୦ ଦିନ ଅତିକ୍ରମ କରିବ ନାହିଁ ବୋଲି ଆୟୋଗ ପକ୍ଷରୁ କୁହାଯାଇଛି।

# ପୋଲାଣ୍ଡରୁ ଫେରିଲେ ରାଜ୍ୟ ନିର୍ବାଚନ କମିଶନ କାର୍ଯ୍ୟାଳୟର ପ୍ରତିନିଧି ଦଳ



ଭୁବନେଶ୍ୱର, ୯।୧୨(ସୁନିତ୍ ମିଶ୍ର)

ଭାରତ ନିର୍ବାଚନ ଆୟୋଗ(ଇସିଆଇ)କୁ ପ୍ରତିନିଧିତ୍ୱ କରି ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ୫ ଜଣିଆ ପ୍ରତିନିଧିମଣ୍ଡଳୀଙ୍କ ପୋଲାଣ୍ଡ ଗସ୍ତ ସମାପ୍ତ ହୋଇଛି। ପ୍ରଥମ ଥର ପାଇଁ ଓଡ଼ିଶାର ପ୍ରତିନିଧିମଣ୍ଡଳୀ ଏଭଳି ଏକ ଅନ୍ତର୍ଜାତୀୟ ଗସ୍ତର ଅଂଶବିଶେଷ ହୋଇଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା ଆର୍. ଏସ୍. ଗୋପାଳନ କହିଛନ୍ତି, ଏହି ଗସ୍ତ ଓଡିଶା ପାଇଁ ଏକ ବିଶେଷ ଗୌରବର ଅବସର। ଅଧିକାରୀମାନଙ୍କ ଏଭଳି ଅନ୍ତର୍ଜାତୀୟ ଅଭିଜ୍ଞତା ଓଡ଼ିଶାର ନିର୍ବାଚନ, ଭୋଟର ତାଲିକା ପରିଚାଳନା ଆଦି କ୍ଷେତ୍ରରେ ବହୁ ମାତ୍ରାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ପାଞ୍ଚ ଜଣିଆ ପ୍ରତିନିଧିମଣ୍ଡଳୀକୁ ଅତିରିକ୍ତ ଶାସନ ସଚିବ ତଥା ଜାତୀୟସ୍ତରୀର ମାଷ୍ଟର ଟ୍ରେନର ଶତ୍ରୁଘ୍ନ କର, ଅତିରିକ୍ତ ଶାସନ ସଚିବ ତଥା ଜାତୀୟସ୍ତରୀର ମାଷ୍ଟର ଟ୍ରେନର ପ୍ରମୋଦ କୁମାର ସାହୁ, ଖୋର୍ଦ୍ଧା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅମ୍ରିତ ଋତୁରାଜ, ଉପଜିଲାପାଳ, ଭୁବନେଶ୍ୱର ମନୋରଞ୍ଜନ ସାହୁ, ବୁଥ ସ୍ତରୀୟ ଅଧିକାରୀ (ବୁଥ ନ ୧୪୪-୧୧୨ ବିଧାନସଭା ମଣ୍ଡଳୀ) ଚିନ୍ମୟ କୁମାର ସୀତ ପ୍ରତିନିଧିତ୍ୱ କରିଥିଲେ। ପୋଲାଣ୍ଡର ରାଜଧାନୀ ୱାର-ସରେ ପହଞ୍ଚିବା ପରେ ପ୍ରତିନିଧିମଣ୍ଡଳୀ ପ୍ରଥମେ ଭାରତୀୟ ଦୂତାବାସରେ ଭାରତୀୟ ମିଶନର ମୁଖ୍ୟଙ୍କ ସହିତ ସୌଜନ୍ୟ ସାକ୍ଷାତ କରିଥିଲେ। ଏହାପରେ ସେମାନେ ୨ ଜଣ ନିର୍ବାଚନ କମିଶନର(ନ୍ୟାୟାଧୀଶ) ଏବଂ ଇଣ୍ଟରନ୍ୟାଶନାଲ ରିଲେଶନ ନିର୍ଦ୍ଦେଶକଙ୍କ ସହିତ ୯୦ ମିନିଟରୁ ଅଧିକ ସମୟ ଧରି ନିର୍ବାଚନ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଏହି ବୈଠକ ଉଭୟ ଗଣତନ୍ତ୍ରର ଶ୍ରେଷ୍ଠ ପଦକ୍ଷେପ ଓ ନିର୍ବାଚନ ପରିଚାଳନାର ଉନ୍ନତିକରଣ ଉପରେ ବିଶେଷ ଭାବେ କେନ୍ଦ୍ରୀଭୁତ ଥିଲା।

# ଶିଶୁ ଶ୍ରମିକ ଯାଞ୍ଚ, ବର୍ଷକରେ ୪୭ ମାମଲା

ଭୁବନେଶ୍ୱର,୯।୧୨(ସତ୍ୟଜିତ ରାଉତ)

ରାଜ୍ୟରେ କେତେକ ସଂସ୍ଥା ଓ ପ୍ରଭାବଶାଳୀ ବ୍ୟକ୍ତି ଶିଶୁମାନଙ୍କୁ ଶ୍ରମିକ ଭାବେ ଖଟାଉଛନ୍ତି। ଚଳିତବର୍ଷ ଏଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ୪୭ଟି ମାମଲା ପଞ୍ଜୀକୃତ କରାଯାଇଛି। ମଙ୍ଗଳବାର ବିଧାନସଭାରେ ବାଲିଗୁଡା ବିଧାୟକ ଚକ୍ରମଣି କହଁରଙ୍କ ତାରକା ପ୍ରଶ୍ନର ଉତ୍ତରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଏହି ତଥ୍ୟ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଅଧିନିୟମ ୧୯୮୬କୁ କଡାକଡି ଭାବେ ପାଳନ କରାଯାଉଛି। ଏଥିସହ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ରାଜ୍ୟ କାର୍ଯ୍ୟ ଖସଡ଼ା (ଷ୍ଟେଟ୍ ଆକ୍ସନ୍ ପ୍ଲାନ୍) କାର୍ଯ୍ୟକାରୀ କରାଯାଉଛି। ଶିଶୁମାନଙ୍କୁ ବିଭିନ୍ନ ଶ୍ରମରେ ନିୟୋଜନ କରୁଥିବା ନିୟୋଜନକର୍ତ୍ତା ବା ସଂସ୍ଥା ବିରୋଧରେ ଶ୍ରମ ଅଧିକାରୀମାନେ ନିରୀକ୍ଷଣ କରି ଆବଶ୍ୟକ ପଦକ୍ଷେପ ନେଇଥାନ୍ତି। ଚଳିତବର୍ଷ ଏଯାଏ ୧୬୨୬ଟି ସ୍ଥାନରେ ଯାଞ୍ଚ କରାଯାଇ ୪୭ଟି ମାମଲା ରୁଜୁ କରାଯାଇଛି। ଯାଜପୁର ଜିଲାରେ ସର୍ବାଧିକ ୧୨ଟି ମାମଲା ରୁଜୁ କରାଯାଇଛି। ସେହିପରି ଗଜପତି ଜିଲାରେ ୬, ଗଞ୍ଜାମରେ ୫, ଜଗତ୍‌ସିଂହପୁରରେ ୧, ଝାରସୁଗୁଡାରେ ୫, କେନ୍ଦୁଝରରେ ୧, ଖୋର୍ଦ୍ଧାରେ ୧, କୋରାପୁଟରେ ୫, ମାଲକାନଗିରିରେ ୨, ରାୟଗଡାରେ ୨, ସୁନ୍ଦରଗଡରେ ୪ ଏବଂ ତାଳଚେରରେ ୩ ମାମଲା ରୁଜୁ କରାଯାଇଥିବା ମନ୍ତ୍ରୀ ତଥ୍ୟ ଦେଇଛନ୍ତି।

# ଦେଶପ୍ରେମ ଜାଗ୍ରତ ପାଇଁ କଲମ ଚଳାଇଥିଲେ ଲକ୍ଷ୍ମୀକାନ୍ତ



କାନ୍ତକବିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟମାନେ।

## ବିଧାନସଭାରେ କାନ୍ତକବିଙ୍କ ଜୟନ୍ତୀ

ଭୁବନେଶ୍ୱର,୯।୧୨
(ସୌମ୍ୟରଞ୍ଜନ ରାଉତ)

ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଥିଲେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାରସ୍ୱତ ସାଧକ ଓ ସମ୍ପାଦକ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ୧୯୩୦ ଲବଣ ସତ୍ୟାଗ୍ରହ କାନ୍ତକବିଙ୍କ ଜୀବନ ଉପରେ ଗଭୀର ପ୍ରଭାବ ପକାଇଥିଲା। ସେହି ସମୟରେ ସାଧାରଣ ଜନତାଙ୍କୁ ଜାତୀୟତା ପ୍ରତି ଆକର୍ଷିତ କରିବା ପାଇଁ କାନ୍ତକବି କଲମର ସାହାଯ୍ୟ ନେଇଥିଲେ। ଗଳ୍ପ, ଉପନ୍ୟାସ, ନାଟକ ଓ କବିତାମାନ ରଚନା କରି ଲୋକଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିଥିଲେ। କାନ୍ତକବିଙ୍କ ରଚିତ ଦେଶାତ୍ମବୋଧକ କବିତାମାନ ଲୋକମାନଙ୍କୁ ଏକଜୁଟ କରିବାରେ ସାହାଯ୍ୟ କଲା। ସାଧାରଣ ଜନତାଙ୍କୁ ଇଂରେଜଙ୍କ ବିରୋଧରେ ଲଢ଼ିବାକୁ ଏବଂ ସ୍ୱାଧୀନତା ପ୍ରାପ୍ତ କରିବାକୁ ସେ କବିତାକୁ ନିଜର ଅସ୍ତ୍ର ଭାବରେ ବ୍ୟବହାର କରିଥିଲେ। କାନ୍ତକବିଙ୍କ ରଚନାରେ ଦେଶ ଓ ଜାତିପ୍ରେମର ଝଲକ ଦେଖିବାକୁ ମିଳିଥାଏ ବୋଲି ମଙ୍ଗଳବାର ବିଧାନସଭା ପରିସରରେ କାନ୍ତକବିଙ୍କ ଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ଏଥିସହ ସେମାନେ କାନ୍ତକବିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ, ଫକୀର ନାୟକ, ରଘୁନାଥ ମାଛ ଏବଂ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ୫ଜଣ ପାଇଲେ 'ବସନ୍ତ ବାହାର ସମ୍ମାନ'

ଭୁବନେଶ୍ୱର,୯।୧୨
(ସୌମ୍ୟରଞ୍ଜନ ରାଉତ)

ବସନ୍ତ ବାହାର ସଙ୍ଗୀତ ଏକାଡ଼େମୀର ଦ୍ୱିତୀୟ ବାର୍ଷିକ ଉତ୍ସବ ସୂଚନା ଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଶିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଙ୍ଗୀତଜ୍ଞ ଶରତ ଚନ୍ଦ୍ର ବାରିକ, ହିଲିଂଟଚ୍ ଥେରାପି ସେଣ୍ଟରର ପ୍ରତିଷ୍ଠାତା ଡ. ପ୍ରୟାସ ରଥ, ଯୁବ ସମାଜିକ କର୍ମୀ ନୀଳମାଧବ ପଣ୍ଡା, ଗ୍ୟାଷ୍ଟ୍ରୋଲୋଜିଷ୍ଟ ଡା. ଶୁଶାନ୍ତ ସେଠୀ ଏବଂ ସମାଜିକ କର୍ମୀ ମନୋଜ କୁମାର ପଣ୍ଡାଙ୍କୁ 'ବସନ୍ତ ବାହାର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ଆୟୋଜିତ ସଙ୍ଗୀତ ସନ୍ଧ୍ୟାରେ କୁନି ପ୍ରତିଭାମାନେ ନବେ ଦଶକର କିଛି ଅଭୁଲା ଏବଂ ମନଛୁଆଁ ସଙ୍ଗୀତ ପରିବେଷଣ ସମସ୍ତଙ୍କ ମନକୁ ଛୁଇଁଥିଲା। ବିନୋଦ ବିହାରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏକାଡ଼େମୀର ମୁଖ୍ୟ ବସନ୍ତ ପାତ୍ର ଧନ୍ୟବାଦ ଦେଇଥିଲେ।




ବସନ୍ତ ବାହାର ସଙ୍ଗୀତ ଏକାଡ଼େମୀର ବାର୍ଷିକୋତ୍ସବରେ ଛାତ୍ରାଛାତ୍ର ସଙ୍ଗୀତ ପରିବେଷଣ କରୁଛନ୍ତି।

# 'କ୍ରୀଡ଼ା ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା ଜ୍ଞାନ ଶିକ୍ଷା ଦେଇଥାଏ'

## ମହାରଥା ସରକାରୀ ଉଚ୍ଚ ବିଦ୍ୟାଳୟର ୬୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ




ଉତ୍ସବରେ ଆଲୁମ୍‌ନି କମିଟି ସଭାପତି ପ୍ରଦୀପ୍ତ କୁମାର ଛୋଟରାୟଙ୍କ ସହ ଅନ୍ୟ ଅତିଥି।

ବାଲିଅନ୍ତା,୯।୧୨(ନୀଳମାଧବ ସାହୁ)

ନହରକଣ୍ଟାସ୍ଥିତ ମହାରଥା ସରକାରୀ ଉଚ୍ଚ ବିଦ୍ୟାଳୟର ୬୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଆଲୁମ୍‌ନି କମିଟି ସଭାପତି ପ୍ରଦୀପ୍ତ କୁମାର ଛୋଟରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥିଭାବେ ଏସ୍‌ଏମ୍‌ସି ଚେୟାରମାନ୍ ହୃଦାନନ୍ଦ ରାଉଳ, ଶତ୍ରୁଘ୍ନ ସାହୁ, ଦିଲ୍ଲୀପ କୁମାର ସାହୁ ଓ ଝରଣା ସାହୁ ପ୍ରମୁଖ ଯୋଗଦେଇଥିଲେ। ଶାରୀରିକ ଓ ମାନସିକ ସୁସ୍ଥ ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଛି। ପିଲାମାନେ ଖେଳୁଆଡ଼ ମନୋଭାବ ନେଇ ଖେଳନ୍ତୁ। କ୍ରୀଡ଼ା ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା ଜ୍ଞାନ ଶିକ୍ଷା ଦେଇଥାଏ ବୋଲି ଅତିଥିମାନେ କହିଥିଲେ। ଉତ୍ସବରେ ଚନ୍ଦ୍ରଶେଖର ଜେନା, ପଦ୍ମ ଚରଣ ବେହେରା, ପ୍ରେମାନନ୍ଦ ସେନାପତି, ରୋହିତ କୁମାର ନାୟକ ଓ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସୁବର୍ଣ୍ଣା ପଟ୍ଟନାୟକ ଅତିଥି ପରିଚୟ ଓ କ୍ରୀଡ଼ା ଶିକ୍ଷକ ଦେବପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମଶାଲ ଆଗମନ ଓ ମାର୍ଚ୍ଚ ପାଷ୍ଟ କରାଯାଇଥିଲା।

# ଗିରଫ ଦୁଇ ଅଭିଯୁକ୍ତଙ୍କଠାରୁ ୧୫ ଅପରାଧୀ କିଣିଛନ୍ତି ବନ୍ଧୁକ

ଭୁବନେଶ୍ୱର,୯।୧୨(ତ୍ରିନାଥ ମହାନ୍ତି)

## କାର୍ବାଇନ ସମେତ ୧୧ ବନ୍ଧୁକ ଜବତ ମାମଲା

### ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ ବିହାରରେ ସ୍ପେଶାଲ କ୍ରାଇମ୍ ୟୁନିଟ୍

ଭୁବନେଶ୍ୱର ଦେଇ ବ୍ରହ୍ମପୁରକୁ ଚାଲାଣବେଳେ କାର୍ବାଇନ ସମେତ ୧୧ ବନ୍ଧୁକ ଓ ୧୨ ଗୁଳି ଜବତ ମାମଲାରେ କମିଶନରେଟ୍ ପୋଲିସ ତଦନ୍ତକୁ ଆଗକୁ ନେଇଛି। ଗିରଫ ଦୁଇ ବନ୍ଧୁକ ବେପାରୀ ସୁମନ୍ତ ନାୟକ ଏବଂ ସୌଭାଗ୍ୟ ନାୟକଙ୍କୁ ପଚରାଉଚରାବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଉଭୟଙ୍କଠାରୁ ୧୫ଜଣ ଅପରାଧୀ ବନ୍ଧୁକ କିଣିଥିବା ସ୍ପେଶାଲ କ୍ରାଇମ୍ ୟୁନିଟ୍ ଜାଣିବାକୁ ପାଇଛି। ୧୨ଜଣ ଗଞ୍ଜାମର ଅପରାଧୀ ହୋଇଥିବା ବେଳେ ୩ଜଣ ଭୁବନେଶ୍ୱରର ବୋଲି ଜଣାପଡ଼ିଛି। ସେମାନଙ୍କ ନାମ ପୋଲିସ ଲେଖି ରଖିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ପୋଲିସ ଉଠାଇବ। ଦୁଇ ଅଭିଯୁକ୍ତ ସେମାନଙ୍କୁ ୮୦ହଜାର ଟଙ୍କା ମୂଲ୍ୟର ୯ଏମ୍‌ଏମ୍ ବନ୍ଧୁକ ବିକ୍ରି କରିଛନ୍ତି। ତେଣୁ ସେମାନଙ୍କୁ ଗିରଫ ସହ ବେଆଇନ ବନ୍ଧୁକ ଜବତ ପାଇଁ ପୋଲିସ ଉଦ୍ୟମ ଆରମ୍ଭ କରିଛି। ଏଥିସହ ଏହି ଦୁଇ ପେସାଦାର ଅପରାଧୀଙ୍କ ଆର୍ଥିକ କାରବାର ଖୋଳତାଡ଼ କରାଯାଉଛି। ଦୁଇ ଜଣଙ୍କ ଆକାଉଣ୍ଟରେ ୫୦ ଲକ୍ଷରୁ ଅଧିକ ଟଙ୍କା ଥିବା ପୋଲିସ ଜାଣିବାକୁ ପାଇଛି। ବନ୍ଧୁକ କାରବାରରୁ ଘର, ଫ୍ଲାଟ୍ କରିବା ସହ ଅନ୍ୟ ସଂସ୍ଥାରେ ଟଙ୍କା ଲଗାଇଛନ୍ତି। ପୋଲିସ ତଦନ୍ତରୁ ଏଭଳି କଳାଧନ ଥିବା ଜାଣିବା ପରେ ସେମାନେ ବେଆଇନ ଭାବେ ଠୁଳ କରିଥିବା ସମ୍ପତ୍ତି ଜବତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ ବନ୍ଧୁକ ବେପାରର ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ ବିହାରରେ ଡେରା ପକାଇଛି ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ଏକ ଟିମ୍। ସେମାନେ ସ୍ଥାନୀୟ ପୋଲିସ ସହାୟତାରେ ଏକାଧିକ ସ୍ଥାନରେ ଚଢାଉ ଜାରି ରଖିଛି। ମାଷ୍ଟରମାଇଣ୍ଡ ଜଣକ ୬ଟି ରାଜ୍ୟକୁ ଚୋରା ବନ୍ଧୁକ କାରବାରର ନେଟୱର୍କ ବିଛାଇଛନ୍ତି। ଆହୁରି ମଧ୍ୟ ପୋଲିସ ଜବତ କରିଥିବା କାର୍ବାଇନ୍ ସମ୍ପର୍କରେ ଖୋଳତାଡ଼ କରୁଛି। କାର୍ବାଇନ ସହ ଅନ୍ୟ ବନ୍ଧୁକ ତିଆରି ହେଉଥିବା କାରଖାନାରେ ଚଢ଼ାଉ କରିବାକୁ ଲକ୍ଷ୍ୟ ରଖିଛି। ଦୁଇ ଅଭିଯୁକ୍ତ ସୁମନ୍ତ ଓ ସୌଭାଗ୍ୟ ଝାଡ଼ଖଣ୍ଡ ଏବଂ ବିହାରର ମୁଙ୍ଗେରରୁ ବନ୍ଧୁକ ଆଣି ବ୍ରହ୍ମପୁର, ଭୁବନେଶ୍ୱର, କଟକ ଏବଂ ରାଉରକେଲାରେ ବିକ୍ରି କରନ୍ତି। ଅର୍ଡର ପାଇ ଗତ ଶୁକ୍ରବାର ଅପରାହ୍ନରେ ଅନୁଗୋଳରୁ ବନ୍ଧୁକ ଆଣି ବୋଲେରୋରେ ବ୍ରହ୍ମପୁର ନେଇଯାଉଥିବା ବେଳେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଖଣ୍ଡଗିରି ଓଭରବ୍ରିଜ୍ ଧରିଥିଲା।

# ଉତ୍କଳ ସମ୍ମିଳନୀ ପକ୍ଷରୁ କାନ୍ତକବିଙ୍କ ଜୟନ୍ତୀ




ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୯।୧୨
(ସୌମ୍ୟରଞ୍ଜନ ରାଉତ)

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଉତ୍ସବ ଉତ୍କଳ ସମ୍ମିଳନୀ ପକ୍ଷରୁ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରସ୍ଥିତ ମୁଖ୍ୟ ଡାକଘର ପାଖରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅତିଥି ଭାବେ ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ, ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା, ଉପସଭାପତି ଡ. ସୁରେନ୍ଦ୍ର କୁମାର ମିଶ୍ର, ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ ଓ ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାନ୍ତକବିଙ୍କ ଗୁଣଗାନ କରିଥିଲେ। ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ, ବୁଢା ଶଙ୍ଖାରୀ ଗପ, କଣାମାମୁ ଉପନ୍ୟାସ ଓ ସବୁଥିରୁ ବଞ୍ଚିତ କରି କେଉଁ ଯଶ ବାନା ଉଡାଇବ ହେ ଜଣାଣ କାନ୍ତକବିଙ୍କର କାଳଜୟୀ ସୃଷ୍ଟି ବୋଲି ଅତିଥିମାନେ କହିଥିଲେ। ସମ୍ମିଳନୀର ଯୁଗ୍ମ ସମ୍ପାଦକ ଅକ୍ଷୟ ଜେଠୀ, ମହେଶ୍ୱର ବିଶ୍ୱାଳ, ବାସନ୍ତୀ ତ୍ରିପାଠୀ, ସୁରଜିତ ପରିଡା, ରାମଚନ୍ଦ୍ର ସାମଲ ଓ ରମେଶ ଚନ୍ଦ୍ର ପାତାଳସିଂହ ପ୍ରମୁଖ କାନ୍ତକବିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସନ୍ତୁଳିତ ପୋଷଣ ସମ୍ପର୍କିତ ଯୁବ କନ୍‌କ୍ଲେଭ

ଭୁବନେଶ୍ୱର,୯।୧୨(ସୁଚିସ୍ମିତା ସାହୁ)

ଯୁବଗୋଷ୍ଠୀଙ୍କ ଅସନ୍ତୁଳିତ ଖାଦ୍ୟାଭାସ ଏବଂ ପରିବର୍ତ୍ତିତ ଜୀବନଶୈଳୀ ହିଁ ବହୁ ରୋଗକୁ ଆମନ୍ତ୍ରଣ କରୁଛି। ତେଣୁ ସ୍ୱାସ୍ଥ୍ୟକର ଖାଦ୍ୟ ଠିକ ଭାବେ ଖାଇ ସୁସ୍ଥ ଓ ଉଜ୍ଜ୍ୱଳ ରହିବାକୁ ସୋମବାର ୟୁନିସେଫ୍ ଓ ଗୋଷ୍ଠୀ ବିଜ୍ଞାନ ମହାବିଦ୍ୟାଳୟ ପକ୍ଷରୁ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଯୁବ କନ୍‌କ୍ଲେଭରେ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ସନ୍ତୁଳିତ ପୋଷଣ ସମ୍ପର୍କିତ ଏହି କନ୍‌କ୍ଲେଭ୍‌ରେ ମହିଳା ଓ ଶିଶୁବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସଭାପତିତ୍ୱ କରିଥିବାବେଳେ ୟୁନିସେଫର ନିଉଟ୍ରିଶନ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଇସିଏଆର୍ ନୋଡାଲ ଅଫିସର ଡ. ମିନାକ୍ଷୀ ମହାନ୍ତି ସ୍ୱାଗତ ଭାଷଣ ଓ ପୋଷଣ ବିଭାଗ ମୁଖ୍ୟ ଡ. ଚିତ୍ରୋତ୍ପଳା ଦେବଦର୍ଶିନୀ ଧନ୍ୟବାଦ ଜ୍ଞାପନ କରିଥିଲେ।

# ନୂଆସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କ୍ରୀଡ଼ା ଉତ୍ସବ

ଭୁବନେଶ୍ୱର,୯।୧୨
(ସୌମ୍ୟରଞ୍ଜନ ରାଉତ)



ଉଦ୍‌ଯାପନୀ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ରସୁଲଗଡ଼ ନୂଆସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ସରୋଜ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭାଜପା ନେତା ବେଣୁଧର ବେହେରା, ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ଆଚାର୍ଯ୍ୟ ଗୁଣମଞ୍ଜରୀ ମହାପାତ୍ର, ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମ ସମ୍ପାଦିକା ମମତା ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କ୍ରୀଡ଼ା ଉତ୍ସବରେ ୬ଟି ବର୍ଗରେ ୩ଶହ ଛାତ୍ରୀଛାତ୍ର ଭାଗନେଇଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟ ସମ୍ପାଦକ ବିଜୟ କୁମାର ରାଉତରାୟ ସ୍ୱାଗତ ଭାଷଣ ଓ ପ୍ରଧାନ ଆଚାର୍ଯ୍ୟ ଦୁଃଶାସନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ତଟିନୀ ରାଉତ ମଞ୍ଚ ପରିଚାଳନା କରିଥିଲେ।

# ଚତୁର୍ଦ୍ଦଶ ଶତାବ୍ଦୀର ଓଡ଼ିଆ, ତେଲୁଗୁ ଦ୍ୱିଭାଷୀ ଶିଳାଲେଖ ଆବିଷ୍କାର

ଭୁବନେଶ୍ୱର,୯।୧୨
(ସୌମ୍ୟରଞ୍ଜନ ରାଉତ)

ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ୍ ଜିଲାର ଉମା ଲକ୍ଷେଶ୍ୱର ସ୍ୱାମୀ ମନ୍ଦିରରେ ଓଡ଼ିଶା ସହ ଜଡିତ ଏକ ଶିଳାଲେଖର ସନ୍ଧାନ ମିଳିଛି। ଲିପିତତ୍ତ୍ୱ ଗବେଷକ ବିଷ୍ଣୁ ମୋହନ ଅଧିକାରୀ ଓଡ଼ିଆ ଏବଂ ତେଲୁଗୁ ଭାଷାର ଏହି ଶିଳାଲେଖକୁ ଆବିଷ୍କାର କରିବା ସହ ଏହାର ପାଠୋଦ୍ଧାର କରିଛନ୍ତି। ଅଧିକାରୀଙ୍କ ସୂଚନାନୁସାରେ, ଶିଳାଲେଖଟି ମନ୍ମଥ ନାମ ସଂବତ୍ସର ଚୈତ୍ର ଶୁକ୍ଳ ପ୍ରତିପଦା ଶୁକ୍ରବାରରେ ବିଶ୍ୱନାଥ ପଣ୍ଡିତଙ୍କ ଦ୍ୱାରା ଦାନ ହୋଇଥିବା ଉଲ୍ଲେଖ ରହିଛି। ଏଥିରେ 'ପାଳକୁଳା' ଗ୍ରାମର ନାମ ରହିଛି, ଯାହାର ଆଧୁନିକ ନାମ ସ୍ଥାନୀୟ ଅଞ୍ଚଳରେ ଥିବା 'ପାଳକୁଣ୍ଡା' ଗ୍ରାମ ହୋଇଥିବା ସେ ଅନୁମାନ କରିଛନ୍ତି। ବିଶେଷ କଥା ହେଉଛି ଜେନ୍ ବିଶ୍ୱନାଥ ପଣ୍ଡିତଙ୍କ ନାମ ଓଡ଼ିଆ ଓ ତେଲୁଗୁ ଲିପିରେ ଉଲ୍ଲେଖିତ, ଯାହା ଏହି ଶିଳାଲେଖକୁ ଅତ୍ୟଧିକ ଦୁର୍ଲଭ ଓ ଶାସ୍ତ୍ରୀୟ ଗୁରୁତ୍ୱପୂର୍ଣ୍ଣ କରିଛି। ଏହି ଶିଳାଲେଖଟି ଆନୁମାନିକ ଚତୁର୍ଦ୍ଦଶ ଶତାବ୍ଦୀ ପ୍ରଥମାର୍ଦ୍ଧର ତଥା ପୂର୍ବ ଗଙ୍ଗବଂଶ ବେଳର ହୋଇପାରେ ବୋଲି ସେ ମତ ଦେଇଛନ୍ତି। ସେହି ସମୟରେ କଳିଙ୍ଗର ସାମ୍ରାଜ୍ୟ ସୀମା ଗୋଦାବରୀ ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତାରିତ ଥିବା ଐତିହାସିକ ପ୍ରମାଣ ମିଳିଥାଏ। ନିକଟସ୍ଥ ଶ୍ରୀକୁର୍ମ ମନ୍ଦିରରେ ସେହି ଶତାବ୍ଦୀର ଅନେକ ଦ୍ୱିଭାଷୀ ଶିଳାଲେଖ ପୂର୍ବରୁ ପାଠ ଉଦ୍ଧାର ହୋଇଥିବା କଥା ବିଷ୍ଣୁମୋହନ କହିଛନ୍ତି।

ସୂଚନାଯୋଗ୍ୟ, ଗବେଷକ ବିଷ୍ଣୁମୋହନ ଏହି ମନ୍ଦିରରୁ କିଛି ମାସ ପୂର୍ବରୁ ଜୟପୁର ରାଜ୍ୟର ନନ୍ଦପୁର ରାଜାଙ୍କ ଏକ ଦୀର୍ଘ ଓଡ଼ିଆ ଶିଳାଲେଖ ପ୍ରଥମଥର ପୂର୍ଣ୍ଣ ପାଠ କରିଥିଲେ। ଏଥିରେ ଶ୍ରୀକାକୁଲମ୍‌ର ପ୍ରାଚୀନ ନାମ ଓଡ଼ିଆ ଭାଷାରେ ସିକାକୋଲି ଗଡ଼ବୋଲି ପ୍ରମାଣ ମିଳିଥିଲା। ଏହି ନୂଆ ଆବିଷ୍କାର ଐତିହାସିକ ପୁରାତତ୍ତ୍ୱବିଦ୍ ଓ ସଂସ୍କୃତି ଗବେଷକମାନଙ୍କୁ ଆନନ୍ଦ ଦେଇଛି, କାରଣ ଏହା ଓଡ଼ିଶା ଆନ୍ଧ୍ର ପ୍ରାନ୍ତ ଇତିହାସ ସମ୍ପର୍କରେ ଏକ ନୂଆ ତଥ୍ୟ ଯୋଗ କରୁଛି ଓ ଅଞ୍ଚଳୀୟ ଶିଳାଲେଖ ପରମ୍ପରାକୁ ସ୍ପଷ୍ଟ କରୁଛି ବୋଲି ବିଷ୍ଣୁମୋହନ ମତପ୍ରକାଶ କରିଛନ୍ତି।



ଆନ୍ଧ୍ର ପ୍ରଦେଶର ଉମା ଲକ୍ଷେଶ୍ୱର ସ୍ୱାମୀ ମନ୍ଦିରରେ ମିଳିଥିବା ଶିଳାଲେଖ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୧୨।୨୦୨୫

| | |
|---|---|
| ୬,୦୯,୭୩୪ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ୍ |
| ରୁପା | ୪୩ ଗ୍ରାମ୍ |

## ସଂକ୍ଷେପରେ

### ଡାକ୍ତର ରାଧାକାନ୍ତ ମିଶ୍ରଙ୍କ ପରଲୋକ

ପୁରୀ,୯।୧୨(ଅଜିତ୍ କୁମାର ମହାନ୍ତି)

ଡାକ୍ତର ରାଧାକାନ୍ତ ମିଶ୍ରଙ୍କର ୮୭ବର୍ଷ ବୟସରେ ମଙ୍ଗଳବାର ଭୋର ୫ଟାରେ ପରଲୋକ ହୋଇଯାଇଛି। ମାର୍କଣ୍ଡେଶ୍ୱର ସାହିସ୍ଥିତ ଭଙ୍ଗ ଜାଗା ଲେନ୍‌ର ମୂଳ ବାସିନ୍ଦା ସ୍ୱର୍ଗତ ମିଶ୍ର ଭୁବନେଶ୍ୱର ପଟିଆସ୍ଥିତ ବାସଭବନରେ ରହୁଥିଲେ। ବିଶିଷ୍ଟ ଆୟୁର୍ବେଦ ଚିକିତ୍ସକ ସୋମନାଥ ମିଶ୍ରଙ୍କର ସେ ଦ୍ୱିତୀୟ ପୁତ୍ର ଥିଲେ। ସ୍ୱର୍ଗତ ମିଶ୍ର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଶଲ୍ୟ ଚିକିତ୍ସା ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟକରି ସ୍ୱେଚ୍ଛାକୃତ ଅବସର ନେଇଥିଲେ। ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ତାଙ୍କର ଏକମାତ୍ର ପୁତ୍ର ବ୍ରଜକିଶୋର ମିଶ୍ର ମୁଖାଗ୍ନି ଦେଇଥିଲେ।

### ୪ ଅଭିଯୁକ୍ତ ଗିରଫ: ଚୋରି ବୋଲେରୋ, ବାଇକ୍ ଜବତ

କଣାସ,୯।୧୨(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲାର ବିଭିନ୍ନ ବ୍ଲକରୁ ବୋଲେରୋ, ବାଇକ୍, ମେଣ୍ଢା, ଛେଳି, ଗୋରୁ ଚୋରି କରୁଥିବା ଏକ ଗ୍ୟାଙ୍ଗର ୪ ସଦସ୍ୟଙ୍କୁ କଣାସ ପୋଲିସ ଗିରଫ କରିଛି। ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ୬ତାରିଖରେ କଣାସ ହାଟବଜାରରୁ ଏକ ବୋଲେରୋ ଓ ବାଲିପାଟଣା ଗ୍ରାମରୁ ଚୋରି ଏକ ପଲସର ମୋଟରସାଇକେଲ ଚୋରି ହେବା ନେଇ ମାଲିକ ଦ୍ୱୟ ଥାନାରେ ଏତଲା ଦେଇଥିଲେ। ପୋଲିସ ତଦନ୍ତ କରି ପିପିଲି ଟୋଲ ଗେଟ ନିକଟରୁ ଗାଡ଼ି ଦୁଇଟିକୁ ଜବତ କରିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଚିନ ପଟେଲଙ୍କ ତତ୍ତ୍ୱାବଧାନରେ କଣାସ ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ପ୍ରମୁଖ ଟିମ୍ ଗଢି ଏହି ସଫଳତା ପାଇଥିବା ମଙ୍ଗଳବାର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଦିବ୍ୟାଙ୍ଗ ବସନ୍ତ ସମ୍ବର୍ଦ୍ଧିତ

ପୁରୀ,୯।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଗତ ୩ ତାରିଖରେ ଟାଉନ୍ ହଲ ଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଶତକଡ଼ା ୧୦୦ ଭାଗ ଦୃଷ୍ଟିବାଧିତ ରାଜନୀତି ବିଜ୍ଞାନର ଅଧ୍ୟାପକ ବସନ୍ତ କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ ପାଇଁ ସ୍ଥିର ହୋଇଥିଲା। କୌଣସି କାରଣବଶତଃ ବସନ୍ତ ସେଦିନ ଅନୁପସ୍ଥିତ ଥିବାରୁ ମଙ୍ଗଳବାର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ବସନ୍ତଙ୍କୁ ତାଙ୍କର ଦୃଢ଼ ଇଚ୍ଛା ଶକ୍ତି, ନିଷ୍ଠା ଓ ସଂଘର୍ଷ କରି ଯେଉଁ ସ୍ଥାନରେ ପହଞ୍ଚିଛନ୍ତି, ସେଥିପାଇଁ ପ୍ରଶଂସା କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ନିମାପଡ଼ା ବ୍ଲକ କୁଆଁସ ଗ୍ରାମରେ ଜନ୍ମ ହୋଇଥିବା ବସନ୍ତ ତାଙ୍କ ବାପାମାଆଙ୍କ ଆଶୀର୍ବାଦ, ପ୍ରେରଣା ଓ ଅନ୍ୟ ଗୁରୁଜନଙ୍କ ସହଯୋଗରେ ଏପର୍ଯ୍ୟନ୍ତ ଆସି ପାରିଛନ୍ତି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ସେ ପିଲାବେଳେ ଭୁବନେଶ୍ୱର ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟରେ ଅଧ୍ୟୟନ ପରେ ସେଠାରୁ ପାସ୍ କରି ବିଜେବି କଲେଜରେ ଯୁକ୍ତଦୁଇ ଏବଂ ଗ୍ରାଜୁଏଶନ ଓ ଉତ୍କଳ ୟୁନିଭର୍ସିଟିରେ ପିଜି ପରେ ନିମାପଡ଼ା କଲେଜରେ ଅଧ୍ୟାପକ ଭାବେ ବର୍ତ୍ତମାନ ଅବସ୍ଥାପିତ ହୋଇଛନ୍ତି। ମହାବିଦ୍ୟାଳୟରେ ସମସ୍ତଙ୍କ ସହଯୋଗ, ଭଲପାଇବା ଓ ସମ୍ମାନ ତାଙ୍କୁ ଉଦ୍‌ବୁଦ୍ଧ କରିଛି ବୋଲି ସେ କହିବା ସହ ତାଙ୍କୁ ସହଯୋଗ କରିଥିବା ସମସ୍ତଙ୍କୁ ସେ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନମିତା ଚାନ୍ଦ, ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# କଣାସରୋଡ୍ ଷ୍ଟେଶନ ସମସ୍ୟା ଦୂର ନେଇ ଆଲୋଚନା

**ଡିଆରଏମ୍‌ଙ୍କୁ ଭେଟିଲା ରେଳ ଉପଭୋକ୍ତା ପରିଷଦ**

- ଯାତ୍ରୀ ସଂରକ୍ଷଣ ସେବା ଉଚ୍ଛେଦର ପ୍ରତିବାଦ କଲେ
- ପୁରୀ-ବଡ଼ବିଲ- ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍ ରହଣି ଦାବି

କଣାସ,୯।୧୨(ବିଭୂତି ଭୂଷଣ ତ୍ରିପାଠୀ)



ଖୋର୍ଦ୍ଧାରୋଡ୍ ଡିଭିଜନାଲ ରେଳପଥ ମ୍ୟାନେଜରଙ୍କ ସହ କଣାସରୋଡ଼ ରେଳ ଉପଭୋକ୍ତା ପରିଷଦର ପ୍ରତିନିଧିମଣ୍ଡଳୀ ଆଲୋଚନା କରୁଛନ୍ତି।

କଣାସ ରୋଡ୍ ଷ୍ଟେଶନ ସମସ୍ୟାର ସମାଧାନ ନେଇ କଣାସ ଓ ଡେଲାଙ୍ଗ ବ୍ଲକର ବିଶିଷ୍ଟ ବ୍ୟକ୍ତି ତଥା ବରିଷ୍ଠ ରେଳଯାତ୍ରୀଙ୍କୁ ନେଇ ଗଠିତ କଣାସରୋଡ୍ ରେଳ ଉପଭୋକ୍ତା ପରିଷଦର ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ଖୋର୍ଦ୍ଧାରୋଡ୍ ଡିଭିଜନାଲ ରେଳପଥ ମ୍ୟାନେଜର ଆଲୋକ ତ୍ରିପାଠୀଙ୍କୁ ଭେଟି ଆଲୋଚନା କରିବା ସହ ଏକ ସ୍ମାରକପତ୍ର ଦେଇଛନ୍ତି। କଣାସରୋଡ୍ ଷ୍ଟେଶନରେ ଯାତ୍ରୀ ସଂରକ୍ଷଣ ସେବା ଉଚ୍ଛେଦ ପ୍ରତିବାଦ ସହ ବହୁଦିନର ଦାବି ପୁରୀ-ବଡ଼ବିଲ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ ରହଣି ସମ୍ପର୍କରେ ପ୍ରତିନିଧିମାନେ ଆଲୋଚନା କରିଥିଲେ। ଖୋର୍ଦ୍ଧାରୋଡ୍ କମର୍ସିଆଲ ଡିଭିଜନାଲ ମ୍ୟାନେଜର କଣାସରୋଡ୍ ଷ୍ଟେଶନରେ ଦୈନିକ ହାରାହାରି ୧୧ଟି ସଂରକ୍ଷଣ ଟିକେଟ ବିକ୍ରି ହେଉଥିବା ଦର୍ଶାଇ ଏହି ସେବା ଉଚ୍ଛେଦ ପାଇଁ ଆଦେଶ ପତ୍ର ଜାରି କରିଥିବା ବେଳେ ରେଳ ଉପଭୋକ୍ତା ପରିଷଦ ୨୦୨୫ ଜାନୁଆରୀରୁ ଅକ୍ଟୋବର ପର୍ଯ୍ୟନ୍ତ ୧୦ ମାସ ମଧ୍ୟରେ ୭୭୮୦ ସଂରକ୍ଷଣ ଟିକେଟ ବିକ୍ରି ହୋଇ ୯୧ ଲକ୍ଷ ୮୮ ହଜାର ୩ ଶହ ଟଙ୍କା ରେଳ ରାଜସ୍ୱ ସଂଗ୍ରହ ହୋଇଥିବା ତଥ୍ୟ ଉପସ୍ଥାପନ କରିଥିଲେ। ଦୈନିକ ହାରାହାରି ୨୫.୫୯ ଟିକେଟ ବିକ୍ରି ହେଉଥିଲାବେଳେ ରେଳ କର୍ତ୍ତୃପକ୍ଷ ଦୈନିକ ହାରାହାରି ୧୧ ଦର୍ଶାଇବା ଦୁର୍ଭାଗ୍ୟଜନକ ବୋଲି ପ୍ରତିନିଧିମାନେ କହିଥିଲେ। ଏହି ତଥ୍ୟର ସତ୍ୟତା ପରଖି ଡିଆର୍‌ଏମ୍ ତ୍ରିପାଠୀ ଉପଯୁକ୍ତ ପଦକ୍ଷେପ ନେବେ ଏବଂ ପୁରୀ -ବଡ଼ବିଲ- ପୁରୀ ଟ୍ରେନ କଣାସରୋଡ୍‌ରେ ରହଣି ପାଇଁ ସୁପାରିସ କରିବେ ବୋଲି ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରେ ପ୍ରତିନିଧିମାନେ ଏଡିଆର୍‌ଏମ୍ ଶୁଭ୍ରଜ୍ୟୋତି ମଣ୍ଡଳ ଓ ବରିଷ୍ଠ କମର୍ସିଆଲ ଡିଭିଜନାଲ ମ୍ୟାନେଜର ଅନିଲ କୁମାରଙ୍କୁ ସମସ୍ୟା ସମାଧାନ ପାଇଁ ନିବେଦନ କରିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ପରିଷଦର ସଭାପତି ତଥା କଣାସ ବଡ଼ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ, କାର୍ଯ୍ୟକାରୀ ସଭାପତି ନଳିନୀ ରଞ୍ଜନ ପଟ୍ଟନାୟକ, ଭାଜପା ସଂଯୋଜକ ଗଙ୍ଗାଧର ବରାଳ, ସାମାଜିକ କର୍ମୀ ସୁକାନ୍ତ ସାମନ୍ତରାୟ, ଗୁଣନିଧି ପାତ୍ର, କୃଷ୍ଣମୋହନ ମିଶ୍ର, ଖବରଦାତା ପ୍ରସନ୍ନ ତ୍ରିପାଠୀ ଏବଂ ମହନ୍ତ ଶରତ ଦାସ ମହାରାଜ ପ୍ରମୁଖ ସାମିଲ ଥିଲେ।

# ଅପମିଶ୍ରିତ ଛତୁଆ ତଦନ୍ତ ବାଟବଣା

କଣାସ,୯।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ନିମ୍ନମାନର ଛତୁଆ ଯୋଗାଣ କରାଯାଉଥିବା ନେଇ କିଛିଦିନ ତଳେ ଜିଲାପାଳ, ଉପଜିଲାପାଳ, କଣାସ ବିଡିଓ ଏବଂ ବ୍ଲକ ଶିଶୁ ବିକାଶ ଅଧିକାରିଣୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତେବେ ଏହି ଅଭିଯୋଗକୁ ପ୍ରଶାସନ ଗୁରୁତ୍ୱର ସହ ନେଇନାହିଁ ବୋଲି ପୁରୀ ଜିଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଅନ୍ୟପଟେ ଅଭିଯୋଗର ଦୀର୍ଘଦିନ ପରେ ଶନିବାର ମହିଳା ଓ ଶିଶୁ ବିକାଶ ପକ୍ଷରୁ ଏକ ତଦନ୍ତକାରୀ ଦଳ ଆସି ତଦନ୍ତ କରି ଛତୁଆ ନମୁନା ନେଇ ପରୀକ୍ଷା ପାଇଁ ପଠାଇଥିବା ଜଣାପଡ଼ିଛି। ବିଧାନସଭାରେ ମଧ୍ୟ ଏହି ପ୍ରସଙ୍ଗ ଉଠିଥିଲା। ଏଏପି ପୁରୀ ଜିଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ଗତ ମାସରେ ଅପମିଶ୍ରିତ ଛତୁଆକୁ ନେଇ ଅଭିଯୋଗ ହୋଇଥିଲା। କଣାସ ଅଞ୍ଚଳର ଏକ ସ୍ୱୟଂସହାୟକ ଗୋଷ୍ଠୀ ଏହି ଛତୁଆ ନିର୍ମାଣ କରି କଣାସ ବ୍ଲକର ୮୫ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ପଠାଉଛନ୍ତି। ଯେଉଁମାନେ ଯାଞ୍ଚ କରିବା ଆସିଥିଲେ, ସେମାନେ ଛତୁଆ ପ୍ରସ୍ତୁତି ଚାଲିଥିବା ବେଳେ ପହଞ୍ଚି ଥିଲେ ପ୍ରକୃତ ତଥ୍ୟ ଉନ୍ମୋଚିତ ହୋଇପାରିଥାନ୍ତା। କିଛିଦିନ ତଳେ ବ୍ଲକ ଶିଶୁ ମଙ୍ଗଳ ଅଧିକାରିଣୀ ରେଣୁବାଳା ମହାନ୍ତି କହିଥିଲେ, ପ୍ରତି ମାସ ୨୩ ତାରିଖରେ ଛତୁଆର ସମସ୍ତ ସାମଗ୍ରୀ ଆମ ଉପସ୍ଥିତିରେ ମିଶ୍ରଣ କରାଯାଉଛି। ଅନ୍ୟପକ୍ଷରେ ୨୩ ତାରିଖ ପରିବର୍ତ୍ତେ ଅନ୍ୟଦିନରେ କାହିଁକି ତଦନ୍ତ କରାଗଲା ବୋଲି ଏଠାରେ ପ୍ରଶ୍ନ ଉଠୁଛି। ଏହା ଚୋର ହାତରେ ଚାବିକାଠି ସଦୃଶ ବୋଲି ଏଏପି ସଭାପତି ମହାନ୍ତି କହିଛନ୍ତି। ଏ ସମ୍ପର୍କରେ କଣାସ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ କହିଛନ୍ତି, ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ତଦନ୍ତକାରୀ ଦଳ ଆସିଥିଲେ। ଯେଉଁ ଦିନ ଛତୁଆ ପ୍ରସ୍ତୁତ କରାଯିବ, ସେହିଦିନ ମୁଁ ଯାଇ ତଦନ୍ତ କରିବି।

# ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେଲେ ୭ଶହ ପ୍ରତିଯୋଗୀ

ନିମାପଡ଼ା,୯।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୟାସବେରା ୟୁଥ୍ ଟ୍ରଷ୍ଟ ନିମାପଡ଼ା ପକ୍ଷରୁ ଏକ ଜିଲାସ୍ତରୀୟ ପ୍ରତିଯୋଗିତା ସ୍ଥାନୀୟ ଟାଉନ୍ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୧ଟି ବ୍ଲକର ୭୦୦ରୁ ଉର୍ଦ୍ଧ୍ୱ ଭାଗ ନେଇଥିଲେ। ବିଭିନ୍ନ ବର୍ଗରେ ପିଲାଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ପ୍ରବନ୍ଧ, ଚିତ୍ରାଙ୍କନ, ର୍‍ୟାମ୍ପ୍ ଶୋ' ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଇଭେଣ୍ଟରେ ବିଚାରକ ଭାବେ ତିଲୋତ୍ତମା ଦାଶ, ବିବେକିନୀ ଦାଶ, ମାହେଶ୍ୱରୀ ଦାଶ, ସୌଦାମିନୀ ପ୍ରଧାନ, ଚିତ୍ରସେନ ମଲ୍ଲିକ, ପ୍ରେମକୁମାର, ରଞ୍ଜନ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ କୁନି କୁନି ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପରିବେଷିତ ନୃତ୍ୟ ସଂଗୀତ ଦର୍ଶକ ଓ ବିଚାରକଙ୍କୁ ବେଶ୍ ବିମୋହିତ କରିଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୪ରେ ଅନୁଷ୍ଠାନର ବାର୍ଷିକ ମହୋତ୍ସବରେ ସମ୍ବର୍ଦ୍ଧିତ କରାଯିବ ବୋଲି ନୟାସବେରା ୟୁଥ୍ ଟ୍ରଷ୍ଟ ସମ୍ପାଦକ ନିର୍ମଳ ପରିଜା କହିଛନ୍ତି। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଭାପତି ବିଶ୍ୱରଞ୍ଜନ ତ୍ରିପାଠୀ, ସମ୍ପାଦକ ନିର୍ମଳ ପରିଜା, କୋଷାଧ୍ୟକ୍ଷ ପ୍ରଦୀପ୍ତ ସ୍ୱାଇଁ, ଉପଦେଷ୍ଟା ଜୀବନଜ୍ୟୋତି ଶତପଥୀ, ପ୍ରତାପ ଚନ୍ଦ୍ର ସାବୁତ, ସୋମିତା ଭାଟିଆ, ମିନତି ବେହେରା ପ୍ରମୁଖ ସଂଯୋଜନା ଓ ପରିଚାଳନା କରିଥିଲେ।




ନିମାପଡ଼ା ଟାଉନହଲରେ ନୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

# ବର୍ଷକୁ ୨୫ ହଜାର ଯୁବବର୍ଗଙ୍କୁ ଡିଜିଟାଲ ସାକ୍ଷରତା ଲକ୍ଷ୍ୟ

**ସାଇବର ସୁରକ୍ଷା ସଚେତନତା କର୍ମଶାଳା**

ପୁରୀ,୯।୧୨ (ଅଜିତ୍ କୁମାର ମହାନ୍ତି)

ସମ୍ପର୍କ ଅନୁଷ୍ଠାନ ତରଫରୁ ମଙ୍ଗଳବାର ଆଇଟିଆଇରେ ସାଇବର ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡିଜିଟାଲ ଭାରତ ଗଠନ ଗତି ସହ ସାଇବର ଅପରାଧ, ଠକେଇ, ତଥ୍ୟ ଚୋରି, ଅନ୍‌ଲାଇନ ଶୋଷଣ ଘଟଣା ଦିନକୁ ଦିନ ବଢ଼ୁଛି। ଏହି ସମୟରେ ଡିଜିଟାଲ ସୁରକ୍ଷା ଓ ସାଇବର ସଚେତନତା ଆବଶ୍ୟକତା। ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ସଂଗଠନ ସମ୍ପର୍କ ଓ ନିଟ୍ ଫାଉଣ୍ଡେଶନର ସହଯୋଗରେ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ, ପୁରୀରେ ସାଇବର ସୁରକ୍ଷା ସଚେତନତା କର୍ମଶାଳା ଆୟୋଜିତ ହୋଇଛି। କର୍ମଶାଳାରେ ଶିକ୍ଷାର୍ଥୀ, ଶିକ୍ଷକ ଓ ଯୁବପିଢ଼ୀ ଉପସ୍ଥିତ ଥିଲେ। ସମ୍ପର୍କର ସଚିବ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଇଟିଆଇ ଅଧକ୍ଷ ଇଞ୍ଜିନିୟର ପ୍ରମୋଦ କୁମାର ସାମଲ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୁବବର୍ଗ କିପରି ସାଇବର ଶୋଷଣ ଓ ଅନଲାଇନ ଅପରାଧରୁ ସୁରକ୍ଷା ପାଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ।

ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ସଚେତନ ଓ ସତର୍କତା ଉପରେ ଗୁରୁତ୍ୱ ଦେଇଥିଲେ। ସାଇବର ସୁରକ୍ଷା ବିଶେଷଜ୍ଞ ଲିଙ୍ଗରାଜ ସେଠୀ ଓଟିପି ଠକେଇରୁ ଆରମ୍ଭ କରି ଡାଟା ପ୍ରାଇଭେସି, ପ୍ରବେଶପତ୍ର ସୁରକ୍ଷା, ଭୁଲ୍ ଲିଙ୍କ, ଫିସିଂ, ଅନ୍‌ଲାଇନ ଗେମିଂ ଆସକ୍ତି, ନକଲି ଆପ୍ ଓ ସୋସିଆଲ ମିଡିଆ ନୈତିକତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଆଜିର ଡିଜିଟାଲ ଯୁଗରେ ଅନେକ ସାଇବର ଫ୍ରଡ୍ ଘଟଣା ଘଟୁଛି। ପିଲା ଓ ଯୁବପିଢ଼ି ସବୁଠାରୁ ଅଧିକ ସୋସିଆଲ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି, ତେଣୁ ସେମାନଙ୍କୁ ସାଇବର ସୁରକ୍ଷା ବିଷୟରେ ଶିକ୍ଷାଦେବା ଜରୁରୀ ହୋଇପଡ଼ିଛି। ସଚେତନ ହୁଅନ୍ତୁ, ସୁରକ୍ଷିତ ରୁହନ୍ତୁ, ଡିଜିଟାଲ ଭାବେ ଶକ୍ତିଶାଳୀ ହୁଅନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ଆସନ୍ତା ୧ ବର୍ଷ ମଧ୍ୟରେ ଓଡ଼ିଶାରେ ଅନ୍ତତଃ ୨୫ହଜାର ଯୁବବର୍ଗଙ୍କୁ ଡିଜିଟାଲ ଲିଟରେସି ଜରିଆରେ ସାଇବର ସୁରକ୍ଷା ଓ ସୋସିଆଲ ମିଡିଆ ସମ୍ବନ୍ଧରେ ଶିକ୍ଷା ଦିଆଯିବ ବୋଲି ସମ୍ପର୍କ ଅନୁଷ୍ଠାନ ଲକ୍ଷ୍ୟ ରଖିଛି। ଦେବେନ୍ଦ୍ର ରଥ ମଞ୍ଚ ସଂଯୋଜନା କରିଥିଲେ। ସମାପନୀ ଅନୁଷ୍ଠାନର ଅନିତା ଜଗଦେବ ଧନ୍ୟବାଦ ଦେଇଥିଲେ।

# କ୍ଷତିପୂରଣ ବିନା ଜମି ଛଡ଼ାଇ ନିଆଗଲେ ଆନ୍ଦୋଳନ ହେବ

**ମା' ବାଟମଙ୍ଗଳା କୃଷକ ମହାସଂଘର ଚେତାବନୀ**

ପୁରୀ,୯।୧୨(ଅଜିତ କୁମାର ମହାନ୍ତି)

ମା' ବାଟମଙ୍ଗଳା କୃଷକ ମହାସଂଘ ପକ୍ଷରୁ ୨୨ ମୌଜା ଅନ୍ତର୍ଗତ ସିରେଇକୋଣା, ଉତ୍ତର କୋଣା, ନୂଆଗାଁ, ମାଳତିପାଟପୁର, ତଳଜଙ୍ଗ, କଣ୍ଟପୁରର ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଏକ ଖବରଦାତା ସମ୍ମିଳନୀ ସୋମବାର ତଳଜଙ୍ଗ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଚକ୍ରଧର ରାଉତ, ଉପସଭାପତି ବଂଶୀଧର ପ୍ରଧାନ, ସମ୍ପାଦକ ସୁରେନ୍ଦ୍ରନାଥ, ସହସମ୍ପାଦକ ଦୀନବନ୍ଧୁ ପ୍ରଧାନ, କୋଷାଧ୍ୟକ୍ଷ ଅରକ୍ଷିତ ସ୍ୱାଇଁ, ଉପଦେଷ୍ଟା ମଣ୍ଡଳୀ ଲକ୍ଷ୍ମଣ କୁମାର ପ୍ରଧାନ, ଗୋବିନ୍ଦ ନାୟକ, ଚନ୍ଦ୍ରଶେଖର ପରିଡ଼ା, ଭ୍ରମରବର ଜେନା, ମହେଶ୍ୱର ସାହୁ, ସୁଶାସନ ନାୟକ, ମହେଶ୍ୱର ସାହୁ, କୃଷ୍ଣ ପ୍ରଧାନ, ପଦ୍ମ ଚରଣ ଜେନା, ମଉଜି ମାଝି, ଭମର ନାୟକ, ଗୋବିନ୍ଦ ମଳିକ, ଶୈଳବାଳା ନାୟକ, ନନ୍ଦ କିଶୋର ସ୍ୱାଇଁ, ଅଜୟ ପରିଡ଼ା, ଗୋବର୍ଦ୍ଧନ ଜେନା, ଭାସ୍କର ଜେନା, ରମେଶ ପରିଡ଼ା, ପ୍ରଶାନ୍ତ କୁମାର ରାଉତ, ସହଦେବ ପରିଡ଼ା, ରାଜକିଶୋର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ କହିଛନ୍ତି, ସିରେଇକୋଣା, ସମଙ୍ଗ, କଣ୍ଟପୁର, ଉତ୍ତରକୋଣା, ତଳଜଙ୍ଗ, ନୂଆଗାଁ ଅନ୍ତର୍ଗତ ଅନାବାଦି, ମଠ, ମନ୍ଦିର ଜମିଗୁଡ଼ିକୁ ଉକ୍ତ ଗ୍ରାମର ବାସିନ୍ଦା ଦୀର୍ଘ ୬୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଭୋଗ ଦଖଲରେ ରହିଆସିଛନ୍ତି। ହେଲେ ଗତ କିଛିଦିନ ହେବ ଜଳ ଭଣ୍ଡାର ପ୍ରକଳ୍ପ ନିମନ୍ତେ ଓଡ଼ିଶା ସରକାର ଏହି ଜମିଗୁଡ଼ିକୁ ନେବାକୁ ନୋଟିସ ଜାରି କରିଛନ୍ତି। ପୂର୍ବରୁ ପୁରୀ ପୌରସଂସ୍ଥାର ଅଧିକାରୀମାନେ ଗ୍ରାମକୁ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ଯେ, ପ୍ରକଳ୍ପ ଆରମ୍ଭ ପୂର୍ବରୁ ସମସ୍ତ ଗ୍ରାମବାସୀଙ୍କୁ କ୍ଷତିପୂରଣ ଦିଆଯିବ। ହେଲେ ଦୁଃଖର ବିଷୟ ସରକାର କୌଣସି କ୍ଷତିପୂରଣ ନ ଦେଇ ଗତ ୩ ତାରିଖରେ ପ୍ରଚାର ମାଧ୍ୟମରେ ଗ୍ରାମବାସୀ ଉକ୍ତ ଜମିଗୁଡ଼ିକୁ ଛାଡ଼ିଦେବାକୁ କହିଛନ୍ତି। ଉକ୍ତ ଗ୍ରାମଗୁଡ଼ିକର ୬୦ ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି। ସରକାର ଯଦି ଏଭଳି ଭାବେ ସେମାନଙ୍କ ଜମିକୁ ଛଡେଇ ନିଅନ୍ତି, ତେବେ ଗରିବ ଚାଷୀମାନେ କିପରି ନିଜ ପରିବାରର ପ୍ରତିପୋଷଣ କରିବେ ବୋଲି ସଂଘ କର୍ମକର୍ତ୍ତା ପ୍ରଶ୍ନ କରିଛନ୍ତି। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଜିଲାପାଳ ଏବଂ ତହସିଲଦାରଙ୍କୁ ଅନୁରୋଧ କରାଯାଉଛି ଯେ, ଚାଷୀମାନଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ନ୍ୟାୟ ଦିଆ ଯିବା ସହ ଦାବି ପୂରଣ କରାଯାଉ। ନଚେତ ସମସ୍ତ ଗ୍ରାମର ଲୋକେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ।

# ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶିବ ସେନା ପକ୍ଷରୁ ଦୀପଦାନ

ପୁରୀ,୯।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶିବ ସେନା ପକ୍ଷରୁ ମଙ୍ଗଳବାର ଦୀପଦାନ କରାଯାଇଛି। ଶିବ ସେନାର ରାଜ୍ୟ ସଭାପତି ରୁଦ୍ର ନାରାୟଣ ଜିତ୍, ଉତ୍ତର ପ୍ରଭାରୀ ପ୍ରବୀର କୁମାର ଦାସ ବାବୁ, ସାଧାରଣ ସମ୍ପାଦକ ସଞ୍ଜୟ କୁମାର ବାରିକ, ଆର୍ଯ୍ୟବ୍ରତ ସାମଲ, ସୁଶାନ୍ତ କୁମାର ଦାସ, ଦେବାଶିଷ ମିଶ୍ର, ଅନିଲ ମହାନ୍ତି ଦୀପଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ରାଜ୍ୟ ସଭାପତିଙ୍କ ସୂଚନା ଅନୁଯାୟୀ, ହିନ୍ଦୁ ସମ୍ରାଟ୍ ବାଲା ସାହେବ ଠାକୁରଙ୍କ ଅନୁପ୍ରାଣିତ ଏକନାଥ ସିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଶିବ ସେନା ହିନ୍ଦୁଙ୍କ ପାଇଁ କିଭଳି କାର୍ଯ୍ୟ କରିବ ତାହା ହେଉଛି ମୂଳଲକ୍ଷ୍ୟ। ହିନ୍ଦୁତ୍ୱ ପାଇଁ କାର୍ଯ୍ୟ କରିବା ସହ ହିନ୍ଦୁମାନଙ୍କୁ ଏକତ୍ରିତ କରିବା, ଗୋମାତାର ସୁରକ୍ଷା ସହ ମଠ ମନ୍ଦିର ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଆଜିଠାରୁ ଶିବ ସେନା ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟ କରିବ ବୋଲି ସେନା ପକ୍ଷରୁ କୁହାଯାଇଛି।

# ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ପାଇଁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

ଅସ୍ତରଙ୍ଗ,୯।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ ମଙ୍ଗଳବାର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ପାଇଁ ବ୍ଲକସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷକ ତଥା ପ୍ରାକ୍ତନ ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କର, ମୁଖ୍ୟବକ୍ତା ସୁଶାନ୍ତ ପରିଡ଼ା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ପରିଡ଼ା, ଅସ୍ତରଙ୍ଗ ନୋଡାଲ୍ ଉ.ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିବାବେଳେ ସାଧନ ସଂଯୋଜକ ରବୀନ୍ଦ୍ର କୁମାର ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ୧୩୧ଟି ବିଦ୍ୟାଳୟରୁ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୯ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ତୃତୀୟରୁ ପଞ୍ଚମ ଗୋଟିଏ ବିଭାଗ କରାଯାଇଥିବା ବେଳେ ୬ଷ୍ଠରୁ ଅଷ୍ଟମ, ନବମ ଏବଂ ଦଶମକୁ ନେଇ ୩ଟି ବିଭାଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତର କାର୍ଯ୍ୟକ୍ରମରେ ଭାଗ ନେବେ। ଶେଷରେ ସାଧନ ସଂଯୋଜକ ସନ୍ତୋଷ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଔଷଧ ଉଦ୍ଭାବନରେ ଏଆଇର ଭୂମିକା ସଂକ୍ରାନ୍ତ ଆଲୋଚନାଚକ୍ର

ପୁରୀ, ୯।୧୨(ଅଜିତ୍ କୁମାର ମହାନ୍ତି)



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ରେ 'ଔଷଧ ଉଦ୍ଭାବନରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଔଷଧ ଆବିଷ୍କାର ଏବଂ ବିକାଶରେ ଏକ ନୂତନ ଉଦାହରଣ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଛି। ମଙ୍ଗଳବାର ପ୍ରଥମ ଦିନରେ ଆଲୋଚନାଚକ୍ରକୁ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର, ମୁଖ୍ୟ ଅତିଥି ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ପୁରୀର ଡିନ୍ ଡ. ଅମରେନ୍ଦ୍ର ନାୟକ, ମୁଖ୍ୟବକ୍ତା ଭୁବନେଶ୍ୱରସ୍ଥିତ ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ, ଡିନ୍, ଡ. ଅମୀୟ କୁମାର ପୃଷ୍ଟି, ଦିଲ୍ଲୀସ୍ଥିତ ଡିଆଇପିଏସ୍‌ଆର୍‌ୟୁର ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରଭାତ କୁମାର ସାହୁ, ସିପିଏସ୍ କଲେଜର ସମ୍ପାଦକ ଇଂ. ରୋଜା ପ୍ରିୟଦର୍ଶୀ, ଭୁବନେଶ୍ୱରସ୍ଥିତ ଓୟୁଏଚ୍‌ଏସ୍‌ର ଡିନ୍, ସନ୍ତୋଷ କୁମାର ମହାପାତ୍ର ଏବଂ ସିପିଏସ୍ କଲେଜର ନିର୍ଦ୍ଦେଶକ ଗଣେଶ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବବର୍ଷଗୁଡ଼ିକରେ ଏକ ନୂତନ ଔଷଧ ପ୍ରସ୍ତୁତ କରିବା କିମ୍ବା ଏକ ବିରଳ ରୋଗ ଚିହ୍ନଟରେ ଯେଉଁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା, ତାହା ଏବେ କୃତ୍ରିମ ବୁଦ୍ଧିମତ୍ତା (ଏ.ଆଇ)ର ଉଦ୍‌ଭାବନ ପରେ ସହଜ ହୋଇଛି। ଔଷଧ ପ୍ରସ୍ତୁତି ଓ ରୋଗ ନିରୂପଣ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହୋଇଛି, ଯଦ୍ୱାରା ବିଭିନ୍ନ ପ୍ରକାର ନୂତନ ରୋଗର ଔଷଧ ଅତି ସହଜରେ ଏବଂ ନିର୍ଭୁଲ ଭାବେ ପ୍ରସ୍ତୁତ ହେବା ସହ ଏ.ଆଇ ମାଧ୍ୟମରେ ବିରଳ ରୋଗର ଚିହ୍ନଟ କରାଯାଇ ଉପଯୁକ୍ତ ଚିକିତ୍ସା କରାଯାଇପାରୁଛି। ଅନୁଷ୍ଠାନର ସମ୍ପାଦକ ଇଂ. ରୋଜା ପ୍ରିୟଦର୍ଶୀ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପାଠପଢ଼ାରେ ମନ ନିବେଶ କରି ନିଜକୁ ସମାଜରେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ଗଢ଼ିତୋଳିବାକୁ ଉପଦେଶ ଦେବା ସହିତ ଆଜିର ଆଲୋଚ୍ୟ ବିଷୟବସ୍ତୁ ଉପରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ଆଲୋଚନାଚକ୍ରର ବୈଜ୍ଞାନିକ ଅଧିବେଶନରେ ପୁଣେସ୍ଥିତ ଏମ୍‌ଆଇଟି ୱାର୍ଲ୍ଡ ପିସ୍ ବିଶ୍ୱବିଦ୍ୟାଳୟର ସହାୟକ ପ୍ରଧାପକ ଡ. ସତୀଶ ପୋଲସେଟ୍ଟିଆୱାର, ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ଅଧକ୍ଷ, ଡ. ଅମୀୟ କୁମାର ପୃଷ୍ଟି ଓ ମୁମ୍ବାଇସ୍ଥିତ ଏନ୍.ଏମ୍.ଆଇ.ଏମ୍.ଏସ୍ ବିଶ୍ୱବିଦ୍ୟାଳୟର ଅଧକ୍ଷ ଡ. ଜଗନ୍ନାଥ ସାହୁ ଯୋଗଦେଇ ଚିକିତ୍ସା ଏବଂ ଔଷଧ ପ୍ରସ୍ତୁତି କ୍ଷେତ୍ରରେ ଏ.ଆଇ ଭୂମିକା ବିଷୟରେ ଫଟୋ ଓ ଭିଡିଓ ମାଧ୍ୟମରେ ସହଜରେ ବୁଝି ହେଲାଭଳି ପ୍ରୋଜେକ୍ଟ, ପ୍ରସ୍ତୁତ କରି ବିସ୍ତୃତ ବର୍ଣ୍ଣନା କରିଥିଲେ। ଅଧ୍ୟାପକ ସିଦ୍ଧେଶ୍ୱର ପ୍ରସାଦ ପାଟଯୋଶୀ ଆଲୋଚନା ଚକ୍ରକୁ ପରିଚାଳନା କରିଥିବାବେଳେ ଡ. ନିକୁଞ୍ଜ କିଶୋର ମିଶ୍ର ବୈଜ୍ଞାନିକ ଅଧିବେଶନକୁ ପରିଚାଳନା କରିଥିଲେ। ଅଧ୍ୟାପକ ଓ ଅଧ୍ୟାପିକାଙ୍କ ମଧ୍ୟରେ ବସନ୍ତ କୁମାର ବେହେରା, ଅସିତ୍ କୁମାର ଷଡ଼ଙ୍ଗୀ, ସନ୍ଧ୍ୟାରାଣୀ ପାଟଯୋଶୀ ଓ ସ୍ୱଦେଶନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ବାରବାଟୀ ଟି୨୦ ମ୍ୟାଚ୍ ଦେଖିବା ପାଇଁ ମଙ୍ଗଳବାର ଷ୍ଟାଡିୟମ ବାହାରେ ଦର୍ଶକଙ୍କ ଗହଳି।



ଉତ୍କଣ୍ଠାର ସହ କ୍ରିକେଟ୍‌ପ୍ରେମୀମାନେ ଶୁଭେଚ୍ଛା ଜଣାଉଛନ୍ତି।

# ମ୍ୟାଚ୍ ସମୟରେ ଅରଣ୍ୟ ଅଭିଯାନର ବାର୍ତ୍ତା







କଟକ,୯।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଭାରତୀୟ ଦଳକୁ ଉତ୍ସାହିତ କରିବା ଏବଂ ଚାରା ଲଗାଇ ଅରଣ୍ୟ ସୃଷ୍ଟି କରିବା ଅଭିଯାନ ନେଇ ବାରବାଟୀ ଷ୍ଟାଡିୟମକୁ ଆସିଥିଲେ ଜଗତ୍‌ସିଂହପୁରର ସନ୍ତୋଷ ପ୍ରଧାନ। ଟି୨୦ ମ୍ୟାଚ୍‌ରେ ଛକା ମାରିବା ଯାହା ପ୍ରଦୂଷଣ ନିୟନ୍ତ୍ରଣ ଲାଗି ଗଛ ଲଗାଇବା ସହ ସମାନ ବୋଲି ବାର୍ତ୍ତା ବାଣ୍ଟିଥିଲେ। ଭାରତୀୟ ଦଳ ବାରବାଟୀରେ ନିଶ୍ଚିତ ଭଲ ପ୍ରଦର୍ଶନ କରିବ ଏବଂ ଏଠାରୁ ଗଛ ଲଗାଇବାର ବାର୍ତ୍ତା ବିଶ୍ୱସ୍ତରରେ ପହଞ୍ଚିବ ବୋଲି ସେ ଆଶା ବାନ୍ଧିଛନ୍ତି।

## ପାଣ୍ଡ୍ୟାଙ୍କ ବଲ୍‌ରେ ଆହତ ହେଲେ ଦର୍ଶକ

ବାରବାଟୀରେ ଟି-୨୦ ମ୍ୟାଚ୍ ଆରମ୍ଭ ପୂର୍ବରୁ ହାର୍ଦ୍ଦିକ୍ ପାଣ୍ଡ୍ୟା ବାଉଣ୍ଡାରି ପାର୍ଶ୍ୱରେ ଅଭ୍ୟାସ କରୁଥିବା ବେଳେ ବଡ଼ ଶର୍ଟ ମାରିବାରୁ ଜଣେ ଦର୍ଶକଙ୍କ ଡାହାଣ ପାର୍ଶ୍ୱ ମୁହଁରେ ବଲ୍ ବାଜିଥିଲା। ଫଳରେ ଦର୍ଶକ ଜଣକ ଆହତ ହୋଇଥିଲେ। ଏହା ଜାଣିବା ପରେ ହାର୍ଦ୍ଦିକ ବାଉଣ୍ଡାରି ନିକଟକୁ ଆସି ସରି କହିଥିଲେ। ହାର୍ଦ୍ଦିକଙ୍କ ସରି ଶୁଣିବା ପରେ ଆହତ ଦର୍ଶକ ଜଣକ ମୋର କିଛି ହୋଇନି କହି ଉତ୍ସାହିତ କରିଥିଲେ। ହାର୍ଦ୍ଦିକଙ୍କ ଏପରି ବ୍ୟବହାରକୁ ଦର୍ଶକମାନେ ମଧ୍ୟ ବେଶ୍ ପ୍ରଶଂସା କରିଥିଲେ। ପରେ ହାର୍ଦ୍ଦିକ ଅଭ୍ୟାସ ଲାଗି ପଡ଼ିଆର ଦୂରକୁ ଯାଇଥିଲେ।

## ଭିଆଇପିଙ୍କ ଅମାନିଆ ନୀତି

ମ୍ୟାଚ୍ ସମୟରେ ଷ୍ଟାଡିୟମକୁ ପ୍ରବେଶ ଲାଗି ବିଭିନ୍ନ କଟକଣା ରହିଥିଲା। ବିଶେଷ କରି ବାଇକ୍ ଓ ଚାରିଚକିଆ ଯାନ କେଉଁବାଟେ ପ୍ରବେଶ କରିବ ଏବଂ କେଉଁଠି ପାର୍କିଂ କରାଯିବ ତାହା ଆଗରୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଦର୍ଶକ ପ୍ରବେଶ ସମୟରେ ଗହଳି ଥିବା ବେଳେ ଷ୍ଟାଡିୟମ ଓ ଆଖପାଖ ଅଞ୍ଚଳରେ ଏକାଧିକ ଭିଆଇପି ଗାଡ଼ି ପ୍ରବେଶ କରି ଗହଳି ବଢ଼ାଇଥିଲା। ପୋଲିସ କର୍ମଚାରୀ ସେମାନଙ୍କୁ ଅଟକାଇବାରୁ ସାର୍‌ଙ୍କ ଗାଡ଼ି କହି ଆଗକୁ ବଢୁଥିବା ଦେଖିବାକୁ ମିଳିଥିଲା। କେତେଜଣ ଭିଆଇପିଙ୍କ ଅମାନିଆ ନୀତି ଯୋଗୁ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଥିଲା।

## ଶାନ୍ତି, ଚାରାରୋପଣର ବାର୍ତ୍ତା ବାଣ୍ଟିଲେ

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳର ଏ. ବ୍ରହ୍ମାନନ୍ଦ ଆଚାର୍ଯ୍ୟ ବାରବାଟୀ ଷ୍ଟାଡିୟମ ନିକଟରେ ଶାନ୍ତି ଓ ପ୍ରେମର ବାର୍ତ୍ତା ବାଣ୍ଟିଛନ୍ତି। ନିଜକୁ ସେହି ଭାବରେ ସଜେଇ କ୍ରିକେଟ ପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଜୀବନ ଅବିବାହିତ ଥିବା ଏହି ବ୍ୟକ୍ତି ଜଣକ ନିଶା ନିବାରଣଠାରୁ ଆରମ୍ଭକରି ଚାରାରୋପଣ, ପୀଡ଼ିତ ରୋଗୀଙ୍କୁ ସହାୟତା କରିବା ନିଜ ଜୀବନର ବ୍ରତ ଭାବେ ନେଇଛନ୍ତି। ଏହାସହ ଅପରେଶନ ସିନ୍ଦୂରର ବାର୍ତ୍ତା ମଧ୍ୟ ବାଣ୍ଟିଛନ୍ତି। ଏହାସହ କବି, ଲେଖକ ଭାବେ ମଧ୍ୟ ଜନକଲ୍ୟାଣ ଦିଗରେ କାର୍ଯ୍ୟ ଜାରି ରଖିଛନ୍ତି।

**ବାରବାଟୀ ଟି-୨୦ ମ୍ୟାଚ୍‌ର ଏପାଖସେପାଖ**

## ଟିକେଟ କଳାବଜାର, ୪ ଗିରଫ

ଟି-୨୦ ମ୍ୟାଚ୍ ଦେଖିବାକୁ ଟିକେଟ ଖଣ୍ଡିଏ ପାଇ କ୍ରିକେଟ୍‌ପ୍ରେମୀ ଉତ୍ସାହିତ ହୋଇଥିବାବେଳେ ଆଉ କିଏ ଟିକେଟ ନ ପାଇ ନିରାଶ ହୋଇଥିବା ଦେଖିବାକୁ ମିଳିଥିଲା। ଏହାର ସୁଯୋଗ ନେଇ କେତେଜଣ ଟିକେଟ କଳାବଜାର କରିଥିଲେ। ପୋଲିସ ଏହି ଘଟଣାରେ ୪ଜଣଙ୍କୁ ଗିରଫ କରିବା ସହ ଟିକେଟ ମଧ୍ୟ ଜବତ କରିଥିଲା। ହେଲେ ଏହି କଳାବଜାର ରୋକିବାରେ ପୋଲିସ ଏକପ୍ରକାର ବିଫଳ ହୋଇଥିଲା। ମ୍ୟାଚ୍ ଆରମ୍ଭ ହୋଇଥିବାବେଳେ କେତେଜଣ ଟିକେଟ କଳାବଜାର କରୁଥିବା ଜଣାପଡିଥିଲା। ଷ୍ଟାଡିୟମରେ ମ୍ୟାଚ୍ ଓ ନିଜ ପ୍ରିୟ ଖେଳାଳିଙ୍କୁ ଦେଖିବାକୁ କ୍ରିକେଟ୍‌ପ୍ରେମୀ ଟିକେଟ ଦୁଇଗୁଣା ଅଧିକ ଦରରେ କିଣିଥିବା ଦେଖିବାକୁ ମିଳିଥିଲା।

## ପୂର୍ବତନ ଖେଳାଳିଙ୍କୁ ମନେପକାଇଲେ

ଭାରତୀୟ ଦଳର ଖେଳାଳି ରୋହିତ୍ ଶର୍ମା, ବିରାଟ କୋହିଲି ଟି-୨୦ ମ୍ୟାଚ୍ ଖେଳୁ ନ ଥିବାବେଳେ ବାରବାଟୀରେ କ୍ରିକେଟ୍‌ପ୍ରେମୀମାନେ ତାଙ୍କୁ ମନେପକାଇଛନ୍ତି। ଏହାସହ ପୂର୍ବତନ ଅଧିନାୟକ ଏମ୍.ଏସ୍ ଧୋନି ଓ ବ୍ୟାଟର ଯୁବରାଜ ସିଂଙ୍କୁ ମଧ୍ୟ କ୍ରିକେଟ୍‌ପ୍ରେମୀ ଭୁଲିନାହାନ୍ତି। ଏହି ଖେଳାଳିମାନଙ୍କୁ ମନେପକାଇ ତାଙ୍କ ଜର୍ସିଗୁଡିକୁ କିଣି ପିନ୍ଧି ଭାରତ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଫ୍ୟାନ୍ ପାର୍କରେ ସ୍ୱତନ୍ତ୍ର ବ୍ୟବସ୍ଥା

ବାରବାଟୀ ଟି-୨୦ ମ୍ୟାଚ୍ ଦେଖିବାରୁ ବଞ୍ଚିତ ଦର୍ଶକଙ୍କ ପାଇଁ ବାଲିଯାତ୍ରା ଉପରପଡ଼ିଆ, ତଳପଡ଼ିଆ ଓ ଇନ୍‌ଡୋର ଷ୍ଟାଡିୟମରେ ଫ୍ୟାନ୍ ପାର୍କର ବ୍ୟବସ୍ଥା କରାଯାଇଥିଲା। ଏଥିରେ ଏଲ୍‌ଇଡି ସ୍କ୍ରିନ୍‌ରେ ଦର୍ଶକଙ୍କ ପାଇଁ ମ୍ୟାଚ୍ ଦେଖିବା ବ୍ୟବସ୍ଥା କରାଯାଇଥିଲା, ଯେଉଁଥିରେ ବସି ବେଶ୍ ଖୁସିର ସହ ଖେଳ ଦେଖିଥିଲେ ଦର୍ଶକ।

## ଇଞ୍ଜିନିୟରଙ୍କ ହାତର ରଙ୍ଗ ତୂଳୀ

ପଶ୍ଚିମବଙ୍ଗ ଅଞ୍ଚଳର ବିକ୍ରମ ହାଲ୍‌ଦାର ଜଣେ ଇଞ୍ଜିନିୟରିଂ ଛାତ୍ର। ସରକାରୀ ସଂସ୍ଥାରେ ଚାକିରି ମଧ୍ୟ କରିଥିଲେ। ହେଲେ କ୍ରିକେଟ୍ ପ୍ରେମ ତାଙ୍କୁ ଏବେ ମତୁଆଲା କରିଛି, ଯେଉଁଥିପାଇଁ ୨୦୧୯ରୁ ସମସ୍ତ ଷ୍ଟାଡିୟମରେ ମ୍ୟାଚ୍ ସମୟରେ ପହଞ୍ଚି କ୍ରିକେଟପ୍ରେମୀଙ୍କ ମୁହଁ, ହାତରେ ତ୍ରିରଙ୍ଗା ଚିତ୍ର ଆଙ୍କିଥାନ୍ତି। ଠିକ୍ ସେହିପରି ବାରବାଟୀରେ ଟି-୨୦ ମ୍ୟାଚ୍ ପୂର୍ବରୁ କ୍ରିକେଟ୍‌ପ୍ରେମୀଙ୍କୁ ତ୍ରିରଙ୍ଗା ଲଗାଇ ଉତ୍ସାହିତ କରିଥିଲେ।

## ୩୦ରୁ ଅଧିକ ମୋବାଇଲ ଚୋରି

ବାରବାଟୀ ଟି-୨୦ ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମ ଭିତରେ ଓ ବାହାରେ ଦର୍ଶକଙ୍କ ଭିଡ଼ ବେଶ୍ ଜମିଥିଲା। ଏହି ଭିଡ଼ରେ ସକ୍ରିୟ ହୋଇଥିଲେ ମୋବାଇଲ ଲୁଟେରା। ଗେଟ୍ ୭, ୯, ୧୧, ୬ ଆଦି ବିଭିନ୍ନ ସ୍ଥାନରେ ଷ୍ଟାଡିୟମ ଭିତରକୁ ଯିବାଲାଗି ଧାଡ଼ିରେ ଥିବା ଦର୍ଶକଙ୍କ ପକେଟରୁ ମୋବାଇଲ ଚୋରି ହୋଇଥିବା କ୍ୟାଣ୍ଟନ୍‌ମେଣ୍ଟ ଥାନାରେ ଅଭିଯୋଗ ହୋଇଛି। ପ୍ରାୟ ୩୦ରୁ ଅଧିକ ମୋବାଇଲ, ୩ରୁ ଅଧିକ ବାଇକ୍ ଓ ଏଟିଏମ୍ ଚୋରିର ଅଭିଯୋଗ ଆସିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ଆକର୍ଷିତ କଲା ଡିଏମ୍‌ଏକ୍ସ ଲାଇଟ୍ ଶୋ'

ବାରବାଟୀରେ ପ୍ରଥମକରି ଡିଏମ୍‌ଏକ୍ସ ଲାଇଟ୍ ଶୋ' କରାଯାଇଛି। ମ୍ୟାଚ୍ ଶେଷ ସମୟରେ ଖାସ୍‌କରି ଭାରତର ବିଜୟ ପରେ ଏହି ଶୋ' କରାଯାଇଥିଲା। ପ୍ରାୟ ୫ରୁ ୭ ମିନିଟ୍ ଧରି ଏହି ଶୋ' କରାଯାଇଥିବାବେଳେ ଦର୍ଶକ ବେଶ୍ ଆକର୍ଷିତ ହୋଇଥିଲେ। ଫ୍ଲଡ୍ ଲାଇଟ୍‌ରେ ଏହି ଶୋ' କରାଯାଇଥିବାବେଳେ ଷ୍ଟାଡିୟମ ସମ୍ପୂର୍ଣ୍ଣ ଭାବେ ଝଲସି ଉଠିଥିଲା। ଏପରି ଶୋ' ପ୍ରଥମକରି ବାରବାଟୀରେ କରାଯାଇଥିବାବେଳେ ଏହାର ମଜା ନେଇଥିଲେ ଦର୍ଶକ।


ଷ୍ଟାଡିୟମ ବାହାରେ ଦକ୍ଷଣ ଆଫ୍ରିକା ଖେଳାଳିଙ୍କ ପ୍ରଶଂସକ।



ସନ୍ତୋଷ ପ୍ରଧାନଙ୍କ ଅରଣ୍ୟ ଅଭିଯାନ ବାର୍ତ୍ତା।


ଇଞ୍ଜିନିୟର ଛାତ୍ର ବିକ୍ରମ ହାଲଦାର।



କ୍ରିକେଟ୍ ପ୍ରେମୀମାନେ ସେଲ୍‌ଫି ନେଉଛନ୍ତି।

# ଡ୍ରିମ୍‌ସରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ 'ୟାଦେଁ'

କଟକ,୯।୧୨(କାର୍ତ୍ତିକ ସାହୁ)

'ଡ୍ରିମ୍‌ସ ସ୍କୁଲ ଅଫ୍ ଆଲାଏଡ୍ ଓ ହେଲ୍‌ଥ କେୟାର ସାଇନ୍ସ'ର ବିପିଟି ଓ ବିଓଟି ୩ୟ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ 'ୟାଦେଁ' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ପ୍ରତିକୃତି ନିକଟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସି ମାଧ୍ୟମରେ ଛାତ୍ରୀଛାତ୍ରମାନେ ବୃତ୍ତିଗତ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରି ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା କୃତିତ୍ୱର ସହ ଶିକ୍ଷା ସମାପ୍ତ କରିଥିବା ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟର ଆଗାମୀ ସମାବର୍ତ୍ତନ ଉତ୍ସବରେ ଡିଗ୍ରୀ ସାର୍ଟିଫିକେଟ୍ ହାସଲ କରି ସେବାକ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରିବାକୁ ଦିଗ୍‌ଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ(ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନ 'ଡିନ୍' ଡା. ଦୁର୍ଗା ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଓ ସହକାରୀ ପ୍ରାଧ୍ୟାପିକା ଶ୍ରୁତି ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

# ୧୨ ରାଜ୍ୟରୁ ଯୋଗଦେଲେ ୧୨୦ ପ୍ରତିଯୋଗୀ, ୨୨ ମେଣ୍ଟର

**ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍**

କଟକ,୯।୧୨(କାର୍ତ୍ତିକ ସାହୁ)

ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସଫଳତାର ସହ ସ୍ମାର୍ଟ ଇଣ୍ଡିଆ ହାକାଥନ -ସଫ୍ଟୱେର୍ ସଂସ୍କରଣ ଫାଇନାଲର ପରିସମାପ୍ତି ଘଟିଛି। ସୋମବାର ସକାଳ ୮ଟାରୁ ମଙ୍ଗଳବାର ରାତି ୮ ପର୍ଯ୍ୟନ୍ତ ଲଗାତର ୩୬ ଘଣ୍ଟା ଧରି ହାକାଥନ ଚାଲିଥିଲା। ବିପିୟୁଟି ଓ ଭିଏସ୍‌ଏସ୍‌ୟୁଟି ସହ ଏସ୍‌ଏସ୍‌ୟୁକୁ ସ୍ମାର୍ଟ ଇଣ୍ଡିଆ ହାକାଥନ ପାଇଁ ଓଡ଼ିଶାର ସମୁଦାୟ ୩ଟି ନୋଡାଲ ସେଣ୍ଟର ମଧ୍ୟରୁ ଗୋଟିଏ ଭାବେ ବଛାଯାଇଥିଲା। ଜୋନାଲସ୍ତରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଥିଲା ଏକମାତ୍ର ନୋଡାଲ କେନ୍ଦ୍ର। ଭାରତ ସରକାର ଏବଂ ଏଆଇସିଟିଇର ମିଳିତ ଉଦ୍ୟମରେ ଏହି ସ୍ମାର୍ଟ ଇଣ୍ଡିଆ ହାକାଥନରେ ବିଦ୍ୟାର୍ଥୀମାନେ ନିଜର ସୃଜନଶୀଳତା, ବୈଷୟିକ କ୍ଷମତା ଏବଂ ଶିଳ୍ପ ସମ୍ପର୍କିତ ସମସ୍ୟାର ଉପଯୋଗୀ ସମାଧାନ ପ୍ରସ୍ତୁତ କରିଥିଲେ। ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ବିଭିନ୍ନ ଶିଳ୍ପସଂସ୍ଥା ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜଗୁଡ଼ିକ ପାଇଁ ପ୍ରଭାବଶାଳୀ ସଫ୍ଟୱେର ସମାଧାନ ଖୋଜିବା ଥିଲା ସ୍ମାର୍ଟ ଇଣ୍ଡିଆ ହାକାଥନର ଲକ୍ଷ୍ୟ। ଏହା ସର୍ବଭାରତୀୟସ୍ତରରେ ଆୟୋଜିତ ହେଉଥିବାରୁ ଭାରତର ବିଭିନ୍ନ ରାଜ୍ୟରୁ ଅଂଶଗ୍ରହଣକାରୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଚଳିତବର୍ଷ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପଞ୍ଜାବ, ଗୁଜରାଟ, ତାମିଲନାଡୁ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ଦିଲ୍ଲୀ ଭଳି ବହୁ ରାଜ୍ୟରୁ ୧୨୦ ପ୍ରତିଯୋଗୀ ଓ ୨୨ ମେଣ୍ଟର ଯୋଗଦେଇଥିଲେ। ଏଥିସହ ଏଆଇସିଟିଇର ୨ଜଣ ଅଧିକାରୀ, ରାଜ୍ୟ ସରକାରଙ୍କ ୨ଜଣ ପ୍ରତିନିଧି ଏବଂ ସ୍ଥାନୀୟ ଶିଳ୍ପସଂସ୍ଥାଗୁଡ଼ିକରୁ ୮ଜଣ ବିଶେଷଜ୍ଞ ବିଚାରକ ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ୪ଟି 'ପ୍ରୋବ୍ଲେମ ଷ୍ଟେଟ୍‌ମେଣ୍ଟ' ଥିବାବେଳେ ପ୍ରତି ପ୍ରୋବ୍ଲେମ ଷ୍ଟେଟମେଣ୍ଟରେ ୫ଟି ଲେଖାଏ ଗ୍ରୁପ ଥିଲା। ଦୀର୍ଘ ୩୬ ଘଣ୍ଟା ଧରି ବସି ରହିବାକୁ ଥିବାରୁ ରିଲାକ୍ସେଶନ ପାଇଁ ସୋମବାର ରାତିରେ ପ୍ରତିଯୋଗୀମାନେ ବୋନ୍ ଫାୟାର ଏବଂ ମଙ୍ଗଳବାର ସକାଳେ ଜୁମ୍ବା ନୃତ୍ୟରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ପରେ ଭାରତ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପ୍ରୋବ୍ଲେମ ଷ୍ଟେଟ୍‌ମେଣ୍ଟର ବିଜେତା ଗ୍ରୁପ୍ ବା ଟିମ୍‌କୁ ଦେଢ଼ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଡ. ଅନିଲ କୁମାର ଶର୍ମା ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଏଭଳି କାର୍ଯ୍ୟକ୍ରମ ବିଦ୍ୟାର୍ଥୀମାନଙ୍କୁ ସଶକ୍ତ କରିବା ସହ ଓଡ଼ିଶାକୁ ବୈଷୟିକ ଜ୍ଞାନକୌଶଳ ଏବଂ ଷ୍ଟାର୍ଟଅପ୍‌ର ଏକ ହବ୍ ଭାବେ ପରିଚୟ ପ୍ରଦାନ କରିବ ବୋଲି କହିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରତିଯୋଗୀ ଏବଂ ମେଣ୍ଟର।





ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଚାଲିଥିବା ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ପୁସ୍ତକପ୍ରେମୀମାନେ ବହି କିଣାକିଣି କରୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

**ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ**

# ‘ପୃଷ୍ଠା ଖୋଲନ୍ତୁ, ସ୍ୱପ୍ନକୁ ଜାଗ୍ରତ କରନ୍ତୁ’

ଭୁବନେଶ୍ୱର,୯।୧୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରଦର୍ଶନୀ ପଡିଆରେ ଚାଲିଥିବା ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ମଙ୍ଗଳବାର ଚତୁର୍ଥ ଦିନରେ ପହଞ୍ଚିଛି। ଏହି ରାଜ୍ୟସ୍ତରୀୟ ପୁସ୍ତକ ମେଳାର ଟ୍ୟାଗ୍ ଲାଇନ୍ ରହିଛି ‘ପୃଷ୍ଠା ଖୋଲନ୍ତୁ, ସ୍ୱପ୍ନକୁ ଜାଗ୍ରତ କରନ୍ତୁ’। ବହି ପଢ଼ିବା ପାଇଁ ପୁସ୍ତକପ୍ରେମୀଙ୍କୁ ଉତ୍ସାହିତ କରିବା ଲାଗି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଫଳରେ ଦିନକୁ ଦିନ ପୁସ୍ତକପ୍ରେମୀଙ୍କ ଭିଡ଼ ବଢ଼ିବାରେ ଲାଗିଛି। ବହି ପଢ଼ିବା, କିଣିବା ସହ ମଞ୍ଚରେ ବିଭିନ୍ନ ସାରସ୍ୱତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମନମୋହୁଛି। ଏଠାରେ ୫୫୦ ଷ୍ଟଲ ଖୋଲିଥିବାବେଳେ ବରପୁତ୍ରମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରସ୍ତୁତ ୨ଟି ପାଭିଲିଅନ ଆକର୍ଷଣ ସାଜିଛି। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ଓ ସାରସ୍ୱତ ସାହିତ୍ୟ ସ୍ରଷ୍ଟାଙ୍କୁ କୃତିକୁ ପ୍ରାଧାନ୍ୟ ଦିଆଯାଇଛି। ଓଡ଼ିଶାର ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ନେଇ ଆୟୋଜିତ ଏକ ପାଭିଲିୟନରେ କୁନ୍ତଳା କୁମାରୀ ସାବତ, ସରଳା ଦେବୀ, କିଶୋରୀମଣି ଦେବୀ, ଅନ୍ନପୂର୍ଣ୍ଣା ମହାରଣା, ଶୈଳବାଳା ଦାସ, ରମାଦେବୀ, ଜମ୍ବୁବତୀ ପଟ୍ଟନାୟକ, ପରୀବେଓ୍ୱା, କୃଷ୍ଣା ମହାନ୍ତି, ମାଳତୀ ଚୌଧୁରୀ, ସୁଧାଂଶୁ ବାଳା ହାଜରା, ନିର୍ମଳା ଦେବୀ, ପାର୍ବତୀ ଦେବୀଙ୍କ ଫଟୋଚିତ୍ରକୁ ପାଭିଲିଅନ୍ କାନ୍ଥରେ ସ୍ଥାନିତ କରାଯିବା ସହ ସେମାନଙ୍କ ସମ୍ପର୍କରେ ବିବରଣୀ ପ୍ରଦାନ କରାଯାଇଛି। ସେହିପରି ଭାରତର ଲୌହମାନବ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ତାଙ୍କ ଜୀବନୀକୁ ନେଇ ଏକ ଥିମ୍ ପାଭିଲିୟନ ପ୍ରସ୍ତୁତ କରାଯାଇଛି। ଏଥିରେ ପଟେଲଙ୍କ ପ୍ରତିମୂର୍ତ୍ତିକୁ ସ୍ଥାପନ କରାଯିବା ସହ ତାଙ୍କ ଜୀବନୀ ଓ ଅଖଣ୍ଡ ଭାରତର ମୂଳଦୁଆ ସ୍ଥାପନ ଓ ଦେଶୀୟ ରାଜ୍ୟ ମିଶ୍ରଣରେ ତାଙ୍କର ଭୂମିକାକୁ ଚିତ୍ରକଳା ମାଧ୍ୟମରେ ପ୍ରଦର୍ଶନ କରାଯାଇଛି।



ଓଡ଼ିଶାର ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ପ୍ରସ୍ତୁତ ପାଭିଲିୟନରେ ଦର୍ଶକମାନେ ବୁଲି ଦେଖୁଛନ୍ତି।

**ଆକର୍ଷଣ ସାଜିଛି ୨ ଥିମ୍ ପାଭିଲିୟନ୍**

ଏହି ପାଭିଲିଅନ୍‌ରେ ଚିତ୍ରକଳା ମଧ୍ୟରେ ଗୁଜରାଟରେ ରହିଥିବା ଷ୍ଟାଚ୍ୟୁ ଅଫ୍ ୟୁନିଟିର ଚିତ୍ରକଳା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଛି। ସେହିପରି ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ମୁଖ୍ୟ ପ୍ରବେଶ ଦ୍ୱାରକୁ ମା’ ରମାଦେବୀ ପ୍ରବେଶ ପଥ, ଭିତର ପ୍ରବେଶ ଦ୍ୱାରକୁ ସନ୍ଥକବି ଭୀମଭୋଇ ପ୍ରବେଶ ପଥ, ମୁଖ୍ୟ ମଞ୍ଚକୁ କବି ରମାକାନ୍ତ ରଥ ମଞ୍ଚ ଓ ଭିତର ମଞ୍ଚକୁ ଶହୀଦ୍ ବାଜି ରାଉତ ମଞ୍ଚ ନାମରେ ନାମିତ କରାଯାଇଛି। ଏଥିସହ ପୁସ୍ତକ ମହୋତ୍ସବର ପ୍ରବେଶ ପଥ ପାଖରେ ‘ଓଡ଼ିଆ ଅସ୍ମିତାର ପ୍ରତୀକ, ଓଡ଼ିଆ ଜାତିର ଗର୍ବ ଓ ଗୌରବ’ ଶୀର୍ଷକରେ ସାହିତ୍ୟିକମାନଙ୍କର କାଳଜୟୀ ଉପନ୍ୟାସର ଫଟୋଚିତ୍ରକୁ ମଧ୍ୟ ପ୍ରଦର୍ଶିତ କରାଯାଇଛି।

# କସ୍ତୁରବା ବିଦ୍ୟାଳୟ ହଷ୍ଟେଲ ୱାର୍ଡେନଙ୍କ ପ୍ରଶିକ୍ଷଣ ଆରମ୍ଭ

**ବାଳିକାଙ୍କ ସମସ୍ୟା ସମ୍ପର୍କରେ ସମ୍ବେଦନଶୀଳ ହେବାକୁ ପରାମର୍ଶ**

ଭୁବନେଶ୍ୱର,୯।୧୨ (ସୁଚିସ୍ମିତା ସାହୁ)

ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନାଲ ପ୍ଲାନିଂ ଆଣ୍ଡ ଆଡମିନିଷ୍ଟ୍ରେଶନ (ନିପା) ଏବଂ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ମିଳିତ ପ୍ରୟାସରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ହଷ୍ଟେଲ ୱାର୍ଡେନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇଛି। ମାଷ୍ଟର ଟ୍ରେନରଙ୍କ ଦ୍ୱାରା ୫ଦିନିଆ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ ଉଦ୍‌ଘାଟନ କରିଥିଲେ। ସେ କହିଲେ, ବାଳିକା ଶିକ୍ଷାକୁ ସମର୍ଥନ କରିବା ସହିତ ସେମାନଙ୍କ ସମସ୍ୟା ସମ୍ପର୍କରେ ସମ୍ବେଦନଶୀଳ ହେବା ୱାର୍ଡେନମାନଙ୍କର ଦାୟିତ୍ୱ। ଏଥିସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍କୁଲ ଡ୍ରପ୍ ଆଉଟ୍ ହାର କମାଇବା ପାଇଁ ଚାଲିଥିବା ପ୍ରୟାସ ଉପରେ ଗୁରୁତ୍ୱାରୋପ କରିବା ସହ ଶିଶୁ କୈନ୍ଦ୍ରିକ ଶିକ୍ଷାଦାନ ଉପରେ ଆଲୋଚନା କରିଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଯୋଗଦେଇ ହଷ୍ଟେଲରେ ରହୁଥିବା ବାଳିକାଙ୍କ ମାନସିକ ଓ ଶାରୀରିକ ସୁସ୍ଥତା ସୁନିଶ୍ଚିତ କରିବା, ଆତ୍ମରକ୍ଷା, ସ୍ୱାସ୍ଥ୍ୟ ସଚେତନତା ଏବଂ ଉନ୍ନତ ସୁରକ୍ଷା ପ୍ରୋଟୋକଲ ଉପରେ ୱାର୍ଡେନମାନଙ୍କୁ ତାଲିମ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ନିପାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ସାନ୍ତ୍ୱନା ମିଶ୍ର ଯୋଗଦେଇ ପୁଷ୍ଟିସାର, ଆତ୍ମରକ୍ଷା, ଗୋଷ୍ଠୀ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଉପରେ ଆଲୋକପାତ କରିଥିଲେ। ଓସେପାର ଅତିରିକ୍ତ ନିର୍ଦ୍ଦେଶିକ ସଙ୍ଗୀତା ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଓସେପାର ଯୁଗ୍ମ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ରାଉତ, ଆଞ୍ଚଳିକ ପ୍ରତିଷ୍ଠାନର କୋ-ଅର୍ଡିନେଟର ଡ. ସରିତା ଏମ, ଜେଣ୍ଡର କୋ-ଅର୍ଡିନେଟର ଲହରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା କର୍ମଶାଳା

**ମହିଳା, ପୁରୁଷ ମଧ୍ୟରେ ଏକ ସୁ ପରିବେଶ ସୃଷ୍ଟି ହେଉ**

ଭୁବନେଶ୍ୱର,୯। ୧୨ (ସୌମ୍ୟରଞ୍ଜନ ରାଉତ)

କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା ଅଧିନିୟମ ୨୦୧୩ର ନିୟମ ଅନୁଯାୟୀ କର୍ମଚାରୀମାନଙ୍କୁ ସମ୍ବେଦନଶୀଳ କରିବା ପାଇଁ ଏକ କର୍ମଶାଳା ମଙ୍ଗଳବାର ଜାତୀୟ ଅଭିଲେଖାଗାରରେ ଅନୁଷ୍ଠିତ ହୋଇଥିଲା। ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ଡ. ସତ୍ୟନାରାୟଣ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ନୂଆଦିଲ୍ଲୀସ୍ଥିତ ଜାତୀୟ ଅଭିଲେଖାଗାରର ଭାରପ୍ରାପ୍ତ ସହାୟକ ନିର୍ଦ୍ଦେଶକ ଡ. ମାନସ ରଞ୍ଜନ ମିଶ୍ର, ଅନ୍ୟତମ ଭାରପ୍ରାପ୍ତ ସହାୟକ ନିର୍ଦ୍ଦେଶିକା ରିଚା ପନ୍ତ ଯୋଗଦେଇଥିଲେ। ମହିଳା ଓ ପୁରୁଷ ମଧ୍ୟରେ ଏକ ସୁ ପରିବେଶ ସୃଷ୍ଟି କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ଡ. ମିଶ୍ର କାର୍ମଶାଳାର ଆବଶ୍ୟକତା ଓ ଉପଯୋଗ ଉପରେ ପ୍ରାରମ୍ଭିକ ଟିପ୍ପଣୀ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବରେ ଅଭିଲେଖାଧିକାରୀ ଡ. ଜୟନ୍ତୀ ସାହୁ ଉପସ୍ଥିତ ରହିଥିଲେ। ଅଭିଲେଖାଧିକାରୀ ଡ. ରାମ ଚନ୍ଦ୍ର କରଣ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଲ୍ଲାସର ରଙ୍ଗ: ସଙ୍ଗୀତଜ୍ଞ ବୀଣାପାଣି ନାୟକ ସମ୍ବର୍ଦ୍ଧିତ

**ଅକ୍ଷୟ ମହାନ୍ତିଙ୍କ ଗୀତରେ ମନ୍ତ୍ରମୁଗ୍ଧ ହେଲେ ଦର୍ଶକ**

ଭୁବନେଶ୍ୱର, ୯।୧୨ (ବନ୍ଦନା ସେଠୀ)

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର ମଙ୍ଗଳା ସମିତି ପକ୍ଷରୁ ୧୨ତମ ବାର୍ଷିକ ମହୋତ୍ସବ ‘ଉଲ୍ଲାସର ରଂଗ’ର ଦ୍ୱିତୀୟ ସନ୍ଧ୍ୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅବସରପ୍ରାପ୍ତ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇଥିଲେ। ଭାରତୀୟ ଗନ୍ଧର୍ବ ମହାବିଦ୍ୟାଳୟ ମଣ୍ଡଳ ଯାମିନୀ କାନ୍ତ ମିଶ୍ର, ନୃତ୍ୟଶିଳ୍ପୀ ଶିକତା ଦାସ, ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ବିଜୟ କୁମାର ଜେନା, ଲାଲା ବିରେନେ ରାୟ, ସମିତିର ସମ୍ପାଦିକା ଦୀପିକା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଡିଶୀ ସଙ୍ଗୀତଜ୍ଞ ବୀଣାପାଣି ନାୟକଙ୍କୁ ଆଜୀବନ ସଙ୍ଗୀତ ସାଧନା ପାଇଁ ୫୦ ହଜାର ଅର୍ଥ ରାଶି ସହ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ପରେ ସନ୍ଧ୍ୟାର ପ୍ରଥମ ଚରଣରେ ଗୁରୁ ବେଦମତି ପଣ୍ଡା ଓ ସାଥି ବାଦ୍ୟ ବିଚିତ୍ରା ଓ ଦ୍ୱୈତ୍ୟ ବେହେଲା ବାଦନ କରିଥିଲେ। ଗୁରୁ ସୁରମଣି, ରମେଶ ଚନ୍ଦ୍ର ଦାସ, ଡ. ସାରଦା ପ୍ରସନ୍ନ ଦାସ, ଗୁରୁ ମୁରଲୀଧର ସ୍ୱାଇଁ ଓ ସାଥୀ ବାଦ୍ୟ ବିଚିତ୍ର ଓ ଗଜଲ ପରିବେଷଣ କରିବା ସହ ଗୁରୁ ଧୃତି ମୟ ଓ ଶୁଭଲକ୍ଷ୍ମୀ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଓଡିଶୀ ନୃତ୍ୟ ନାଟିକାରେ ବର୍ଷା ବସନ୍ତ ବୈଶାଖ ଗୁରୁ ଅଶୋକ କୁମାର ଘୋଷଲାଙ୍କ ଦ୍ୱାରା ଓଡିଶୀ ଦଳଗତ ନୃତ୍ୟ ନାଟିକା କାଞ୍ଚି ଅଭିଯାନ ପରିବେଷଣ ହୋଇଥିଲା। ଚୌଧୁରୀ ଜୟ ପ୍ରକାଶ ଦାସ ଅକ୍ଷୟ ମହାନ୍ତିଙ୍କ ଉପରେ ପୁରୁଣା ଗୀତ ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅନସୂୟା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଅତିଥିମାନେ ଓଡିଶୀ ସଙ୍ଗୀତଜ୍ଞ ବୀଣାପାଣି ନାୟକଙ୍କୁ ଆଜୀବନ ସଙ୍ଗୀତ ସାଧନା ସମ୍ମାନ ପ୍ରଦାନ କରୁଛନ୍ତି।


**OFFICE OF THE DIVISIONAL FOREST OFFICER PHULBANI (KENDULEAVES) DIVISION**

AT/PO/PS-PHULBANI, DIST.-KANDHAMAL, PIN-762001
Phone-06842-253673, Mob-918280342725,Email id:dfoklplb@gmail.com
Office Order No.130/1F (KL) Dated, Phulbani 6th December 2025
1st Corrigendum To e-Tender Call Notice No.01/2025-26
Bid Identification No.F.E.&C.C./PLB/01 (online)/2025-26

No.MM-357:The following modification has been made to the BID Identification No. F.E.&C.C./PLB/01 (online)/2025-26 as follows.

| Sl.No. | Description |
|---|---|
| 1 | Due to some unavoidable circumstances BID Identification No. F.E.& C.C./ PLB/01 (online)/2025-26 of Sl.No.1 is hereby cancelled. |

Further details will be intimated soon.
OIPR-08069/11/0007/2526
Sd./- Divisional Forest Officer
Phulbani K.L.Division

**Office of the Zilla Parishad, Balangir**
(District Mission Management Unit, OLM)
Dist.-Balangir, Odisha, Pin-767001
E-mail:ori-dbolangir@nic.in, balangirdpm.olm@gmail.com
Order No.554/ZP, Date:09.12.2025

**REQUEST FOR PROPOSAL**

CAD-2648: Sealed request for proposal are invited in plain paper from Odisha Based reputed Chartered Accountant firm with the following term and condition for Audit of GPLF. The quotations completed in all respect will be received from 10.12.2025 to 31.12.2025 during office hour Speed/Registered post & Courier only address to the CDO-cum-EO, Zilla Parishad, Balangir and will be opened on 02.01.2026 at 11.00 AM in the office chamber of CDO-cum-EO, in the presence of the Bidders or their authorized representatives. The outer envelope is to be superscribed with “PROPOSAL FOR HIRING OF CHARTERED ACCOUNTANT FOR GPLF AUDIT UNDER OLM” alongwith the contact details of the bidder. The undersigned reserves the right to accept or reject any or all the Quotations without assigning any reason thereof.
The details of the Quotation Call Notice alongwith terms & condition and the evaluation form can be viewed at the district website i.e. https://balangir.odisha.gov.in.

Sd./- C.D.O.-cum-DMC, OLM,
Zilla Parishad, Balangir
OIPR-19367/11/0005/2526

ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ, ବାଲେଶ୍ୱର

**OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE**

AT-SAMALPUR, P.O-BALIA, DIST-BALASORE, PIN-756056
(e-mail: eephbls@gmail.com, Phone-9438660004)
No.6626/DATE 04.12.25

**2nd CORRIGENDUM**

TENDER FOR THE WORK

**No.C-1756:“Supply, Installation, Testing & Commissioning of DG Sets (CPCB IV+GEN Set with AMF Pannel) with Movable Trolley including shed for Jaleswar Town”.**

In continuation to this office Bid-Identification No.SEPHBLS-27 of 2025-26 dt 12.11.2025. The following amendments have been made to **Critical Dates.**

| | Item/ Clause | Description | Existing Critical Dates | 1st time corrigendum of critical dates | 2nd corrigendum of Revised/Amended Critical Dates |
|---|---|---|---|---|---|
| 1 | Critical Dates in NIT, Sec-tion-1 of DTCN | Last date and time of seeking clarification | 17.00 Hr. of dt.28.11.2025 | 17.00 Hr. of dt.05.12.2025 | 17.00 Hr. of dt.10.12.2025 |
| | | Last date & time of bidding on-line | 17.00 Hr. of dt.03.12.2025 | 17.00 Hr. of dt.10.12.2025 | 17.00 Hr. of dt.15.12.2025 |
| | | Date & Time of opening Bid | 12.00 Hr. of dt.04.12.2025 | 12.00 Hr. of dt.11.12.2025 | 12.00 Hr. of dt.16.12.2025 |

**All other terms and conditions un-altered.**

Sd./- Superintending Engineer
P.H. Division, Balasore
OIPR-13053/11/0037/2526

**ତହସିଲଦାରଙ୍କ କାର୍ଯ୍ୟାଳୟ, ବାଲିଅନ୍ତା**

**ଇସ୍ତାହାର**

PR No-879
03/12/2025

ସଂଖ୍ୟା–୨୫୬୪ ତାରିଖ 03/12/2025

No.F–୨୧:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲିଅନ୍ତା ତହସିଲ ଅନ୍ତର୍ଗତ ନିମ୍ନବର୍ଣ୍ଣିତ ଏକଗୋଟି ନଦୀ ମସ୍‌ଦିଆ ଉତ୍ସ ସନ–2025–26 ବର୍ଷ ପାଇଁ ନିଲାମ କରାଯିବ । ଇଚ୍ଛୁକ ପ୍ରାର୍ଥୀମାନେ ଧାର୍ଯ୍ୟ ତାରିଖରେ ନିୟମାନୁଯାୟୀ ନିଲାମରେ ଭାଗ ନେଇପାରିବେ । ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କ ନାମରେ ନିଲାମ ସ୍ଥିରୀକୃତ କରାଯାଇପାରିବ । ସର୍ବୋଚ୍ଚ ନିଲାମଧାରୀଙ୍କ ଅର୍ଥକୁ ଗ୍ରହଣ କରାଯିବ ଏବଂ ସର୍ବୋଚ୍ଚ ଡାକିଥିବା ବ୍ୟକ୍ତି ସମସ୍ତ ଟଙ୍କା ନଗଦ ଆକାରରେ ଏକକାଳୀନ ପୈଠ କରିବେ । ସର୍ବୋଚ୍ଚ ଡାକ ହୋଇଥିବା ଅର୍ଥ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଦୃଢୀକରଣ ହେବାପରେ ନିଲାମଗ୍ରହୀତାଙ୍କ ସର୍ବୋଚ୍ଚ ଡାକକୁ ଗ୍ରହଣ କରାଗଲା ବୋଲି ଧରିନିଆଯିବ ।

| କେଶ ନଂ. ଓ ବର୍ଷ | ସୈରାତ ଉତ୍ସର ନାମ | ରକବା | ସରକାରୀ ସର୍ବନିମ୍ନ ଜମା | ଅମାନତ ଓ ଜମା |
|---|---|---|---|---|
| 01/25-26 | କୁଆଖାଇ ନଦୀ ମସ୍‌ଦିଆ, ଭୁବନପୁର | ଏ.40.000 | ଟ.4,25,105/– | ଟ.42,511/– |

ଧାର୍ଯ୍ୟ ତାରିଖ 16.12.2025 ପୂର୍ବାହ୍ନ 11.00 ଘଣ୍ଟା, ସ୍ଥାନ–ବାଲିଅନ୍ତା ତହସିଲ ।
ଯଦି ଧାର୍ଯ୍ୟ ତାରିଖରେ ନିଲାମ ଖତମ ନହୁଏ ତାହାହେଲେ ପର୍ଯ୍ୟାୟକ୍ରମେ ତା.22.12.2025 ଓ ତା.29.12.2025 ରେ ପୁନର୍ବାର ନିଲାମ କରାଯିବ ।
ବି.ଦ୍ର:– କର୍ତ୍ତୃପକ୍ଷ ଚାହିଁଲେ ଏହି ଇସ୍ତାହାରକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ନିଲାମ ତାରିଖ ଘୁଞ୍ଚାଇପାରିବେ ।

OIPR-24050/11/0002/2526
ସ୍ୱା./– ତହସିଲଦାର, ବାଲିଅନ୍ତା

GOVERNMENT OF ODISHA
**Office of the Superintending Engineer Bhanjanagar (R&B) Division, Bhanjanagar**
(Phone/Fax : (06821) 241133 / E-mail : eernbbngr@yahoo.in)
Ltr. No. //842//Dtd.04.12.2025
No.B-807

**INVITATIONS FOR BIDS (IFB)**

E-Procurement Bid Identification No. S.E - BNJ-R&B-18/2025-26

1. Name of work : Electrical Shifting works
2. No. of works : 2 Nos. Electrical work
3. No. of Covers : Single Cover
4. Estimated cost : Rs.44.52 to 48.00 lakhs
5. Period of Completion : Three Calendar Months
6. Date of time of availability of bid document in the portal : From 12.00 Noon of dated 10.12.2025 to 5.00 P.M. of dated 19.12.2025
7. Last date/time for receipt of bids in the portal : Up to 5.00 P.M. of dated 19.12.2025
8. Date of opening of bid documents : At 11.00 A.M. of dated 20.12.2025
9. Class of contractor : “HT” Elect. Contractor
10. Name and address of Officer inviting bid : Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.

Sd./- Superintending Engineer
Bhanjanagar (R&B) Division
OIPR-34015/11/0032/2526

**OFFICE OF THE SUPERINTENDING ENGINEER RURAL WORKS DIVISION-I,GANJAM,BERHAMPUR**
Government of Odisha e-Procurement Notice
Bid Identification No.Online Tender//16//SERWDG-I//2025-26
Phone-0680-2291405, E-mail: eerw_gm1@yahoo.co.in
No.O-1686: Letter No.5825// RWDG-I//BAM//Date:29.11.25

| | | | |
|---|---|---|---|
| 1. | Name of the Work | :: | Building Works |
| 2. | Estimated Cost | :: | Rs.26.86 Lakhs |
| 3. | Period of Completion | :: | As per Annexure Column No.06 |
| 4 | Date & Time of Availability of Bid documents in the portal | :: | From 10.12.2025 at 11.00 AM to 23.12.2025 upto 5.00 P.M. |
| 5 | Last Date/Time for Receipt of Bids in the Portal | :: | 23.12.2025 upto 5.00 PM |
| 6 | Name and Address of the Officer Inviting Bid | :: | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in.

Sd./- Executive Engineer
R.W.Division-I, Ganjam, Berhampur
OIPR-25085/11/0040/2526

**Government of Odisha**
**“e” Procurement Notice**
No.C-1712
Bid Identification No. : 52/2025-26

| | | | |
|---|---|---|---|
| 1 | Name of the Work | : | 01 No. of work |
| 2 | Estimated Cost | : | 184.65 Lakh |
| 3 | Period of Completion | : | Two months |
| 4 | Date & time of availability of bid document in the portal | : | From 11.00 A.M. of 09.12.2025 to 12.00 Noon of 23.12.2025 |
| 5 | Last Date/time for receipt of bids in the portal | : | 12.00 Noon of 23.12.2025 |
| 6 | Name & Address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Sd./- Superintending Engineer,
P.H. Division, Bhubaneswar
OIPR-13205/11/0053/2526

**OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR**
GOVERNMENT OF ODISHA
No.A-1058: “e”-Procurement Notice
BID IDENTIFICATION No.:06 MID (JSP/2025-26)

1. Name of the Inviting Officer :- Superintending Engineer, Minor Irrigation Division, Jashipur
2. Name of the Work :- Improvement of MIP in Mayurbhanj District under the scheme CAPEX for the year 2025-26.
3. No. of Works :- 3 (Three) Nos.
4. Tender Amount Varies from :- 61.67 Lakhs to 97.93 Lakhs
5. Date and Time of availability of Bid document in the Portal for online Bidding From :- Dt.08.12.2025 10.00 hrs. to Dt.17.12.2025 17.00 hrs.
6. Last Date and Time of receipt of Bids in the Portal :- Dt.17.12.2025 upto 17.00 hrs.
7. Last Date and Time for clarification upto :- Dt.17.12.2025 upto 17.00 hrs.
8. Date of Opening of Bid :- Dt.18.12.2025 at 11.00 hrs. onwards

**The detail tender call notice can also be seen in the DOWR website: http://dowrorissa.gov.in**

Name & Address of the OIT :- Superintending Engineer, M.I.Division Jashipur,At/Po-Khairi Dist:Mayurbhanj, PIN-757091, E-Mail:eemijashipur@yahoo.com
Further details can be seen from the e-Procurement market place :- **http://tenderorissa.gov.in**

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd./- Superintending Engineer
M.I. Division, Jashipur
OIPR-32282/11/0014/2526

**Sambalpur Municipal Corporation Sambalpur**
Notice No. - 14365
Email id: sambalpurm.hud@nic.in
Dt. : 06.12.2025
‘e’ Procurement NOTICE
23/SMC_SBP/2025-26
Tender ID No : 2025_ORULB_122633

**No.C-1732** : The Municipal Commissioner on behalf of Municipal Corporation, Sambalpur invites tenders in Double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

1. Number of Civil Works : **2 (Two) numbers**
2. Estimated Costs : **53.16 & 66.73 lakhs**
3. Period of Completion : As per NIT
4. Date and time of availability of the bid documents in the portal : From **11.00 A.M. of 10.12.2025 to 05.00 P.M. of 30.12.2025**
5. Last Date/Time for receipt of bids in the portal : **05.00 P.M. of 30.12.2025**
6. Bids will be opened on : **11.00 A.M. of Dt. 31.12.2025**
7. Name and address of the officer inviting bid : **Municipal Commissioner, Sambalpur Municipal Corporation, Sambalpur**

Sd./- Commissioner
Sambalpur Municipal Corporation
OIPR-13122/11/0151/2526

Government of Odisha
“e” Procurement Notice
No.B-777
**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-I, RAYAGADA**
E-mail ID : sepwdrgda1@gmail.com
Bid Identification No. : RC (RANDB) RGD 17/2025-2026
(Single Cover-Online tender)
File No. E-II-C8-28/2025 No.10685 Dated 26.11.2025

1. No. of the works : 05 (Five) Shifting of Utility Work (Electrical) only
2. Estimated Cost : Rs.16.13 Lakh, Rs.25.66 Lakhs, Rs.45.97 Lakhs, Rs.25.66 Lakhs & Rs.9.95 Lakhs
3. Cost of document : Rs.6,000/- for each work
4. Bid Security : Rs.16,130/-, Rs.25,656/-, Rs.14,300/-, Rs.49,300/- & Rs.9,950/-
5. Class of Conrtractor : ‘HT / above’
6. The Bid documents will be available in the website **www.tendersodisha.gov.in from 11.00 Hrs. of dated 10.12.2025 to 17.00 Hrs. of dated 19.12.2025 for online bidding**
7. Last date/Time for receipt of bids in the portal : Upto 17.00 Hrs. of **Dated 19.12.2025**
8. Bids received “on-line” shall be **opened at 17.30 Hours on dated 20.12.2025** in the office of the **Superintending Engineer, Rayagada (R&B) Division No-I**
9. Further details can be seen from the e-Procurement portal : “**www.tendersodisha.gov.in**”. Any Addendum/Corrigendum/Cancellation of tender can also be seen in the said website only.

Sd./- Superintending Engineer
Rayagada (R&B) Division No-I
OIPR-34040/11/0019/2526

**GOVERNMENT OF ODISHA**
No.A-1064
**OFFICE OF THE ADDITIONAL CHIEF ENGINEER SALAPADA IRRIGATION CIRCLE, SALAPADA, KEONJHAR**
E-mail : acesicsalapada@gmail.com
Bid Identification No - ACESIC-02/2025-26
‘e’ PROCUREMENT NOTICE

| | | |
|---|---|---|
| 1 | **Nature of the works** | **Road Work** |
| 2 | **No of works** | 2 (Two) |
| 3 | **Value of works (Excluding GST)** | Rs.233.90 lakh & 235.59 lakh |
| 4 | **Period of completion** | 6 Calendar Months |
| 5 | **Class of contractors** | **A & B** |
| 6 | **Procurement Officer** | Additional Chief Engineer, Salapada Irrigation Circle, Salapada, Keonjhar - 758020 |
| 7 | **Availability of tender for On-line bidding** | From 11.00 hrs. of 12.12.2025 to 29.12.2025 up to 17.00 hrs. |
| 8 | **Date and time of opening of Technical Bid** | 30.12.2025 at 11.00 hrs |
| 9 | **Date of opening Financial Bid** | After evaluation of Technical Bid |

Further details conditions can be seen from the Govt. website www.tendersorissa.gov.in

Sd./- Additional Chief Engineer,
Salapada Irrigation Circle,
Salapada,
OIPR-32468/11/0009/2526

**ରମାକାନ୍ତଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ**

ନିଶ୍ଚିନ୍ତକୋଇଲି,(ଅଶୋକ କୁମାର ମହାପାତ୍ର): କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ବେହେରାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି। କିଛିଦିନ ତଳେ କଟକ ଜିଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ ଦାସ ରମାକାନ୍ତଙ୍କୁ ନିଲମ୍ବନ କରିଥିଲେ। ପ୍ରଦେଶ କଂଗ୍ରେସ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ସୁଜିତ ପାଢ଼ୀ ମଙ୍ଗଳବାର ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିଛନ୍ତି। ତାଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶନାମା ନମ୍ବର ୫୭୪/ଓସିଡିଏସି/୨୦୨୫ ଅନୁଯାୟୀ ନିଲମ୍ବନ ପ୍ରତ୍ୟାହୃତ ହୋଇଛି। ପ୍ରତ୍ୟାହାର ନିର୍ଦ୍ଦେଶନାମା ପାଇବା ପରେ ରମାକାନ୍ତ ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ମତ ରଖିଛନ୍ତି।

# ମହାଲକ୍ଷ୍ମୀ ପୂଜା ଓଡ଼ିଆ ଜନଜୀବନର ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା

## ରତାପାଟ ମହାଲକ୍ଷ୍ମୀ ପୂଜା ମହୋତ୍ସବ ୫ମ ସନ୍ଧ୍ୟା

ବଡ଼ମ୍ବା, ୯।୧୨(ମାୟାଧର ମଲ୍ଲିକ)

ବଡ଼ମ୍ବାର ରତାପାଟ ମହାଲକ୍ଷ୍ମୀ ପୂଜା ମହୋତ୍ସବର ପଞ୍ଚମ ସନ୍ଧ୍ୟା ସୋମବାର ଥିଲା। ଆରମ୍ଭରେ ସୈନିକ ସ୍କୁଲର ଛାତ୍ରୀଛାତ୍ର ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଭାବେ କବି ଦୁର୍ଯ୍ୟୋଧନ ବରାଳ ଯୋଗଦେଇ ମହାଲକ୍ଷ୍ମୀ ପୂଜାର ପୁରାଣ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ଏପରିକି ମହାଲକ୍ଷ୍ମୀ ପୂଜା ଓଡ଼ିଆ ଜନଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ବହନ କରିଛି ବୋଲି କହିଥିଲେ।



ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

ମୁଖ୍ୟବକ୍ତା ଭାବେ ଖଣ୍ଡପଡ଼ା, ଭାପୁର ମହୋତ୍ସବର ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନ୍ତି ଓ ବିଶିଷ୍ଟ ଅତିଥି ଭାବେ ତ୍ରିକୂଟ ମହୋତ୍ସବ ବୈଦେଶ୍ୱର ସମ୍ପାଦକ ରବି ନାରାୟଣ ମଙ୍ଗରାଜ ପ୍ରମୁଖ ଯୋଗ ଦେଇ ମହାଲକ୍ଷ୍ମୀ ପୂଜାର ମାହାତ୍ମ୍ୟ ପ୍ରତିପାଦନ କରିଥିଲେ। ସମ୍ମାନିତ ଅତିଥି ଭାବେ କମିଟି ଉପସଭାପତି ପ୍ରସନ୍ନ କୁମାର ପ୍ରଧାନ ଓ ଦୁଃଶାସନ ପଲେଇ ଯୋଗଦେଇଥିଲେ। କମିଟି ସଭାପତି ରଜନୀକାନ୍ତ ବଳବନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ସମୀର କୁମାର ରାଉତ ସଂଯୋଜନା କରିଥିଲେ। ଓଷ୍ଟା କଟକ ଜିଲା ସଭାପତି ଶିକ୍ଷକ କଳିଙ୍ଗ କେଶରୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୋମନାଥ ଖୁଣ୍ଟିଆ, ବିଚିତ୍ରାନନ୍ଦ ଧଳ, ରବୀନ୍ଦ୍ର ସେଠୀ, ମିହିର କୁମାର ପ୍ରଧାନ, ରବୀନ୍ଦ୍ର ଦାସ, ସୁଶାନ୍ତ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ୫ମ ସନ୍ଧ୍ୟାରେ ଘୋଡ଼ାନାଚ ଓ ରୋମୋ ଡ୍ୟାନ୍ସ ଗ୍ରୁପ କଳାକାରଙ୍କ ନୃତ୍ୟକୁ ଦର୍ଶକ ଭରପୂର ମଜା ନେଇଥିଲେ। ସମ୍ପାଦକ ବାମନ ଚରଣ ପଲେଇ ଧନ୍ୟବାଦ୍ ଦେଇଥିଲେ।

# ଚତୁର୍ଥ ରାଜ୍ୟସ୍ତରୀୟ ବାହୁକୁସ୍ତି ପ୍ରତିଯୋଗିତା

ଆଠଗଡ଼, ୯।୧୨(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଚତୁର୍ଥ ରାଜ୍ୟସ୍ତରୀୟ ବାହୁକୁସ୍ତି ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତା ପୂର୍ବରୁ ରଥରାଜାଛକଠାରୁ ଏକ ମଶାଲ ଶୋଭାଯାତ୍ରା ନଗର ପରିକ୍ରମା କରି କଲ୍ୟାଣ ମଣ୍ଡପ ନିକଟକୁ ଆସିଥିଲା। ଆଠଗଡ଼ ବାହୁକୁସ୍ତି ଆସୋସିଏଶନର ସଭାପତି ତଥା ମୁଖ୍ୟ ଅତିଥି ଲକ୍ଷ୍ମୀ ନାରାୟଣ ଭଞ୍ଜ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମନୋଜ ମୁଖୀ, ଚାରଣ ନାୟକ, ପ୍ରବୀର ଓଡ଼ଗାଁ, ପ୍ରସନ୍ନ କୁମାର ମୁଖୀ, ରୁଦ୍ର ନାୟକ, ମନୋଜ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଜୁନିୟର ବିଭାଗରେ ୫୦ କେଜିରୁ କମ୍, ୫୦ରୁ ୬୦ କେଜି, ୬୦ରୁ ୭୦ କେଜି, ୭୦ରୁ ୮୦ କେଜି, ୮୦ରୁ ୯୦ କେଜି ଓ ୯୦କେଜିରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ବରିଷ୍ଠ ବିଭାଗରେ ୫୫କେଜି, ୬୦ କେଜି, ୬୫ କେଜି, ୭୦ କେଜି, ୭୫ କେଜି, ୮୦ କେଜି, ୮୫ ଓ ୯୦ କେଜି ବ୍ୟକ୍ତିଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ବିଭିନ୍ନ କେଜି ମଧ୍ୟରେ କୃତୀ ପ୍ରତିଯୋଗୀ ଘୋଷଣା କରାଯାଇଥିଲା। ସେହିପରି ଜୁନିୟର ବିଭାଗରେ ଚାମ୍ପିଅନ କଟକର ଆଦିତ୍ୟ ନାୟକ ଓ ବରିଷ୍ଠ ବିଭାଗରେ କଟକର ଚନ୍ଦନ ମହାପାତ୍ର ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଲକ୍ଷ୍ମୀ ନାରାୟଣ ଭଞ୍ଜ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ନବରଙ୍ଗପୁର, ରାୟଗଡ଼ା, ରାଉରକେଲା, ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପୁରୀ, ବ୍ରହ୍ମପୁର, ଭଦ୍ରକ ଆଦି ଅଞ୍ଚଳରୁ ୧୭୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।



ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ମା'ଚର୍ଚ୍ଚିକା ପାଲାମଣ୍ଡଳର ବାର୍ଷିକ ସମ୍ମିଳନୀ

ବାଙ୍କୀ,୯।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ମା'ଚର୍ଚ୍ଚିକା ପାଲାମଣ୍ଡଳର ବାର୍ଷିକ ସମ୍ମିଳନୀ ବାଙ୍କୀ କରଡ଼ାପାଲ୍ଲୀ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ପ୍ରସିଦ୍ଧ ଗାୟକ ଗୁରୁବଂଶୀ ଦିଲୀପ କୁମାର ମହାପାତ୍ର, ବିଶିଷ୍ଟ ଗାୟକ ନିଶିକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ମଣ୍ଡଳର ଉପସଭାପତି ଗାୟକ ଜ୍ଞାନଗୌରବ ଲକ୍ଷ୍ମୀଧର ପଣ୍ଡାଙ୍କ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ପାଲା ଗାୟକ ତଥା କଳାକାରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ବିନାୟକ ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ୟଙ୍ଗକବି ବୈରାଗୀ ମଲ୍ଲିକ, ଗାୟକରତ୍ନ ଶ୍ୟାମ ସୁନ୍ଦର ତ୍ରିପାଠୀ, ସଙ୍ଗୀତ କଳାକାର ଗୋପୀନାଥ ପଣ୍ଡା, ବସନ୍ତ କୁମାର ପଣ୍ଡା, ଗାୟକ ରୁଦ୍ର ନାରାୟଣ ନନ୍ଦ, ବାରଙ୍ଗ ସଂଘ ସଭାପତି ପ୍ରଭାତ କୁମାର ଲେଙ୍କା, ମା'ମଙ୍ଗଳା ଓ ଶ୍ରୀ ଅମରେଶ୍ୱର ପାଲା ଅନୁଷ୍ଠାନ ଅରିଲୋ ପାଲା ପରିବେଷଣ କରିଥିଲେ। ଗାୟକ ଶତ୍ରୁଘ୍ନ ରଣା, ଲମ୍ବୋଧର ସ୍ୱାଇଁ, ରୁଦ୍ର ନାରାୟଣ ନନ୍ଦ ଏଥିରେ ସହଯୋଗ କରିଥିବାବେଳେ ଅନୁଷ୍ଠାନର ସହସମ୍ପାଦକ କୈଳାସ ପୃଷ୍ଟି, ସାରଦା ପ୍ରସନ୍ନ ନାୟକ, କୋଷାଧ୍ୟକ୍ଷ ପଦ୍ମନାଭ ମିଶ୍ର, ଗାୟକ ଜଗନ୍ନାଥ ପଣ୍ଡା, ସଙ୍ଗୀତ କଳାକାର କଳାଭୂଷଣ ନିରଞ୍ଜନ ମହାପାତ୍ର, ବଟକୃଷ୍ଣ ସାହୁ, ନବକିଶୋର ବେହେରା, ଗାୟିକା ବିନୋଦିନୀ ନାୟକ, ସତ୍ୟଭାମା ଖୁଣ୍ଟିଆ, ଜଗନ୍ନାଥ ସାହୁ ପ୍ରମୁଖ ସଂଘର ବହୁ ସଦସ୍ୟା ସଦସ୍ୟ ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ହେଲେ ଶୁଭ୍ରାଂଶୁ

ବାଙ୍କୀ, ୯।୧୧( ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ନିର୍ବାଚନମଣ୍ଡଳୀ ବରିଷ୍ଠ ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କୁ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ଭାବେ ଦାୟିତ୍ୱ ମିଳିଛି। ଶୁଭ୍ରାଂଶୁ ପୂର୍ବରୁ ଦଳରୁ ଦୁଇ ଥର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସଦାସର୍ବଦା ବାଙ୍କୀର ବିକାଶ ପାଇଁ ବିଭିନ୍ନ କ୍ଷେତ୍ରର ରାଜ୍ୟ ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିଥାନ୍ତି। ଯାହାକୁ ପାଥେୟ କରି ରାଜ୍ୟ ଭାଜପା ନେତୃମଣ୍ଡଳୀଙ୍କ ନିଷ୍ପତ୍ତି ଅନୁଯାୟୀ ଶୁଭ୍ରାଂଶୁଙ୍କୁ ଏହିଗୁରୁଦାୟିତ୍ୱ ମିଳିଛି। ଲୋକଙ୍କ ସରକାରରେ କୃଷକମାନଙ୍କ ସମସ୍ୟା ଉପରେ ଦୃଷ୍ଟିପାତ କରିବା ସହ ଜନସାଧାରଣଙ୍କ ମୌଳିକ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। କଟକ ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି



ଉତ୍କଳମଣି ମନ୍ତ୍ରୀ ସ୍ୱାଗତ ଜଣାଇଛନ୍ତି। ଏଭଳି ଏକ ଗୁରୁ ଦାୟିତ୍ୱ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ସମସ୍ତ ରାଜ୍ୟ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟ ଉପସଭାପତି ପୁଲିନ ପୁହାଣ ବାଙ୍କୀରେ ପହଞ୍ଚି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପାଢ଼ୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ବାଙ୍କୀର ଜିଲା ସମ୍ପାଦକ ବିନୋଦ କୁମାର ଦାସ, ବରିଷ୍ଠ ଭାଜପା ନେତା ସଂଗ୍ରାମ ବିଭୂତି ରାୟ, ପ୍ରଣବ ମହାପାତ୍ର, ଦାଶରଥି ପଡ଼ିଆରୀ, ଧରଣୀଧର ସାହୁ, ସୁବାସ ଦଳେଇ, ପ୍ରସନ୍ନ କୁମାର ସ୍ୱାଇଁ, କାଳନ୍ଦୀ ବେହେରା, ସୌମ୍ୟ ପ୍ରଧାନଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ସ୍ୱାଗତ ଜଣାଇବା ସହ ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା' ଚର୍ଚ୍ଚିକାଙ୍କୁ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ।

# ସଙ୍କୁଳସ୍ତରୀୟ ରାଜ୍ୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

## କେନ୍ଦ୍ରୀୟ ବିଦ୍ୟାଳୟ ନଂ.୩

ବାଙ୍କୀ, ୯।୧୨(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମୁଣ୍ଡଳୀସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୩ କଟକ ପରିସରରେ ୫୩ତମ ସଙ୍ଗଠନର କଟକ ସଙ୍କୁଳସ୍ତରୀୟ ରାଜ୍ୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠଗଡ଼ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଶ୍ମି ରଞ୍ଜନ ବେଉରା ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ସରକାରଙ୍କ ବିକଶିତ ଆତ୍ମନିର୍ଭର ଭାରତ ବିଷୟବସ୍ତୁ ଆଧାରରେ ଅନୁଷ୍ଠିତ ଉକ୍ତ ପ୍ରଦର୍ଶନୀରେ ଛାତ୍ରୀଛାତ୍ର ନିଜସ୍ୱ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଉକ୍ତ ପ୍ରଦର୍ଶନୀରେ କଟକ, କେନ୍ଦ୍ରାପଡ଼ା, ଚାରବାଟିଆ, ପାରାଦୀପ, ଜଗତ୍‌ସିଂହପୁରସ୍ଥିତ ୭ କେନ୍ଦ୍ରୀୟ ବିଦ୍ୟାଳୟର ୬୦ରୁ ଉର୍ଦ୍ଧ୍ୱ ଚୟନ ପ୍ରତିଯୋଗୀ ଅଂଶଗ୍ରହଣ କରି ବିଜ୍ଞାନ, ଗଣିତ, କୃଷି, ସ୍ୱାସ୍ଥ୍ୟ, ଜଳ ସଂରକ୍ଷଣ, ସବୁଜ ଶକ୍ତି ଆଦି ଉପରେ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ଅଧ୍ୟାପିକା ଇନ୍ଦ୍ରାଣୀ ମିତ୍ରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସୁଚରିତା ପୁରୋହିତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ସମ୍ପାଦନରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

# ଧର୍ମନିରପେକ୍ଷତା, ସାମାଜିକ ନ୍ୟାୟ ଦେଶର ଆତ୍ମା

## ସ୍ୱାଭିମାନ ଏକତା ମଞ୍ଚ ପକ୍ଷରୁ ସ୍ମାରକୀ ବକ୍ତୃତା

ଆଠଗଡ଼, ୯।୧୨(ସତ୍ୟ ପ୍ରସାଦ ରଥ):

ଆଠଗଡ଼ ସ୍ୱାଭିମାନ ଏକତା ମଞ୍ଚ ଆନୁକୂଲ୍ୟରେ ୧୪ତମ ସ୍ୱାଭିମାନ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଆଠଗଡ଼ ଏନ୍‌ଏସି କାର୍ଯ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଦେଶରେ ଧର୍ମନିରପେକ୍ଷତା ଆବଶ୍ୟକତା ଏକ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଥିଲା। ମଞ୍ଚର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବାମପନ୍ଥୀ ପ୍ରବକ୍ତା ସନ୍ତୋଷ ଦାସ ଓ ସୁବାର୍ତ୍ତା ପତ୍ରିକାର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଶତପଥୀ ଯୋଗଦେଇଥିବା ବେଳେ ବରିଷ୍ଠ ଖବରଦାତା ପ୍ରଦୋଷ କୁମାର ପଟ୍ଟନାୟକ ଏହାର ସମୀକ୍ଷା କରିଥିଲେ। ବର୍ତ୍ତମାନ ଦେଶରେ ନିର୍ବାଚନ ପରିଚାଳନା ନିର୍ବାଚନ ଆୟୁକ୍ତ ବିଫଳ ବୋଲି କହିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସାମ୍ପ୍ରଦାୟିକ ଶକ୍ତିମାନଙ୍କ ପାଇଁ ଦେଶ ବିକଳାଙ୍ଗ ହୋଇଛି। ଜାତୀୟ ସଙ୍ଗୀତରେ ସ୍ଥାନ ପାଇଥିବା ରାଜ୍ୟ ଓ ଅଙ୍ଗମାନେ ବିଚ୍ଛିନ୍ନ ହୋଇଛନ୍ତି। ବର୍ତ୍ତମାନ ଜମ୍ମୁ-କଶ୍ମୀର, ମଣିପୁର, ମିଜୋରାମ, ଗୋଆ, ପଞ୍ଜାବ ପରି ରାଜ୍ୟରେ ବିଭିନ୍ନ ସମ୍ପ୍ରଦାୟର ଜନସଂଖ୍ୟା ଅଧିକ ରହିଛି। ଏଣୁ ଦେଶର ଅଖଣ୍ଡତା ପାଇଁ ଧର୍ମ ନିରପେକ୍ଷତା ଓ ସାମାଜିକ ନ୍ୟାୟ ଆତ୍ମା ସଦୃଶ ବୋଲି ମତବ୍ୟକ୍ତ କରିଥିଲେ। ଏଣୁ ସମ୍ବିଧାନ ସୁରକ୍ଷା, ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ସୁଧାର ପାଇଁ ଏହା ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ, ୨୦୦୯ ସାଧାରଣ ନିର୍ବାଚନରେ ତତ୍କାଳୀନ ରିଟର୍ଣ୍ଣିଂ ଅଫିସର ବିଜେଡିର ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରାର୍ଥୀପତ୍ର ନାକଚ କରିବା ବିରୋଧରେ ରଣେନ୍ଦ୍ର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ୨୦୧୧ ଡିସେମ୍ବର ୯ ତାରିଖରେ ବିଜୟ ଲାଭ କରିଥିଲେ। ସେହି ଦିନଟିକୁ ତାଙ୍କ ସମର୍ଥକମାନେ ସ୍ୱାଭିମାନ ଦିବସ ଭାବେ ପାଳନ କରିଥାନ୍ତି। ଉକ୍ତ କାର୍ଯ୍ୟକ୍ରମ ମଞ୍ଚର ସମ୍ପାଦକ ଆଇନଜୀବୀ ସତ୍ୟେନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଙ୍ଗଠନିକ ସମ୍ପାଦକ ଆଇନଜୀବୀ ବିନୟ ଶୁକ୍ଳା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆଠଗଡ଼-ତିଗିରିଆ ଅଞ୍ଚଳର ବହୁ ବ୍ୟକ୍ତି ଯୋଗଦାନ କରିଥିଲେ।


**OFFICE OF THE DIVISIONAL FOREST OFFICER PHULBANI (KENDULEAVES) DIVISION**

AT/PO/PS-PHULBANI, DIST.-KANDHAMAL, PIN-762001
Phone-06842-253673, Mob-918280342725,Email id:dfoklplb@gmail.com
Office Order No.130/1F (KL) Dated, Phulbani 6th December 2025
1st Corrigendum To e-Tender Call Notice No.01/2025-26
Bid Identification No.F.E.&C.C./PLB/01 (online)/2025-26

No.MM-357:The following modification has been made to the BID Identification No. F.E.&C.C./PLB/01 (online)/2025-26 as follows.

| Sl.No. | Description |
|---|---|
| 1 | Due to some unavoidable circumstances BID Identification No. F.E.& C.C./PLB/01 (online)/2025-26 of Sl.No.1 is hereby cancelled. |

Further details will be intimated soon.
Sd./- Divisional Forest Officer
Phulbani K.L.Division
OIPR-08069/11/0007/2526

ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ, ବାଲେଶ୍ୱର

**OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE**

AT-SAMALPUR, P.O-BALIA, DIST-BALASORE, PIN-756056
(e-mail: eephbls@gmail.com, Phone-9438660004)
No.6626/DATE 04.12.25

**2nd CORRIGENDUM**

TENDER FOR THE WORK

**No.C-1756:"Supply, Installation, Testing & Commissioning of DG Sets (CPCB IV+GEN Set with AMF Pannel) with Movable Trolley including shed for Jaleswar Town".**

In continuation to this office Bid-Identification No.SEPHBLS-27 of 2025-26 dt 12.11.2025. The following amendments have been made to **Critical Dates.**

| | Item/ Clause | Description | Existing Critical Dates | 1st time corrigendum of critical dates | 2nd corrigendum of Revised/Amended Critical Dates |
|---|---|---|---|---|---|
| 1 | Critical Dates in NIT, Sec-tion-1 of DTCN | Last date and time of seeking clarification | 17.00 Hr. of dt.28.11.2025 | 17.00 Hr. of dt.05.12.2025 | 17.00 Hr. of dt.10.12.2025 |
| | | Last date & time of bidding on-line | 17.00 Hr. of dt.03.12.2025 | 17.00 Hr. of dt.10.12.2025 | 17.00 Hr. of dt.15.12.2025 |
| | | Date & Time of opening Bid | 12.00 Hr. of dt.04.12.2025 | 12.00 Hr. of dt.11.12.2025 | 12.00 Hr. of dt.16.12.2025 |

**All other terms and conditions un-altered.**
Sd./- Superintending Engineer
P.H. Division, Balasore
OIPR-13053/11/0037/2526

**Office of the Zilla Parishad, Balangir**
(District Mission Management Unit, OLM)
Dist.-Balangir, Odisha, Pin-767001
E-mail:ori-dbolangir@nic.in, balangirdpm.olm@gmail.com
Order No.554/ZP, Date:09.12.2025

**REQUEST FOR PROPOSAL**

CAD-2648: Sealed request for proposal are invited in plain paper from Odisha Based reputed Chartered Accountant firm with the following term and condition for Audit of GPLF. The quotations completed in all respect will be received from 10.12.2025 to 31.12.2025 during office hour Speed/Registered post & Courier only address to the CDO-cum-EO, Zilla Parishad, Balangir and will be opened on 02.01.2026 at 11.00 AM in the office chamber of CDO-cum-EO, in the presence of the Bidders or their authorized representatives. The outer envelope is to be superscribed with "PROPOSAL FOR HIRING OF CHARTERED ACCOUNTANT FOR GPLF AUDIT UNDER OLM" alongwith the contact details of the bidder. The undersigned reserves the right to accept or reject any or all the Quotations without assigning any reason thereof.
The details of the Quotation Call Notice alongwith terms & condition and the evaluation form can be viewed at the district website i.e. https://balangir.odisha.gov.in.

Sd./- C.D.O.-cum-DMC, OLM,
Zilla Parishad, Balangir
OIPR-19367/11/0005/2526

**ତହସିଲଦାରଙ୍କ କାର୍ଯ୍ୟାଳୟ, ବାଲିଅନ୍ତା**

ଇସ୍ତାହାର

PR No-879
03/12/2025

ସଂଖ୍ୟା-୨୨୬୫ ତାରିଖ 03/12/2025

No.F-96:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲିଅନ୍ତା ତହସିଲ ଅନ୍ତର୍ଗତ ନିମ୍ନବର୍ଣ୍ଣିତ ଏକଗୋଟି ନଦୀ ମସଦିଆ ଉସ୍ ସନ୍-2025-26 ବର୍ଷ ପାଇଁ ନିଲାମ କରାଯିବ । ଇଚ୍ଛୁକ ପ୍ରାର୍ଥୀମାନେ ଧାର୍ଯ୍ୟ ତାରିଖରେ ନିୟମାନୁଯାୟୀ ନିଲାମରେ ଭାଗ ନେଇପାରିବେ । ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କ ନାମରେ ନିଲାମ ସ୍ଥିରୀକୃତ କରାଯାଇପାରିବ । ସର୍ବୋଚ୍ଚ ନିଲାମଧାରୀଙ୍କ ଅର୍ଥକୁ ଗ୍ରହଣ କରାଯିବ ଏବଂ ସର୍ବୋଚ୍ଚ ଡାକିଥିବା ବ୍ୟକ୍ତି ସମସ୍ତ ଟଙ୍କା ନଗଦ ଆକାରରେ ଏକକାଳୀନ ପୈଠ କରିବେ । ସର୍ବୋଚ୍ଚ ଡାକ ହୋଇଥିବା ଅର୍ଥ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଦୃଢ଼ୀକରଣ ହେବାପରେ ନିଲାମଗ୍ରହୀତାଙ୍କ ସର୍ବୋଚ୍ଚ ଡାକକୁ ଗ୍ରହଣ କରାଗଲା ବୋଲି ଧରିନିଆଯିବ ।

| କେଶ ନଂ. ଓ ବର୍ଷ | ସୈରାତ ଉସ୍‌ର ନାମ | ରକବା | ସରକାରୀ ସର୍ବନିମ୍ନ ଜମା | ଅମାନତ ଓ ଜମା |
|---|---|---|---|---|
| 01/25-26 | କୁଆଖାଇ ନଦୀ ମସଦିଆ, ଭୁବନପୁର | ଏ.40.000 | ଟ.4,25,105/- | ଟ.42,511/- |

ଧାର୍ଯ୍ୟ ତାରିଖ 16.12.2025 ପୂର୍ବାହ୍ନ 11.00 ଘଣ୍ଟା, ସ୍ଥାନ-ବାଲିଅନ୍ତା ତହସିଲ । ଯଦି ଧାର୍ଯ୍ୟ ତାରିଖରେ ନିଲାମ ଖତମ ନହୁଏ ତାହାହେଲେ ପର୍ଯ୍ୟାୟକ୍ରମେ ତା.22.12.2025 ଓ ତା.29.12.2025 ରେ ପୁନର୍ବାର ନିଲାମ କରାଯିବ ।
ବି.ଦ୍ର:- କର୍ତ୍ତୃପକ୍ଷ ଚାହିଁଲେ ଏହି ଇସ୍ତାହାରକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ନିଲାମ ତାରିଖ ଘୁଞ୍ଚାଇପାରିବେ ।

OIPR-24050/11/0002/2526
ସ୍ୱା./- ତହସିଲଦାର, ବାଲିଅନ୍ତା

GOVERNMENT OF ODISHA
**Office of the Superintending Engineer Bhanjanagar (R&B) Division, Bhanjanagar**
(Phone/Fax : (06821) 241133 / E-mail : eernbbngr@yahoo.in)
Ltr. No. //842//Dtd.04.12.2025
No.B-807
**INVITATIONS FOR BIDS (IFB)**
E-Procurement Bid Identification No. S.E - BNJ-R&B-18/2025-26

1. Name of work : Electrical Shifting works
2. No. of works : 2 Nos. Electrical work
3. No. of Covers : Single Cover
4. Estimated cost : Rs.44.52 to 48.00 lakhs
5. Period of Completion : Three Calendar Months
6. Date of time of availability of bid document in the portal : From 12.00 Noon of dated 10.12.2025 to 5.00 P.M. of dated 19.12.2025
7. Last date/time for receipt of bids in the portal : Up to 5.00 P.M. of dated 19.12.2025
8. Date of opening of bid documents : At 11.00 A.M. of dated 20.12.2025
9. Class of contractor : "HT" Elect. Contractor
10. Name and address of Officer inviting bid : Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.

Sd./- Superintending Engineer
Bhanjanagar (R&B) Division
OIPR-34015/11/0032/2526

**OFFICE OF THE SUPERINTENDING ENGINEER RURAL WORKS DIVISION-I,GANJAM,BERHAMPUR**
Government of Odisha e-Procurement Notice
Bid Identification No.Online Tender//16//SERWDG-I//2025-26
Phone-0680-2291405, E-mail: eerw_gm1@yahoo.co.in
No.O-1686: Letter No.5825// RWDG-I//BAM//Date:29.11.25

| | | | |
|---|---|---|---|
| 1. | Name of the Work | :: | Building Works |
| 2. | Estimated Cost | :: | Rs.26.86 Lakhs |
| 3. | Period of Completion | :: | As per Annexure Column No.06 |
| 4 | Date & Time of Availability of Bid documents in the portal | :: | From 10.12.2025 at 11.00 AM to 23.12.2025 upto 5.00 P.M. |
| 5 | Last Date/Time for Receipt of Bids in the Portal | :: | 23.12.2025 upto 5.00 PM |
| 6 | Name and Address of the Officer Inviting Bid | :: | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in.

Sd./- Executive Engineer
R.W.Division-I, Ganjam, Berhampur
OIPR-25085/11/0040/2526

**Government of Odisha**
**"e" Procurement Notice**
No.C-1712
Bid Identification No. : 52/2025-26

| | | | |
|---|---|---|---|
| 1 | Name of the Work | : | 01 No. of work |
| 2 | Estimated Cost | : | 184.65 Lakh |
| 3 | Period of Completion | : | Two months |
| 4 | Date & time of availability of bid document in the portal | : | From 11.00 A.M. of 09.12.2025 to 12.00 Noon of 23.12.2025 |
| 5 | Last Date/time for receipt of bids in the portal | : | 12.00 Noon of 23.12.2025 |
| 6 | Name & Address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Sd./- Superintending Engineer,
P.H. Division, Bhubaneswar
OIPR-13205/11/0053/2526

**OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR**
GOVERNMENT OF ODISHA
No.A-1058: "e"-Procurement Notice
BID IDENTIFICATION No.:06 MID (JSP/2025-26)

1. Name of the Inviting Officer :- Superintending Engineer, Minor Irrigation Division, Jashipur
2. Name of the Work :- Improvement of MIP in Mayurbhanj District under the scheme CAPEX for the year 2025-26.
3. No. of Works :- 3 (Three) Nos.
4. Tender Amount Varies from :- 61.67 Lakhs to 97.93 Lakhs
5. Date and Time of availability of Bid document in the Portal for online Bidding From :- Dt.08.12.2025 10.00 hrs. to Dt.17.12.2025 17.00 hrs.
6. Last Date and Time of receipt of Bids in the Portal :- Dt.17.12.2025 upto 17.00 hrs.
7. Last Date and Time for clarification upto :- Dt.17.12.2025 upto 17.00 hrs.
8. Date of Opening of Bid :- Dt.18.12.2025 at 11.00 hrs. onwards

**The detail tender call notice can also be seen in the DOWR website: http://dowrorissa.gov.in**

Name & Address of the OIT :- Superintending Engineer, M.I.Division Jashipur,At/Po-Khairi Dist:Mayurbhanj, PIN-757091, E-Mail:eemijashipur@yahoo.com
Further details can be seen from the e-Procurement market place :- **http://tenderorissa.gov.in**

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd./- Superintending Engineer
M.I. Division, Jashipur
OIPR-32282/11/0014/2526

**Sambalpur Municipal Corporation Sambalpur**
Notice No. - 14365
Email id: sambalpurm.hud@nic.in
Dt. : 06.12.2025
'e' Procurement NOTICE
23/SMC_SBP/2025-26
Tender ID No : 2025_ORULB_122633

**No.C-1732** : The Municipal Commissioner on behalf of Municipal Corporation, Sambalpur invites tenders in Double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

1. Number of Civil Works : **2 (Two) numbers**
2. Estimated Costs : **53.16 & 66.73 lakhs**
3. Period of Completion : As per NIT
4. Date and time of availability of the bid documents in the portal : From **11.00 A.M. of 10.12.2025 to 05.00 P.M. of 30.12.2025**
5. Last Date/Time for receipt of bids in the portal : **05.00 P.M. of 30.12.2025**
6. Bids will be opened on : **11.00 A.M. of Dt. 31.12.2025**
7. Name and address of the officer inviting bid : **Municipal Commissioner, Sambalpur Municipal Corporation, Sambalpur**

Sd./- Commissioner
Sambalpur Municipal Corporation
OIPR-13122/11/0151/2526

Government of Odisha
"e" Procurement Notice
No.B-777
**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-I, RAYAGADA**
E-mail ID : sepwdrgda1@gmail.com
Bid Identification No. : RC (RANDB) RGD 17/2025-2026
(Single Cover-Online tender)
File No. E-II-C8-28/2025 No.10685 Dated 26.11.2025

1. No. of the works : 05 (Five) Shifting of Utility Work (Electrical) only
2. Estimated Cost : Rs.16.13 Lakh, Rs.25.66 Lakhs, Rs.45.97 Lakhs, Rs.25.66 Lakhs & Rs.9.95 Lakhs
3. Cost of document : Rs.6,000/- for each work
4. Bid Security : Rs.16,130/-, Rs.25,656/-, Rs.14,300/-, Rs.49,300/- & Rs.9,950/-
5. Class of Conrtractor : 'HT / above'
6. The Bid documents will be available in the website **www.tendersodisha.gov.in from 11.00 Hrs. of dated 10.12.2025 to 17.00 Hrs. of dated 19.12.2025 for online bidding**
7. Last date/Time for receipt of bids in the portal : Upto 17.00 Hrs. of **Dated 19.12.2025**
8. Bids received "on-line" shall be **opened at 17.30 Hours on dated 20.12.2025** in the office of the **Superintending Engineer, Rayagada (R&B) Division No-I**
9. Further details can be seen from the e-Procurement portal : "**www.tendersodisha.gov.in**". Any Addendum/Corrigendum/Cancellation of tender can also be seen in the said website only.

Sd./- Superintending Engineer
Rayagada (R&B) Division No-I
OIPR-34040/11/0019/2526

**GOVERNMENT OF ODISHA**
No.A-1064
**OFFICE OF THE ADDITIONAL CHIEF ENGINEER SALAPADA IRRIGATION CIRCLE, SALAPADA, KEONJHAR**
E-mail : acesicsalapada@gmail.com
Bid Identification No - ACESIC-02/2025-26
'e' PROCUREMENT NOTICE

| | | |
|---|---|---|
| 1 | Nature of the works | Road Work |
| 2 | No of works | 2 (Two) |
| 3 | Value of works (Excluding GST) | Rs.233.90 lakh & 235.59 lakh |
| 4 | Period of completion | 6 Calendar Months |
| 5 | Class of contractors | A & B |
| 6 | Procurement Officer | Additional Chief Engineer, Salapada Irrigation Circle, Salapada, Keonjhar - 758020 |
| 7 | Availability of tender for On-line bidding | From 11.00 hrs. of 12.12.2025 to 29.12.2025 up to 17.00 hrs. |
| 8 | Date and time of opening of Technical Bid | 30.12.2025 at 11.00 hrs |
| 9 | Date of opening Financial Bid | After evaluation of Technical Bid |

Further details conditions can be seen from the Govt. website www.tendersorissa.gov.in

Sd./- Additional Chief Engineer,
Salapada Irrigation Circle,
Salapada,
OIPR-32468/11/0009/2526

## ସଂକ୍ଷେପରେ

### ୬ ଗୋରୁ ଉଦ୍ଧାର, ଗାଡ଼ି ଜବତ

ବେଗୁନିଆ,୯।୧୨ (ସନ୍ଧ୍ୟାରାଣୀ ମିଶ୍ର)

ବାଘମାରୀ ଥାନା ପୋଲିସ ମଙ୍ଗଳବାର ଏକ ଗାଡ଼ି ଜବତ କରିବା ସହ ୬ ଗୋରୁଙ୍କୁ ଉଦ୍ଧାର କରି ଗୋଶାଳାରେ ଛାଡ଼ିଛି। ସୂଚନା ମୁତାବକ, ସିମୋର-ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତାର ପୋଡ଼ାଡିହ ମଙ୍ଗଳା ମନ୍ଦିର ନିକଟରେ ଏକ ଗାଡ଼ିରେ ଗୋରୁ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନିର୍ଦ୍ଦେଶରେ ସହକାରୀ ଉପନିରୀକ୍ଷକ ବିଶ୍ୱ ରଞ୍ଜନ ଦାସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଗୋରୁଙ୍କୁ ଉଦ୍ଧାର କରିଥିଲେ। ତେବେ ଘଟଣାସ୍ଥଳରୁ ଗାଡ଼ିର ଚାଳକ ଫେରାର ହୋଇଯାଇଥିଲେ।

### ବିଜ୍ଞାନମେଳରେ ୯୭ ପ୍ରକଳ୍ପ

ଝାଁଳା,୯।୧୨ (ଝୁଲା ବାରିକ)

ଭୁବନେଶ୍ୱର ବ୍ଲକର ମହୁରୀ ଜାଭିୟର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା ଓ ହସ୍ତକର୍ମ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଛାତ୍ରୀଛାତ୍ରମାନେ ୯୭ଟି ବିଜ୍ଞାନ ପ୍ରକଳ୍ପ ଓ ୨୩ଟି ହସ୍ତକର୍ମ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଅମ୍ରିତପ୍ରଭା ବିଦ୍ୟାଳୟର ଚେୟାରମ୍ୟାନ୍ ସମୀର ରଞ୍ଜନ ସ୍ୱାଇଁ ଉଦ୍‌ଘାଟକ ଏବଂ ବଟ୍‌ନୀ ବିଭାଗ ରିଡର ଡ. ଆଶୀର୍ବାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୁଚିତ୍ରା ପାତ୍ର, ଚେୟାରମ୍ୟାନ ରମାବଲ୍ଲଭ ପରିଡ଼ା ଏବଂ ନିର୍ଦ୍ଦେଶକ ଅନ୍ନପୂର୍ଣ୍ଣା ଜେନା ଉପସ୍ଥିତ ଥିଲେ। ଜାଭିୟର ସ୍କୁଲ ଅଧ୍ୟକ୍ଷ ମନୋଜ ସେନାପତି ଅଧ୍ୟକ୍ଷତା କରିଥିଲେ। ମେଳାରେ ଭାଗନେଇଥିବା ୧୨୦ ଜଣ ଛାତ୍ରୀଛାତ୍ରଙ୍କ ସମେତ ୨୪ ଉଚ୍ଚମାନର ପ୍ରକଳ୍ପଧାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ତପସ୍ୱିନୀ ପଟ୍ଟନାୟକ ସଭା ପରିଚାଳନା କରିଥିବାବେଳେ ଶିକ୍ଷକ ଅମୀୟ ପ୍ରଣବ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

# ଦେଶପ୍ରେମ ଜାଗ୍ରତ ପାଇଁ କଲମ ଚଳାଇଥିଲେ ଲକ୍ଷ୍ମୀକାନ୍ତ

ଭୁବନେଶ୍ୱର,୯।୧୨ (ସୌମ୍ୟରଞ୍ଜନ ରାଉତ)

ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଥିଲେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାରସ୍ୱତ ସାଧକ ଓ ସମ୍ପାଦକ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ୧୯୩୦ ଲବଣ ସତ୍ୟାଗ୍ରହ କାନ୍ତକବିଙ୍କ ଜୀବନ ଉପରେ ଗଭୀର ପ୍ରଭାବ ପକାଇଥିଲା। ସେହି ସମୟରେ ସାଧାରଣ ଲୋକଙ୍କୁ ଜାତୀୟତା ପ୍ରତି ଆକର୍ଷିତ କରିବା ପାଇଁ କାନ୍ତକବି କଲମର ସାହାଯ୍ୟ ନେଇଥିଲେ। ଗଳ୍ପ, ଉପନ୍ୟାସ, ନାଟକ ଓ କବିତାମାନ ରଚନା କରି ଲୋକଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିଥିଲେ। କାନ୍ତକବିଙ୍କ ରଚିତ ଦେଶାତ୍ମବୋଧକ କବିତାମାନ ଲୋକମାନଙ୍କୁ ଏକଜୁଟ କରିବାରେ ସାହାଯ୍ୟ କଲା। ସାଧାରଣ ଜନତାଙ୍କୁ ଇଂରେଜଙ୍କ ବିରୋଧରେ ଲଢ଼ିବାକୁ ଏବଂ ସ୍ୱାଧୀନତା ପ୍ରାପ୍ତ କରିବାକୁ ସେ କବିତାକୁ ନିଜର ଅସ୍ତ୍ର ଭାବରେ ବ୍ୟବହାର କରିଥିଲେ। କାନ୍ତକବିଙ୍କ ରଚନାରେ ଦେଶ ଓ ଜାତିପ୍ରେମର ଝଲକ ଦେଖିବାକୁ ମିଳିଥାଏ ବୋଲି ମଙ୍ଗଳବାର ବିଧାନସଭା ପରିସରରେ କାନ୍ତକବିଙ୍କ ଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ଏଥିସହ ସେମାନେ କାନ୍ତକବିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ, ଫକୀର ନାୟକ, ରଘୁନାଥ ମାଝି ଏବଂ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



କାନ୍ତକବିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟମାନେ।

# ଚତୁର୍ଦ୍ଦଶ ଶତାବ୍ଦୀର ଓଡ଼ିଆ, ତେଲୁଗୁ ଦ୍ୱିଭାଷୀ ଶିଳାଲେଖ ଆବିଷ୍କାର

ଭୁବନେଶ୍ୱର,୯।୧୨ (ସୌମ୍ୟରଞ୍ଜନ ରାଉତ)



ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ୍ ଜିଲାର ଉମା ଲକ୍ଷେଶ୍ୱର ସ୍ୱାମୀ ମନ୍ଦିରରେ ଓଡ଼ିଶା ସହ ଜଡ଼ିତ ଏକ ଶିଳାଲେଖର ସନ୍ଧାନ ମିଳିଛି। ଲିପିତତ୍ତ୍ୱ ଗବେଷକ ବିଷ୍ଣୁ ମୋହନ ଅଧିକାରୀ ଓଡ଼ିଆ ଏବଂ ତେଲୁଗୁ ଭାଷାର ଏହି ଶିଳାଲେଖକୁ ଆବିଷ୍କାର କରିବା ସହ ଏହାର ପାଠୋଦ୍ଧାର କରିଛନ୍ତି। ଅଧିକାରୀଙ୍କ ସୂଚନାନୁସାରେ, ଶିଳାଲେଖଟି ମନ୍ମଥ ନାମ ସଂବତ୍ସର ଚୈତ୍ର ଶୁକ୍ଳ ପ୍ରତିପଦା ଶୁକ୍ରବାରରେ ବିଶ୍ୱନାଥ ପଣ୍ଡିତଙ୍କ ଦ୍ୱାରା ଦାନ ହୋଇଥିବା ଉଲ୍ଲେଖ ରହିଛି। ଏଥିରେ 'ପାଳକୁଲା' ଗ୍ରାମର ନାମ ରହିଛି, ଯାହାର ଆଧୁନିକ ନାମ ସ୍ଥାନୀୟ ଅଞ୍ଚଳରେ ଥିବା 'ପାଳକୁଣ୍ଡା' ଗ୍ରାମ ହୋଇଥିବା ସେ ଅନୁମାନ କରିଛନ୍ତି। ବିଶେଷ କଥା ହେଉଛି ଜେନ୍ ବିଶ୍ୱନାଥ ପଣ୍ଡିତଙ୍କ ନାମ ଓଡ଼ିଆ ଓ ତେଲୁଗୁ ଲିପିରେ ଉଲ୍ଲେଖିତ, ଯାହା ଏହି ଶିଳାଲେଖକୁ ଅତ୍ୟଧିକ ଦୁର୍ଲଭ ଓ ଶାସ୍ତ୍ରୀୟ ଗୁରୁତ୍ୱପୂର୍ଣ୍ଣ କରିଛି। ଏହି ଶିଳାଲେଖଟି ଆନୁମାନିକ ଚତୁର୍ଦ୍ଦଶ ଶତାବ୍ଦୀ ପ୍ରଥମାର୍ଦ୍ଧର ତଥା ପୂର୍ବ ଗଙ୍ଗବଂଶ ବେଳର ହୋଇପାରେ ବୋଲି ସେ ମତ ଦେଇଛନ୍ତି। ସେହି ସମୟରେ କଳିଙ୍ଗର ସାମ୍ରାଜ୍ୟ ସୀମା ଗୋଦାବରୀ ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତାରିତ ଥିବା ଐତିହାସିକ ପ୍ରମାଣ ମିଳିଥାଏ। ନିକଟସ୍ଥ ଶ୍ରୀକୁର୍ମ ମନ୍ଦିରରେ ସେହି ଶତାବ୍ଦୀର ଅନେକ ଦ୍ୱିଭାଷୀ ଶିଳାଲେଖ ପୂର୍ବରୁ ପାଠ ଉଦ୍ଧାର ହୋଇଥିବା କଥା ବିଷ୍ଣୁମୋହନ କହିଛନ୍ତି।

ଗବେଷକ ବିଷ୍ଣୁମୋହନ ଏହି ମନ୍ଦିରରୁ କିଛି ମାସ ପୂର୍ବରୁ ଜୟପୁର ରାଜ୍ୟର ନନ୍ଦପୁର ରାଜାଙ୍କ ଏକ ଦୀର୍ଘ ଓଡ଼ିଆ ଶିଳାଲେଖ ପ୍ରଥମଥର ପୂର୍ଣ୍ଣ ପାଠ କରିଥିଲେ। ଏଥିରେ ଶ୍ରୀକାକୁଲମ୍‌ର ପ୍ରାଚୀନ ନାମ ଓଡ଼ିଆ ଭାଷାରେ ସିକାକୋଲି ଗଡ଼ବୋଲି ପ୍ରମାଣ ମିଳିଥିଲା। ଏହି ନୂଆ ଆବିଷ୍କାର ଐତିହାସିକ ପୁରାତତ୍ତ୍ୱବିଦ୍ ଓ ସଂସ୍କୃତି ଗବେଷକମାନଙ୍କୁ ଆନନ୍ଦ ଦେଇଛି, କାରଣ ଏହା ଓଡ଼ିଶାଆନ୍ଧ୍ର ପ୍ରାନ୍ତ ଇତିହାସ ସମ୍ପର୍କରେ ଏକ ନୂଆ ତଥ୍ୟ ଯୋଗ କରୁଛି ଓ ଅଞ୍ଚଳୀୟ ଶିଳାଲେଖ ପରମ୍ପରାକୁ ସ୍ପଷ୍ଟ କରୁଛି ବୋଲି ବିଷ୍ଣୁମୋହନ ମତପ୍ରକାଶ କରିଛନ୍ତି।

# ଶିଶୁ ଶ୍ରମିକ ଯାଞ୍ଚ, ବର୍ଷକରେ ୪୭ ମାମଲା

ଭୁବନେଶ୍ୱର,୯।୧୨ (ସତ୍ୟଜିତ ରାଉତ)

ରାଜ୍ୟରେ କେତେକ ସଂସ୍ଥା ଓ ପ୍ରଭାବଶାଳୀ ବ୍ୟକ୍ତି ଶିଶୁମାନଙ୍କୁ ଶ୍ରମିକ ଭାବେ ଖଟାଉଛନ୍ତି। ଚଳିତବର୍ଷ ଏଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ୪୭ଟି ମାମଲା ପଞ୍ଜୀକୃତ କରାଯାଇଛି। ମଙ୍ଗଳବାର ବିଧାନସଭାରେ ବାଲିଗୁଡା ବିଧାୟକ ଚକ୍ରମଣୀ କହଁରଙ୍କ ତାରକା ପ୍ରଶ୍ନର ଉତ୍ତରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଏହି ତଥ୍ୟ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଅଧିନିୟମ ୧୯୮୬କୁ କଡାକଡି ଭାବେ ପାଳନ କରାଯାଉଛି। ଏଥିସହ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ରାଜ୍ୟ କାର୍ଯ୍ୟ ଖସଡ଼ା (ଷ୍ଟେଟ୍ ଆକ୍ସନ୍ ପ୍ଲାନ୍) କାର୍ଯ୍ୟକାରୀ କରାଯାଉଛି। ଶିଶୁମାନଙ୍କୁ ବିଭିନ୍ନ ଶ୍ରମରେ ନିୟୋଜନ କରୁଥିବା ନିୟୋଜନକର୍ତ୍ତା ବା ସଂସ୍ଥା ବିରୋଧରେ ଶ୍ରମ ଅଧିକାରୀମାନେ ନିରୀକ୍ଷଣ କରି ଆବଶ୍ୟକ ପଦକ୍ଷେପ ନେଇଥାନ୍ତି। ଚଳିତବର୍ଷ ଏଯାଏ ୧୬୨୬ଟି ସ୍ଥାନରେ ଯାଞ୍ଚ କରାଯାଇ ୪୭ଟି ମାମଲା ରୁଜୁ କରାଯାଇଛି। ଯାଜପୁର ଜିଲାରେ ସର୍ବାଧିକ ୧୨ଟି ମାମଲା ରୁଜୁ କରାଯାଇଛି। ସେହିପରି ଗଜପତି ଜିଲାରେ ୬, ଗଞ୍ଜାମରେ ୫, ଜଗତ୍‌ସିଂହପୁରରେ ୧, ଝାରସୁଗୁଡାରେ ୫, କେନ୍ଦୁଝରରେ ୧, ଖୋର୍ଦ୍ଧାରେ ୧, କୋରାପୁଟରେ ୫, ମାଲକାନଗିରିରେ ୨, ରାୟଗଡାରେ ୨, ସୁନ୍ଦରଗଡରେ ୪ ଏବଂ ତାଳଚେରରେ ୩ ମାମଲା ରୁଜୁ କରାଯାଇଥିବା ମନ୍ତ୍ରୀ ତଥ୍ୟ ଦେଇଛନ୍ତି।

# ଉତ୍କଳ ସମ୍ମିଳନୀ ପକ୍ଷରୁ କାନ୍ତକବିଙ୍କ ଜୟନ୍ତୀ

ଭୁବନେଶ୍ୱର,୯।୧୨ (ସୌମ୍ୟରଞ୍ଜନ ରାଉତ)

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଉତ୍ସବ ଉତ୍କଳ ସମ୍ମିଳନୀ ପକ୍ଷରୁ ମଙ୍ଗଳବାର ପାଳିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ମୁଖ୍ୟ ଡାକଘର ପାଖରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅତିଥି ଭାବେ ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ, ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା, ଉପସଭାପତି ଡ. ସୁରେନ୍ଦ୍ର ମିଶ୍ର, ନିମାଇଁ ଚରଣ ଦାସ ଓ ଶୀତଳ ଚନ୍ଦ୍ର ମହାନ୍ତି ପ୍ରମୁଖ କାନ୍ତକବିଙ୍କ ଗୁଣଗାନ କରିଥିଲେ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ତାଲିମ

ବେଗୁନିଆ,୯।୧୨ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକଦିବସୀୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଗୋଷ୍ଠୀ ସାଧନକର୍ମୀ ରଞ୍ଜିତା ବେଉରା ଏବଂ ରଶ୍ମିତା ସାହୁ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ରାଣୀ ମହାପାତ୍ର, ଶିକ୍ଷକ ପଠାଣି ସାହୁ, ସମୀର ଚିନରା, ଶିକ୍ଷୟିତ୍ରୀ ବର୍ଷାରାଣୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୭ ମାସରେ ୮,୬୧୧ ସୂଚନା ଅଧିକାର ମାମଲା ସମାଧାନ

ଭୁବନେଶ୍ୱର,୯।୧୨ (ତ୍ରିନାଥ ମହାନ୍ତି)

## ଅବହେଳା କରିଥିବା କର୍ମଚାରୀଙ୍କ ଉପରେ ୧.୪୭ କୋଟିରୁ ଊର୍ଦ୍ଧ୍ୱ ଜରିମାନା, ୧୮୫୭ଜଣ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ରାଜ୍ୟ ସୂଚନା ଆୟୋଗ ଦ୍ୱାରା ରେକର୍ଡ ସଂଖ୍ୟକ ୮,୬୧୧ ମାମଲାର ସମାଧାନ ହୋଇଛି। ଗତ ୭ ମାସରେ ଆୟୋଗରେ ବିଚାରାଧୀନ ଅଭିଯୋଗ ସଂଖ୍ୟା ୨୨ ହଜାର ୬୧୧ରୁ କମି ୧୪ ହଜାରରେ ପହଞ୍ଚିଛି। କୋଭିଡ୍ ମହାମାରୀ ବେଳେ ମାମଲାର ଶୁଣାଣି ଧିମା ପଡ଼ିଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ପଦବୀ ଖାଲିପଡ଼ିବା ଓ ଆୟୋଗରେ କେବଳ ଦୁଇଜଣ ସୂଚନା କମିଶନର ଥିବାରୁ ଶୁଣାଣିରେ ସମସ୍ୟା ହୋଇଥିଲା। ତେବେ ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ଏପ୍ରିଲ ୨୦୨୫ରେ ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ସହ ଚାରିଜଣ ସୂଚନା କମିଶନର ନିଯୁକ୍ତି ପ୍ରଦାନ କରିଥିଲେ। ଫଳରେ ମାମଲାଗୁଡିକର ଦ୍ରୁତ ସମାଧାନ ପାଇଁ ଆୟୋଗ ବିଶେଷ ଅଭିଯାନ ଆରମ୍ଭ କରିଥିବା ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା କହିଛନ୍ତି।

ଆୟୋଗର ସୂଚନା ଅନୁସାରେ, ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡା ଓପିଏସ୍‌ସି ଦ୍ୱାରା ପରିଚାଳିତ ସମସ୍ତ ପରୀକ୍ଷାର ସାକ୍ଷାତ୍‌କାର ମାର୍କ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ଦେବାକୁ ଆଦେଶ ଦେଇଛନ୍ତି। ଅତୀତରେ ଓପିଏସ୍‌ସି କେବଳ କିଛି ସୀମିତ ପରୀକ୍ଷାର ସାକ୍ଷାତ୍‌କାର ମାର୍କ ପ୍ରାର୍ଥୀମାନଙ୍କୁ ଦେଉଥିଲେ। ଏପରି ନିର୍ଦ୍ଦେଶ ଷ୍ଟାଫ୍ ସିଲେକ୍ସନ କମିଶନକୁ ମଧ୍ୟ ଦିଆଯାଇଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି ଆର୍‌ଟିଆଇ ଆଇନକୁ ଦୁରୁପଯୋଗ କରି ଶହ ଶହ ମାମଲା ଆବେଦନ କରୁଥିବା ବ୍ୟକ୍ତିଙ୍କୁ ପ୍ରତିବନ୍ଧ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ କିଛିବର୍ଷ ମଧ୍ୟରେ ଆୟୋଗ ନିର୍ଦ୍ଦେଶକୁ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ୧ କୋଟି ୪୭ ଲକ୍ଷ ୭୬ ହଜାର ୨୫୦ଟଙ୍କାର ଜରିମାନା ଲାଗୁ କରାଯାଇଛି। ୧୮୫୭ଜଣ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି ସୁପାରିସ କରିବା ସହ ୧୬ ଲକ୍ଷ ୫୪ ହଜାର ଟଙ୍କାର କ୍ଷତିପୂରଣ ଦେବାକୁ ଆୟୋଗ ଆଦେଶ କରିଛନ୍ତି। ପିଆଇଓମାନଙ୍କୁ ଭାରି ଜରିମାନା ଦେଇ ଭୟଭୀତ କରିବା ପରିବର୍ତ୍ତେ ଆୟୋଗ ସୂଚନା ପ୍ରଦାନ ଉପରେ ଗୁରୁତ୍ୱ ଦେଉଛନ୍ତି। କେବଳ ଅଭ୍ୟାସଗତ ଓ ଜାଣିଶୁଣି ଅବହେଳା କରୁଥିବା ଅଫିସରଙ୍କୁ ଜରିମାନା କରାଯାଉଛି। ସୂଚନା ଆୟୋଗଙ୍କ ଦ୍ୱାରା ମାମଲାର ଦ୍ରୁତ ଫଇସଲା ଲାଗି ଗ୍ରହଣ କରାଯାଇଥିବା ପଦକ୍ଷେପକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଭିନ୍ନ ରାୟରେ ନ୍ୟାୟୋଚିତ ତଥା ଯଥାର୍ଥ ବୋଲି କହିଛନ୍ତି। ଏସବୁ ପଦକ୍ଷେପ ଯୋଗୁ ଆଗାମୀ ବର୍ଷ ଶେଷ ସୁଦ୍ଧା ବିଚାରାଧୀନ ମାମଲା କେବଳ କିଛି ହଜାରକୁ କମିଯାଇପାରିବ। ଏହାଦ୍ୱାରା ସୂଚନା ପାଇଁ ଆବେଦନକାରୀଙ୍କ ପ୍ରତୀକ୍ଷା ସମୟ ୩୦ ଦିନ ଅତିକ୍ରମ କରିବ ନାହିଁ ବୋଲି ଆୟୋଗ ପକ୍ଷରୁ କୁହାଯାଇଛି।


**OFFICE OF THE DIVISIONAL FOREST OFFICER PHULBANI (KENDULEAVES) DIVISION**
AT/PO/PS-PHULBANI, DIST.-KANDHAMAL, PIN-762001
Phone-06842-253673, Mob-918280342725,Email id:dfoklplb@gmail.com
Office Order No.130/1F (KL) Dated, Phulbani 6th December 2025
1st Corrigendum To e-Tender Call Notice No.01/2025-26
Bid Identification No.F.E.&C.C./PLB/01 (online)/2025-26

No.MM-357:The following modification has been made to the BID Identification No. F.E.&C.C./PLB/01 (online)/2025-26 as follows.

| Sl.No. | Description |
|---|---|
| 1 | Due to some unavoidable circumstances BID Identification No. F.E.& C.C./PLB/01 (online)/2025-26 of Sl.No.1 is hereby cancelled. |

Further details will be intimated soon.
Sd./- Divisional Forest Officer
Phulbani K.L.Division
OIPR-08069/11/0007/2526



ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ, ବାଲେଶ୍ୱର
**OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE**
AT-SAMALPUR, P.O-BALIA, DIST-BALASORE, PIN-756056
(e-mail: eephbls@gmail.com, Phone-9438660004)
No.6626/DATE 04.12.25

**2nd CORRIGENDUM**
TENDER FOR THE WORK

**No.C-1756:"Supply, Installation, Testing & Commissioning of DG Sets (CPCB IV+GEN Set with AMF Pannel) with Movable Trolley including shed for Jaleswar Town".**
In continuation to this office Bid-Identification No.SEPHBLS-27 of 2025-26 dt 12.11.2025. The following amendments have been made to **Critical Dates.**

| | Item/ Clause | Description | Existing Critical Dates | 1st time corrigendum of critical dates | 2nd corrigendum of Revised/Amended Critical Dates |
|---|---|---|---|---|---|
| 1 | Critical Dates in NIT, Sec-tion-1 of DTCN | Last date and time of seeking clarification | 17.00 Hr. of dt.28.11.2025 | 17.00 Hr. of dt.05.12.2025 | 17.00 Hr. of dt.10.12.2025 |
| | | Last date & time of bidding on-line | 17.00 Hr. of dt.03.12.2025 | 17.00 Hr. of dt.10.12.2025 | 17.00 Hr. of dt.15.12.2025 |
| | | Date & Time of opening Bid | 12.00 Hr. of dt.04.12.2025 | 12.00 Hr. of dt.11.12.2025 | 12.00 Hr. of dt.16.12.2025 |

**All other terms and conditions un-altered.**
Sd./- Superintending Engineer
P.H. Division, Balasore
OIPR-13053/11/0037/2526



**Office of the Zilla Parishad, Balangir**
(District Mission Management Unit, OLM)
Dist.-Balangir, Odisha, Pin-767001
E-mail:ori-dbolangir@nic.in, balangirdpm.olm@gmail.com
Order No.554/ZP, Date:09.12.2025

**REQUEST FOR PROPOSAL**

CAD-2648: Sealed request for proposal are invited in plain paper from Odisha Based reputed Chartered Accountant firm with the following term and condition for Audit of GPLF. The quotations completed in all respect will be received from 10.12.2025 to 31.12.2025 during office hour Speed/Registered post & Courier only address to the CDO-cum-EO, Zilla Parishad, Balangir and will be opened on 02.01.2026 at 11.00 AM in the office chamber of CDO-cum-EO, in the presence of the Bidders or their authorized representatives. The outer envelope is to be superscribed with "PROPOSAL FOR HIRING OF CHARTERED ACCOUNTANT FOR GPLF AUDIT UNDER OLM" alongwith the contact details of the bidder. The undersigned reserves the right to accept or reject any or all the Quotations without assigning any reason thereof. The details of the Quotation Call Notice alongwith terms & condition and the evaluation form can be viewed at the district website i.e. https://balangir.odisha.gov.in.

Sd./- C.D.O.-cum-DMC, OLM,
Zilla Parishad, Balangir
OIPR-19367/11/0005/2526



**ତହସିଲଦାରଙ୍କ କାର୍ଯ୍ୟାଳୟ, ବାଲିଅନ୍ତା**
**ଇସ୍ତାହାର**
PR No-879
03/12/2025
ସଂଖ୍ୟା–୨୫୬୪ ତାରିଖ 03/12/2025

No.F-96:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲିଅନ୍ତା ତହସିଲ ଅନ୍ତର୍ଗତ ନିମ୍ନବର୍ଣ୍ଣିତ ଏକଗୋଟି ନଦୀ ମସଦିଆ ଉତ୍ସ ସନ–2025–26 ବର୍ଷ ପାଇଁ ନିଲାମ କରାଯିବ । ଇଚ୍ଛୁକ ପ୍ରାର୍ଥୀମାନେ ଧାର୍ଯ୍ୟ ତାରିଖରେ ନିୟମାନୁଯାୟୀ ନିଲାମରେ ଭାଗ ନେଇପାରିବେ । ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କ ନାମରେ ନିଲାମ ସ୍ଥିରୀକୃତ କରାଯାଇପାରିବ । ସର୍ବୋଚ୍ଚ ନିଲାମଧାରୀଙ୍କ ଅର୍ଥକୁ ଗ୍ରହଣ କରାଯିବ ଏବଂ ସର୍ବୋଚ୍ଚ ଡାକିଥିବା ବ୍ୟକ୍ତି ସମସ୍ତ ଟଙ୍କା ନଗଦ ଆକାରରେ ଏକକାଳୀନ ପୈଠ କରିବେ । ସର୍ବୋଚ୍ଚ ଡାକ ହୋଇଥିବା ଅର୍ଥ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଦୃଢୀକରଣ ହେବାପରେ ନିଲାମଗ୍ରହୀତାଙ୍କ ସର୍ବୋଚ୍ଚ ଡାକକୁ ଗ୍ରହଣ କରାଗଲା ବୋଲି ଧରିନିଆଯିବ ।

| କେଶ ନଂ. ଓ ବର୍ଷ | ସୈରାତ ଉତ୍ସର ନାମ | ରକବା | ସରକାରୀ ସର୍ବନିମ୍ନ ଜମା | ଅମାନତ ଓ ଜମା |
|---|---|---|---|---|
| 01/25-26 | କୁଆଖାଇ ନଦୀ ମସଦିଆ, ଭୁବନପୁର | ଏ.40.000 | ଟ.4,25,105/- | ଟ.42,511/- |

ଧାର୍ଯ୍ୟ ତାରିଖ 16.12.2025 ପୂର୍ବାହ୍ନ 11.00 ଘଣ୍ଟା, ସ୍ଥାନ–ବାଲିଅନ୍ତା ତହସିଲ । ଯଦି ଧାର୍ଯ୍ୟ ତାରିଖରେ ନିଲାମ ଖତମ ନହୁଏ ତାହାହେଲେ ପର୍ଯ୍ୟାୟକ୍ରମେ ତା.22.12.2025 ଓ ତା.29.12.2025 ରେ ପୁନର୍ବାର ନିଲାମ କରାଯିବ ।
ବି.ଦ୍ର:– କର୍ତ୍ତୃପକ୍ଷ ଚାହିଁଲେ ଏହି ଇସ୍ତାହାରକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ନିଲାମ ତାରିଖ ଘୁଞ୍ଚାଇପାରିବେ ।

OIPR-24050/11/0002/2526
ସ୍ୱା./– ତହସିଲଦାର, ବାଲିଅନ୍ତା



GOVERNMENT OF ODISHA
**Office of the Superintending Engineer Bhanjanagar (R&B) Division, Bhanjanagar**
(Phone/Fax : (06821) 241133 / E-mail : eernbbngr@yahoo.in)
Ltr. No. //842//Dtd.04.12.2025
No.B-807
**INVITATIONS FOR BIDS (IFB)**
E-Procurement Bid Identification No. S.E - BNJ-R&B-18/2025-26

1. Name of work : Electrical Shifting works
2. No. of works : 2 Nos. Electrical work
3. No. of Covers : Single Cover
4. Estimated cost : Rs.44.52 to 48.00 lakhs
5. Period of Completion : Three Calendar Months
6. Date of time of availability of bid document in the portal : From 12.00 Noon of dated 10.12.2025 to 5.00 P.M. of dated 19.12.2025
7. Last date/time for receipt of bids in the portal : Up to 5.00 P.M. of dated 19.12.2025
8. Date of opening of bid documents : At 11.00 A.M. of dated 20.12.2025
9. Class of contractor : "HT" Elect. Contractor
10. Name and address of Officer inviting bid : Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.

Sd./- Superintending Engineer
Bhanjanagar (R&B) Division
OIPR-34015/11/0032/2526



**OFFICE OF THE SUPERINTENDING ENGINEER RURAL WORKS DIVISION-I,GANJAM,BERHAMPUR**
Government of Odisha e-Procurement Notice
Bid Identification No.Online Tender//16//SERWDG-I//2025-26
Phone-0680-2291405, E-mail: eerw_gm1@yahoo.co.in
No.O-1686: Letter No.5825// RWDG-I//BAM//Date:29.11.25

| | | | |
|---|---|---|---|
| 1. | Name of the Work | :: | Building Works |
| 2. | Estimated Cost | :: | Rs.26.86 Lakhs |
| 3. | Period of Completion | :: | As per Annexure Column No.06 |
| 4 | Date & Time of Availability of Bid documents in the portal | :: | From 10.12.2025 at 11.00 AM to 23.12.2025 upto 5.00 P.M. |
| 5 | Last Date/Time for Receipt of Bids in the Portal | :: | 23.12.2025 upto 5.00 PM |
| 6 | Name and Address of the Officer Inviting Bid | :: | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in.

Sd./- Executive Engineer
R.W.Division-I, Ganjam, Berhampur
OIPR-25085/11/0040/2526



**Government of Odisha**
**"e" Procurement Notice**
No.C-1712
Bid Identification No. : 52/2025-26

| | | |
|---|---|---|
| 1 | Name of the Work | 01 No. of work |
| 2 | Estimated Cost | 184.65 Lakh |
| 3 | Period of Completion | Two months |
| 4 | Date & time of availability of bid document in the portal | From 11.00 A.M. of 09.12.2025 to 12.00 Noon of 23.12.2025 |
| 5 | Last Date/time for receipt of bids in the portal | 12.00 Noon of 23.12.2025 |
| 6 | Name & Address of the Officer inviting Bid | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Sd./- Superintending Engineer,
P.H. Division, Bhubaneswar
OIPR-13205/11/0053/2526



**OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR**
GOVERNMENT OF ODISHA
No.A-1058: **"e"-Procurement Notice**
BID IDENTIFICATION No.:06 MID (JSP/2025-26)

1. Name of the Inviting Officer :- Superintending Engineer, Minor Irrigation Division, Jashipur
2. Name of the Work :- Improvement of MIP in Mayurbhanj District under the scheme CAPEX for the year 2025-26.
3. No. of Works :- 3 (Three) Nos.
4. Tender Amount Varies from :- 61.67 Lakhs to 97.93 Lakhs
5. Date and Time of availability of Bid document in the Portal for online Bidding From :- Dt.08.12.2025 10.00 hrs. to Dt.17.12.2025 17.00 hrs.
6. Last Date and Time of receipt of Bids in the Portal :- Dt.17.12.2025 upto 17.00 hrs.
7. Last Date and Time for clarification upto :- Dt.17.12.2025 upto 17.00 hrs.
8. Date of Opening of Bid :- Dt.18.12.2025 at 11.00 hrs. onwards

**The detail tender call notice can also be seen in the DOWR website: http://dowrorissa.gov.in**
Name & Address of the OIT :- Superintending Engineer, M.I.Division Jashipur,At/Po-Khairi Dist:Mayurbhanj, PIN-757091, E-Mail:eemijashipur@yahoo.com
Further details can be seen from the e-Procurement market place :- **http://tenderorissa.gov.in**

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd./- Superintending Engineer
M.I. Division, Jashipur
OIPR-32282/11/0014/2526



**Sambalpur Municipal Corporation Sambalpur**
Notice No. - 14365 Email id: sambalpurm.hud@nic.in Dt. : 06.12.2025
'e' Procurement NOTICE
23/SMC_SBP/2025-26
Tender ID No : 2025_ORULB_122633

No.C-1732 The Municipal Commissioner on behalf of Municipal Corporation, Sambalpur invites tenders in Double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil Works : 2 (Two) numbers
2. Estimated Costs : 53.16 & 66.73 lakhs
3. Period of Completion : As per NIT
4. Date and time of availability of the bid documents in the portal : From 11.00 A.M. of 10.12.2025 to 05.00 P.M. of 30.12.2025
5. Last Date/Time for receipt of bids in the portal : 05.00 P.M. of 30.12.2025
6. Bids will be opened on : 11.00 A.M. of Dt. 31.12.2025
7. Name and address of the officer inviting bid : Municipal Commissioner, Sambalpur Municipal Corporation, Sambalpur

Sd./- Commissioner
Sambalpur Municipal Corporation
OIPR-13122/11/0151/2526



Government of Odisha
"e" Procurement Notice
No.B-777
**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-I, RAYAGADA**
E-mail ID : sepwdrgda1@gmail.com
Bid Identification No. : RC (RANDB) RGD 17/2025-2026
(Single Cover-Online tender)
File No. E-II-C8-28/2025 No.10685 Dated 26.11.2025

1. No. of the works : 05 (Five) Shifting of Utility Work (Electrical) only
2. Estimated Cost : Rs.16.13 Lakh, Rs.25.66 Lakhs, Rs.45.97 Lakhs, Rs.25.66 Lakhs & Rs.9.95 Lakhs
3. Cost of document : Rs.6,000/- for each work
4. Bid Security : Rs.16,130/-, Rs.25,656/-, Rs.14,300/-, Rs.49,300/- & Rs.9,950/-
5. Class of Conrtractor : 'HT / above'
6. The Bid documents will be available in the website **www.tendersodisha.gov.in from 11.00 Hrs. of dated 10.12.2025 to 17.00 Hrs. of dated 19.12.2025 for online bidding**
7. Last date/Time for receipt of bids in the portal : Upto 17.00 Hrs. of **Dated 19.12.2025**
8. Bids received "on-line" shall be **opened at 17.30 Hours on dated 20.12.2025** in the office of the **Superintending Engineer, Rayagada (R&B) Division No-I**
9. Further details can be seen from the e-Procurement portal : "www.tendersodisha.gov.in". Any Addendum/Corrigendum/Cancellation of tender can also be seen in the said website only.

Sd./- Superintending Engineer
Rayagada (R&B) Division No-I
OIPR-34040/11/0019/2526



**GOVERNMENT OF ODISHA**
No.A-1064
**OFFICE OF THE ADDITIONAL CHIEF ENGINEER SALAPADA IRRIGATION CIRCLE, SALAPADA, KEONJHAR**
E-mail : acesicsalapada@gmail.com
Bid Identification No - ACESIC-02/2025-26
**'e' PROCUREMENT NOTICE**

| | | |
|---|---|---|
| 1 | Nature of the works | Road Work |
| 2 | No of works | 2 (Two) |
| 3 | Value of works (Excluding GST) | Rs.233.90 lakh & 235.59 lakh |
| 4 | Period of completion | 6 Calendar Months |
| 5 | Class of contractors | A & B |
| 6 | Procurement Officer | Additional Chief Engineer, Salapada Irrigation Circle, Salapada, Keonjhar - 758020 |
| 7 | Availability of tender for On-line bidding | From 11.00 hrs. of 12.12.2025 to 29.12.2025 up to 17.00 hrs. |
| 8 | Date and time of opening of Technical Bid | 30.12.2025 at 11.00 hrs |
| 9 | Date of opening Financial Bid | After evaluation of Technical Bid |

Further details conditions can be seen from the Govt. website www.tendersorissa.gov.in

Sd./- Additional Chief Engineer,
Salapada Irrigation Circle,
Salapada,
OIPR-32468/11/0009/2526

# ବାଲିଘାଟକୁ କେନ୍ଦ୍ରକରି ଗଣ୍ଡଗୋଳ

**ବଳଙ୍ଗା,୯।୧୨ (କେଦାରେଶ୍ୱର ନନ୍ଦ)**

ବଳଙ୍ଗା ଥାନା ଅନ୍ତର୍ଗତ ଭାର୍ଗବୀ ନଦୀର ଉଗ୍ରେଶ୍ୱର ଦେଉଳି ବାଲିଘାଟକୁ କେନ୍ଦ୍ରକରି ମଙ୍ଗଳବାର ଗ୍ରାମର ୨ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଗଣ୍ଡଗୋଳରେ ଉଭୟ ଗୋଷ୍ଠୀର ୫ଜଣ ଗୁରୁତର ଆହତ ହୋଇଛନ୍ତି। ଏଥିସହ ବାଲି ପରିବହନ ପାଇଁ ଆସିଥିବା ଗୋଟିଏ ଟ୍ରାକ୍ଟରକୁ ଭଙ୍ଗାରୁଜା କରାଯାଇଛି। ଏନେଇ ଥାନାରେ ଉଭୟ ପକ୍ଷରୁ ପୃଥକ ଭାବେ ୪ଟି ଅଭିଯୋଗ ହୋଇଛି। ବଳଙ୍ଗା ପୋଲିସ ଏ ସଂକ୍ରାନ୍ତରେ ତଦନ୍ତ ଜାରି ରଖିଛି।

ସୂଚନା ମୁତାବକ, ଭାର୍ଗବୀ ନଦୀରୁ ବାଲି ଚୋରାଚାଲାଣ ହୋଇଆସୁଥିବା ବେଳେ କିଛିଦିନ ତଳେ ଦେଉଳି ଗ୍ରାମର ଗୋଟିଏ ଗୋଷ୍ଠୀ ସେଥିରେ ସହଯୋଗ କରୁଥିବାରୁ ବାଲିଘାଟକୁ ବିରୋଧ କରୁଥିବା ଅନ୍ୟ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହେବା ସହ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଫଳରେ ୨ଦିନ ବାଲି ଉଠାଣ ବନ୍ଦ ରହିଥିଲା। ପରେ ପୁର୍ବନାର ସମ୍ପୃକ୍ତ ଗୋଷ୍ଠୀ ନଦୀରୁ ବାଲି ଉଠାଇବା ଆରମ୍ଭ କରିଦେଇଥିଲା, ଯାହାକୁ ନେଇ ଗ୍ରାମରେ ଅନ୍ୟ ଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିଲା। ମଙ୍ଗଳବାର ସକାଳେ ଗ୍ରାମର ସଦାଶିବ ବେହେରା ନଦୀକୁ ଶୌଚ ହେବାକୁ ଯିବା ସମୟରେ କେତେକ ଟ୍ରାକ୍ଟର

**୨ ଗୋଷ୍ଠୀର ୫ ଗୁରୁତର**

ବାଲି ନେଉଥିବା ଦେଖି କ'ଣ ପାଇଁ ବାଲି ନେଉଛ ବୋଲି ଗାଡ଼ି ଚାଳକଙ୍କୁ ପଚାରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଗ୍ରାମର ଧୋବେଇ ବେହେରାଙ୍କ ସହିତ ଅନ୍ୟ କେତେଜଣ ବ୍ୟକ୍ତି ତାଙ୍କୁ ଘେରିଯାଇଥିଲେ। ପାଟିତୁଣ୍ଡ ଶୁଣି ବାଲିଘାଟକୁ ବିରୋଧ କରୁଥିବା କେତେଜଣ ଯୁବକ ଘଟଣାସ୍ଥଳକୁ ଯିବାରୁ ସେମାନଙ୍କୁ ଧୋବେଇଙ୍କ ସମେତ ଉପସ୍ଥିତ ଥିବା ଯୁବକମାନେ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ସଦାଶିବଙ୍କ ସମେତ ଶକ୍ତିପ୍ରସାଦ ବାରିକଙ୍କ ମୁଣ୍ଡ ଫାଟିଯାଇଥିବାବେଳେ ଗଣେଶ୍ୱର ନାୟକ ଓ ମନୋରଞ୍ଜନ ନାୟକଙ୍କ ଶରୀରରେ ଗୁରୁତର ଆଘାତ ଲାଗିଛି। ଏସମ୍ପର୍କରେ ସଦାଶିବଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ବେହେରା, ଶକ୍ତିପ୍ରସାଦଙ୍କ ସ୍ତ୍ରୀ ଖୁସି ସେନାପତି ଓ ଗଣେଶଙ୍କ ସ୍ତ୍ରୀ କଲ୍ୟାଣୀ ନାୟକଙ୍କ ପକ୍ଷରୁ ପୃଥକ ପୃଥକ ଭାବେ ଥାନାରେ ଏତଲା ଦିଆଯାଇଛି। ଅପରପକ୍ଷରେ ଧୋବେଇଙ୍କ ସ୍ତ୍ରୀ ଶୈଳବାଳା ବେହେରା ଥାନାରେ ଅଭିଯୋଗ କରିଛନ୍ତି ଯେ, ମଙ୍ଗଳବାର ସକାଳେ ଧୋବେଇ ନଦୀକୁ ଯାଇଥିଲାବେଳେ ସ୍ଥାନୀୟ ସରପଞ୍ଚଙ୍କ ନିର୍ଦ୍ଦେଶରେ ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ତାଙ୍କୁ ନଦୀ ଅପରପାର୍ଶ୍ୱକୁ ଟେକିନେଇ ଜାତିଆଣ ଆକ୍ଷେପ କରିବା ସହ ମାଡ଼ ମାରି ପେଟରେ ଶାବଳ ଭର୍ତ୍ତି କରିଦେଇଥିଲେ। ଏହି ସମୟରେ ସେ ତାଙ୍କ ପୁଅ ଘଟଣାସ୍ଥଳକୁ ଯିବାରୁ ଆକ୍ରମଣକାରୀମାନେ ସେମାନଙ୍କୁ ମଧ୍ୟ ମାଡ଼ ମାରିଥିଲେ ବୋଲି ଶୈଳବାଳା ଏତଲାରେ ଦର୍ଶାଇଛନ୍ତି। ଧୋବେଇଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପ୍ରଥମେ ପିପିଲି, ପରେ ଭୁବନେଶ୍ୱର ଓ ଶେଷରେ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତମାନେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।

# ନାଟକ 'ମଧୁଛନ୍ଦା' ପ୍ରଦର୍ଶିତ

**୧୭ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା**



**ପୁରୀ,୯।୧୨ (ଅଜିତ୍ କୁମାର ମହାନ୍ତି)**

ଆମର ଅନୁଷ୍ଠାନ ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଚାଲିଥିବା ୧୭ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ଅନୁଷ୍ଠାନର ସଭାପତି ଭରତ କୁମାର ନାୟକଙ୍କ ସଭାପତିତ୍ୱରେ ଅତିଥି ଭାବେ ହଲିଡେ ରିସର୍ଟ ପରିଚାଳକ ରାଜକିଶୋର ପାତ୍ର, ପୂର୍ବତନ ପୌର ସଦସ୍ୟ ଶ୍ରୀକଣ୍ଠ ମିଶ୍ର, ପ୍ରାକ୍ତନ ପ୍ରଶାସନ ଅଧିକାରୀ ବିନୋଦ କୁମାର ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ପ୍ରସନ୍ନ ମିଶ୍ର, ବରିଷ୍ଠ ସେବାୟତ ସତ୍ୟ ନାରାୟଣ ଗୁରୁ, ପୂଜାପଣ୍ଡା ନିଯୋଗର ସଭାପତି ଜଗନ୍ନାଥ ପୂଜାପଣ୍ଡା, ବରିଷ୍ଠ ଅଭିନେତା ବିକାଶ ଦତ୍ତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନାଟକ ହେଉଛି କଳାକାର ପାଇଁ ଜୀବନ ବିନ୍ଦୁ। ନାଟକ ବିନା କଳାକାରର ଜୀବନ ଅଧୁରା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭୁବନେଶ୍ୱର ଯାଆଁଳା ସ୍ଥିତ ଇନ୍ଦ୍ରଧନୁ ଥିଏଟର ପକ୍ଷରୁ ନାଟକ 'ମଧୁଛନ୍ଦା' ନିର୍ଦ୍ଦେଶକ ଡ. ଶ୍ରୀବସ୍ତ ମହାନ୍ତିଙ୍କୁ ମାନପତ୍ର ସହ ୭ ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ବୁଧବାର ନାଟକ 'ମଧୁଛନ୍ଦା' ପରିବେଷଣ କରାଯାଇଛି। ଏହି ନାଟକକୁ କାର୍ତ୍ତିକ କୁମାର ଘୋଷ ରଚନା କରିଥିବା ବେଳେ ଶ୍ରୀବସ୍ତ ମହାନ୍ତି ନିର୍ଦ୍ଦେଶନା ଦେଇଛନ୍ତି। ଅଭିନେତା ସମୀର ଶତପଥୀ ଓ ଶେଷରେ ଅନୁଷ୍ଠାନର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ସଂସ୍କୃତ ଶିକ୍ଷାବିତ୍ ଗଦାଧର ପୂଜାପଣ୍ଡାଙ୍କ ପରଲୋକ

**ସାକ୍ଷୀଗୋପାଳ,୯।୧୨ (ଭରତ ରାଉତ)**



ସତ୍ୟବାଦୀ ବ୍ଲକ ଶୁକଳ ପଞ୍ଚାୟତ ବ୍ରାହ୍ମଣପଡ଼ା ଗ୍ରାମର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ତଥା ଐତିହାସିକ ତୃତୀୟାଦେବ ଜଗନ୍ନାଥଙ୍କ ସେବକ ଗଦାଧର ପୂଜା ପଣ୍ଡାଙ୍କ (୭୦) ମଙ୍ଗଳବାର ପରଲୋକ ହୋଇଛି। ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ। ସଦାଶିବ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଶିକ୍ଷାରେ ଆଚାର୍ଯ୍ୟ ଉତ୍ତୀର୍ଣ୍ଣ ହୋଇ ପ୍ରାୟ ୩୪ ବର୍ଷ ଡେଲାଙ୍ଗ ଅଭୟମୁଖୀ ରାମଚନ୍ଦ୍ରପୁର ସଂଯୁକ୍ତ ସର୍ବପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ଭାବେ କାର୍ଯ୍ୟ ନିର୍ବାହ କରି ଅବସର ନେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ରମା ବଲ୍ଲଭ ପୂଜାପଣ୍ଡା, ବୋହୂ ମୋନାଲିସା ପୂଜାପଣ୍ଡାଙ୍କ ସମେତ ୨ ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ନିଧନରେ ସ୍ଥାନୀୟ ସରପଞ୍ଚ ଲଳିତ ମୋହନ ସେନାପତି, ଅବସରପ୍ରାପ୍ତ ଶିକ୍ଷକ ତଥା ସାମାଜିକ କର୍ମୀ କାହ୍ନୁଚରଣ ପ୍ରଧାନ, ଶିକ୍ଷକ କୃଷ୍ଣମୋହନ ମହାନ୍ତି, ଶିକ୍ଷକ ପତିତପାବନ ମହାନ୍ତି, ଶିକ୍ଷକ ଗୌତମ ଚରଣ ପ୍ରଧାନ, ତ୍ରିନାଥ ପ୍ରଧାନ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ସର୍ବଦା ଗୀତା ଭାଗବତ ପୁରାଣ ପାଠରେ ଆତ୍ମ ସନ୍ତୋଷ ପ୍ରାପ୍ତ କରୁଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ପାର୍ଥିବ ଶରୀରକୁ ଗାଁ ପରିକ୍ରମା କରାଯାଇ ଶେଷ କୃତ୍ୟ ସମାପନ କରାଯାଇଛି। ପୁଅ ରମାବଲ୍ଲଭ ମୁଖାଗ୍ନି ଦେଇଥିଲେ।




ପୁରୀସ୍ଥିତ ସାଇ ଗ୍ଲୋବାଲ କିଡ୍ସ ସ୍କୁଲର ବାର୍ଷିକ ଉତ୍ସବରେ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ୮୪ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ, ଜଣେ ଗିରଫ

**କୋଣାର୍କ,୯।୧୨ (ଜ୍ୟୋତିରାଜ ମହାନ୍ତି)**

ବ୍ରାଉନ୍‌ସୁଗାର ବିକ୍ରି ଅଭିଯୋଗରେ କୋଣାର୍କ ଅବକାରୀ ଥାନା ପୋଲିସ୍ ଜଣେ ଅଭିଯୁକ୍ତଙ୍କୁ ଗିରଫ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ନିମାପଡ଼ା ଉପକାରାଗର ପଠାଯାଇଛି। ଅଭିଯୁକ୍ତ ଜଣଙ୍କ ହେଲେ ପ୍ରଫୁଲ୍ଲ କୁମାର ମହାନ୍ତି। ତାଙ୍କ ଠାରୁ ପୋଲିସ ୮୪ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୮ଲକ୍ଷ ୪୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏନେଇ ଅବକାରୀ ଥାନା କେସ ନଂ ୧୨୧/୨୫-୨୬ରେ ଏକ ମାମଲା ରୁଜୁକରି ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ କର୍ମଚାରୀ ଶେଖ ୱାରିସ, ସବିତା ସାହୁ ଓ ଫିରୋଜ ମହାନନ୍ଦିଆ ପ୍ରମୁଖ ସାମିଲ ଥିଲେ।

# 'ହୋମିଓପାଥି ଚିକିତ୍ସାରେ ଭାରତ ନୂଆ ପରିଚୟ ସୃଷ୍ଟି କରୁ'

**ପୁରୀ,୯।୧୨ (ଅଜିତ୍ କୁମାର ମହାନ୍ତି)**

ପୁରାତନ ରୋଗ ନିୟନ୍ତ୍ରଣରେ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ପାରମ୍ପରିକ ଔଷଧ -ହୋମିଓପାଥି, ଭାରତର ସ୍ୱାସ୍ଥ୍ୟ କଲ୍ୟାଣରେ ସହାୟକ ରହିଛି ଏବଂ ରହିବ ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ସହନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କହିଛନ୍ତି। ଆସନ୍ତା ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ହେବାକୁ ଯାଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଆୟୋଜିତ ଦ୍ୱିତୀୟ ଶିଖର ସମ୍ମିଳନୀ ଉପଲକ୍ଷେ ପୁରୀ ଗୋପାଳବଲ୍ଲଭ ରୋଡ୍‌ସ୍ଥିତ ଆଞ୍ଚଳିକ ହୋମିଓପାଥି ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ସହନିର୍ଦ୍ଦେଶକ ସେଠୀ ଯୋଗଦେଇ ପୁରାତନ ରୋଗ ନିୟନ୍ତ୍ରଣରେ ହୋମିଓପାଥି ଔଷଧ ଓ ଗବେଷଣାତ୍ମକ ଚିକିତ୍ସାର ପ୍ରୟୋଗରେ ମାନବ ଜାତିର ସ୍ୱାସ୍ଥ୍ୟ, ଖୁସି ଓ କଲ୍ୟାଣ ଏକ ମାଇଲଖୁଣ୍ଟ ହେବ ବୋଲି ଆଶା ପୋଷଣ କରିଥିଲେ। ପୁରୀ ଆଞ୍ଚଳିକ ଗବେଷଣା ଅନୁଷ୍ଠାନର ଅନୁସନ୍ଧାନ ଅଧିକାରୀ ଡାକ୍ତର ଅକ୍ଷୟ କୁମାର ପୃଷ୍ଟି ଏବଂ ଭୁବନେଶ୍ୱରର ଔଷଧ ପ୍ରମାଣିତ ୟୁନିଟ୍ ପ୍ରଭାରୀ ଅଧିକାରୀ ଡା. ଉମାକାନ୍ତ ପୃଷ୍ଟିଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଆୟୁଷ-ହୋମିଓପାଥିର ଏଥିକାଲ କମିଟି ସଦସ୍ୟ ଡ. ବଦ୍ରି ମିଶ୍ର ଯୋଗଦେଇ କହିଛନ୍ତି, ହୋମିଓପାଥି, ଆୟୁର୍ବେଦ ଓ ଯୋଗର ଉପଯୋଗରେ ଏକ ସୁସ୍ଥ ଭାରତ ଗଠନ ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ମାନସ ସନ୍ତାନ ଆୟୁଷ, ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମୟରେ ସ୍ୱତନ୍ତ୍ର ବିଭାଗ ହୋଇ ଚିକିତ୍ସା କ୍ଷେତ୍ରରେ ବିଶ୍ୱରେ ଭାରତର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। 'ସନ୍ତୁଳନ ପୁନରୁଦ୍ଧାର ସ୍ୱାସ୍ଥ୍ୟ ଏବଂ କଲ୍ୟାଣର ବିଜ୍ଞାନ ଓ ବିକାଶ' ଶୀର୍ଷକ ବିଷୟବସ୍ତୁ ଶିଖର ସମ୍ମିଳନୀ ବିଶ୍ୱକୁ 'ସର୍ବେ ଭବନ୍ତୁ ସୁଖୀନଃ- ସର୍ବେ ସନ୍ତୁ ନିରାମୟା'ର ବାର୍ତ୍ତା ଦେବାକୁ ଉଦ୍ୟମ ଆରମ୍ଭ କରିଛି। ସମ୍ମିଳନୀରେ ବିଶ୍ୱର ୨୦ରୁ ଉର୍ଦ୍ଧ୍ୱ ରାଷ୍ଟ୍ରର ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ୧୫୦ ଜଣ ବିଜ୍ଞାନୀ-ବିଶେଷଜ୍ଞ,୨୦ଟି ଅଧିବେଶନରେ ବକ୍ତବ୍ୟ ରଖିବେ। ଖବରଦାତା ସମ୍ମିଳନୀରେ ଡା. ପୃଷ୍ଟି ୧୯୭୮ରେ କେନ୍ଦ୍ରୀୟ ହୋମିଓପାଥି ଗବେଷଣା ପ୍ରତିଷ୍ଠାନ ଓ ୧୯୮୦ରେ ପୁରୀର ଆଞ୍ଚଳିକ ହୋମିଓପାଥି ଅନୁସନ୍ଧାନ ସଂସ୍ଥାନ କିପରି ଚିକିତ୍ସା କ୍ଷେତ୍ରରେ ଓଡ଼ିଶାବାସୀଙ୍କୁ ସେବା ଦେଇଛି ତାହାର ସୂଚନା ଦେଇଥିଲେ।



ଅତିଥିମାନେ ଶିଖର ସମ୍ମିଳନୀ ସମ୍ପର୍କରେ ସୂଚନା ଦେଉଛନ୍ତି।


**OFFICE OF THE DIVISIONAL FOREST OFFICER PHULBANI (KENDULEAVES) DIVISION**
AT/PO/PS-PHULBANI, DIST.-KANDHAMAL, PIN-762001
Phone-06842-253673, Mob-918280342725,Email id:dfoklplb@gmail.com
Office Order No.130/1F (KL) Dated, Phulbani 6th December 2025
**1st Corrigendum To e-Tender Call Notice No.01/2025-26**
**Bid Identification No.F.E.&C.C./PLB/01 (online)/2025-26**
No.MM-357:The following modification has been made to the BID Identification No. F.E.&C.C./PLB/01 (online)/2025-26 as follows.

| Sl.No. | Description |
|---|---|
| 1 | Due to some unavoidable circumstances BID Identification No. F.E.& C.C./ PLB/01 (online)/2025-26 of Sl.No.1 is hereby cancelled. |

Further details will be intimated soon.
OIPR-08069/11/0007/2526
Sd./- Divisional Forest Officer
Phulbani K.L.Division



ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ, ବାଲେଶ୍ୱର
**OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE**
AT-SAMALPUR, P.O-BALIA, DIST-BALASORE, PIN-756056
(e-mail: eephbls@gmail.com, Phone-9438660004)
No.6626/DATE 04.12.25
**2nd CORRIGENDUM**
TENDER FOR THE WORK
**No.C-1756:"Supply, Installation, Testing & Commissioning of DG Sets (CPCB IV+GEN Set with AMF Pannel) with Movable Trolley including shed for Jaleswar Town".**
In continuation to this office Bid-Identification No.SEPHBLS-27 of 2025-26 dt 12.11.2025. The following amendments have been made to **Critical Dates.**

| | Item/ Clause | Description | Existing Critical Dates | 1st time corrigendum of critical dates | 2nd corrigendum of Revised/Amended Critical Dates |
|---|---|---|---|---|---|
| 1 | Critical Dates in NIT, Sec-tion-1 of DTCN | Last date and time of seeking clarification | 17.00 Hr. of dt.28.11.2025 | 17.00 Hr. of dt.05.12.2025 | 17.00 Hr. of dt.10.12.2025 |
| | | Last date & time of bidding on-line | 17.00 Hr. of dt.03.12.2025 | 17.00 Hr. of dt.10.12.2025 | 17.00 Hr. of dt.15.12.2025 |
| | | Date & Time of opening Bid | 12.00 Hr. of dt.04.12.2025 | 12.00 Hr. of dt.11.12.2025 | 12.00 Hr. of dt.16.12.2025 |

**All other terms and conditions un-altered.**
Sd./- Superintending Engineer
P.H. Division, Balasore
OIPR-13053/11/0037/2526



**Office of the Zilla Parishad, Balangir**
(District Mission Management Unit, OLM)
Dist.-Balangir, Odisha, Pin-767001
E-mail:ori-dbolangir@nic.in, balangirdpm.olm@gmail.com
Order No.554/ZP, Date:09.12.2025
**REQUEST FOR PROPOSAL**
CAD-2648: Sealed request for proposal are invited in plain paper from Odisha Based reputed Chartered Accountant firm with the following term and condition for Audit of GPLF. The quotations completed in all respect will be received from 10.12.2025 to 31.12.2025 during office hour Speed/Registered post & Courier only address to the CDO-cum-EO, Zilla Parishad, Balangir and will be opened on 02.01.2026 at 11.00 AM in the office chamber of CDO-cum-EO, in the presence of the Bidders or their authorized representatives. The outer envelope is to be superscribed with "PROPOSAL FOR HIRING OF CHARTERED ACCOUNTANT FOR GPLF AUDIT UNDER OLM" alongwith the contact details of the bidder. The undersigned reserves the right to accept or reject any or all the Quotations without assigning any reason thereof. The details of the Quotation Call Notice alongwith terms & condition and the evaluation form can be viewed at the district website i.e. https://balangir.odisha.gov.in.
Sd./- C.D.O.-cum-DMC, OLM,
Zilla Parishad, Balangir
OIPR-19367/11/0005/2526



**ତହସିଲଦାରଙ୍କ କାର୍ଯ୍ୟାଳୟ, ବାଲିଅନ୍ତା**
**ଇସ୍ତାହାର**
PR No-879
03/12/2025
ସଂଖ୍ୟା-୨୫୬୪ ତାରିଖ 03/12/2025
No.F-୨୬:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲିଅନ୍ତା ତହସିଲ ଅନ୍ତର୍ଗତ ନିମ୍ନବର୍ଣ୍ଣିତ ଏକଗୋଟି ନଦୀ ମସ୍ଵଦିଆ ଉତ୍ସ ସନ-2025-26 ବର୍ଷ ପାଇଁ ନିଲାମ କରାଯିବ । ଇଚ୍ଛୁକ ପ୍ରାର୍ଥୀମାନେ ଧାର୍ଯ୍ୟ ତାରିଖରେ ନିୟମାନୁଯାୟୀ ନିଲାମରେ ଭାଗ ନେଇପାରିବେ । ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କ ନାମରେ ନିଲାମ ସ୍ଥିରୀକୃତ କରାଯାଇପାରିବ । ସର୍ବୋଚ୍ଚ ନିଲାମଧାରୀଙ୍କ ଅର୍ଥକୁ ଗ୍ରହଣ କରାଯିବ ଏବଂ ସର୍ବୋଚ୍ଚ ଡାକିଥିବା ବ୍ୟକ୍ତି ସମସ୍ତ ଟଙ୍କା ନଗଦ ଆକାରରେ ଏକକାଳୀନ ପୈଠ କରିବେ । ସର୍ବୋଚ୍ଚ ଡାକ ହୋଇଥିବା ଅର୍ଥ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଦୃଢୀକରଣ ହେବାପରେ ନିଲାମଗ୍ରହୀତାଙ୍କ ସର୍ବୋଚ୍ଚ ଡାକକୁ ଗ୍ରହଣ କରାଗଲା ବୋଲି ଧରିନିଆଯିବ ।

| କେଶ ନଂ. ଓ ବର୍ଷ | ସୈରାତ ଉତ୍ସର ନାମ | ରକବା | ସରକାରୀ ସର୍ବନିମ୍ନ ଜମା | ଅମାନତ ଓ ଜମା |
|---|---|---|---|---|
| 01/25-26 | କୁଆଖାଇ ନଦୀ ମସ୍ଵଦିଆ, ଭୁବନପୁର | ଏ.40.000 | ଟ.4,25,105/- | ଟ.42,511/- |

ଧାର୍ଯ୍ୟ ତାରିଖ 16.12.2025 ପୂର୍ବାହ୍ନ 11.00 ଘଣ୍ଟା, ସ୍ଥାନ-ବାଲିଅନ୍ତା ତହସିଲ ।
ଯଦି ଧାର୍ଯ୍ୟ ତାରିଖରେ ନିଲାମ ଖତମ ନହୁଏ ତାହାହେଲେ ପର୍ଯ୍ୟାୟକ୍ରମେ ତା.22.12.2025 ଓ ତା.29.12.2025 ରେ ପୁନର୍ବାର ନିଲାମ କରାଯିବ ।
ବି.ଦ୍ର:- କର୍ତ୍ତୃପକ୍ଷ ଚାହିଁଲେ ଏହି ଇସ୍ତାହାରକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ନିଲାମ ତାରିଖ ଘୁଞ୍ଚାଇପାରିବେ ।
ସ୍ୱା./- ତହସିଲଦାର, ବାଲିଅନ୍ତା
OIPR-24050/11/0002/2526



GOVERNMENT OF ODISHA
**Office of the Superintending Engineer Bhanjanagar (R&B) Division, Bhanjanagar**
(Phone/Fax : (06821) 241133 / E-mail : eernbbngr@yahoo.in)
Ltr. No. //842//Dtd.04.12.2025
No.B-807
**INVITATIONS FOR BIDS (IFB)**
E-Procurement Bid Identification No. S.E - BNJ-R&B-18/2025-26
1. Name of work : Electrical Shifting works
2. No. of works : 2 Nos. Electrical work
3. No. of Covers : Single Cover
4. Estimated cost : Rs.44.52 to 48.00 lakhs
5. Period of Completion : Three Calendar Months
6. Date of time of availability of bid document in the portal : From 12.00 Noon of dated 10.12.2025 to 5.00 P.M. of dated 19.12.2025
7. Last date/time for receipt of bids in the portal : Up to 5.00 P.M. of dated 19.12.2025
8. Date of opening of bid documents : At 11.00 A.M. of dated 20.12.2025
9. Class of contractor : "HT" Elect. Contractor
10. Name and address of Officer inviting bid : Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.
Sd./- Superintending Engineer
Bhanjanagar (R&B) Division
OIPR-34015/11/0032/2526



**OFFICE OF THE SUPERINTENDING ENGINEER RURAL WORKS DIVISION-I,GANJAM,BERHAMPUR**
Government of Odisha e-Procurement Notice
Bid Identification No.Online Tender//16//SERWDG-I//2025-26
Phone-0680-2291405, E-mail: eerw_gm1@yahoo.co.in
No.O-1686: Letter No.5825// RWDG-I//BAM//Date:29.11.25

| | | | |
|---|---|---|---|
| 1. | Name of the Work | :: | Building Works |
| 2. | Estimated Cost | :: | Rs.26.86 Lakhs |
| 3. | Period of Completion | :: | As per Annexure Column No.06 |
| 4 | Date & Time of Availability of Bid documents in the portal | :: | From 10.12.2025 at 11.00 AM to 23.12.2025 upto 5.00 P.M. |
| 5 | Last Date/Time for Receipt of Bids in the Portal | :: | 23.12.2025 upto 5.00 PM |
| 6 | Name and Address of the Officer Inviting Bid | :: | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in.
Sd./- Executive Engineer
R.W.Division-I, Ganjam, Berhampur
OIPR-25085/11/0040/2526



**Government of Odisha**
**"e" Procurement Notice**
No.C-1712
Bid Identification No. : 52/2025-26

| | | | |
|---|---|---|---|
| 1 | Name of the Work | : | 01 No. of work |
| 2 | Estimated Cost | : | 184.65 Lakh |
| 3 | Period of Completion | : | Two months |
| 4 | Date & time of availability of bid document in the portal | : | From 11.00 A.M. of 09.12.2025 to 12.00 Noon of 23.12.2025 |
| 5 | Last Date/time for receipt of bids in the portal | : | 12.00 Noon of 23.12.2025 |
| 6 | Name & Address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)
Sd./- Superintending Engineer,
P.H. Division, Bhubaneswar
OIPR-13205/11/0053/2526



**OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR**
GOVERNMENT OF ODISHA
No.A-1058: **"e"-Procurement Notice**
BID IDENTIFICATION No.:06 MID (JSP/2025-26)
1. Name of the Inviting Officer :- Superintending Engineer, Minor Irrigation Division, Jashipur
2. Name of the Work :- Improvement of MIP in Mayurbhanj District under the scheme CAPEX for the year 2025-26.
3. No. of Works :- 3 (Three) Nos.
4. Tender Amount Varies from :- 61.67 Lakhs to 97.93 Lakhs
5. Date and Time of availability of Bid document in the Portal for online Bidding From :- Dt.08.12.2025 10.00 hrs. to Dt.17.12.2025 17.00 hrs.
6. Last Date and Time of receipt of Bids in the Portal :- Dt.17.12.2025 upto 17.00 hrs.
7. Last Date and Time for clarification upto :- Dt.17.12.2025 upto 17.00 hrs.
8. Date of Opening of Bid :- Dt.18.12.2025 at 11.00 hrs. onwards

**The detail tender call notice can also be seen in the DOWR website: http://dowrorissa.gov.in**
Name & Address of the OIT :- Superintending Engineer, M.I.Division Jashipur,At/Po-Khairi Dist:Mayurbhanj, PIN-757091, E-Mail:eemijashipur@yahoo.com
Further details can be seen from the e-Procurement market place :- **http://tenderorissa.gov.in**
- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd./- Superintending Engineer
M.I. Division, Jashipur
OIPR-32282/11/0014/2526



**Sambalpur Municipal Corporation Sambalpur**
Notice No. - 14365
Email id: sambalpurm.hud@nic.in
Dt. : 06.12.2025
**'e' Procurement NOTICE**
**23/SMC_SBP/2025-26**
**Tender ID No : 2025_ORULB_122633**
**No.C-1732** : The Municipal Commissioner on behalf of Municipal Corporation, Sambalpur invites tenders in Double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in
1. Number of Civil Works : **2 (Two) numbers**
2. Estimated Costs : **53.16 & 66.73 lakhs**
3. Period of Completion : As per NIT
4. Date and time of availability of the bid documents in the portal : From **11.00 A.M. of 10.12.2025 to 05.00 P.M. of 30.12.2025**
5. Last Date/Time for receipt of bids in the portal : **05.00 P.M. of 30.12.2025**
6. Bids will be opened on : **11.00 A.M. of Dt. 31.12.2025**
7. Name and address of the officer inviting bid : **Municipal Commissioner, Sambalpur Municipal Corporation, Sambalpur**

Sd./- Commissioner
Sambalpur Municipal Corporation
OIPR-13122/11/0151/2526



Government of Odisha
No.B-777
"e" Procurement Notice
**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-I, RAYAGADA**
E-mail ID : sepwdrgda1@gmail.com
**Bid Identification No. : RC (RANDB) RGD 17/2025-2026**
**(Single Cover-Online tender)**
**File No. E-II-C8-28/2025 No.10685 Dated 26.11.2025**
1. No. of the works : 05 (Five) Shifting of Utility Work (Electrical) only
2. Estimated Cost : Rs.16.13 Lakh, Rs.25.66 Lakhs, Rs.45.97 Lakhs, Rs.25.66 Lakhs & Rs.9.95 Lakhs
3. Cost of document : Rs.6,000/- for each work
4. Bid Security : Rs.16,130/-, Rs.25,656/-, Rs.14,300/-, Rs.49,300/- & Rs.9,950/-
5. Class of Conrtractor : 'HT / above'
6. The Bid documents will be available in the website **www.tendersodisha.gov.in from 11.00 Hrs. of dated 10.12.2025 to 17.00 Hrs. of dated 19.12.2025 for online bidding**
7. Last date/Time for receipt of bids in the portal : Upto 17.00 Hrs. of **Dated 19.12.2025**
8. Bids received "on-line" shall be **opened at 17.30 Hours on dated 20.12.2025** in the office of the **Superintending Engineer, Rayagada (R&B) Division No-I**
9. Further details can be seen from the e-Procurement portal : "www.tendersodisha.gov.in". Any Addendum/Corrigendum/Cancellation of tender can also be seen in the said website only.

Sd./- Superintending Engineer
Rayagada (R&B) Division No-I
OIPR-34040/11/0019/2526



**GOVERNMENT OF ODISHA**
No.A-1064
**OFFICE OF THE ADDITIONAL CHIEF ENGINEER SALAPADA IRRIGATION CIRCLE, SALAPADA, KEONJHAR**
E-mail : acesicsalapada@gmail.com
**Bid Identification No - ACESIC-02/2025-26**
**'e' PROCUREMENT NOTICE**

| | | |
|---|---|---|
| 1 | **Nature of the works** | **Road Work** |
| 2 | **No of works** | 2 (Two) |
| 3 | **Value of works (Excluding GST)** | Rs.233.90 lakh & 235.59 lakh |
| 4 | **Period of completion** | 6 Calendar Months |
| 5 | **Class of contractors** | **A & B** |
| 6 | **Procurement Officer** | Additional Chief Engineer, Salapada Irrigation Circle, Salapada, Keonjhar - 758020 |
| 7 | **Availability of tender for On-line bidding** | From 11.00 hrs. of 12.12.2025 to 29.12.2025 up to 17.00 hrs. |
| 8 | **Date and time of opening of Technical Bid** | 30.12.2025 at 11.00 hrs |
| 9 | **Date of opening Financial Bid** | After evaluation of Technical Bid |

Further details conditions can be seen from the Govt. website www.tendersorissa.gov.in
Sd./- Additional Chief Engineer,
Salapada Irrigation Circle,
Salapada,
OIPR-32468/11/0009/2526

**ଆନ୍ଧ୍ର ନେଇଯିବ ପଟ୍ଟାଙ୍ଗୀ: କାଡାମ**

ଭୁବନେଶ୍ୱର,(ରବିନାରାୟଣ ଜେନା):କୋଟିଆକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଚିନ୍ତା ପ୍ରକଟ କରିଛନ୍ତି। ମଙ୍ଗଳବାର ଶୂନ୍ୟକାଳରେ କାଡାମ କହିଛନ୍ତି, ଆନ୍ଧ୍ର ବାରମ୍ବାର କୋଟିଆରେ ଅନୁପ୍ରବେଶ କରୁଛି, କିନ୍ତୁ ଆମ ସରକାର ନୀରବ ରହିଛନ୍ତି। ସୋମବାର କୋଟିଆରେ ପ୍ରବେଶକରି ନାମଫଳକମାନ ଭାଙ୍ଗିଛି। ପଟାଙ୍ଗୀ ଏବେ ସମ୍ପୂର୍ଣ୍ଣ ବିପଦରେ ରହିଛି। ଆମେ ଯଦି ଚୁପ୍ ବସିବା ତେବେ ଆନ୍ଧ୍ର ପଟ୍ଟାଙ୍ଗୀକୁ ନେଇଯିବ। କାହିଁକି ଆମେ ଆନ୍ଧ୍ର ସରକାରଙ୍କ ସହ ଆଲୋଚନା କରି ଏହାର ସମାଧାନ କରୁନାହେଁ ବୋଲି କାଡାମ କହିଥିଲେ।



# ବନ୍ଦେ ମାତରମ୍ ଭାରତର ଆତ୍ମା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୧୨
(ରବିନାରାୟଣ ଜେନା)

## 'ବନ୍ଦେ ମାତରମ୍' ସଂକଳ୍ପ ସର୍ବସମ୍ମତ ପାରିତ

ବିଧାନସଭାରେ ମଙ୍ଗଳବାର ସରକାରଙ୍କ ପକ୍ଷରୁ ଆସିଥିବା 'ବନ୍ଦେ ମାତରମ୍' ସଂକଳ୍ପ ସର୍ବସମ୍ମତ କ୍ରମେ ପାରିତ ହୋଇଯାଇଛି। ଏହାକୁ ଆଗତ କରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ, ବନ୍ଦେ ମାତରମ୍ କେବଳ ଏକ ଗୀତ ନୁହେଁ, ଏହା ଏକ ସାମୂହିକ ସ୍ମୃତି ଓ ସାଂସ୍କୃତିକ ଶକ୍ତି। ସ୍ୱାଧୀନତାର ମନ୍ତ୍ରପାଠ କରି ମହର୍ଷି ବଙ୍କିମ୍‌ଚନ୍ଦ୍ରଙ୍କ ବିରଚିତ ଏହି ଗୀତ ଥିଲା ରାଷ୍ଟ୍ରୀୟତାର ଅଭିବ୍ୟକ୍ତି। ମାଆ ଭାରତୀଙ୍କ ଆରାଧନା ଓ ସାଧନା ପାଇଁ ଏହା କେବଳ ଏକ ପୁଣ୍ୟ ଉଚ୍ଚାରଣ ନ ଥିଲା, ବରଂ ଅନ୍ତରରେ ରାଷ୍ଟ୍ରବାଦ୍‌ର ଦୀପଜାଳି ଭାରତମାତାକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବାର ବଜ୍ରଘୋଷ ଦେଇଥିଲା ବନ୍ଦେ ମାତରମ୍।

ଏହି ଗୀତ ଆମକୁ ଇତିହାସ ସହ ଯୋଡ଼ିଥାଏ, ବର୍ତ୍ତମାନରେ ଆତ୍ମବିଶ୍ୱାସୀ କରାଏ ଓ ଭବିଷ୍ୟତରେ ସ୍ୱପ୍ନ ପୂରଣ କରିବାର ଦୁର୍ବାର ସାହସ ପ୍ରଦାନ କରେ। କୋଟି କୋଟି ଭାରତୀୟଙ୍କୁ ଆବେଗିକ ସୂତ୍ରରେ ବାନ୍ଧି ଭାରତକୁ ବିକଶିତ ଓ ଆତ୍ମନିର୍ଭର କରିବାର ଉପକ୍ରମ ବନ୍ଦେ ମାତରମ୍। ଏହି ସଂକଳ୍ପକୁ ଗୃହର ସମସ୍ତ ସଦସ୍ୟ ହୃଦୟରୁ ସମର୍ଥନ ଜଣାଇବାକୁ ଅନୁରୋଧ କରିଥିଲେ।

ସଂକଳ୍ପ ଆଲୋଚନା ଆରମ୍ଭକରି ମୁଖ୍ୟମନ୍ତ୍ରୀ କହିଥିଲେ, ଆଜି ଆମ ନିକଟରେ ଏପରି ଏକ ସମୟ ଆସିପହଞ୍ଚିଛି, ଯେଉଁ ସମୟରେ ଇତିହାସର ଅନେକ ପ୍ରେରଣାଦାୟକ ଅଧ୍ୟାୟ ଆମ ପାଇଁ ପୁଣିଥରେ ପ୍ରକାଶ ପାଉଛି। ଆଜି ଆମ ଦେଶ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଭଗବାନ୍ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରୁଥିବାବେଳେ ବନ୍ଦେ ମାତରମ୍ ୧୫୦ତମ ବାର୍ଷିକୀ ଅବସରରେ ଗୃହର ସାମୂହିକ ଶକ୍ତିକୁ ଅନୁଭବ କରୁଛୁ। ବନ୍ଦେ ମାତରମ୍-ଏକ ଗୀତ ନୁହେଁ, ଏହା ଭାରତର ଆତ୍ମା। ଏହା ଆଗାମୀ ପିଢ଼ି ପାଇଁ ଶିକ୍ଷାର ଉତ୍ସ ହେବ। କାରଣ ଏଇ ଗୀତ ଆମକୁ ମନେ ପକାଇଦିଏ ସଂଘର୍ଷଭରା ସ୍ୱାଧୀନତା ସଂଗ୍ରାମ। ଏହି ରାଷ୍ଟ୍ର ଗୀତ ଆମ ଶିରାପ୍ରଶିରାରେ ପ୍ରବାହିତ ହେଉଥିବା ରକ୍ତର ବେଗ, ଆଉ ଆମ ପ୍ରଶ୍ୱାସର ଗତି ସହ ଜଡ଼ିତ। ଜଣେ ସାଧାରଣ ସାହିତ୍ୟିକ ଯେପରି କୌଣସି ସଂକଳନ ରଚନା କରନ୍ତି, ବଙ୍କିମ୍‌ଚନ୍ଦ୍ର ସେପରି ଜଣେ ନ ଥିଲେ। ସେ ଶବ୍ଦରେ ଜୀବନ ଭରିଥିଲେ, ପ୍ରତ୍ୟେକ ପଦରେ ଅଗ୍ନି ଭରିଦେଉଥିଲେ। ୧୮୭୫ ମସିହା ଅକ୍ଷୟ ନବମୀ ନଭେମ୍ବର ୭ରେ ଏହି ଗୀତ ଲେଖାଯାଇଥିଲା। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଏହାର ୧୫୦ତମ ପୂର୍ତ୍ତି ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୧୮୮୨ରେ ଆନନ୍ଦ ମଠ ପ୍ରକାଶିତ ହୋଇଥିଲା ଏବଂ ୧୮୯୬ରେ ରବୀନ୍ଦ୍ର ନାଥ ଟାଗୋର ପ୍ରଥମେ ଏହି ଗୀତକୁ ପାଠ କରିଥିଲେ। ଏହି ସଂଗୀତ ଏତେ ଲୋକପ୍ରିୟ ହୋଇଥିଲା ଯେ ବ୍ରିଟିଶ୍ ସରକାର ଭୟଭୀତ ହୋଇ ଏହାକୁ ନିଷିଦ୍ଧ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ଦେଶପ୍ରେମକୁ କୃତ୍ରିମ ଭାବେ କାହା ମନରେ ଜୋର୍‌ଜବରଦସ୍ତ ଲଦି ଦିଆଯାଇପାରେନା, ଏହା ହେଉଛି ମନ ଭିତରର କଥା, ହୃଦୟର କଥା। ବନ୍ଦେ ମାତରମ୍ ପରି କାଳଜୟୀ ଗୀତ ଆମ ହୃଦୟରେ ଦେଶପ୍ରେମର ଗଭୀର ଅନୁଭବ ସୃଷ୍ଟିକରେ। କୌଣସି ସଂଘର୍ଷକୁ ସଫଳ କରିବା ପାଇଁ ଆନ୍ଦୋଳନକାରୀଙ୍କ ମନରେ ଉତ୍ସାହ ଭରିଦେବା ଲାଗି ଯୁଗେ ଯୁଗେ ବିଭିନ୍ନ ଗୀତ ସଙ୍ଗୀତ, ଲୋକନାଟ୍ୟର ସାହାଯ୍ୟ ନିଆଯାଇଥାଏ। ଶହୀଦ୍ ଭଗତ ସିଂ, ଆସ୍ଫାକ୍‌ଉଲ୍ଲା ଖାନ, ରାଜଗୁରୁ ଓ ସୁଖଦେବ 'ମେରେ ରଙ୍ଗ୍ ଦେ ବାସନ୍ତୀ ଚୋଲା' ଗାଇ ହସି ହସି ଫାଶିଖୁଣ୍ଟରେ ଝୁଲି ଯାଇଥିଲେ। ସେ ସମୟରେ ଭାରତର ଗଳିକନ୍ଦିରେ ଲୋକେ ଗାଉଥିଲେ 'ସାରେ ଜାହାଁ ସେ ଅଚ୍ଛା, ହିନ୍ଦୁସିତାଁ ହମାରା', ଶ୍ୟାମଲାଲ୍ ଗୁପ୍ତାଙ୍କ ରଚିତ 'ବିଜୟୀ ବିଶ୍ୱ ତିରଙ୍ଗା ପ୍ୟାରା, ଝଣ୍ଡା ଉଞ୍ଚା ରହେ ହମାରା', ରବୀନ୍ଦ୍ର ନାଥ ଟାଗୋରଙ୍କ ଦ୍ୱାରା ରଚିତ 'ଏକ୍‌ଲା ଚଲୋରେ' ପରି ଦେଶାତ୍ମବୋଧକ ସଙ୍ଗୀତ। ସଂଗ୍ରାମୀମାନେ ହସି ହସି 'ବନ୍ଦେ ମାତରମ୍' ଗାଇ ପୋଲିସ ଗୁଳିରେ ଶହୀଦ ହେଉଥିଲେ ନ ହେଲେ ହସି ହସି ଫାଶିଖୁଣ୍ଟରେ ଝୁଲିପଡୁଥିଲେ। କାରଣ 'ବନ୍ଦେ ମାତରମ୍' କେବଳ ଏକ ଜାତୀୟତାବାଦ୍ ସଙ୍ଗୀତ ନୁହେଁ, ଏହା ଦେଶମାତୃକାର ବନ୍ଦନା।

ଏହି ପଦରେ ମା' ମାଟିର ସୁନ୍ଦରତା ଗାନ କରାଯାଇଥିବା ବେଳେ ବହୁବଲ-ଧାରିଣୀଂ ନମାମି ତାରିଣୀଂ, ରିପୁଦଲ-ବାରିଣୀଂ ମାତରମ୍ ପଦରେ ମା'ଙ୍କୁ ଶକ୍ତି ବୋଲି ବର୍ଣ୍ଣନା କରାଯାଇଛି। ସାରା ଦେଶରେ ରାଷ୍ଟ୍ରଭକ୍ତି ଭାବନା ଓ ଦେଶର ଏକତା ଏବଂ ଅଖଣ୍ଡତାକୁ ମଜଭୁତ୍ କରିବା ପାଇଁ ଏହାକୁ ଉତ୍ସାହର ସହ ପାଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି। ଆମ ସରକାର, ଓଡ଼ିଶାର ପ୍ରତ୍ୟେକ ଜିଲା, ପ୍ରତ୍ୟେକ ବିଦ୍ୟାଳୟ, ସବୁ ବିଶ୍ୱବିଦ୍ୟାଳୟ, ପ୍ରତିଟି ସାଂସ୍କୃତିକ କେନ୍ଦ୍ରରେ ବନ୍ଦେ ମାତରମ୍ ଉତ୍ସବ ପାଳନ କରିବ। ଭାରତ ଓ ଭାରତୀୟତା ହେଉଛି ଆମ ଅସ୍ତିତ୍ୱର ମୂଳପିଣ୍ଡ। ଆମ ଦେଶ ବିବିଧତାରେ ଭରା, କିନ୍ତୁ ବିବିଧତା ଭିତରେ ଏକତା ହେଉଛି ଆମର ଶକ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ, ଯେତେବେଳେ ବନ୍ଦେ ମାତରମ୍ ଏହାର ୧୦୦ତମ ବାର୍ଷିକୀ ପାଳନକଲା, ଦେଶପ୍ରେମୀଙ୍କୁ ଜରୁରିକାଳୀନ ପରିସ୍ଥିତିର କଳା ଆଇନ ବଳରେ କାରାଗାରରେ ବନ୍ଦୀ କରାଯାଇଥିଲା। ଏକଥା ସଂସଦରେ ପ୍ରଧାନମନ୍ତ୍ରୀ ଅତ୍ୟନ୍ତ ଦୁଃଖ ଓ କ୍ଷୋଭର ସହ ପ୍ରକାଶ କରି ନିଜ ମନର ବେଦନା ଜଣାଇଥିଲେ। ଏ ବେଦନା ଆମକୁ ସତର୍କ କରିଦିଏ, ଯେପରି ଏଭଳି ସ୍ଥିତି ସ୍ୱାଧୀନ ଭାରତରେ ଆଉ କେବେ ବି ନ ଆସୁ। ଏଠାରେ କୌଣସି ଶାସକ କିମ୍ବା ବିରୋଧୀ ଦଳ ନାହାନ୍ତି, କାରଣ ଏଠାରେ ବସିଥିବା ଆମ ସମସ୍ତଙ୍କ ପାଇଁ ବନ୍ଦେ ମାତରମ୍‌ର ଋଣକୁ ସ୍ୱୀକାର କରିବା ପ୍ରକୃତରେ ଏକ ସୁଯୋଗ। ଏହା ଏକ ଚେତନା ଓ ଆମ ଭାରତୀୟ ସଂସ୍କୃତିର ଅବିଚ୍ଛିନ୍ନ ପ୍ରବାହର ପ୍ରତିଫଳନ। ଏହି ସମୟ ବନ୍ଦେ ମାତରମ୍‌କୁ କେବଳ ମନେରଖିବାର ସମୟ ନୁହେଁ, ବରଂ ଏହି ସଂଗୀତରୁ ନୂତନ ଶକ୍ତି ଏବଂ ପ୍ରେରଣା ନେଇ ଆଗେଇଚାଲିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ବନ୍ଦେ ମାତରମ୍ ମନ୍ତ୍ରର ଆରମ୍ଭ ନାହିଁ କି ଶେଷ ନାହିଁ ବୋଲି କହିଥିଲେ। ଏହା ସ୍ୱାଧୀନତା ପୂର୍ବରୁ ଯେପରି ହୃଦୟ ଓ ପ୍ରାଣରେ ଉତ୍ସାହ ଭରି ଦେଉଥିଲା, ଏବେ ମଧ୍ୟ ପୁଲକିତ କରୁଛି। ଏହି ସଙ୍ଗୀତ ଗାନବେଳେ ଧମନୀରେ ବିଦ୍ୟୁତ୍ ବେଗରେ ଶକ୍ତି ଖେଳିଯାଉଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବନ୍ଦେ ମାତରମ୍‌କୁ ସମ୍ମାନ ଜଣାଇଥିଲେ ହେଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ପୂର୍ବଜଙ୍କୁ କୁତ୍ସାରଟନା କରୁଛନ୍ତି ତାହାକୁ ନିନ୍ଦା କରିଥିଲେ। ଶେଷରେ ବାଚସ୍ପତି ସୁରମା ପାଢ଼ୀ ସର୍ବସମ୍ମତକ୍ରମେ ସଂକଳ୍ପ ପାରିତ କରିଥିଲେ।

# ଗୃହ ଦେଲା ସୁସ୍ଥ ଗଣତନ୍ତ୍ରର ବାର୍ତ୍ତା

**ସରିଲା ଶୀତ ଅଧିବେଶନ**



ଭୁବନେଶ୍ୱର,୯।୧୨
(ରବିନାରାୟଣ ଜେନା)

ଚଳିତବର୍ଷର ଶୀତ ଅଧିବେଶନ ୧୮ ଦିନର ଅବଧି ପୂର୍ବରୁ ମଙ୍ଗଳବାର ଶେଷ ହୋଇଛି। ଏହି ଅଧିବେଶନଟି ବିଭିନ୍ନ ଦୃଷ୍ଟିକୋଣରୁ ବହୁ ଗୁରୁତ୍ୱ ବହନ କରୁଛି। କେବଳ ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଐତିହାସିକ ଉଦ୍‌ବୋଧନ ଓ ହୃଦୟସ୍ପର୍ଶୀ ମାର୍ଗଦର୍ଶନ ଗୃହକୁ ଗୌରବମଣ୍ଡିତ କରିଛି ତାହା ନୁହେଁ, ଦୀର୍ଘ ଦୁଇ ଦଶନ୍ଧି ପରେ ଗୃହରେ ଏକପ୍ରକାର ସୁସ୍ଥ ବାତାବରଣ ଭିତରେ ଅଧିବେଶନଟି ଶେଷ ହୋଇଛି। ରାଜ୍ୟର ବିକାଶ ପାଇଁ ବିରୋଧୀମାନେ ଆକ୍ରମଣାତ୍ମକ ଢଙ୍ଗରେ ତାଙ୍କ ସ୍ୱର ନ ଉଠାଇ ଗୃହର ପରମ୍ପରା ଅନୁଯାୟୀ ଗୃହକାର୍ଯ୍ୟରେ ସହଯୋଗ କରିଥିବା ପରିଲକ୍ଷିତ ହୋଇଛି। ତେବେ ପୂର୍ବ ଅଧିବେଶନ ସହ ଯଦି ଶୀତ ଅଧିବେଶନକୁ ତୁଳନା କରାଯିବ, ତେବେ ଆକାଶ ପାତାଳ ଫରକ୍ ମିଳିବ। ପୂର୍ବ ଅଧିବେଶନରେ ଅଧିକାଂଶ ସମୟ ଗୃହ ଆରମ୍ଭ ହେବାଠାରୁ ପ୍ରାୟ ୩ରୁ ୪ ଦିନ ପର୍ଯ୍ୟନ୍ତ ଗୃହକାର୍ଯ୍ୟ ଚାଲିପାରେ ନାହିଁ। କେତେବେଳେ ୫ ମିନିଟ୍‌ରେ ମୁଲତବୀ ହୋଇଯାଇ ଥାଏ ତ ଆଉ କେତେବେଳେ ଥରକୁ ଥର ମୁଲତବୀ ଓ ସର୍ବଦଳୀୟ ବୈଠକରେ ଅଟକିଯାଏ। ମାତ୍ର ଚଳିତ ଅଧିବେଶନ କାଳରେ ଏସବୁ ଦେଖିବାକୁ ମିଳି ନ ଥିଲା। ଏପରିକି ସର୍ବଦଳୀୟ ବୈଠକ ପର୍ଯ୍ୟନ୍ତ କଥା ଯାଇନାହିଁ। ଚଳିତବର୍ଷ ଫେବୃଆରୀରେ ପ୍ରଥମ ବଜେଟ ଅଧିବେଶନ କାଳରେ କଂଗ୍ରେସ ନାରୀ ନ୍ୟାୟକୁ ନେଇ ଗୃହରେ କୌଣସି ସ୍ପଷ୍ଟ ମତ ରଖିପାରି ନ ଥିବାବେଳେ ମୌସୁମୀ ଅଧିବେଶନରେ ଅନାସ୍ଥା ପ୍ରସ୍ତାବ ଆଣି ହଟହଟା ହୋଇଥିଲା। ଏଥର ଆଦିବାସୀ ସଂକଳ୍ପ ଆଣିଥିଲେ ହେଁ ତାହା ବାଚସ୍ପତି ଗ୍ରହଣ କରି ନ ଥିଲେ। ଏସବୁ ସତ୍ତ୍ୱେ କଂଗ୍ରେସ ତା'ର ରଣନୀତିରେ ପରିବର୍ତ୍ତନ କରି ଗୃହକାର୍ଯ୍ୟରେ ସହଯୋଗ କରିଥିବା ପରିଲକ୍ଷିତ ହୋଇଥିଲା।

ସେହିପରି ପ୍ରମୁଖ ବିରୋଧୀ ବିଜେଡି ମଉକା ଦେଖି ଛକା ମାରିବା ନ୍ୟାୟରେ କେତେବେଳେ ହଙ୍ଗଗୋଳ କରି ଚୁପ୍ ରହିଯାଉଥିଲା ତ ଆଉ କେତେବେଳେ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି କଂଗ୍ରେସ ସହ ସ୍ୱର ମିଳାଇ ବାହାବା ନେଉଥିବା ପରିଲକ୍ଷିତ ହୋଇଥିଲା। ଅନ୍ୟପକ୍ଷରେ ଶାସକ ଦଳ ପକ୍ଷରୁ ଗୃହ ଚଳାଇବାର ରଣକୌଶଳ ଏଥର ଏକପ୍ରକାର ସଫଳ ହୋଇଥିବା ଜଣାଯାଇଛି। ତେବେ ଏଥର ଗୃହରେ ବିଧାୟକମାନଙ୍କ ଦରମା ବୃଦ୍ଧିକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ଗୃହ ସୁରୁଖୁରୁରେ ଚାଲିବା ପଛରେ ଦରମା ବଢ଼ା ଅନ୍ୟତମ କାରଣ ନୁହେଁ ତ ବୋଲି ବୁଦ୍ଧିଜୀବୀମାନେ କହୁଛନ୍ତି।

### ତାରାଙ୍କୁ ଖୋଜାପଡ଼ିଲା

ଚଳିତ ଅଧିବେଶନରେ କଂଗ୍ରେସର ବରିଷ୍ଠ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କୁ ଖୋଜାପଡ଼ିଥିଲା। ଯଦିଓ ସେ ଅଧିବେଶନର ପ୍ରଥମ ଦିବସ ତଥା ରାଷ୍ଟ୍ରପତିଙ୍କ ଗସ୍ତ ଦିନ ଉପସ୍ଥିତ ରହିଥିଲେ, ଏହାପରେ ସେ ଅନୁପସ୍ଥିତ ଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ସେ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ତେବେ ତାରା ଥିଲେ ନିଶ୍ଚିତଭାବେ ଥରୁଟିଏ ହେଲେ ବି ଗୃହ ମୁଲତବୀ କରିଥାନ୍ତେ ବୋଲି ବହୁ ବିଧାୟକ କହିଛନ୍ତି।

### ଭାଜପାକୁ ଅଡୁଆ ଆଉଟ୍‌ସୋର୍ସିଂ ବିଜେଡି ସଦସ୍ୟ

ଚଳିତ ଅଧିବେଶନ କାଳରେ ଗୃହକାର୍ଯ୍ୟ ଚାଲିଥିବା ବେଳେ ଶାସକ ଦଳ ଭାଜପା ପାଇଁ ବିଜେଡିରୁ ଆଉଟ୍‌ସୋର୍ସିଂ ହୋଇ ଆସିଥିବା ସଦସ୍ୟଙ୍କୁ ନେଇ ଅଡୁଆ ବଢ଼ିଥିଲା। ସଦସ୍ୟ ସନ୍ତୋଷ ଖଟୁଆ ଗୃହରେ ଗାନ୍ଧୀଙ୍କୁ ଦେଶ ବିଭାଜନକାରୀ ବୋଲି କହିବା ପରେ ସରକାରଙ୍କୁ କଂଗ୍ରେସ ଓ ବିଜେଡି ଏକଜୁଟ୍ ହୋଇ ଘେରିଯାଇଥିଲେ। ଏହି ଘଟଣା ଏତେ ତୀବ୍ର ହୋଇଥିଲା ଯେ ଗୃହକାର୍ଯ୍ୟ ପ୍ରାୟ ୨ଘଣ୍ଟା ଧରି ଚାଲିପାରି ନ ଥିଲା। ବିରୋଧୀ ସଦସ୍ୟମାନେ ଗାନ୍ଧୀ ମୂର୍ତ୍ତିତଳେ ଧାରଣା ଦେବା ଯୋଗୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏପରିକି ବାଚସ୍ପତି ସୁରମା ପାଢ଼ୀ ଏକପ୍ରକାର ନାକେଦମ୍ ହେବା ପର୍ଯ୍ୟନ୍ତ ସ୍ଥିତି ଉପୁଜିଥିଲା।

### କାଡାମଙ୍କୁ ଲଲିପପ୍

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଚଳିତ ଅଧିବେଶନରେ ଆଦିବାସୀ ଓ ପଛୁଆବର୍ଗଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ସଂକଳ୍ପ ଆଣିଥିଲେ। ବେସରକାରୀ ବିଲ୍ ଆଗତ କରିବା ଲାଗି ବାଚସ୍ପତି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଥରକୁ ଥର ସମୟ ଗଡ଼ାଇଥିଲେ। ଏପରିକି ଡିସେମ୍ବର ୧୨ରେ ବେସରକାରୀ ବିଲ୍ ଆଲୋଚନା ଦିନ ଏହା ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହାପୂର୍ବରୁ ଗୃହ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା ହୋଇଯାଇଛି। କାଡାମଙ୍କ ସଂକଳ୍ପ ଗ୍ରହଣ ଓ ଆଲୋଚନା କେବଳ କଥାରେ ରହିଯାଇଛି। ତେବେ ଏହି ପରିପ୍ରେକ୍ଷୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟମାନେ ଏନେଇ ଏକ ଦାବିପତ୍ର ବାଚସ୍ପତିଙ୍କୁ ପ୍ରଦାନ କରିଛନ୍ତି।

# ୨୦୨୭ ସୁଦ୍ଧା ସବୁ ପରିବାରକୁ ବିଶୁଦ୍ଧ ଜଳ: ମନ୍ତ୍ରୀ

ଭୁବନେଶ୍ୱର,୯।୧୨
(ରବିନାରାୟଣ ଜେନା)

ରାଜ୍ୟରେ ୨୦୨୭ ସୁଦ୍ଧା ସବୁ ପରିବାରକୁ ବିଶୁଦ୍ଧ ଜଳ ମିଳିବ ବୋଲି ମଙ୍ଗଳବାର ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି। ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ସଦସ୍ୟ ସାରଦା ପ୍ରସନ୍ନ ଜେନାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଜଗତ୍‌ସିଂହପୁରର ବାଲିକୁଦା ଓ ନୂଆଗାଁ ବ୍ଲକ୍‌ରେ ମେଗା ପାନୀୟଜଳ ପ୍ରକଳ୍ପ ଅଗଷ୍ଟ ୨୦୨୪ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ହେଲେ ବାସ୍ତବରେ ତାହା ଶେଷ ହୋଇନାହିଁ। ତେବେ ୩୦ ନଭେମ୍ବର ୨୦୨୫ ସୁଦ୍ଧା ଉକ୍ତ ପ୍ରକଳ୍ପ ଅନ୍ତର୍ଗତ ସମସ୍ତ ଗ୍ରାମକୁ ଜଳ ଯୋଗାଣ ସଂଯୋଗୀକରଣ ହୋଇଛି। କେତୋଟି ପଡ଼ାଗ୍ରାମରେ ଜଳଯୋଗାଣକୁ

### ଏଲ୍ ଆଣ୍ଡ୍ ଟି ସଂସ୍ଥାକୁ ଜରିମାନା ଧାର୍ଯ୍ୟ

ନିୟମିତ କରାଯାଇ ଡିସେମ୍ବର ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ଜଳଯୋଗାଣର ଲକ୍ଷ୍ୟ ରଖାଯାଇଛି। ଏହି ବିଳମ୍ବ ପାଇଁ ପ୍ରକଳ୍ପ ଠିକାଦାର ଏଲ୍‌ଆଣ୍ଡଟି ସଂସ୍ଥାକୁ ଧାର୍ଯ୍ୟ ମୂଲ୍ୟର ୦.୦୫% ପ୍ରତିଶତ ଜରିମାନା କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଆଲୋଚନାରେ ସଦସ୍ୟ ସିଦ୍ଧାନ୍ତ ମହାପାତ୍ର, ଦିବ୍ୟଶଙ୍କର ମିଶ୍ର, ଆଶ୍ରିତ ପଟ୍ଟନାୟକ, ଧ୍ରୁବଚରଣ ସାହୁ ପ୍ରମୁଖ ଭାଗନେଇ ନିଜ ନିଜ ଅଞ୍ଚଳର ପାନୀୟଜଳ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉତ୍ତରରେ ମନ୍ତ୍ରୀ ସମସ୍ତଙ୍କୁ ୨୦୨୭ ପୂର୍ବରୁ ପାନୀୟଜଳ ସୁନିଶ୍ଚିତ କରାଯିବ ବୋଲି ଆଶ୍ୱସ୍ତି ଦେଇଥିଲେ ଏବଂ ସବୁ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ।

# ଶୂନ୍ୟକାଳରେ ରଣେନ୍ଦ୍ରଙ୍କ ମାଲକାନଗିରି ନିଆଁ

ଭୁବନେଶ୍ୱର,୯।୧୨
(ରବିନାରାୟଣ ଜେନା)

ମାଲକାନଗିରି ଜଳୁଛି। ସେଠି ଆଉ ଗୋଟେ କନ୍ଧମାଳ ହେବାକୁ ଯାଉଛି। ଘର ପୋଡ଼ିଯାଉଛି। ଜୀବନ ଚାଲିଗଲାଣି। ରାଜ୍ୟରେ ମଣିପୁର ଭଳି ଅବସ୍ଥା ସୃଷ୍ଟି ହେବାକୁ ଯାଉଛି। ଆମେ ବିଧାନସଭାରେ ବସିଛୁ, କିନ୍ତୁ ରାଜ୍ୟର ଗୋଟିଏ ଭାଗ ଜଳୁଛି ବୋଲି କହି ବିଜେଡିର ବରିଷ୍ଠ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶୂନ୍ୟକାଳରେ ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଦାବି କରିଥିଲେ। ରଣେନ୍ଦ୍ର ବାଚସ୍ପତି ସୁରମା ପାଢ଼ୀଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ, ମାଲ୍‌କାନଗିରିରେ ଏବେ ଧାର୍ମିକ ବିବାଦ ହେଉଛି। ଆଜିକା ଦିନରେ ସେଠାକାର ସ୍ଥିତି କ'ଣ? ମୁଖ୍ୟମନ୍ତ୍ରୀ ଏଠି ଚୁପ୍ ନ ବସି ଗୃହରେ ସ୍ପଷ୍ଟୀକରଣ ଦିଅନ୍ତୁ। ସେ ପୁଣି କହିଥିଲେ, ସେଠି ଅଢ଼େଇ ଲକ୍ଷ ଆଦିବାସୀ ସଂପ୍ରଦାୟର ଲୋକ ବାସ କରୁଛନ୍ତି। ଆମେ ଆଇନ ପ୍ରଣୟନକର୍ତ୍ତା, ଏଠି ଚୁପ୍ ରହିବା କେମିତି। ବାଚସ୍ପତି ତୁରନ୍ତ ରୁଲିଂ ଦିଅନ୍ତୁ, ମୁଖ୍ୟମନ୍ତ୍ରୀ ଏନେଇ ଗୃହରେ ବିବୃତ୍ତି ରଖନ୍ତୁ। ନଚେତ୍ ଏକ ଟିମ୍ ସେଠାକୁ ପଠାଯାଉ ବୋଲି ରଣେନ୍ଦ୍ର କହିଥିଲେ।

# ୪୪,୭୭୧ କୋଟି ଟଙ୍କାର ପ୍ରକଳ୍ପକୁ କେନ୍ଦ୍ରର ଅନୁମୋଦନ



ନୂଆଦିଲ୍ଲୀଠାରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କରୀଙ୍କୁ ସାକ୍ଷାତ କରିବା ଅବସରରେ।

ଭୁବନେଶ୍ୱର, ୯।୧୨(ସୁନିତ୍ ମିଶ୍ର)

ରାଜ୍ୟରେ ଥିବା ଜାତୀୟ ଏବଂ ରାଜ୍ୟ ରାଜପଥର ଉନ୍ନତୀକରଣ ସହିତ ପ୍ରସ୍ତାବିତ ନୂତନ ପ୍ରକଳ୍ପକୁ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଅନୁମୋଦନ ମିଳିଛି। ନୂଆଦିଲ୍ଲୀ ଗସ୍ତରେ ଥିବା ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କରୀଙ୍କ ସହ ସାକ୍ଷାତ ଆଲୋଚନା କରିବା ସହ ରାଜ୍ୟରେ ଥିବା ବିଭିନ୍ନ ରାସ୍ତା ପ୍ରକଳ୍ପ ବିଷୟରେ ଆଲୋଚନା କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟରେ ୫ଟି ଜାତୀୟ ରାଜପଥ ପ୍ରକଳ୍ପ, ୫ଟି ରାଜ୍ୟ ରାଜପଥ ଓ ସିଆର୍‌ଆଇଏଫ୍ ପ୍ରକଳ୍ପ ପାଇଁ ମୋଟ ୪୪,୭୭୧ କୋଟି ଟଙ୍କାର ଅନୁମୋଦନ ମିଳିଛି। ଏଥିରେ ଭୁବନେଶ୍ୱର-ପୁରୀ ରାସ୍ତାକୁ ୮ ଲେନ୍, ୧୪୦ କି.ମି. ଦୀର୍ଘ ଟାଙ୍ଗୀ-

- **କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କୁ ଭେଟିଲେ ମନ୍ତ୍ରୀ ହରିଚନ୍ଦନ**
- **ରାଜ୍ୟ ଓ ଜାତୀୟ ରାଜପଥର ୧୦ ଏବଂ ସିଆର୍‌ଆଇଏଫ୍ ପ୍ରକଳ୍ପକୁ ଅନୁମୋଦନ**

ପୁଇଁତୋଳା-ଇଚ୍ଛାପୁରମ୍ ରାସ୍ତାକୁ ୬ ଲେନ୍ କରିବା ପାଇଁ ଅନୁମୋଦନ ମିଳିଛି। ସେହିପରି ୪୦୦ କି.ମି. ଦୀର୍ଘ ରାଉରକେଲା-ବଡବିଲ୍-ପାରାଦୀପ ଭାୟା ଡୁବୁରି ରାସ୍ତାକୁ ୮ ଲେନ୍ ଏବଂ ଏନ୍‌ଏଚ୍-୧୪୯ ଅଧୀନରେ ଥିବା ୬୮ କି.ମି. ଦୀର୍ଘ ପାଲଲହଡ଼ା-ପିଟିରି ରାସ୍ତାକୁ ୪ ଲେନ୍ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିଛି।

ଅନ୍ୟପକ୍ଷରେ ୨୦୨୫ ନଭେମ୍ବର ୭ରୁ ୧୦ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ଇଣ୍ଡିଆନ୍ ରୋଡ୍ କଂଗ୍ରେସ ଅବସରରେ ସଡ଼କ ପରିବହନ ଓ ଜାତୀୟ ରାଜମାର୍ଗ ମନ୍ତ୍ରଣାଳୟ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ମୁତାବକ ୧୫୦୦ କୋଟି ଟଙ୍କା ସିଆର୍‌ଆଇଏଫ୍ ଯୋଜନା ଅଧୀନରେ ଅନୁମୋଦନ ମିଳିଛି। ସେହିପରି ୫ଟି ରାଜ୍ୟ ରାଜପଥ ପ୍ରକଳ୍ପର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ୧୩,୧୪୧ କୋଟି ଟଙ୍କାର ଅନୁମୋଦନ ମିଳିଛି। ଏଥିରେ ବରପାଲି-ବଲାଙ୍ଗୀର ରାସ୍ତା ଓ କେସିଙ୍ଗା – ଭବାନୀପାଟଣା – ଜୁନାଗଡ଼ ରାସ୍ତାକୁ ୪ ଲେନ୍ କରିବା, ୪ ଲେନ୍‌ବିଶିଷ୍ଟ ବଲାଙ୍ଗୀର-ନୟାଗଡ଼ ରାସ୍ତା, ହିଞ୍ଜିଳିକାଟୁ ବାଇପାସ୍ ରାସ୍ତା ସହ ବ୍ରହ୍ମପୁରରୁ କାଳୁଷଣ୍ଢପୁର ରାସ୍ତାକୁ ୪ ଲେନ୍ ଏବଂ ମୋହନାରୁ ପାରଳାଖେମୁଣ୍ଡି ରାସ୍ତାର ଉନ୍ନତୀକରଣ ସହ ଏନ୍‌ଏଚ୍-୨୬ର ପ୍ରଶସ୍ତୀକରଣକୁ ଅନୁମୋଦନ ମିଳିଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭୁବନେଶ୍ୱରରୁ ପାରାଦୀପ ସିଧାସଳଖ ନୂଆ ଗ୍ରୀନ୍ ଫିଲ୍ଡ ରାସ୍ତା ନିର୍ମାଣ ନେଇ ସଫଳ ଆଲୋଚନା ହୋଇଛି। ଆଗାମୀ ଦିନରେ ପାରାଦୀପ ସହର ପରିସର ଯଥେଷ୍ଟ ବୃଦ୍ଧି ପାଇବାକୁ ଥିବାବେଳେ ପ୍ରମୁଖ ବନ୍ଦର ସହରକୁ ରାଜଧାନୀ ଭୁବନେଶ୍ୱର ସହ ଯୋଡିବା ପାଇଁ ଏହି ଗ୍ରୀନ୍‌ଫିଲ୍‌ଡ ରାସ୍ତା ବେଶ୍ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି।

ଏହି ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଏଲ୍. କେ. ପାଢ଼ୀ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏଡିଜି ଅତୁଲ କୁମାର ଏବଂ ଜାତୀୟ ରାଜପଥ ପ୍ରାଧିକରଣ ସଦସ୍ୟ ବିପନେଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ତାମିଲଙ୍କୁ ଧର: ରଣେନ୍ଦ୍ର

ଭୁବନେଶ୍ୱର,୯।୧୨
(ରବି ନାରାୟଣ ଜେନା)

ନିର୍ବାଚନ ବେଳେ ତାମିଲ ବାବୁ ଚାବି ନେଇଗଲେ ବୋଲି କହୁଥିଲ। ଏବେ ତାମିଲ ବାବୁଙ୍କୁ ଧର ବୋଲି ବିଜେଡିର ବରିଷ୍ଠ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୋମବାର ଅପରାହ୍ନ ଗୃହରେ ଖର୍ଚ୍ଚଦାବି ଆଲୋଚନା କାଳରେ କହିଥିଲେ। ସରକାରଙ୍କୁ ଟାର୍ଗେଟ କରି ରଣେନ୍ଦ୍ର କହିଥିଲେ ଯେ, ତମେ ତ କହୁଥିଲ ସବୁ ତାମିଲ ନେଇଗଲେ, ତୁମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ କହୁଥିଲେ ସିବିଆଇ ତଦନ୍ତ କରାଇବେ। ହେଲେ ଏବେ କାହିଁକି କରୁ ନାହାନ୍ତି। ସେହିପରି ଶ୍ରୀମନ୍ଦିରର ୪ ଦ୍ୱାର ଖୋଲି ଦେଇ ପରେ ପୁଣି ୩ ଦ୍ୱାର ବନ୍ଦ କରିଦେଲ। ତମେ କହିଥିଲ ରତ୍ନଭଣ୍ଡାର ଚାବି ତାମିଲ ଯାଇଛି ବୋଲି, ଏବେ ତମେ ତାକୁ ଧର ବୋଲି କଥା ଛଳରେ ସରକାରଙ୍କୁ ଆକ୍ଷେପ କରି ରଣେନ୍ଦ୍ର କହିଥିଲେ। ତାମିଲ ନେଇଗଲ ତାମିଲ ନେଇଗଲ ବୋଲି ତମେ ଯେଉଁ ମିଛ କହୁଥିଲ ତାହା ଏବେ ଧରା ପଡ଼ିଛି ବୋଲି ରଣେନ୍ଦ୍ର କହିଥିଲେ।

# ଅଦା, ହଳଦୀ, ଶ୍ରୀଅନ୍ନ ଉତ୍ପାଦନକାରୀଙ୍କ ଆୟ ବଢ଼ିବ: କନକ ବର୍ଦ୍ଧନ

ଭୁବନେଶ୍ୱର, ୯।୧୨(ସୁନିତ୍ ମିଶ୍ର)

ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ରାଜ୍ୟର କୃଷି ପ୍ରକଳ୍ପକୁ ଆଗକୁ ବଢ଼ାଇବା ଏବଂ ଡିଜିଟାଲ ପରିବର୍ତ୍ତନ ପାଇଁ ୨ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଓଡ଼ିଶାରେ ଅଦା, ହଳଦୀ ଏବଂ ଶ୍ରୀଅନ୍ନ ମୂଲ୍ୟ ଶୃଙ୍ଖଳ ବିକାଶକୁ ସୁଦୃଢ଼ କରିବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ହେଫର ଇଣ୍ଟରନ୍ୟାଶନାଲ ମଧ୍ୟରେ ବୁଝାମଣାପତ୍ର ମଙ୍ଗଳବାର ସ୍ୱାକ୍ଷରିତ ହୋଇଛି। ଏହା ଓଡ଼ିଶାରେ ଅଦା, ହଳଦୀ ଏବଂ ଶ୍ରୀଅନ୍ନ ଉତ୍ପାଦକମାନଙ୍କ ଆୟ ବୃଦ୍ଧି ଓ ମୂଲ୍ୟ ଶୃଙ୍ଖଳ ବିକାଶ, କୃଷି ଆଧୁନିକୀକରଣ ଏବଂ ବଜାର ସଂଯୋଗକୁ ପ୍ରୋତ୍ସାହିତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି।

ଓଡ଼ିଶାର ଡିଜିଟାଲ ମୋବାଇଲ ଆଧାରିତ ସମ୍ପ୍ରସାରଣ ସେବା, କୃଷି ସମୃଦ୍ଧି ହେଲ୍ପଲାଇନ୍‌ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ




ବୁଝାମଣାପତ୍ର ସ୍ୱାକ୍ଷରିତ ଅବସରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହ ଅଧିକାରୀ।

- **କୃଷି ବିଭାଗ ସହ ୨ ବୁଝାମଣାପତ୍ର ସ୍ୱାକ୍ଷରିତ**
- **ଡିଜିଟାଲ କୃଷିସେବା ପ୍ଲାଟ୍‌ଫର୍ମ କାର୍ଯ୍ୟକାରିତା ବଢ଼ିବ**

ବିକାଶ ବିଭାଗ ଏବଂ ମେସର୍ସ ତତ୍ତ୍ୱ ଟେକ୍ନୋଲୋଜି ଲିମିଟେଡ୍ ମଧ୍ୟରେ ୨ୟ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ତୃଣମୂଳସ୍ତରରେ ଉପଲବ୍ଧ ମୋବାଇଲ ଆଧାରିତ ଡିଜିଟାଲ କୃଷି-ସେବା ପ୍ଲାଟ୍‌ଫର୍ମ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଏକ ଚାଷୀ-କେନ୍ଦ୍ରିକ ମୂଲ୍ୟ ଶୃଙ୍ଖଳ ସମ୍ପ୍ରସାରଣ ବ୍ୟବସ୍ଥା ସୃଷ୍ଟି କରିବା, ଡିଜିଟାଲ ନବସୃଜନ, ବାସ୍ତବ ସମୟ ଆଧାରିତ ଫସଲ, ପାଣିପାଗ ପରାମର୍ଶ ମାଧ୍ୟମରେ କୃଷି କାର୍ଯ୍ୟ ଏବଂ ପ୍ରସାରକୁ ଉନ୍ନତ କରିବା। ଉପମୁଖ୍ୟମନ୍ତ୍ରୀ ସିଂଦେଓ, ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ୨ଟି ବୁଝାମଣାପତ୍ର ଆମକୁ ଅପହଞ୍ଚ ଲୋକଙ୍କ ପାଖରେ ପହଞ୍ଚିବାରେ ଏବଂ ସେମାନଙ୍କ ଆବଶ୍ୟକତା ସମୟରେ ସରକାରୀ ସହାୟତା ପ୍ରଦାନ କରିବାରେ ସାହାଯ୍ୟ କରିବ। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି, କୃଷି ସମୃଦ୍ଧି ହେଲ୍‌ପ୍‌ଲାଇନ ଓଡ଼ିଶା ସରକାରଙ୍କ ଦ୍ୱାରା ଏକ ଟୋଲ୍ ଫ୍ରି ନମ୍ବର ଆଧାରିତ ପରାମର୍ଶ ସେବା। ବର୍ତ୍ତମାନ ଏହି ପ୍ଲାଟ୍‌ଫର୍ମରେ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ସାମିଲ ଅଛନ୍ତି ଓ ୭୦ ପ୍ରକାର ଫସଲ, ୧୧ ପ୍ରକାର ପଶୁପାଳନ ଏବଂ ୩ ପ୍ରକାର ମତ୍ସ୍ୟଚାଷ ପ୍ରଣାଳୀ ଉପରେ ପରାମର୍ଶ ପ୍ରଦାନ କରାଯାଉଛି।

# ଲବିରେ ବିଧାୟକଙ୍କ ଭିତରେ ପ୍ରବଳ କଳି

ଭୁବନେଶ୍ୱର,୯।୧୨(ସୁନିତ୍ ମିଶ୍ର)

ବିଜେଡିର କଳି ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି। ବିଧାନସଭା ବାହାରେ ଦଳର ସାଙ୍ଗଠନିକ ବ୍ୟବସ୍ଥାକୁ ନେଇ କଳି ଦେଖିବାକୁ ମିଳୁଥିବା ବେଳେ ଏବେ ସେହି ଅସଙ୍ଗତି ବିଧାୟକ ଦଳ ଭିତରେ ସୃଷ୍ଟି ହୋଇସାରିଲାଣି। ଏଭଳି ଏକ ଘଟଣା ମଙ୍ଗଳବାର ବିଧାନସଭା ଭିତରେ ଘଟିଛି, ଯାହାକୁ ନେଇ ଦଳରେ ସବୁକିଛି ଠିକ୍ ନ ଥିବା ପୁଣିଥରେ ଆଲୋଚନା ହୋଇଛି। ବନ୍ଦେ ମାତରମ୍ ସଙ୍ଗୀତର ୧୫୦ତମ ପୂର୍ତ୍ତି ପାଳନ ଲାଗି ଗୃହରେ ମଙ୍ଗଳବାର ଏକ ସଙ୍କଳ୍ପ ଅଣାଯାଇଥିଲା, ଯାହା ଗୃହରେ ପାରିତ ମଧ୍ୟ ହୋଇଗଲା। ହେଲେ ଏହି ସଙ୍କଳ୍ପକୁ ନେଇ ଆଭିମୁଖ୍ୟ କ'ଣ ହେବା ଦରକାର, ସେହି କଥାରେ ବିଜେଡି ବିଧାୟକମାନଙ୍କ ଭିତରେ କୁଆଡ଼େ ପ୍ରବଳ ପାଟିତୁଣ୍ଡ ହୋଇଥିବା ଶୁଣିବାକୁ ମିଳିଛି।

ମିଳିଥିବା ସୂଚନା ମୁତାବକ, ବନ୍ଦେ ମାତରମ୍ ସଙ୍କଳ୍ପ ମଙ୍ଗଳବାର ଗୃହରେ ଆଲୋଚନା ଲାଗି ଉପସ୍ଥାପନ କରାଯାଇଥିଲା।

### କିଛି ଔପଚାରିକ ନ ଥିଲା, ସବୁ ଅନୌପଚାରିକ

ପୂର୍ବରୁ ବିଧାନସଭାର ବିଜିନେସ ଆଡ୍‌ଭାଇଜରୀ କମିଟିରେ ଏହି ସଙ୍କଳ୍ପ ଉପରେ ସବୁ ଦଳର ଜଣେ ଲେଖାଏ ସଦସ୍ୟ କହିବେ ବୋଲି କୁଆଡ଼େ ନିଷ୍ପତ୍ତି ହୋଇଥିଲା। ସେହି କ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୃହରେ ଉକ୍ତ ସଙ୍କଳ୍ପ ଆଗତ କରିବା ସହ ନିଜର ମତାମତ ରଖିଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏହି ସଙ୍କଳ୍ପ ଉପରେ ନିଜର ମତ ରଖିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ଉପରେ ନିଜର ବକ୍ତବ୍ୟ ରଖିବା ପରେ ଉକ୍ତ ସଙ୍କଳ୍ପକୁ ପାରିତ କରାଯାଇଥିଲା। ଏହା ପରଠାରୁ ହିଁ ବିଧାନସଭା ଲବିରେ ଏହି ସଙ୍କଳ୍ପକୁ ନେଇ ଦଳର ଆଭିମୁଖ୍ୟ କଥା ଉଠାଇ ବିଜେଡିର କେତେଜଣ ବରିଷ୍ଠ ବିଧାୟକ ବିରକ୍ତି ପ୍ରକାଶ ଆରମ୍ଭ କରିଦେଇଥିଲେ।

ସୂଚନା ମୁତାବକ, ଅସନ୍ତୁଷ୍ଟ ବିଧାୟକମାନେ ପ୍ରଶ୍ନ କରିଥିଲେ, ବିଜିନେସ ଆଡ୍‌ଭାଇଜରୀ କମିଟିରେ ଯେତେବେଳେ ଏହି ବିଲ୍ ପାରିତ ସମ୍ପର୍କରେ ଆଲୋଚନା ହେଲା, ସେତେବେଳେ ଦଳରୁ ଆଉ ୫ଜଣ ବିଧାୟକ ନିଜର ମତ ରଖିବେ ବୋଲି କାହିଁକି ଦାବି ରଖାଗଲା ନାହିଁ। ଏହା ହୋଇଥିଲେ ଏହି ବିଲ୍ ଉପରେ ଆମେଣ୍ଡମେଣ୍ଟ ଅଣାଯାଇଥାନ୍ତା। ସବୁ ବିଧାୟକଙ୍କ ସହ ଆଲୋଚନା ନ କରି କିଭଳି ନିଷ୍ପତ୍ତି ନିଆଯାଇଛି ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ। ବିଧାୟକଙ୍କ ଭିତରେ ଏଭଳି ଗଣ୍ଡଗୋଳିଆ ପରିସ୍ଥିତି ଦଳର ଦୁର୍ବଳ ସ୍ଥିତି ବିଷୟରେ ସେଠାରେ ଉପସ୍ଥିତ ଥିବା ଶତାଧିକ ସୁରକ୍ଷା ବାହିନୀ, ବିଧାନସଭା କର୍ମଚାରୀ, ଅନେକ ବିଧାୟକ, ମନ୍ତ୍ରୀମାନଙ୍କ ପିଏସ୍‌ଓ, ସେଠାରେ କାର୍ଯ୍ୟରତ ଘରୋଇ କ୍ୟାଣ୍ଟିନ୍‌ର କର୍ମଚାରୀଙ୍କ ଜରିଆରେ ବାହାରେ ଚର୍ଚ୍ଚା ହେବାରେ ଲାଗିଛି। ବିଜେଡି ବିଧାୟକମାନଙ୍କ ଭିତରେ ଆରମ୍ଭ ହୋଇଯାଇଥିବା ଏଭଳି ଅସହମତ ବର୍ତ୍ତମାନ ଶାସକ ଭାଜପାକୁ ବେଶ୍ ସୁହାଉଥିବା ଶୁଣିବାକୁ ମିଳୁଛି।





ନୂଆଦିଲ୍ଲୀର ବିଜ୍ଞାନ ଭବନରେ ମଙ୍ଗଳବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶାର ପଟ୍ଟଚିତ୍ର ଶିଳ୍ପୀ ଦମ୍ପତି ସୁଧୀର କୁମାର ମହାରଣା ଏବଂ ଶ୍ରୀମତୀ ଉର୍ବଶୀ ମହାରଣାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିଳ୍ପଗୁରୁ ପୁରସ୍କାର ଏବଂ ଜାତୀୟ ହସ୍ତଶିଳ୍ପ ପୁରସ୍କାର ପ୍ରଦାନ କରୁଛନ୍ତି। (ଫଟୋ: ଚମନ ଗୌତମ)

## ପ୍ରତ୍ୟର୍ପଣ ବିରୋଧରେ ଚୋକ୍ସିଙ୍କ ଆବେଦନ ବେଲ୍ଜିୟମ୍ ସୁପ୍ରିମକୋର୍ଟରେ ଖାରଜ

**ନୂଆଦିଲ୍ଲୀ,୯।୧୨**

ଭାରତକୁ ପ୍ରତ୍ୟର୍ପଣ ବିରୋଧରେ ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍ସି କରିଥିବା ଆବେଦନ ମଙ୍ଗଳବାର ବେଲ୍ଜିୟମ୍ ସୁପ୍ରିମକୋର୍ଟରେ ଖାରଜ ହୋଇଯାଇଛି। ଗତ ଅକ୍ଟୋବର ୧୭ରେ ଭାରତର ପ୍ରତ୍ୟର୍ପଣ ଆବେଦନକୁ ବେଲ୍ଜିୟମ୍ର ଅନ୍ଟ୍ୱେର୍ପ କୋର୍ଟ କାଏମ ରଖିଥିବାବେଳେ ଚୋକ୍ସି ଉକ୍ତ ରାୟକୁ ସେଠାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଫଳରେ ଚୋକ୍ସି ଭାରତ ପ୍ରତ୍ୟର୍ପଣ ହେବା ନେଇ ରହିଥିବା [illegible] ଆଇନଗତ ବାଧା ଦୂର ହୋଇଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ୧୩,୦୦୦ କୋଟି ଟଙ୍କା ଋଣ ଜାଲିଆତି ମାମଲାରେ ସମ୍ପୃକ୍ତ ଚୋକ୍ସି ଭାରତରୁ ପଳାଇଯାଇ ବେଲ୍ଜିୟମରେ ରହୁଛନ୍ତି। ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ଦୁର୍ନୀତି ମାମଲାର ତଦନ୍ତ ଚଳାଇଛି।



ମେହୁଲ ଚୋକ୍ସି

## ଭାରତରେ ୧.୫ ଲକ୍ଷ କୋଟି ନିବେଶ କରିବ ମାଇକ୍ରୋସଫ୍ଟ

**ନୂଆଦିଲ୍ଲୀ,୯।୧୨**



ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟୁଛନ୍ତି।

ଆମେରିକାର ବୃହତ୍ ସଫ୍ଟୱେର କମ୍ପାନୀ ମାଇକ୍ରୋସଫ୍ଟ ଭାରତରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସାମର୍ଥ୍ୟ ବୃଦ୍ଧି ଲାଗି ୧୭.୫ ବିଲିୟନ ଡଲାର (୧.୫ ଲକ୍ଷ କୋଟି ଟଙ୍କା) ନିବେଶ କରିବ। ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ମଙ୍ଗଳବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ପରେ ଏହି ପ୍ରତିଶ୍ରୁତି ଦେଇଛନ୍ତି। ଏସିଆ ମହାଦେଶରେ ମାଇକ୍ରୋସଫ୍ଟର ଏହା ସର୍ବାଧିକ ନିବେଶ। ଭାରତରେ ଏଆଇ-ପ୍ରଥମ ଭବିଷ୍ୟତ ପାଇଁ ଆବଶ୍ୟକ ହେଉଥିବା ଭିତ୍ତିଭୂମି, ଦକ୍ଷତା ଏବଂ ସାମର୍ଥ୍ୟ ବୃଦ୍ଧିରେ ଏହା ସହାୟକ ହେବ ବୋଲି ନାଡେଲା କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ମାଇକ୍ରୋସଫ୍ଟ ସିଇଓଙ୍କ ସହ ଅତ୍ୟନ୍ତ ଫଳପ୍ରଦ ଆଲୋଚନା ହୋଇଛି। ଭାରତରେ ଏସିଆର ସର୍ବବୃହତ୍ ନିବେଶ ମାଇକ୍ରୋସଫ୍ଟ କରିବାକୁ ଯାଉଥିବାରୁ ଅତ୍ୟନ୍ତ ଖୁସି। ଏଆଇ କଥା ଆସିଲେ ବିଶ୍ୱ ଭାରତ ସମ୍ପର୍କରେ ଆଶାବାଦୀ ହୋଇଥାଏ ବୋଲି ମୋଦି କହିଛନ୍ତି। ନାଡେଲା ୪ ଦିନିଆ ଭାରତ ଗସ୍ତରେ ଆସିଥିବାବେଳେ ସେ ଦିଲ୍ଲୀ ପରେ ବେଙ୍ଗାଲୁରୁ ଓ ମୁମ୍ବାଇ ଯିବା କାର୍ଯ୍ୟକ୍ରମ ରହିଛି। ଭାରତରେ ମାଇକ୍ରୋସଫ୍ଟର ଉପସ୍ଥିତି ବଢ଼ାଇବା ସହ କ୍ଲାଉଡ୍ ଏବଂ ଏଆଇ ବଜାର ସମ୍ପ୍ରସାରଣ କରିବା ନାଡେଲାଙ୍କ ଗସ୍ତର ଲକ୍ଷ୍ୟ।

## ଏଫ୍ଏସ୍ଟିସିକୁ କିଣୁଛି ଆଦାନୀ ଗ୍ରୁପ୍

**ମୁମ୍ବାଇ,୯।୧୨**

ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ବିଭିନ୍ନ କ୍ଷେତ୍ରରେ ବ୍ୟବସାୟିକ ସାମ୍ରାଜ୍ୟ ବିସ୍ତାର ପରେ ପାଇଲଟ୍ ତାଲିମ ଉପରେ ମନୋନିବେଶ କରିଛି। ଆଦାନୀ ଡିଫେନ୍ସ ସିଷ୍ଟମ୍ସ ଆଣ୍ଡ ଟେକ୍ନୋଲୋଜି (ଏଡିଏସ୍ଟିଏଲ୍) ଏବଂ ସଞ୍ଜୟ ପଟେଲଙ୍କ ପ୍ରାଇମ୍ ଏରୋ ସର୍ଭିସେସ୍ ଭାରତର ସର୍ବବୃହତ୍ ପାଇଲଟ୍ ପ୍ରଶିକ୍ଷଣ କମ୍ପାନୀ ଫ୍ଲାଇଟ୍ ସିମୁଲେସନ୍ ଟେକ୍ନିକ୍ ସେଣ୍ଟର (ଏଫ୍ଏସ୍ଟିସି)ର ବୃହତ୍ ଅଂଶଧନକୁ ୮୨୦ କୋଟି ଟଙ୍କାରେ ଅଧିଗ୍ରହଣ କରିବାକୁ ଯାଉଛନ୍ତି। ଉଭୟ ବେସାମରିକ ଓ ପ୍ରତିରକ୍ଷା କ୍ଷେତ୍ରରେ ପାଇଲଟ୍ ତାଲିମର ଆବଶ୍ୟକତା ବଢୁଥିବାବେଳେ ଏହି ପଦକ୍ଷେପ ଲାଭଜନକ ହେବ ବୋଲି ଆଶା କରାଯାଉଛି। ଏଫ୍ଏସ୍ଟିସିର ୧୧ ଆଡ୍ଭାନ୍ସ ଫୁଲ୍-ଫ୍ଲାଇଟ୍ ସିମୁଲେଟର ଏବଂ ୧୭ଟି ପ୍ରଶିକ୍ଷଣ ଏୟାରକ୍ରାଫ୍ଟ ରହିଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ଏବଂ ୟୁରୋପୀୟ ୟୁନିୟନ୍ ଆଭିଏସନ୍ ସେଫ୍ଟି ଏଜେନ୍ସି (ଇଏଏସ୍ଏ)ଠାରୁ ଉକ୍ତ କମ୍ପାନୀ ପ୍ରମାଣପତ୍ର ହାସଲ କରିଥିବାରୁ ଏହାର ପ୍ରଶିକ୍ଷଣ ମାନକ ବୈଶ୍ୱିକ ସ୍ୱୀକୃତି ବହନ କରେ। ଗୁରୁଗ୍ରାମ ଓ ହାଇଦ୍ରାବାଦରେ ଏଫ୍ଏସ୍ଟିସିର ଆଧୁନିକ ପାଇଲଟ୍ ତାଲିମ କେନ୍ଦ୍ର ରହିଛି। ଏଡିଏସ୍ଟିଏଲ୍ ଆଦାନୀ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ର ଏକ ସବ୍ସିଡିଆରି ହୋଇଥିବାବେଳେ ଏରୋସ୍ପେସ୍ ସର୍ଭିସେସ୍ ଆଦାନୀଠାରୁ ଅଲଗା ହୋଇ ସ୍ୱତନ୍ତ୍ର ବ୍ୟବସାୟ କରୁଥିବା ଏକ ସହାୟକ କମ୍ପାନୀ।

### ନାଗରିକତ୍ୱ ଗ୍ରହଣ ପୂର୍ବରୁ ଭୋଟର ତାଲିକାରେ ନାଁ

## ସୋନିଆଙ୍କୁ କୋର୍ଟ ନୋଟିସ

**ନୂଆଦିଲ୍ଲୀ,୯।୧୨**



ସୋନିଆ ଗାନ୍ଧୀ

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ୧୯୮୩ରେ ଭାରତୀୟ ନାଗରିକତ୍ୱ ଗ୍ରହଣ କରିବା ପୂର୍ବରୁ ୧୯୮୦-୮୧ ଭୋଟର ତାଲିକାରେ ତାଙ୍କ ନାଁ ରହିଥିଲା। ଏଥିପାଇଁ ତାଙ୍କ ବିରୋଧରେ ଠକେଇ ଓ ଜାଲିଆତି ନେଇ ଆପରାଧିକ ମାମଲା ରୁଜୁ କରାଯିବାକୁ ପିଟିଶନ ଦାଏର ହୋଇଥିଲା। ଦିଲ୍ଲୀର ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗ୍ନେଙ୍କ ଅଦାଲତ ମଙ୍ଗଳବାର ଏନେଇ ସୋନିଆଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ଦିଲ୍ଲୀ ପୋଲିସକୁ ମଧ୍ୟ ଏହା ଉପରେ ଜବାବ ମଗାଯାଇଛି। ସୋନିଆଙ୍କ ବିରୋଧରେ ଏତଲା ଦାଏର ପାଇଁ ନିର୍ଦ୍ଦେଶ ଦେବାକୁ ମାଜିଷ୍ଟ୍ରେଟ୍ କୋର୍ଟ ମନା କରିବା ପରେ ବିକାଶ ତ୍ରିପାଠୀ ଏହାକୁ ଚ୍ୟାଲେଞ୍ଜ କରିଥିଲେ। ଅନ୍ୟପକ୍ଷେ କଂଗ୍ରେସ ଏମ୍ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏହି ଅଭିଯୋଗକୁ 'ମିଛ' ଦର୍ଶାଇ ଖଣ୍ଡନ କରିବା ସହ କହିଛନ୍ତି, ସୋନିଆ ଭାରତର ନାଗରିକତ୍ୱ ହାସଲ କରିବା ପରେ ଯାଇ ଭୋଟ ଦେଇଥିଲେ।


**No.W-52**

ACCESS TO JUSTICE FOR ALL

# ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୫
## ୧୩.୧୨.୨୦୨୫ ଦ୍ୱିତୀୟ ଶନିବାର
## ବିଶେଷ ସୂଚନା

୧) ଆଜ୍ଞା, କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛିକି ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨) ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ ।
୩) ୧୩.୧୨.୨୦୨୫ (ଦ୍ୱିତୀୟ ଶନିବାର) ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକସ୍ତରୀୟ ବିଚାର ବିଭାଗୀୟ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି ।
୪) ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ଯଥା ଫୌଜଦାରୀ (ସାଲିସ୍ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ)/ ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନସନ ମାମଲା ଅନ୍ତର୍ଭୁକ୍ତ) ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା କୋର୍ଟରେ ଓ ରାଜ୍ୟ/ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସଂପତ୍ତି ଅଧିକାର ମାମଲା/ ଖାଉଟି ବିବାଦ/ ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ ।
୫) କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇ ନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଗୁଡିକ (ସାଲିସ୍ବିହୀନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ ।
୬) ଲୋକ ଅଦାଲତରେ ମକଦ୍ଦମା/ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଡିକ୍ରିଜାରି ଯୋଗ୍ୟ ।
୭) ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ।
୮) ଦୀର୍ଘ ଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରନ୍ତୁ ।
୯) ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର-୧,ସିଡିଏ, କଟକ
ଯୋଗାଯୋଗ:
ମୋ-୯୪୩୮୫୭୮୫୮୬/୮୨୪୯୫୪୨୨୫୯
ଇ-ମେଲ୍: oslsa2020@gmail.com

OIPR-18008/11/0023/2526



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com

Letter No. : 6541 Date : 08.12.2025

**1st Corrigendum**

**No.O-1745** : In continuation to this office Bid Identification No. CCERWCSBD-Online-25/2025-26 invited vide this office Notice No.5935, Dtd.15.11.2025, partial modification of NCB has been made as follows :

| Sl. No. | Item | Time Schedule as per original NCB | Time Schedule as per 1st Corrigendum notice |
|---|---|---|---|
| 1 | Availability of Tender online for bidding | 25.11.2025 at 11.00 AM to 09.12.2025 up to 5.00 PM | Extended up to 23.12.2025 5.00 P.M. |
| 2 | Date and Time of seeking tender clarification if any | 08.12.2025 up to 2.00 PM | 22.12.2025 up to 2.00 P.M. |
| 3 | Date & Time of opening of tender (Technical Bid) | 10.12.2025 at 11.00 AM | 24.12.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Sd./- Chief Construction Engineer, Rural Works Circle, Sunabeda

OIPR-25182/11/0109/2526



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com

Letter No. : 6550 Date : 08.12.2025

**1st Corrigendum**

**No.O-1743** : In continuation to this office Bid Identification No. CCERWCSBD-Online-23/2025-26 invited vide this office Notice No.5576, Dtd.30.10.2025, partial modification of NCB has been made as follows :

| Sl. No. | Item | Time Schedule as per original NCB | Time Schedule as per 1st Corrigendum notice |
|---|---|---|---|
| 1 | Availability of Tender online for bidding | 10.11.2025 at 11.00 AM to 09.12.2025 up to 5.00 PM | Extended up to 30.12.2025 5.00 P.M. |
| 2 | Date and Time of seeking tender clarification if any | 08.12.2025 up to 2.00 PM | 29.12.2025 up to 2.00 P.M. |
| 3 | Date & Time of opening of tender (Technical Bid) | 10.12.2025 at 11.00 AM | 31.12.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Sd./- Chief Construction Engineer, Rural Works Circle, Sunabeda

OIPR-25182/11/0108/2526



**OFFICE OF THE SR.GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI- 766026, ODISHA, E-mail:sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963
OHPC ISO 9001-14001 18001 Certified

**NOTICE INVITING TENDER No.UIHEP-37/2025-26, DATE 08.12.2025**

**No.CAD-2632:** Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed original equipment manufacturers / reputed service provider having similar works experience for the work as mentioned below.

| Description of work | Cost of tender paper (Non-refundable) in Rs. | EMD inshape of DD/ Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Repair of 02 Nos. Cooling Water Pump of M/s Santai make of UIHEP, Mukhiguda | 2,360/- (inclusive of GST) | 1% of quoted amount | From 11.12.2025 to 22.12.2025 up to 13.00 Hrs | 22.12.2025 (Up to 13:30 Hrs) | 22.12.2025 at 16:30 Hrs |

For details of the tender documents, terms and conditions please visit our website www.ohpcltd.com

Sd./- C&P Head
UIHEP, Mukhiguda

OIPR-04008/11/0049/2526



**PANCHAYAT RAJ & DRINKING WATER DEPARTMENT, GOVERNMENT OF ODISHA**
**OFFICE OF THE EXECUTIVE ENGINEER, RWS&S DIVISION, NABARANGPUR**
Tel-(06858)222643, E-Mail : eerwssngp@gmail.com

**INVITATION FOR BIDS**
**No : RWSS_NGP_ONLINE_01/2025-26 DATED : 01.12.2025**

**No.O-1687** : The Executive Engineer, RWS&S Division, Nabarangpur on behalf of Govt. of Odisha invites percentage rate bid through e-procurement in **Single** cover system according to norm of E-Procurement system in on-line mode.

1. Name of Works : As mentioned in Table "A" which includes Construction of Protection wall for RWS&S Colony of RWS&S division, Nabarangpur
2. No. of Works : 1 (One) No. (Detailed in Tender Call Notice available in the website)
3. Eastimated Cost : As mentioned in Table "A"
4. Tender Paper Cost As mentioned in Table "A"
5. Class of Contractor As mentioned in Table "A"
6. Period of Completion : As mentioned in Table "A"
7. Critical Dates procurement Portal : *Further details can be seen in the bidding documents, which is available in the https://www.tendersodisha.gov.in
*Publication of this tender can be seen in the web portal https://odisha.gov.in/state-tenders-advertisement
*Subsequent corrigendum if required shall be appeared in the website.
*Authority reserves the right to reject any or all tenders without assigning any reason thereof

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Last date of receipt of confirmation letter & other | Date of opening of Bid |
|---|---|---|---|---|---|---|
| | | From | To | | | |
| Executive Engineer, RWSS Division, Nabarangpur | RWSS_NGP_ ONLINE_01 of 2025-26 | 10.12.2025 at 05.00 P.M. | 18.12.2025 at 05.00 P.M. | 17.12.2025 up to 5.30 P.M. | 18.12.2025 up to 05.00 P.M. | 19.12.2025 at 11.00 A.M. |

Sd./- Superintending Engineer,
RWS&S Division, Nabarangpur

OIPR-25028/11/0014/2526



**OFFICE OF THE CHIEF EXECUTIVE, RPRC, BHUBANESWAR**
(e-mail Id : rprcbbsr@gmail.com)
Tel : (0674)-2557925

No.-T/41/2019/RPRC Date : 08.12.2025

**REQUEST FOR PROPOSAL**
**Bid Identification No. RPRC/ 43 / 2025-26**

**No.MM-354** : The Chief Executive, RPRC, Bhubaneswar on behalf of Forest, Environment & Climate Change Department, Govt. of Odisha invites RFP for "Design, fabrication, supply, installation and commissioning of GFRP based Office Cabin, rest rooms in RPRC, Bhubaneswar" from eligible bidders through e-tendering process through two bid system. The bidders fulfilling the eligibility criteria of the RFP document can access and download the complete RFP and other details from RPRC website www.rprcbbsr.in/ e-portal https://rprc.ewizard.in. The bid calendar under the end-to-end process are-

| EMD in Rs. | Cost of Bid Document in Rs. | Availability of RFP document (online) | | Date of Opening of (Technical Bid) |
|---|---|---|---|---|
| | | From | To | |
| 1,20,000/- (online) | 10,000.00 (Online) | 09.12.2025 / 10.00 A.M. | 24.12.2025 / 10.00 A.M. | 24.12.2025 / 03.30 P.M. |

Addendum/Corrigendum/ Cancellation, if any, will be published in RPRC website and e-portal. Bidder needs to register on the portal after successful Registration and send a mail to eprochelpdesk.101@gmail.com with details (For new Bidders). For any other queries regarding registration & online tender submission contact to: Mr. Shivendra Kumar, Mobile- **9355030613** and Jitesh Kumar, Mobile- **9355030604**, e-mail: eprochelpdesk.101@gmail.com

Sd./- Chief Executive,
RPRC, Bhubaneswar

OIPR-08004/11/0050/2526



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER,**
**RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL, PO-SUNGUDA, JAJPUR- 754296, Email:serw_kpd@yahoo.com
No. Tender Online RCK-20/25, Letter No.4008, Date: 27.11.25

**e-Procurement NOTICE**

**No.O-1651:**Name of the Work: Tender for the road works under (MMSY-TRIP) in the Dist. of Kendrapara & Jajpur. 2. Class of Contractor: As specified in the Column-6 of the Annexure. 3. Time of Completion: As specified in the Column-7 of the Annexure. 4. Detail Projects: As per Annexure attached. 5. Other details:

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-20/25 | 10.12.2025 at 11.00 A.M. | 29.12.2025 to 5.00 P.M. | 29.12.2025 upto 2.00 P.M. | 30.12.2025 at 11.00 A.M. | Will be intimated later |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Kendrapara-Jajpur

OIPR-25129/11/0069/2526



**GOVERNMENT OF ODISHA**
**DEPARTMENT OF WATER RESOURCES**
E-mail:sebalangir@gmail.com
**OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR**

**"e"-Procurement Notice**
**Bid Identification No: ACE, BOIC-07/2025-26**
No.A-1062: **Procurement Details**

| Pkg. No. | Name of Works | Approx. Tender Cost in lakh | Class of Contractor | Bid Security/ EMD-(online) | Cost of tender document | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of B.T. Road from village Kudhrenpali to Dam axis of the proposed Ong Dam Project at Pujharipali for the financial year 2025-26 | Rs.143.75 Lakh (excluding G.S.T.) | 'A' & 'B' Class | Rs.1,43,800/- | Rs.10,000/- | 06 (Six) Calendar Months |

| Procurement Officer | Bid Identification No. | Availability of tender on-line for bidding | | Date of Seeking tender clarification | Date & Time of opening of tender | | Place of opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl.Chief Engineer, Balangir Irrigation Circle, Balangir | ACE, BOIC-07/2025-26 | Dt.11.12.2025 at 10.00 AM | Dt.02.01.2026 upto 5.30 P.M. | Dt.12.12.2025 to Dt.20.12.2025 At Office during office hours (in working days) | Dt.03.01.2026 at 11.00 AM | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal "https://www.tendersodisha.gov.in."

Sd./- Additional Chief Engineer, Balangir Irrigation Circle, Balangir

OIPR-32347/11/0010/2526



No.O-1680

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ / ପୋଷ୍ଟ - ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER,**
**RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/54-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 54-2025-26/BPR | Bridge work under SETU BANDHANA YOJANA (SBY) | 01 No. | Rs.396.36 Lakhs | "A" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/54-2025-26/BPR | 11.12.2025 at 10.00 A.M. | 26.12.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website : www.tendersodisha.gov.in

Sd./- Chief Construction Engineer
R.W.Circle, Berhampur

OIPR-25071/11/0169/2526



**Directorate of**
**Higher Secondary Education, Odisha**

**Phase IV: Admission of Out-of-School Children (OoSC) to Higher Secondary Schools for the 2025-26**

**No.N-226** : The **Phase-IV** e-Admission process for Class-XI admissions of **Out-of-School Children (OoSC)** in the Arts, Science, Commerce, Upashastri and Vocational streams of Higher Secondary Schools (HSSs) under the Council of Higher Secondary Education (CHSE), Odisha, and Shree Jagannath Sanskrit University, Puri, will commence on **10th December 2025**. The admission process for the Academic Year 2025-26 will be conducted online through the official portal **www.samsodisha.gov.in.**

**Eligibility Criteria :**
1. Applicants must have passed the HSC Examination of BSE, Odisha, or an equivalent Board.
2. No reservation or weightage benefits will be applicable for vacant seat admissions.

**Instructions :**
1. Applicants and their parents/guardians should carefully go through the **"Common Prospectus"** available on the SAMS portal before filling and submitting the online Common Application Form (CAF).
2. The CAF fee is to be paid exclusively through online mode (refer to the Common Prospectus for details).
3. **Candidates who had applied in Phase-I, Phase-II, or Phase-III of the 2025 admission process but were not allotted any Higher Secondary School may re-apply using their existing login credentials, without paying the CAF fee.**
4. **Applicants will be allowed to edit their Common Application Form (CAF) up to four times.**
5. Apply personally and choose the Higher Secondary School of your preference. Do not permit anyone else to apply on your behalf.
6. Applicants should fill out the online CAF carefully, as mistakes may result in rejection.
7. The list of Higher Secondary Schools with vacant seats will be provided only for preference and selection purposes.
8. Before adding a Higher Secondary School to your preference list, verify its fee structure in the "Individual HSS Profile"available on the SAMS website.
9. All required documents must be verified at the allotted Higher Secondary School during admission.
10. **Following Categories of applicants are eligible to apply:**
    **a. Applicants who could not apply during Phase-I, Phase-II, or Phase-III admissions for any reason.**
    **b. Applicants who were allotted seats but did not take admission, as well as those who were not allotted any seats in Phase-I, Phase-II, or Phase-III admissions.**
11. A single selection admission will be conducted, and both the merit list and a waiting list **(in 1:10 ratio)** will be published for each HSS. Vacant seats, if any, after admission of the selected candidates in Phase-IV, will be filled from the waiting list as per the admission schedule.

**Procedures:**
1. Fresh applicants must register on **www.samsodisha.gov.in** with their mobile number and email, while previously registered applicants should use their existing login to re-apply.
2. All other processes, including application submission, will follow the guidelines in the "Common Prospectus" available on www.samsodisha.gov.in.
3. Applicants will be informed of selection and reporting time via SMS/WhatsApp, SAMS login, HSS merit list, and notice board. The intimation letter will be shared through login and WhatsApp for Phase-IV 1st Selection.

**SAMS e-Admission Schedule for Out-of-School Children (OoSC), 2025-26 (Phase-IV)**

| Sl. # | Activities | Timeline |
|---|---|---|
| 1 | Online CAF available at www.samsodisha.gov.in for vacant seat admission. | 10.12.2025 (03.00 PM) |
| 2 | Last date of applying on-line CAF through www.samsodisha.gov.in | 14.12.2025 (11:45 PM |
| 3 | Publication of Phase-IV merit list including the waiting list (10 times of the total vacant seat) | 17.12.2025 (03:30 PM) |
| 4 | Admission of the selected applicants and admission updation in the e-Space. | 18.12.2025 (11:00 AM) to 19.12.2025 (06:00 PM) |
| 5 | Registration of the waiting applicants | 20.12.2025 (10:00 AM) to 22.12.2025 (03:00 PM) |
| 6 | Final list of waiting list applicants published at respective HSSs. | 22.12.2025 (04:30 PM) |
| 7 | Admission and data updation of applicants selected from the waiting list in the e-Space. | 23.12.2025 (10:00 AM) to 24.12.2025 (04:00 PM) |
| 8 | Last date for HSSs to update admitted students' data in e-Space. | 24.12.2025 (09:00 PM) |

**For more details, please contact Sanjog Helpline (Toll Free) Number 155335, 1800-345-6770**

OIPR-11033/11/0026/2526 Sd./- Director, Higher Secondary Education

**୨୦ ହଜାର ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଏଡିଇଓ**

ବୈପାରିଗୁଡ଼ା, (କଳ୍ପତରୁ ମହାନ୍ତି): କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ୍ ବଡପୁଟ ପଞ୍ଚାୟତ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର(ଏଡିଇଓ) ଅମରବର ମଲ୍ଲିକ ଏକ ଘାଟ କଟିଂ ରାସ୍ତା କାମର କାର୍ଯ୍ୟାଦେଶ ଦେବା ପାଇଁ ଜଣେ ଠିକାଦାରଙ୍କଠାରୁ ୨୦ ହଜାର ଟଙ୍କା ନେଉଥିବା ବେଳେ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।



# ପୋଲିସ ବେଶରେ ଦାଦାବଟି ମାଗି ୭ ଗିରଫ

ବାରଙ୍ଗ,୯।୧୨(ଲିଙ୍ଗରାଜ ରାଉତ)

ଚନ୍ଦକା ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ କେତେଜଣ ଦୁର୍ବୃତ୍ତ ପୋଲିସ ବେଶରେ ଦାଦାବଟି ମାଗୁଥିଲେ। ଖବରପାଇ ଚନ୍ଦକା ଥାନା ପୋଲିସ ପହଞ୍ଚି ୭ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଣ୍ଟାବାଡ଼ ଗ୍ରାମର ଏସ୍.କେ. ମକସୁଦ ଆଲମ(୩୨), ଜଲିଲ ଖାନ (୪୫), ଉମାର ଅଲି ଖାନ(୬୨), ତାଜମା ବେଗମ(୪୦), ଅପସନା ବିବି(୩୫), ସ୍ନେହାଜ ବିବି(୫୫) ଓ ପିପିଲିର ମାରିଆମ ବିବି(୪୫)। ପୋଲିସ ସେମାନଙ୍କ ନିକଟରୁ ମୋଟରସାଇକେଲ, ଖଣ୍ଡା ସହିତ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଜବତ କରିବା ସହ ମାମଲା(ନଂ. ୫୮୨/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ସୋମବାର ରାତି ପ୍ରାୟ ୧୦ଟାରେ ନକଲି ପୋଲିସ ବେଶରେ ଦୁର୍ବୃତ୍ତମାନେ ପଥଚାରୀମାନଙ୍କୁ ଅଟକାଇ ଦାଦାବଟି ଆଦାୟ କରୁଥିଲେ। ସେମାନଙ୍କ ସହ କେତେଜଣ ପୋଲିସ ସାମିଲ୍ ରହିଥିବା



ଗିରଫ ହୋଇଥିବା ପୋଲିସ ବେଶଧାରୀ ଅଭିଯୁକ୍ତ।



ଜବତ ମାରଣାସ୍ତ୍ର।

ନେଇ ଥାନା ଅଧିକାରିଣୀ ସମିତା ମିଶ୍ରଙ୍କୁ ସୂଚନା ମିଳିଥିଲା। ଏହାପରେ ଆଇଆଇସି ୨ଟି ଦଳ ଗଠନ କରି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଥିଲେ। ଏସ୍ଆଇ ଆର୍ତ୍ତବଲ୍ଲଭ କରଙ୍କ ନେତୃତ୍ୱରେ ସାଦା ପୋଷାକ ପରିଧାନ କରି ଏକ ଦଳ ପ୍ରଥମେ ଘଟଣାସ୍ଥଳରେ ଯାଇ ପହଞ୍ଚିଥିଲେ। ତାଙ୍କ ପଛରେ ଏସ୍ଆଇ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଆଇଆରବିଏନ୍ ଫୋର୍ସ ସହିତ ଉକ୍ତ ଦଳକୁ ଅନୁସରଣ କରି ଯାଇଥିଲେ। ପୋଲିସକୁ ଦେଖି ନକଲି ପୋଲିସ ପୋଷାକ ପିନ୍ଧିଥିବା ଅଭିଯୁକ୍ତଙ୍କ ସମେତ ସେମାନଙ୍କ ସହଯୋଗୀ ଗାଡ଼ି ଛାଡ଼ି କଣ୍ଟାବାଡ ଗାଁ ଆଡ଼େ ଦୌଡ଼ି ପଳାଇଥିଲେ। ପୋଲିସ ସେମାନଙ୍କୁ ପିଛା କରି ଗ୍ରାମର ଜଲିଲ ଖାନ୍‌ଙ୍କ ଘରେ ପହଞ୍ଚିଥିଲା। ପୋଲିସ ଘର ଭିତରକୁ ପଶିବା ପରେ ଜଲିଲଙ୍କ ପରିବାର ଲୋକେ ମୁଖ୍ୟ ଫାଟକ ବନ୍ଦକରି ସାଦା ପୋଷାକରେ ଥିବା ପୋଲିସ ଅଧିକାରୀଙ୍କୁ ଘର ଭିତରେ ବନ୍ଦୀ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ଖଣ୍ଡା, କଟୁରି, ଚାପଡା ସହିତ ହତ୍ୟା ଉଦ୍ଦେଶ୍ୟରେ ଅଧିକାରୀମାନଙ୍କୁ ଆକ୍ରମଣ କରିଥିଲେ। ବାହାରେ ଥିବା ଏସ୍ଆଇ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଏବଂ ସହଯୋଗୀ ଫୋର୍ସକୁ ମଧ୍ୟ ପରିବାରର ମହିଳା ସଦସ୍ୟମାନେ ମଧ୍ୟ ଅପମାନଜନକ ଭାଷା ବ୍ୟବହାର କରି ଆକ୍ରମଣ କରିଥିଲେ। ଶେଷରେ ବହୁ ଧସ୍ତାଧସ୍ତି ପରେ ପୋଲିସ ଘଟଣାସ୍ଥଳରୁ ଖାକି ପୋଷାକ ପିନ୍ଧି ଦାଦାବଟି ଆଦାୟ କରୁଥିବା ଏସ୍. କେ. ମକସୁଦ ଆଲମ ଏବଂ ଜଲିଲ ଖାନ୍‌ଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ପଚରାଉଚରା ସମୟରେ ସେମାନେ ଓ ସେମାନଙ୍କ ସହଯୋଗୀମାନେ ଦାଦାବଟି ଆଦାୟ ଘଟଣାରେ ସମ୍ପୃକ୍ତି ଥିବା ନେଇ ସ୍ୱୀକାର କରିଥିଲେ। ସେମାନଙ୍କ ଦ୍ୱାରା ବ୍ୟବହାର କରାଯାଇଥିବା ୯ଟି ଗାଡି ଓ ୨ଚାପଡ, କଟୁରି, ଲାଠି, ଲୁହାରଡ଼ ଆଦି ପୋଲିସ ଜବତ କରିଛି।

# ଚାଇନା ଲୋନ୍ ଆପ୍ ‘ହାଇପି’ରେ କାରବାର

■ବଡ଼ବିଲରୁ ସାଇବର ଠକ ଗିରଫ

■୪ ମୋବାଇଲ, ଲାପ୍‌ଟପ୍ ଜବତ

ବଡ଼ବିଲ,୯।୧୨(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ମଙ୍ଗଳବାର ଜଣେ ସାଇବର ଠକକୁ ଗିରଫକରିବା ସହ ତାଙ୍କ ନିକଟରୁ ୪ଟି ମୋବାଇଲ, ଲାପ୍‌ଟପ୍ ଓ ପେନ୍ ଡ୍ରାଇଭ୍ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅଧୀନ ଶ୍ରୀରାମନଗର ଅଞ୍ଚଳର ବିଶାଲ ସାଓ। ଥାନା ଇନ୍ସପେକ୍ଟର ଅଶୋକ କୁମାର ନାୟକଙ୍କ ଉପସ୍ଥିତିରେ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ମଙ୍ଗଳବାର ଅପରାହ୍ଣରେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ସାଇବର ଠକକୁ ଧରିବା ନିମନ୍ତେ ଛାନ୍‌ଭିନ୍ ଆରମ୍ଭ କରିଥିଲା। ବଡ଼ବିଲ ସହରାଞ୍ଚଳରେ ଥିବା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହାୟତାରେ କେତେଜଣ ଗ୍ରାହକଙ୍କ କେୱାଇସି ଯାଞ୍ଚ କରିଥିଲା। ସେଥିରୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଓ ଆଇସିଆଇସିଆଇ ବ୍ୟାଙ୍କର ବଡ଼ବିଲ ଶାଖାରୁ ମିଳିଥିବା ନଥିପତ୍ରରୁ ଅନେକ ମ୍ୟୁଲ୍ ଆକାଉଣ୍ଟ (ଜଣଙ୍କ ଅଜାଣତରେ ଆକାଉଣ୍ଟ ଚାଲୁ ରହିବା) ପରିଚାଳନା କରାଯିବା ସହ ୩ଟି ବିଭିନ୍ନ ଆକାଉଣ୍ଟରେ ବ୍ୟାପକ କାରବାର ହୋଇଥିବା ଜଣାପଡ଼ିଥିଲା। ଏ ନେଇ



ସାଇବର ଠକେଇ ମାମଲାରେ ଗିରଫ ଅଭିଯୁକ୍ତ, ଜବତ ମୋବାଇଲ ଓ ଲାପ୍‌ଟପ୍।

ପୋଲିସ ଗତ ୩ ତାରିଖରେ ଏକ ମାମଲା (ନଂ.୪୪୯/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହିଆକାଉଣ୍ଟଗୁଡ଼ିକୁପରିଚାଳନା କରୁଥିବା ସାଇବର ଠକଙ୍କୁ ବଡ଼ବିଲ ପୋଲିସ ଠାବକରିଥିଲା। ଶ୍ରୀରାମନଗର ଅଞ୍ଚଳର ବିଶାଲ ଏହି ଆକାଉଣ୍ଟଗୁଡ଼ିକ ପରିଚାଳନା କରୁଥିବା ଜାଣିବାକୁ ପାଇ ପୋଲିସ ତାଙ୍କ ଘରେ ଚଢ଼ାଉ କରିଥିଲା। ବିଶାଲ କୌଣସି କାର୍ଯ୍ୟରେ ନିୟୋଜିତ ନ ଥିବାବେଳେ ଅଧିକାଂଶ ସମୟ ବିଭିନ୍ନ ଅଞ୍ଚଳକୁ ବୁଲିବାକୁ ଯାଉଥିବା ସ୍ଥାନୀୟ ଲୋକଙ୍କଠାରୁ ପୋଲିସ ଜାଣିବାକୁ ପାଇଥିଲା। ମଙ୍ଗଳବାର ସକାଳେ ପୋଲିସ ବିଶାଲଙ୍କୁ ଗିରଫ କରିଥିଲା। ପଚରା ଉଚରା ପରେ ବିଶାଲ ଅନଲାଇନ୍‌ରେ କାରବାର କରି ବହୁତ ଲାଭବାନ ହେଉଥିଲେ ଏବଂ କୌଶଳକ୍ରମେ ବିଭିନ୍ନ ସହଯୋଗୀଙ୍କ ସହାୟତାରେ ନଥିପତ୍ରଗୁଡ଼ିକର ନକଲ କରି ମ୍ୟୁଲ୍ ଆକାଉଣ୍ଟକରି ଟଙ୍କା ହଡ଼ପ କରୁଥିବା ସ୍ୱୀକାର କରିଥିଲେ। ଏଥିସହ ‘କାଲି’ ନାମକ ଏକ ଆପ୍ ଏବଂ ଏକ ଚାଇନା ଲୋନ୍ ଆପ୍ ‘ହାଇପି’ ଦ୍ୱାରା ଅନ୍‌ଲାଇନ ଜରିଆରେ ଠକିବାକୁ ସକ୍ଷମ ହେଉଥିଲେ ବୋଲି ପୋଲିସ କହିଛି।

ଅଭିଯୁକ୍ତ ବିଶାଲଙ୍କ ୩ଟି ବ୍ୟାଙ୍କ ଆକାଉଣ୍ଟ ସହ ପରିଚାଳନା କରୁଥିବା ୯ଟି ବ୍ୟାଙ୍କ ଆକାଉଣ୍ଟ ମଧ୍ୟରୁ ଅଧିକାଂଶ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଥିବା ପୋଲିସ କହିଛି। ବିଶାଲ ମେକାନିକାଲ ଇଞ୍ଜିନିୟରିଂରେ ଡିପ୍ଲୋମାକରି ଜୟପୁରର ଏକ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ଏହାପରେ ସେ ୨୦୨୩ରେ ଦିଲ୍ଲୀରେ ରହିବା ସମୟରେ ସାଇବର ଠକଙ୍କ ସଂସ୍ପର୍ଶରେ ଆସି ସେଥିରେ ନିଜକୁ ନିୟୋଜିତ କରିଦେଇଥିଲେ। ଦେଶର ବିଭିନ୍ନ ସ୍ଥାନରେ ମୋଟ ୩୭ଟି ସାଇବର ଠକେଇ ନେଇ ବିଶାଲଙ୍କ ନାମରେ ମାମଲା ରହିଥିବା ପୋଲିସ କହିଛି।

# ବିହାରରୁ ଗିରଫ ଅଭିଯୁକ୍ତଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣୁଛି ସିବିଆଇ

ଭୁବନେଶ୍ୱର,୯।୧୨(ତ୍ରିନାଥ ମହାନ୍ତି)

**ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା**

■ଲିଙ୍କ୍‌ରେ ଥିବା ଅଶ୍ୱିନୀଙ୍କୁ ନିମାଇଁ ଓ ଅର୍ଜୁନ ସହ ମୁହାଁମୁହିଁ ଜେରା

■ର୍‍ୟାକେଟ ପଛରେ ଥିବା ବଡ଼ ଅଧିକାରୀଙ୍କୁ ସୁରକ୍ଷା ନେଇ ଚର୍ଚ୍ଚା

ବହୁ ଚର୍ଚ୍ଚିତ ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ତା’ର ତଦନ୍ତକୁ ତ୍ୱରାନ୍ୱିତ କରିଛି। ଏହି ବଡ଼ ନିଯୁକ୍ତି ଜାଲିଆତିର ଲିଙ୍କ୍ ବିଭିନ୍ନ ରାଜ୍ୟରେ ଥିବାରୁ ସିବିଆଇ ଟିମ୍ ଚଢ଼ାଉ କରି ପଦକ୍ଷେପ ନେଉଛି। ଇତିମଧ୍ୟରେ ସିବିଆଇ ବିହାରରୁ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣୁଛି। ବିମାନ ସେବାରେ ସମସ୍ୟା ଥିବାରୁ ସିବିଆଇ ଟିମ୍ ତାଙ୍କୁ ଟ୍ରେନ୍‌ରେ ଆଣୁଥିବା ସୂଚନା ମିଳିଛି। ତାଙ୍କ ନାମ ଧର୍ମେନ୍ଦ୍ର ବୋଲି ଜଣାପଡିଛି। ତାଙ୍କୁ ପଚରାଉଚୁରା କରାଯିବା ପରେ ଅଧିକ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି। କ୍ରାଇମବ୍ରାଞ୍ଚଠାରୁ ସିବିଆଇ ମାମଲାର ତଦନ୍ତ ଭାର ନେବା ପରେ ଏହା ହେଉଛି ଚତୁର୍ଥ ଗିରଫଦାରି।

ଅନ୍ୟପକ୍ଷରେ ଗିରଫ ଦଲାଲ ବିରଞ୍ଚି ନାରାୟଣଙ୍କ ଲିଙ୍କରେ ଥିବା ଅଶ୍ୱିନୀ ପାତ୍ର ନାମକ ଜଣେ ବ୍ୟକ୍ତିଙ୍କୁ ସିବିଆଇ ସମନ କରିଥିଲା। ଏହି ଆଧାରରେ ଅଶ୍ୱିନୀ ମଙ୍ଗଳବାର ଆବଶ୍ୟକ ଦସ୍ତାବିଜ ସହ ସିବିଆଇ ଅଫିସ୍‌ରେ ହାଜର ହେବା ପରେ ତାଙ୍କୁ ପଚରାଉଚରା କରାଯାଇଛି। ପରୀକ୍ଷାର୍ଥୀଙ୍କୁ ଆଗୁଆ ପ୍ରଶ୍ନପତ୍ର ପ୍ରସ୍ତୁତି ପାଇଁ ଡିଲ୍ କରିଥିଲା ବିରଞ୍ଚି। ତାଙ୍କୁ ସହଯୋଗ କରିଥିଲେ ଅଶ୍ୱିନୀଙ୍କ ସହ ନିମାଇଁ ସାହୁ ଓ ଅର୍ଜୁନ ନାୟକ। ନିମାଇଁ ଓ ଅର୍ଜୁନ ଗିରଫ ହୋଇଥିବାବେଳେ ତାଙ୍କୁ ରିମାଣ୍ଡରେ ଆଣି ଜେରା କରୁଛି ସିବିଆଇ। ସେମାନଙ୍କଠାରୁ ସୂଚନା ପାଇବା ପରେ ଅଶ୍ୱିନୀଙ୍କୁ ଡକାଯାଇ ମୁହାଁମୁହିଁ ଜେରା କରାଯାଉଛି। ବଡ଼କଥା ହେଲା ଗିରଫ ହୋଇଥିବା ମାଷ୍ଟରମାଇଣ୍ଡ, ଦଲାଲ ସହ ପୁରା ର୍‍ୟାକେଟ ପଛରେ ଜଣେ ବଡ଼ ଅଧିକାରୀଙ୍କ ହାତ ରହିଛି। ହେଲେ ଏଯାଏ ସିବିଆଇ ଅଧିକାରୀମାନେ ସେହି ବଡ଼ ଅଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହାନ୍ତି। ଏଥିପାଇଁ ଦୃଢ଼ ପ୍ରମାଣ ଯୋଗାଇ ଚାଲିଛି। କୌଣସି ଅଦୃଶ୍ୟ ଶକ୍ତି ଏହି ଅଧିକାରୀଙ୍କୁ ସୁରକ୍ଷା ଦେଉଥିବାରୁ ସିବିଆଇ ତାଙ୍କୁ ପଚରାଉଚରା କରିବା ପାଇଁ ସମନ କରିବାକୁ ପଛଘୁଞ୍ଚା ଦେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

## ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

ରାଜଗାଙ୍ଗପୁର, ୯।୧୨(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଏକ ଗ୍ରାମରେ ୫ବର୍ଷର ଶିଶୁକନ୍ୟାକୁ ବଳାତ୍କାର କରାଯାଇଥିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ସେହି ଗ୍ରାମର ଅଭିଯୁକ୍ତ ସୁରେଶ ଲାକ୍ରା (୪୫)ଙ୍କୁ ଗିରଫ କରିଛି। ଏନେଇ ରାଜଗାଙ୍ଗପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଶିଶୁକନ୍ୟା ଜଣକ ଗାଁ ସ୍କୁଲରେ ପ୍ରଥମ ଶ୍ରେଣୀରେ ପଢ଼ନ୍ତି। ସୋମବାର ସ୍କୁଲ ଛୁଟି ପରେ ସେ ଘରକୁ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତ ଚକୋଲେଟ ଲୋଭ ଦେଖାଇ ଏକ ଘରକୁ ନେଇ ବଳାତ୍କାର କରିଥିଲେ। ଶିଶୁକନ୍ୟା ଘରକୁ ଫେରି ରାତିରେ ସବୁକଥା କହିଥିଲେ। ଶିଶୁକନ୍ୟାର ଘରଲୋକ ରାଜଗାଙ୍ଗପୁର ଥାନାରେ ମଙ୍ଗଳବାର ଅଭିଯୋଗ କରିଥିଲେ।

# ବାପପୁଅଙ୍କୁ ଆଜୀବନ କାରାଦଣ୍ଡ

**ଟିଁଠିପାଲି ଚୈତନ୍ୟ ରଣା ହତ୍ୟା ମାମଲା**

ସୋନପୁର,୯।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ଥାନା ଟିଁଠିପାଲି ଗ୍ରାମର ବହୁଚର୍ଚ୍ଚିତ ଚୈତନ୍ୟ ରଣା ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ସାକ୍ଷ୍ୟ ପ୍ରମାଣ ଆଧାରରେ ମାମଲାର ବିଚାରକରି ଜିଲା ଓ ଦୌରାଜଜ୍ ଧନୁର୍ଦ୍ଧର ସେନାପତି ଉକ୍ତ ଗ୍ରାମର ଡମନ ରଣା ଓ ତାଙ୍କ ପୁଅ ଗଜପତି ରଣାଙ୍କୁ ଦେଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଦର୍ଶାଯାଇଛି। ତେବେ ଏହି ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ ସନ୍ତୋଷ ରଣାଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରି ଦିଆଯାଇଛି।

ମୃତ ଚୈତନ୍ୟଙ୍କ ସ୍ତ୍ରୀ ତରଭା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ୨୦୧୮ ମାର୍ଚ୍ଚ ୧୩ ତାରିଖ ସନ୍ଧ୍ୟାରେ ଉଭୟେ ଘରେ ଥିବାବେଳେ ଡମନ ଏବଂ ତାଙ୍କ ପୁଅ ଗଜପତି ତାଙ୍କ ଘରେ ପହଞ୍ଚିଥିଲେ। ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ପରେ ଚୈତନ୍ୟଙ୍କୁ ଘରୁ ଟାଣି ନେଇଥିଲେ। ଡମନ ଏକ ଠେଙ୍ଗାରେ ଚୈତନ୍ୟଙ୍କ ମୁଣ୍ଡକୁ ପ୍ରହାର କରିଥିବା ବେଳେ ଗଜପତି ଏକ ଟାଙ୍ଗିଆରେ ଆକ୍ରମଣ କରିଥଲେ। ଘଟଣାସ୍ଥଳରେ ହିଁ ଚୈତନ୍ୟଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଅଭିଯୋଗ ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ଡମନ, ଗଜପତି ଏବଂ ସନ୍ତୋଷଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ମାମଲା ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିଲା। ମୋଟ ୧୨ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା।

## Business

# ‘ସ୍ଲିପ୍‌ୱେଲ୍’ ମଶାଧୂପରେ ମେପରଫ୍ଲୁଥ୍ରିନ୍

ଭୁବନେଶ୍ୱର,୯।୧୨(ଅନୁରାଧା ମହାରଣା)

‘ସ୍ଲିପ୍‌ୱେଲ୍’ ମଶାଧୂପରେ ମେପରଫ୍ଲୁଥ୍ରିନ୍ ବ୍ୟବହାର କରାଯାଉଥିବାରୁ ସରକାରଙ୍କ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, କର୍ନାଟକ, କେରଳ ଏବଂ ଗୁଜରାଟ ଆଦି ରାଜ୍ୟ ସହ ସାରା ଦେଶରେ ଏହି ମଶାଧୂପ ଅନ୍‌ଲାଇନରେ ବିକ୍ରି ହେଉଥିବାବେଳେ ରାଜ୍ୟ କୃଷି ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ଏନ୍‌ଟିଆର୍ ଜିଲାର କୃଷି ଅଧିକାରୀମାନେ ବିଜୟୱାଡ଼ାର ଗୁଣଡାଲାରେ ସାଇ ହନୁମାନ ଏଜେନ୍ସିଗୁଡ଼ିକୁ ଯାଞ୍ଚ କରିଥିଲେ। ନମୁନାଗୁଡ଼ିକୁ ପରୀକ୍ଷା ପାଇଁ ହାଇଦ୍ରାବାଦର ଜାତୀୟ ଉଦ୍ଭିଦ ସ୍ୱାସ୍ଥ୍ୟ ପରିଚାଳନା ସଂସ୍ଥା (ଏନ୍ଆଇପିଏଚ୍‌ଏମ)କୁ ପଠାଯାଇଥିଲା। ପରୀକ୍ଷାଗାର ଫଳାଫଳରୁ ମେପରଫ୍ଲୁଥ୍ରିନ୍ ମିଳିଥିଲା। ଏହା ଏକ ରାସାୟନିକ ପଦାର୍ଥ ଯାହା କେନ୍ଦ୍ରୀୟ କୀଟନାଶକ ବୋର୍ଡ ଏବଂ





■୬୯ ଲକ୍ଷରୁ ଅଧିକ ମୂଲ୍ୟର ସାମଗ୍ରୀ ଜବତ

■ବିକ୍ରି ବନ୍ଦ କରିବାକୁ ନିର୍ଦ୍ଦେଶ

ପଞ୍ଜିକରଣ କମିଟି (ସିଆଇବିଆର୍‌ସି) ଦ୍ୱାରା ମଶା ପ୍ରତିରୋଧକରେ ବ୍ୟବହାର ପାଇଁ ଅନୁମୋଦିତ ନୁହେଁ। ଚଢ଼ାଉ କରି କର୍ତ୍ତୃପକ୍ଷ ସମ୍ପ୍ରତି ବିଜୟୱାଡ଼ାର ଏକ ସଂରକ୍ଷଣ ସୁବିଧାରୁ ୬୯ ଲକ୍ଷରୁ ଅଧିକ ମୂଲ୍ୟର ସାମଗ୍ରୀ ଜବତ କରିଛନ୍ତି ଏବଂ ଏହି ଉତ୍ପାଦଗୁଡ଼ିକର ବିକ୍ରୟ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଓଡ଼ିଶା ସମେତ ରାଜ୍ୟଗୁଡ଼ିକରେ ମଶା ନିରୋଧକ ଭାବରେ ବଜାରକୁ ଆସୁଥିବା ଅଗରବତି କ୍ରୟ କରିବା ସମୟରେ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। କୀଟନାଶକ ନିୟନ୍ତ୍ରଣ ସଂଘ (ଏଚ୍ଆଇସିଏ) ଏହି କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିଛି ଏବଂ ସରକାରଙ୍କୁ ନିରନ୍ତର କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ ଅନୁରୋଧ କରିଛି। ସଂଘର ସଚିବ ଜୟନ୍ତ ଦେଶପାଣ୍ଡେ କହିଛନ୍ତି, ସଚେତନତା ଅଭାବରୁ, ଲୋକମାନେ ଅଜାଣତରେ ସେମାନଙ୍କର କ୍ଷତିକାରକ ପ୍ରଭାବ ନ ବୁଝି ଏପରି ଉତ୍ପାଦ କିଣନ୍ତି। ଏଚ୍ଆଇସିଏ ନାଗରିକମାନଙ୍କୁ ଏହି ଅବୈଧ ଧୂପକାଠି ବ୍ୟବହାର ବନ୍ଦ କରିବାକୁ ଏବଂ ପ୍ୟାକେଜିଂରେ ‘ସିଆଇଆର’ରୁ ଆରମ୍ଭ କରି ଉପଯୁକ୍ତ ପଞ୍ଜୀକରଣ ନମ୍ବର ବହନ କରୁଥିବା କେବଳ ସରକାରୀ ଅନୁମୋଦିତ ମଶା ପ୍ରତିରୋଧକ ବାଛିବାକୁ ଦୃଢ଼ ଅନୁରୋଧ କରୁଛି।

ସୂଚନା ଥାଉକି, ଭାରତରେ ବେଆଇନ ମଶା ଧୂପକାଠି ବଜାର, ଯାହା ପ୍ରାୟତଃ ବେଆଇନ ହୋଇଥାଏ ତାହା ଭାରତୀୟ ମୂଲ୍ୟ ଅନୁସାରେ ୧୬୦୦ କୋଟି ଟଙ୍କା ମୂଲ୍ୟର ରହିଛି। ପୂର୍ବ ଭାରତରେ, ଏହା ଭାରତୀୟ ମୂଲ୍ୟ ଅନୁସାରେ ୬୦୦ କୋଟି ଟଙ୍କା ଶିଳ୍ପରେ ପରିଣତ ହୋଇଛି। ମଶା ପ୍ରତିରୋଧୀ ଧୂପକାଠିରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଯେକୌଣସି ରାସାୟନିକ ପଦାର୍ଥ ଦେଶରେ ଉତ୍ପାଦନ, ଆମଦାନୀ କିମ୍ବା ବିକ୍ରୟ କରିବା ପୂର୍ବରୁ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ କେନ୍ଦ୍ରୀୟ କୀଟନାଶକ ବୋର୍ଡ ଏବଂ ପଞ୍ଜୀକରଣ କମିଟି (ସିଆଇବିଆର୍‌ସି) ସହିତ ପଞ୍ଜୀକୃତ ହେବା ଆବଶ୍ୟକ। ଏହା ବ୍ୟତୀତ, ଯେକୌଣସି ସରକାର-ଅନୁମୋଦିତ ମଶା ପ୍ରତିରୋଧୀ ସାଧାରଣତଃ ସିଆଇବିଆରସି ଦ୍ୱାରା କୌଣସି ଅନୁମୋଦନ ପୂର୍ବରୁ ଏକ ପରୀକ୍ଷଣ ପ୍ରକ୍ରିୟା ଦେଇ ଗତି କରିଥାଏ।

# ଅନନ୍ତ ଅମ୍ବାନୀଙ୍କୁ ଗ୍ଲୋବାଲ ହ୍ୟୁମାନିଟାରିୟନ ଆୱାର୍ଡ

ଭୁବନେଶ୍ୱର,୯।୧୨

ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ପ୍ରାଣୀ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆମେରିକାରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ପୁରସ୍କାର ସମାରୋହରେ ଅନନ୍ତ ଅମ୍ବାନୀଙ୍କୁ ଗ୍ଲୋବାଲ ହ୍ୟୁମାନିଟାରିୟନ ଆୱାର୍ଡ ପ୍ରଦାନ କରାଯାଇଛି। ବନ୍ତାରା ମାଧ୍ୟମରେ ପ୍ରାଣୀମାନଙ୍କର ଉଦ୍ଧାର, ଚିକିତ୍ସା, ପୁନର୍ବାସ ଏବଂ ସଂରକ୍ଷଣରେ ତାଙ୍କର ନେତୃତ୍ୱ ପାଇଁ ଏହି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଥିଲା। ଏହି ସଫଳତା ସହ ଅନନ୍ତ ଅମ୍ବାନୀ ଏକ ବିଶେଷ ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି। ସେ ଏହି ସମ୍ମାନ ପାଇବାରେ ସବୁଠାରୁ କମ୍ ବୟସ୍କ ଏବଂ ଏସିଆରେ ପ୍ରଥମ। ପୂର୍ବରୁ ଏହି ପୁରସ୍କାର ହଲିଉଡ୍ ସେଲିବ୍ରିଟି ଏବଂ ଆମେରିକାର ରାଷ୍ଟ୍ରପତି ଜନ୍ ଏଫ୍ କେନେଡି ଏବଂ ବିଲ୍ କ୍ଲିଣ୍ଟନଙ୍କ ସମେତ ଅନେକ ବିଶ୍ୱନେତାଙ୍କୁ ପ୍ରଦାନ କରାଯାଇଛି। ପୁରସ୍କାର ଗ୍ରହଣକରି ଅନନ୍ତ ଅମ୍ବାନୀ କହିଛନ୍ତି,



ଏହି ସମ୍ମାନ ମୋତେ ‘ସର୍ବଭୂତ ହିତ’ ପଥରେ ଆହୁରି ଦୃଢ଼ ଭାବରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଛି। ପ୍ରାଣୀମାନେ ଆମକୁ ଜୀବନରେ ସନ୍ତୁଳନ ଏବଂ ସମ୍ବେଦନଶୀଳତା ଶିଖାନ୍ତି। ବନ୍ତାରା ମାଧ୍ୟମରେ, ଆମର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଜୀବଜନ୍ତୁଙ୍କୁ ସମ୍ମାନ, ଯତ୍ନ ଏବଂ ଏକ ଉତ୍ତମ ଜୀବନ ପ୍ରଦାନ କରିବା। ଆମ ପାଇଁ, ସଂରକ୍ଷଣ ଭବିଷ୍ୟତର ବିଷୟ ନୁହେଁ, ବରଂ ଆଜିର ଏକ ଦାୟିତ୍ୱ। ଏହି କାର୍ଯ୍ୟକ୍ରମରେ ଡ. ଜନ୍ ପଲ୍ ରୋଡ୍ରିଗ୍ରେଜ୍, ମାଥ୍ୟୁ ଜେମ୍ସ, ୱିଲିୟମ ଷ୍ଟ୍ରିଟ୍, ଥମାସ ସ୍କିମଡ୍, ଡ. ମାଇକେଲ ଏଡକେସନ ଏବଂ କ୍ୟାଥଲିନ ଗୁଡଜିନ୍ସଙ୍କ ସମେତ ବନ୍ୟପ୍ରାଣୀ ସଂରକ୍ଷଣର ଅନେକ ପ୍ରମୁଖ ବ୍ୟକ୍ତି ଯୋଗ ଦେଇଥିଲେ। ଭାରତରୁ ଡ. ନୀଲମ ଖେର, ଡ.ଭି.ବି. ପ୍ରକାଶ ଏବଂ ଡ. କେ.କେ. ଶର୍ମା ମଧ୍ୟ ଉପସ୍ଥିତ ଥିଲେ।

# ଭାରତ ମଣ୍ଡପରେ ଜନମଙ୍ଗଳ ସମ୍ମିଳନୀ





ଭୁବନେଶ୍ୱର,୯।୧୨

ନୂଆଦିଲ୍ଲୀର ଭାରତ ମଣ୍ଡପରେ ୧୨ ଓ ୧୩ ତାରିଖରେ ୨ଦିନିଆ ଜନମଙ୍ଗଳ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଯୋଗଗୁରୁ ରାମଦେବ ଓ ଜୈନ ସନ୍ଥ ଆଚାର୍ଯ୍ୟ ପ୍ରସନ୍ନ ସାଗରଙ୍କ ନେତୃତ୍ୱରେ ‘ପ୍ରତି ମାସରେ ଦିନେ ଉପବାସ’ ଅଭିଯାନର ଶୁଭାରମ୍ଭ ହେବ। ପ୍ରତି ମାସର ୭ ତାରିଖରେ ଏହି ଉପବାସ ରଖିବାକୁ ଆହ୍ୱାନ ଦିଆଯାଇଛି। କେବଳ ଭାରତ ନୁହେଁ ବରଂ ବିଦେଶରୁ ମଧ୍ୟ ଲକ୍ଷାଧିକ ଲୋକ ଏହି ଜନ ଆନ୍ଦୋଳନରେ ସାମିଲ ହେବେ। କାର୍ଯ୍ୟକ୍ରମରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କରୀ, ଗଜେନ୍ଦ୍ର ସିଂହ ଶେଖାୱତ୍, ଭୂପେନ୍ଦର ଯାଦବ, ଦିଲ୍ଲୀ କ୍ୟାବିନେଟ୍ ମନ୍ତ୍ରୀ ପ୍ରଭେଶ ସାହିବ ସିଂହ, କପିଲ ମିଶ୍ର, ଏମ୍‌ପି ସୁଧାଂଶୁ ତ୍ରିବେଦୀ, ଯୋଗେନ୍ଦ୍ର ଚନ୍ଦୋଲିଆ, ଇଣ୍ଡିଆ ଟିଭି ଅଧକ୍ଷ ରଜତ୍ ଶର୍ମା, ଡା. ଏସ୍. କେ. ସରିନ୍, ଭାରତୀୟ ଶିକ୍ଷା ବୋର୍ଡର ଅଧ୍ୟକ୍ଷ ଏନ୍. ପି. ସିଂହ, ପତଞ୍ଜଳି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡା. ଅନୁରାଗ ବାଷ୍ଣେୟ ପ୍ରମୁଖ ଯୋଗଦେବେ। ବାଗେଶ୍ୱର ସରକାର ଧୀରେନ୍ଦ୍ରଅ ଶାସ୍ତ୍ରୀ, ଆଚାର୍ଯ୍ୟ ବାଲକ୍ରିଷ୍ଣା, ମହାମଣ୍ଡେଳଶ୍ୱର ଜ୍ଞାନାନନ୍ଦ ଓ ମହନ୍ତ ବଳ୍କନାଥ ଯୋଗୀ ପ୍ରମୁଖ ବାର୍ତ୍ତା ଦେବେ।

# ବେଦାନ୍ତ ଲାଞ୍ଜିଗଡ଼ ପକ୍ଷରୁ ଛାତ୍ରବୃତ୍ତି ପୁରସ୍କାର

**ଡିଏଭି ବେଦାନ୍ତର ୨୨ ସମ୍ମାନିତ**

ଭୁବନେଶ୍ୱର,୯।୧୨(ଅନୁରାଧା ମହାରଣା)

ବେଦାନ୍ତ ଛାତ୍ରବୃତ୍ତି ପୁରସ୍କାର ଅଧୀନରେ ୨୦୨୪-୨୫ଶିକ୍ଷାବର୍ଷରେ ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲର ମୋଟ ୨୨ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ଲାଞ୍ଜିଗଡ଼ର ଗୋଷ୍ଠି ଉନ୍ନୟନ ଅଧିକାରୀ ବିଡିଓ ଅନିମେଶ ପ୍ରଧାନ ଯୋଗ ଦେଇଥିଲେ। ଛାତ୍ରବୃତ୍ତି ପଦକ୍ଷେପ ଭାବେ ୯୦%ରୁ ଅଧିକ ନମ୍ବର ହାସଲ କରିଥିବା ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଟପ୍ପରମାନଙ୍କୁ ୧୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ କୌଣସି ବିଷୟରେ ୯୦%ରୁ ଅଧିକ ନମ୍ବର ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ୫୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଟପ୍ପରମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ରତ୍ୟେକଙ୍କୁ ୮୦୦୦ଟଙ୍କା ସହିତ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତ ଛାତ୍ରବୃତ୍ତି ପୁରସ୍କାର ମାଧ୍ୟମରେ, ଆମେ ଉତ୍କର୍ଷତାକୁ ସ୍ୱୀକୃତି ଦେବା, ଲକ୍ଷ୍ୟ ହାସଲ ପାଇଁ ଅନୁପ୍ରାଣିତ କରିବା ଏବଂ ଯୁବ ମସ୍ତିଷ୍କକୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଲାଞ୍ଜିଗଡ଼ ବିଡିଓ ଅନିମେଶ ପ୍ରଧାନ କହିଥିଲେ, ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିବା ଲାଗି ଏଭଳି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଶିକ୍ଷାକୁ ସମର୍ଥନ କରିବାରେ ବେଦାନ୍ତ ଲାଞ୍ଜିଗଡ଼ର ନିରନ୍ତର ପ୍ରୟାସ ଏକ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣୁଛି।





# ସିମେଣ୍ଟ ଶିଳ୍ପରେ ହେବ ୯% ଅଭିବୃଦ୍ଧି

ଭୁବନେଶ୍ୱର,୯।୧୨(ଅନୁରାଧା ମହାରଣା)

ଆର୍ଥିକ ବର୍ଷ-୨୦୨୬ର ଦ୍ୱିତୀୟାର୍ଦ୍ଧରେ ଭାରତୀୟ ସିମେଣ୍ଟ ଶିଳ୍ପର ପରିମାଣ ୮ରୁ ୯ ପ୍ରତିଶତ ବୃଦ୍ଧି ପାଇବା ସମ୍ଭାବନା ରହିଛି। କ୍ରିସିଲ ଇଣ୍ଟେଲିଜେନ୍ସ ଏକ ରିପୋର୍ଟରେ ଏହି ଆକଳନ କରାଯାଇଛି। ଶିଳ୍ପର ମାର୍ଜିନ ୨୫୦-୩୦୦ ବିପିଏସ୍ ବୃଦ୍ଧି ପାଇବ, ଯାହାର ସହାୟତାରେ ଉଚ୍ଚ ପ୍ରାପ୍ତି, ସ୍ଥିର ମୂଲ୍ୟ, ଜିଏସ୍‌ଟି ହ୍ରାସ ଏବଂ ପରିମାଣ ବୃଦ୍ଧି ସମେତ ବିଭିନ୍ନ କାରଣ ସାହାଯ୍ୟ କରିବେ, ଯାହା ଉତ୍ପାଦକଙ୍କ ପାଇଁ ଚାପ କମ୍ କରିବ। ସ୍ଥିର ବିକ୍ରୟ ମୂଲ୍ୟ ଏବଂ ଇନ୍‌ପୁଟ ମୂଲ୍ୟ ମଧ୍ୟରେ ପରିମାଣ ଏହି ଆର୍ଥିକ ବର୍ଷରେ ସିମେଣ୍ଟ ଉତ୍ପାଦକଙ୍କ ଲାଭରେ ୨୫୦-୩୦୦ ବେସିସ୍ ପଏଣ୍ଟ (ବିପିଏସ୍) ଅଭିବୃଦ୍ଧି ଆଣିବ ବୋଲି ରିପୋର୍ଟରେ କୁହାଯାଇଛି।

# ଭାରତର ପ୍ରଥମ ନୂତନ-ଜେନ୍ ଟ୍ରାକ୍ଟର ପ୍ଲାଟଫର୍ମ ଉନ୍ମୋଚିତ

ଭୁବନେଶ୍ୱର,୯।୧୨

ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ (ଆଇଟିଏଲ)ର ପ୍ରମୁଖ ବ୍ରାଣ୍ଡ ସୋଲିସ ପକ୍ଷରୁ ସମ୍ପୂର୍ଣ୍ଣ ନୂତନ ସୋଲିସ ଜେପି ୯୭୫ ଉନ୍ମୋଚନ କରାଯାଇଛି। ଏକ ସମ୍ପୂର୍ଣ୍ଣ ନୂତନ ପ୍ରଯୁକ୍ତିବିଦ୍ୟା ପ୍ଲାଟଫର୍ମ ଉପରେ ବିକଶିତ, ଜେପି ୯୭୫ ପ୍ରଗତିଶୀଳ ଭାରତୀୟ କୃଷକମାନଙ୍କ ପାଇଁ ଉଚ୍ଚ-କାର୍ଯ୍ୟକ୍ଷମ, ବୁଦ୍ଧିମାନ ଏବଂ ପ୍ରୟୋଗ- ପ୍ରସ୍ତୁତ ଟ୍ରାକ୍ଟରର ଏକ ନୂତନ ଯୁଗର ଆରମ୍ଭକୁ ଚିହ୍ନିତ କରୁଛି। ଭାରତର ‘ବିକଶିତ କିଷାନ୍’କୁ ସଶକ୍ତ କରିବା ପାଇଁ ନିର୍ମିତ, ସୋଲିସ୍ ଜେପି ୯୭୫ ଅତୁଳନୀୟ କାର୍ଯ୍ୟକ୍ଷମ ଆରାମ ଏବଂ ବର୍ଗ-ଅଗ୍ରଣୀ ବୈଶିଷ୍ଟ୍ୟଗୁଡ଼ିକ ପାଇଁ ଯୁଗାନ୍ତକାରୀ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରୁଛି। ନୂତନ ସୋଲିସ ଜେପି ୯୭୫ ଏହାର ଉନ୍ନତ ଜେପି ଟେକ୍ ୪-ସିଲିଣ୍ଡର ଇଞ୍ଜିନ୍, ଯାହା ହେଭି-ଡ୍ୟୁଟି ଅପରେସନରେ ସହଜ କାର୍ଯ୍ୟଦକ୍ଷତା ପାଇଁ ୧୦% ଅଧିକ ଟର୍କ ପ୍ରଦାନ କରେ ଯାହା ୨୦୫ ଏନଏମ ପର୍ଯ୍ୟନ୍ତ ସର୍ବାଧିକ ହୋଇଥାଏ। ଏହି ଶକ୍ତିଶାଳୀ ଏବଂ ଇନ୍ଧନ ଦକ୍ଷ ଇଞ୍ଜିନ୍ ସେଗମେଣ୍ଟରେ ଭାରତର ପ୍ରଥମ ୧୫ଏଫ + ୫ଆର ଏପିସାଇକ୍ଲିକ୍ ଟ୍ରାନ୍ସମିସନ୍ ସହିତ ଯୋଡ଼ି ହୋଇଛି।


ବରଗଡ଼ ଜିଲା ପଦ୍ମପୁର ଟାଉନ କ୍ଲବ୍ ପକ୍ଷରୁ ଆୟୋଜିତ ଲୋକ ମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରା।

# ପଦ୍ମପୁର ଲୋକ ମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରା

**ଯୋଗଦେଲେ ୧୮ ସାଂସ୍କୃତିକ ଦଳ, ୪୦୦ରୁ ଊର୍ଦ୍ଧ୍ୱ କଳାକାର**

ପଦ୍ମପୁର,୯।୧୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ଟାଉନ କ୍ଲବ୍ ପକ୍ଷରୁ ଆୟୋଜିତ ଲୋକ ମହୋତ୍ସବ ମଞ୍ଚରେ ପାଞ୍ଚଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ମଙ୍ଗଳବାର ପାରମ୍ପରିକ ଭାବେ ସାଂସ୍କୃତିକ ଶୋଭାଯାତ୍ରା ଆୟୋଜନ ହୋଇଥିଲା। ଏହି ଶୋଭାଯାତ୍ରା ସ୍ଥାନୀୟ ଅଶୋକ ପଡ଼ିଆରୁ ବାହାରି ମଶାଲ ଧରି ନଗର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ୪୦୦ରୁ ଊର୍ଦ୍ଧ୍ୱ କଳାକାର ଓ ୧୮ ଗୋଟି ସାଂସ୍କୃତିକ ଦଳ ଭାଗ ନେଇଥିଲେ। ସ୍ଥାନୀୟ ସାଂସ୍କୃତିକ ଦଳ ସହ କେନ୍ଦୁଝରର ସାନ୍ତାଳୀ ନୃତ୍ୟ, ବ୍ରହ୍ମପୁରର ବାଘନାଚ, ଧର୍ମଗଡ଼ର ଘୁମୁରା ନାଚ, ପୁରୀର ସମରକଳା, ଛତିଶଗଡ଼ର ଲୋକନୃତ୍ୟ ଏହି ଶୋଭାଯାତ୍ରାର ଆକର୍ଷଣ ସାଜିଥିଲା।ସେହିପରି ବିଭିନ୍ନ ସଚେତନଧର୍ମୀ ଝାଙ୍କରମାନେ ସାମିଲ ଥିଲେ। ସେହିପରି ବିଭିନ୍ନ ଗ୍ରାମରୁ ଆସି ଏଥିରେ ସାମିଲ ହୋଇଥିବା ଝାଙ୍କର ବା ଗ୍ରାମ ପୂଜକମାନଙ୍କୁ କମିଟି ତରଫରୁ ସମ୍ମାନିତ କରାଯାଇଥିଲା।

# ଆଜିଠୁ ବୌଦ୍ଧରେ ଧନୁଯାତ୍ରା

ବୌଦ୍ଧ,୯।୧୨(ଅଜିତ କୁମାର ବାରିକ)

ବୌଦ୍ଧ ସହରର ମଦନ ମୋହନ ନାଟ୍ୟ କଳା ପରିଷଦ ପକ୍ଷରୁ ବୁଧବାରଠାରୁ ଭୈରବୀ ପଡିଆଠାରେ ଆରମ୍ଭ ହେବାକୁ ଯାଉଛି ଆଧାମ୍ନିକ ଧନୁଯାତ୍ରା। ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ଧନୁଯାତ୍ରା ୧୯ ବର୍ଷରେ ପଦାର୍ପଣ କରୁଥିବାବେଳେ ୮ ଦିନ ଧରି ଶ୍ରୀକୃଷ୍ଣଙ୍କ ଲୀଳା ଓ ପୌରାଣିକ କଥାବସ୍ତୁକୁ ନେଇ ନାଟକ ଶୈଳୀରେ ପରିବେଷଣ କରାଯିବ। ଯାତ୍ରାକୁ ଅଧିକ ସରସ ସୁନ୍ଦର କରିବାକୁ ମିନାବଜାର ଓ ଖାଦ୍ୟ ଷ୍ଟଲମାନ ଖୋଲାଯାଇଛି। ବୁଧବାର ସକାଳେ ମହାନଦୀରୁ ଏକ କଳସ ଶୋଭାଯାତ୍ରା ମଦନମୋହନ ଜୀଉଙ୍କ ମନ୍ଦିରକୁ ଆସିବା ପରେ ପୂଜାର୍ଚ୍ଚନା କରାଯାଇ ଶୁଭାରମ୍ଭ କରାଯିବା କାର୍ଯ୍ୟକ୍ରମ ରହିଥିବା ଅନୁଷ୍ଠାନର ସମ୍ପାଦକ ପଙ୍କଜ କୁମାର ମେହେର ସୂଚନା ଦେଇଛନ୍ତି।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଦୁର୍ଘଟଣାରେ ଗୁରୁତର ମହିଳାଙ୍କ ମୃତ୍ୟୁ**

ବାଉଁଶୁଣୀ,୯।୧୨(ଦେବାଶିଷ ନେପାକ)

ଜାତୀୟ ରାଜପଥ ନଂ. ୫୭ର ମନମୁଣ୍ଡା ଥାନା ଅଧୀନ ଜମଟାଙ୍ଗୀ ଛକ ନିକଟରେ ଗତ ଶନିବାର ଅପରାହ୍ନ ୪ଟାରେ ଏକ ବାଇକ୍‌କୁ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ବାଉଁଶୁଣୀ ଥାନା ଜମଘାଟୀ ଗ୍ରାମର ସତ୍ୟ ମେହେର, ସ୍ତ୍ରୀ ମୈଥିଳି ମେହେର ଓ ପୁଅ ଲୋକନାଥ ମେହେର ଗୁରୁତର ହୋଇ ଚିକିତ୍ସାଧୀନ ଥିଲେ। ସୋମବାର ସନ୍ଧ୍ୟାରେ ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ମୈଥିଳିଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ଅପରାହ୍ନ ସାଢେ ୨ଟାରେ ମୃତଦେହ ପହଞ୍ଚିବା ପରେ ପରିବାର ଓ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଜମଟାଙ୍ଗୀ ଛକରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଖବର ପାଇ ବାଉଁଶୁଣୀ ଥାନାଧିକାରୀ ମନ୍ଦାକିନୀ କହଁର, ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ, ଉପଖଣ୍ଡ ପୋଲିସ ଅଧିକାରୀ ଲରେନ୍ସ ରାଉତରାୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ସରକାରଙ୍କ ପକ୍ଷରୁ କ୍ଷତିପୂରଣ ପ୍ରତିଶ୍ରୁତି ଦେବା ପରେ ରାତି ୮ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।


ପ୍ରଶାସନିକ ଅଧିକାରୀମାନେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛନ୍ତି।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଅଭିଯୁକ୍ତ ଅଟକ

ବୌଦ୍ଧ,୯।୧୨(ଅଜିତ କୁମାର ବାରିକ)

ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣାର ଶିକାର ହୋଇଛନ୍ତି ଜଣେ ଯୁବତୀ। ଏହାକୁ ନେଇ ଗଞ୍ଜାମ ଜିଲା ଖଲିକୋଟ ଅଞ୍ଚଳର ଏହି ପୀଡିତା ଯୁବତୀ ନିଜର ବାନ୍ଧବୀମାନଙ୍କ ସହିତ ବୌଦ୍ଧ ଥାନା ମୁଣ୍ଡାପଡା ପଞ୍ଚାୟତର କମିରା ଗ୍ରାମସ୍ଥିତ ଅଭିଯୁକ୍ତଙ୍କ ଘର ଆଗରେ ପାଟିତୁଣ୍ଡ କରିଛନ୍ତି। ଖବର ପାଇ ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଗଞ୍ଜାମ ଜିଲା ଖଲିକୋଟ ଅଞ୍ଚଳର ଉକ୍ତ ଯୁବତୀ ବୌଦ୍ଧର ଏକ କ୍ୟାଟରିଙ୍ଗ୍‌ରେ ବିଭିନ୍ନ ଭୋଜି ଘରେ କାମ କରିବାକୁ ନିଜ ବାନ୍ଧବୀମାନଙ୍କ ସହିତ ବୌଦ୍ଧ ଆସୁଥିଲେ। ଇତିମଧ୍ୟରେ କ୍ୟାଟରିଙ୍ଗ୍ ମାଲିକଙ୍କ ସହିତ ଯୁବତୀଙ୍କ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। କ୍ୟାଟରିଙ୍ଗ ମାଲିକ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରିରୀକ ସମ୍ପର୍କ ରଖିଥିଲେ। ତେବେ ବିବାହ କରିବାକୁ ମନା କରିଦେବାରୁ ଯୁବତୀ ଜଣକ ଗତ ସୋମବାର ସନ୍ଧ୍ୟାରେ ନିଜ ବାନ୍ଧବୀମାନଙ୍କ ସହିତ କମିରାରେ ପହଞ୍ଚି ଘର ଆଗରେ ପାଟିତୁଣ୍ଡ କରିଥିଲେ। ଏ ନେଇ ପୀଡିତାଙ୍କ ଅଭିଯୋଗ କ୍ରମେ ପୋଲିସ ବୌଦ୍ଧ ଥାନାରେ ଏକ ମାମଲା (ନଂ.୪୯୧/୨୫) ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ନଳିନୀକାନ୍ତ ଦାଶ ସୂଚନା ଦେଇଛନ୍ତି।

# ବେଆଇନ ବାଲି ଚାଲାଣ, ୭ ଟ୍ରାକ୍ଟର ଜବତ

ବାଉଁଶୁଣୀ, ୯।୧୨(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ତାଳସରଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡମ୍ବରୁଗଡ ନିକଟ ମହାନଦୀ ବାଲିଘାଟରୁ ମଙ୍ଗଳବାର ସକାଳ ୮ଟାରେ ବେଆଇନ୍ ବାଲି ଚାଲାଣବେଳେ ୭ଟି ଟ୍ରାକ୍ଟରକୁ ଜବତ କରାଯାଇଛି। ଉକ୍ତ ବାଲିଘାଟ ନିଲାମ ହୋଇ ନ ଥିବା ବେଳେ ଟ୍ରାକ୍ଟର ଯୋଗେ ବେଆଇନ ବାଲିଚାଲାଣ ହେଉଥିବା ଅଭିଯୋଗ ପାଇ ବୌଦ୍ଧ ପୋଲିସ୍ ଓ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇଥିଲା। ବାଉଁଶୁଣୀ ପୋଲିସ ବାଲି ବୋଝେଇ ଟ୍ରାକ୍ଟରଗୁଡିକୁ ଥାନା ପରିସରରେ ରଖିଥିବା ବେଳେ ଗାଡି ଚାଳକମାନଙ୍କୁ ଅଟକ ରଖିଛି।

# ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଆହ୍ୱାନ



ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିକ୍ଷା ସଭାରେ ସଚେତନତା ସୃଷ୍ଟି କରାଯାଉଛି।

ବରଗଡ଼,୯।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ମଙ୍ଗଳବାର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିକ୍ଷା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି କେଦାର ନାଏକଙ୍କ ଆହ୍ୱାନକ୍ରମେ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଚେତନତା ବୈଠକରେ ମୁଖ୍ୟବକ୍ତା ଭାବରେ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ, ସମ୍ମାନିତ ଅତିଥି ଭାବରେ ପଞ୍ଚାୟତ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ, ଶିକ୍ଷକ ଈଶ୍ୱର ପଧାନ ମଞ୍ଚାସୀନ ଥିଲେ। ଶିକ୍ଷକ ଶ୍ରୀପତି ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ସିଆର୍‌ସିସି କେଦାର ନାଏକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଶିକ୍ଷକ ସଞ୍ଜୟ ଖମାରୀ ବିଦ୍ୟାଳୟଗୁଡ଼ିକରେ ଉପସ୍ଥାପନ ଅବଧାରଣ ବୃଦ୍ଧି, ପିଲାମାନେ ଅଧାରୁ ପାଠପଢା ଛାଡ଼ିବାର କାରଣ ଓ ନିରାକରଣ ସମ୍ବନ୍ଧରେ ଆଲୋଚନା କରିଥିଲେ। ଆସ ସ୍କୁଲ ଯିବା ଅଭିଯାନରେ ସମସ୍ତେ ସାମିଲ ହେଲେ ଦେଶର ପ୍ରଗତି ସମ୍ଭବ ହୋଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଧାରୁ ପାଠ ତ୍ୟାଗ କରିଥିବା ଛାତ୍ରୀଛାତ୍ର, ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ର ଏବଂ ଅଭିଭାବକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ଉପସ୍ଥିତ ଅତିଥିବୃନ୍ଦ ବିଦ୍ୟାଳୟରେ ଆଦୌ ନାମ ଲେଖାଇ ନ ଥିବା ତଥା ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ବଶିଷ୍ଠ ସାହୁ, ଗୌରାଙ୍ଗ ସେଟ, ପ୍ରେମଜିତ ସୁନା, ଭୈରବନାଥ ପଟେଲ, ପୀତାମ୍ବର ବିଶାଳ, ରଞ୍ଜନ ଭୁଏ, ଆକୁଳ ବାଗ, ଚୌଧୁରୀ ପାତ୍ର ଓ ରୁଦ୍ରମଣି ପ୍ରଧାନଙ୍କ ସମେତ ଭୁକ୍ତା କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ରୋଜାଲିନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ବରପାଲି,୯।୧୨(ଚିତ୍ତରଞ୍ଜନ ସାହୁ)

ବରପାଲି ସ୍ଥିତ 'ଦି ଫାର୍ମାସ୍ୟୁଟିକାଲ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ–୨୦୨୫ର ଶୁଭ ଉଦ୍‌ଘାଟନ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ନରେନ୍ଦ୍ର କୁମାର ହୋତା ମୁଖ୍ୟ ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ପାଦକ ଦାମୋଦର ପଣ୍ଡା ଏବଂ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ନିମନ୍ତ୍ରିତ ମୁଖ୍ୟଅତିଥି ଭାବେ ଜନାର୍ଦ୍ଦନ ପାଣିଗ୍ରାହୀ, ବାବଲୁ ତ୍ରିପାଠୀ ଏବଂ ହର୍ଷ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କଲେଜର ପ୍ରିନ୍ସିପାଲ ଡଃ ଆଶୁତୋଷ ପ୍ରଧାନ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ପ୍ରଫେସର ଡଃ ରଞ୍ଜନ କୁମାର ସାହୁଙ୍କ ସମେତ କଲେଜର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି କ୍ରୀଡ଼ା ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ।


ବାର୍ଷିକ କ୍ରୀଡ଼ା ଉତ୍ସବରେ ଉପସ୍ଥିତ ଶିକ୍ଷକ ଓ ଛାତ୍ରମାନେ।

# ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ବରଗଡ଼,୯।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ କେଶବ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଗୁରୁବାର ପର୍ଯ୍ୟନ୍ତ ଏହା ଚାଲିବ। ଉଦ୍‌ଘାଟନୀ ସମାରୋହରେ କ୍ରୀଡ଼ାବିତ୍ ଜ୍ଞାନରଞ୍ଜନ ପୂଜାରୀ, ଜାତୀୟସ୍ତରୀୟ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଉକ୍ତ ବିଦ୍ୟାଳୟର ପୂର୍ବତନ ଛାତ୍ର ପ୍ରତୀକ ମହାରଣା, ପରିଚାଳନା ସମିତିର ବରିଷ୍ଠ ସଦସ୍ୟ ଡ. ଡୋଲାମଣି ଶତପଥୀ ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍‌ଘାଟନୀ ସମାରୋହକୁ ତନୁଜା ପାଢ଼ୀ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସମାରୋହ ପରେ ଛାତ୍ରମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ଛାତ୍ରମାନେ।

# ପାଇକମାଲ ବ୍ଲକ ସ୍ତରୀୟ ଜୁନିୟର ରେଡକ୍ରସ

ପାଇକମାଲ,୯।୧୨(ବଡ଼ ଶତପଥୀ)

ପାଇକମାଲ ବ୍ଲକସ୍ତରୀୟ ଜୁନିୟର ରେଡକ୍ରସ ଭୁବନେଶରପୁର ଗ୍ରା.ପ. ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ଭିଷ୍ମଦେବ ପଧାନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଦାଦଶ ପଧାନ ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ସରଥ ସାହୁ, ଟଙ୍କଧର ହାତୀ ବିଦ୍ୟାଳୟ ପରିଚାଳନା ସଭାପତି ଓ ପଙ୍କଜ ସାହୁ ସମିତି ସଭ୍ୟ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଜେଆର୍‌ସିଓ ଦୋଲଗୋବିନ୍ଦ ସାହୁ ଓ ବ୍ଲକ କ୍ରିଡ଼ା ସମ୍ପାଦକ ସୁଦର୍ଶନ ମହାକୁରଙ୍କ ତତ୍ତ୍ୱାବଧାନରେ ଚିତ୍ରାଙ୍କନ, କୁଇଜ୍, ବକ୍ତୃତା, ରଚନା, ନାଚ, ଗୀତ, ପ୍ରାଥମିକ ଚିକିତ୍ସା ପ୍ରଦର୍ଶନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ନରସିଂହ ପଧାନ ଓ ଅମିତ ସାହୁ ମଞ୍ଚ ପରିଚାଳନା କରିଥିଲେ ଓ ଲୋକନାଥ ସାହୁ ଧନ୍ୟବାଦ ଦେଇଥିଲେ। ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଚାଷୀନେତାଙ୍କୁ ସଂଘବଦ୍ଧ ଆକ୍ରମଣ

ବରଗଡ଼,୯।୧୨(ପ୍ରେମାନନ୍ଦ ଖମାରୀ)

ସଂଯୁକ୍ତ କୃଷକ ସଂଗଠନର ଜଣେ ଆଗଧାଡ଼ିର ଚାଷୀନେତା ସୁରେଶ ନେକାଣ୍ଟିଙ୍କୁ ସୋମବାର ସନ୍ଧ୍ୟାରେ ସଂଘବଦ୍ଧ ଆକ୍ରମଣ ହୋଇଛି। ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କଲାପାଣି ଛକରେ ଥିବାବେଳେ ତାଙ୍କୁ ଅତର୍କିତ ଆକ୍ରମଣ ହୋଇଥିବା ନେକାଣ୍ଟି ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତନାଘନା ଚଲାଇଛି। ମାତ୍ର ଏପର୍ଯ୍ୟନ୍ତ ପୋଲିସ ଆକ୍ରମଣକାରୀମାନଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ଅନ୍ୟପକ୍ଷରେ ସୋମବାର ଚାଷୀନେତା ନେକାଣ୍ଟିଙ୍କ ଜନ୍ମଦିନ ଥିବାବେଳେ ତାଙ୍କ ଉପରେ ଏଭଳି ସଂଘବଦ୍ଧ ଆକ୍ରମଣକୁ ବିଭିନ୍ନ ମହଲରେ ନିନ୍ଦା କରାଯିବା ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦାବି ହୋଇଛି।


ଚାଷୀନେତା ସୁରେଶ ନେକାଣ୍ଟି।

# ଯୁବୋତ୍ସବ ଅବସରରେ ପ୍ରତିଯୋଗିତା

ବରଗଡ଼,୯।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା କ୍ରୀଡ଼ା, ଯୁବ ବିଭାଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଯୁବୋତ୍ସବ ୨୦୨୫ ଅବସରରେ ମଙ୍ଗଳବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ଏବଂ ରାଣା ପ୍ରତାପ ସ୍କୁଲ ପରିସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ବବିତା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ତର୍କ, ଚିତ୍ରାଙ୍କନ, ଗଳ୍ପ ଲିଖନ ଓ ପଦ୍ୟ ଲିଖନ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ବ୍ଲକରୁ ମନୋନୀତ ହୋଇଥିବା ପ୍ରତିଯୋଗୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଭିସୁଟ ବୁର୍ଲାର ଇଂଲିଶ ବିଭାଗ ଅଧ୍ୟାପିକା ସ୍ୱାଗତିକା ଦାଶ, ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ହିନ୍ଦୀ ବିଭାଗ ପ୍ରଫେସର ବନଜା ମେହେର, ଭେଡେନ ଆଞ୍ଚଳିକ କିଶନ ମହାବିଦ୍ୟାଳୟ ଇଂଲିଶ ଅଧ୍ୟାପକ ପ୍ରଜଲ ଶୁଭମ ବ୍ରହ୍ମଚାରୀ, ବରଗଡ଼ ଟି.ଏଫ. ମହାବିଦ୍ୟାଳୟ ଇଂଲିଶ ବିଭାଗ ଅଧ୍ୟାପିକା ମାଳବିକା ମିଶ୍ର, ରିଡର୍ ଧ୍ରୁବ ପୁରୋହିତ, ଅଧ୍ୟାପିକା ଅନୁପମା ଚାନ୍ଦ, ଅଧ୍ୟାପକ ବିଶ୍ୱଜିତ୍ ସାହୁ, ଅଧ୍ୟାପିକା ବୃଳମୁକ୍ତା ପ୍ରଧାନ, ଅଧ୍ୟାପକ ଅମିତ୍ ଭାର୍ଗବ, ଅଧ୍ୟାପକ ଯଜ୍ଞେଶ୍ୱର ବଡ଼େଇ, ସହକାରୀ ଶିକ୍ଷକ ବିନୋଦ ସାହୁ, ଦୁଃଖୀସେବକ ସାହୁ, କଳା ଶିକ୍ଷକ କୁଶ ଭୁୟାଁ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲା କ୍ରୀଡ଼ା ବିଭାଗର ସମସ୍ତ କର୍ମଚାରୀଙ୍କ ସମେତ ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ ପ୍ରମୁଖ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ବୁଧବାର ବିଜୁ ପଟ୍ଟନାୟକ ଟାଉନ ହଲରେ ଜିଲାସ୍ତରୀୟ ଯୁବୋତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।



ଯୁବୋତ୍ସବ ଅବସରରେ ଚାଲିଥିବା ପ୍ରତିଯୋଗିତା ।

# ଗନ୍ଧମାର୍ଦ୍ଦନ ପର୍ବତକୁ ଇଏସ୍‌ଜେଡ ଭାବେ ଘୋଷଣା ଦାବି

ପାଇକମାଲ,୯।୧୨(ବଡ଼ ଶତପଥୀ)

ପାଇକମାଲ ବ୍ଲକରେ ବିସ୍ତୃତ ଗନ୍ଧମାର୍ଦ୍ଦନ ପର୍ବତ ଓଡ଼ିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ଭୂଦୃଶ୍ୟ ମଧ୍ୟରୁ ଗୋଟିଏ ଏବଂ ଏହି ଅଞ୍ଚଳର ପରିବେଶଗତ ଐତିହ୍ୟରେ ଏକ ଅପୂରଣୀୟ ସ୍ଥାନ ଅଧିକାର କରିଛି। ପରିବେଶ (ସୁରକ୍ଷା) ଆଇନ, ୧୯୮୬ ଏବଂ ପ୍ରାସଙ୍ଗିକ ଏମ୍‌ଓଇଏଫ୍‌ସିସି ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ସମଗ୍ର ଅଞ୍ଚଳକୁ ପରିବେଶଗତ ଭାବରେ ସମ୍ବେଦନଶୀଳ ଅଞ୍ଚଳ (ଇଏସ୍‌ଜେଡ୍) ଭାବରେ ଘୋଷଣା କରିବା ପାଇଁ ଦାବି କରାଯାଇଛି। ଏ ନେଇ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଗନ୍ଧମାର୍ଦ୍ଦନ ଜୈବ ବିବିଧତାର ଏକ ଭଣ୍ଡାର। ଏହା ବିରଳ ଔଷଧୀୟ ଉଦ୍ଭିଦ, ପବିତ୍ର ଉପବନ ଏବଂ ଅନନ୍ୟ ଜଙ୍ଗଲ ପରିସଂସ୍ଥାର ଆଶ୍ରୟସ୍ଥଳ ; ଯାହା ହଜାର ହଜାର ଆଦିବାସୀ ପରିବାର ଏବଂ ଜଙ୍ଗଲ ନିର୍ଭରଶୀଳ ସମ୍ପ୍ରଦାୟକୁ ପ୍ରତିପାଦନ କରେ। ଏହାର ଢାଲ ଏବଂ ଉପତ୍ୟକା ବିଭିନ୍ନ ପ୍ରକାରର ବନ୍ୟପ୍ରାଣୀଙ୍କ ପାଇଁ ଏକ ପ୍ରାକୃତିକ ବାସସ୍ଥାନ ଗଠନ କରେ। ଏହି ଅଞ୍ଚଳଟି ସାଂସ୍କୃତିକ ଏବଂ ଐତିହାସିକ ଗୁରୁତ୍ୱ ମଧ୍ୟ ବହନ କରେ, ଯାହାର ଉଲ୍ଲେଖ ପ୍ରାଚୀନ ଶାସ୍ତ୍ରଗୁଡ଼ିକରେ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଦୃଢ଼ ପାରମ୍ପରିକ ସମ୍ପର୍କ ମିଳିଥାଏ। ଏହାର ଦୁର୍ବଳ ପରିବେଶଗତ ଚରିତ୍ରକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳକୁ ଖଣି, ଖଣି ଖନନ, ବଡ଼ ଧରଣର ଜଙ୍ଗଲକ୍ଷୟ ଏବଂ ଅନ୍ୟାନ୍ୟ ପରିବେଶଗତ ଭାବରେ ବିପର୍ଯ୍ୟସ୍ତ ହସ୍ତକ୍ଷେପ ଭଳି ଅନିୟନ୍ତ୍ରିତ କାର୍ଯ୍ୟକଳାପରୁ କଠୋର ସୁରକ୍ଷା ଆବଶ୍ୟକ। ସେ ଆହୁରି ମଧ୍ୟ ଦର୍ଶାଇଛନ୍ତି, ଗନ୍ଧମାର୍ଦ୍ଦନ ପର୍ବତକୁ ଏକ ଇଏସ୍‌ଜେଡ୍ ଭାବରେ ଆନୁଷ୍ଠାନିକ ମାନ୍ୟତା ପ୍ରଦାନ କେବଳ ଏହାର ପରିବେଶଗତ ଅଖଣ୍ଡତାକୁ ସୁରକ୍ଷିତ କରିବ ନାହିଁ ବରଂ ପଶ୍ଚିମ ଓଡ଼ିଶାରେ ପରିବେଶ ପର୍ଯ୍ୟଟନ, ଗବେଷଣା ଏବଂ ଦୀର୍ଘକାଳୀନ ପରିବେଶଗତ ସନ୍ତୁଳନକୁ ମଧ୍ୟ ପ୍ରୋତ୍ସାହିତ କରିବ। ଏହି ପଦକ୍ଷେପକୁ ବରଗଡ଼ର ଲୋକମାନେ ଏବଂ ବିଶେଷକରି ପାଇକମାଳ ଏବଂ ଏହାର ଆଖପାଖରେ ରହୁଥିବା ସମ୍ପ୍ରଦାୟମାନେ ଭୂୟସୀ ପ୍ରଶଂସା କରିବେ, ଯେଉଁମାନେ ପିଢ଼ି ପରେ ପିଢ଼ି ଏହି ଜଙ୍ଗଲକୁ ସୁରକ୍ଷା ଦେଇଆସିଛନ୍ତି। କେନ୍ଦ୍ରମନ୍ତ୍ରୀ ଓଡ଼ିଶା ସରକାରଙ୍କ ସହିତ ପରାମର୍ଶ କରି ଗନ୍ଧମାର୍ଦ୍ଦନ ପର୍ବତକୁ ଏକ ପରିବେଶଗତ ସମ୍ବେଦନଶୀଳ ଅଞ୍ଚଳ ଭାବରେ ଘୋଷଣା କରିବା ପାଇଁ ଆବଶ୍ୟକ ମୂଲ୍ୟାଙ୍କନ ଏବଂ ବିଜ୍ଞପ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ଏମ୍‌ପି ପୁରୋହିତ ଅନୁରୋଧ କରିଛନ୍ତି।


ଏମ୍‌ପି ପ୍ରଦୀପ ପୁରୋହିତ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଗେଣ୍ଡୁଫୁଲର ଉନ୍ନତ କିସମ



ଶୀତଦିନିଆ ଗେଣ୍ଡୁଫୁଲ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଉନ୍ନତ କିସମ ବିହନ ଯଥା ଆଫ୍ରିକାନ୍ ଜାଏଣ୍ଟ ଡବଲ ୟେଲୋ, ଡବଲ ଅରେଞ୍ଜ, ଫ୍ରେଞ୍ଚ୍ କିସମ ସେରାକୋଲା, ଏନ୍‌କା ୟେଲୋ ଓ ଏନ୍‌କା ଗୋଲ୍‌ଡ ଆଦି କିସମ ବ୍ୟବହାର କରନ୍ତୁ। ଏକର ପ୍ରତି ୬୦୦ ଗ୍ରାମ୍ ବିହନ ବ୍ୟବହାରକରନ୍ତୁ କିମ୍ବା ଗଛଖଣ୍ଡରୁ ଚାରା ପ୍ରସ୍ତୁତକରି ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ରଖନ୍ତୁ। ଏକର ପ୍ରତି ଶେଷ ଓଡ଼ ଚାଷ ସମୟରେ ଅନୁମୋଦିତ ୪୦ କେଜି ଯବକ୍ଷାରଜାନର ଅଧା, ୮୦ କିଗ୍ରା ଫସ୍‌ଫରସ୍ ଓ ୮୦ କେଜି ପଟାସ୍ ସାର ବ୍ୟବହାର କରନ୍ତୁ। ଗେଣ୍ଡୁ ଗଛରେ ହେଲିଓଥିସ୍ ଏବଂ ଆମେରିକୀୟ ପତ୍ର, ସୁଡଙ୍ଗକାରୀ ପୋକ ତଥା ଅଷ୍ଟପଦୀ ଲାଗିବାର ଆଶଙ୍କା ଅଛି। ଏଥିପାଇଁ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲ୍‌ଫାନ୍ ଏବଂ ଅଷ୍ଟପଦୀ ଦମନ ପାଇଁ ଏକର ପ୍ରତି ୬୦୦ ମିଲି ଡିକୋଫଲ୍ ସ୍ପ୍ରେ କରନ୍ତୁ।

## ଗାଁଗହଳିରେ କୁକୁଡ଼ା ପାଳନ

ଗାଁଗହଳିର ବାଡ଼ିବଗିଚାରେ ମାଂସ ଓ ଅଣ୍ଡା ପାଇଁ ବନରାଜା, ଗ୍ରାମ ପ୍ରିୟ ଓ ପଲ୍ଲୀରାଜା ପ୍ରଜାତିର କୁକୁଡ଼ା ପାଳନକରନ୍ତୁ। ବନରାଜା ବର୍ଷକୁ ୧୫୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୨ ରୁ ୨.୫ କିଗ୍ରା ହୋଇଥାଏ। ଗ୍ରାମପ୍ରିୟ ବର୍ଷକୁ ୧୫୦-୧୬୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ। ପଲ୍ଲୀରାଜା ଏକ ରଙ୍ଗିନ ପ୍ରଜାତିର କୁକୁଡ଼ା। ଏହା ବର୍ଷକୁ ୨୦୦ଟି ଅଣ୍ଡାଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ। ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ କୁକୁଡ଼ାଙ୍କୁ ନିୟମିତ କୁକୁଡ଼ା ମରୁଡ଼ି ରୋଗ ଓ ବସନ୍ତ ରୋଗର ଟିକା ଦିଅନ୍ତୁ।



## ଚିନାବାଦାମରେ ଜଳସେଚନ

ଆଗରୁ ଲଗାଯାଇଥିବା ଚିନା ବାଦାମ ୪ ସପ୍ତାହର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛିଦିଅନ୍ତୁ ଏବଂ ତା’ ପରେ ଏକର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍ ଛାଟନ୍ତୁ। ଯଦି ଗଛ ଧାଡ଼ିର ପାର୍ଶ୍ୱରେ ଲାଇନ କରି ପକାଯାଏ, ଏକର ପ୍ରତି କେବଳ ୫୦ କି.ଗ୍ରା. ଜିପ୍‌ସମ୍ ଆବଶ୍ୟକ ହୋଇଥାଏ। ଫସ୍‌ଫରସ୍ ସାରକୁ ଆମୋନିୟମ୍ ସଲ୍‌ଫେଟ୍ କିମ୍ବା ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରିଥିଲେ ଜିପ୍‌ସମ୍‌ର ଆବଶ୍ୟକତା ପଡ଼େ ନାହିଁ। ଜମିର ବତର ଦେଖି ଜଳସେଚନର ବ୍ୟବସ୍ଥା କରନ୍ତୁ। ରବି, ଚିନାବାଦାମ ପାଇଁ ଜମି ପ୍ରସ୍ତୁତ କରନ୍ତୁ ଓ ଉନ୍ନତ କିସମ ଯଥା ଏକେ ୧୨ - ୨୪, ସ୍ମୃତି କିମ୍ବା ଜେ.ଏଲ୍ .- ୨୪ ଆଦି ବ୍ୟବହାର କରନ୍ତୁ।



# ସମନ୍ୱିତ କୃଷି: ଏକ ସଫଳ ମଡେଲ



କେଶବ କୁମାର ମହାପାତ୍ର

କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ ଭାରତୀୟ କୃଷି ଓ ଅର୍ଥନୀତିର ମେରୁଦଣ୍ଡ। ତଥାପି ସେମାନେ ନିମ୍ନ ଉତ୍ପାଦକତା, ଅସ୍ଥିରବଜାର, ଜଳବାୟୁ ପରିବର୍ତ୍ତନ ଏବଂ ବୃଦ୍ଧି ପାଉଥିବା କୃଷି ପାଇଁ ଆନୁଷଙ୍ଗିକ ଖର୍ଚ୍ଚ ସହ ନିରନ୍ତର ସଂଘର୍ଷ କରନ୍ତି।

ପାରମ୍ପରିକ ଏକକ ଫସଲ ଚାଷ ପ୍ରଣାଳୀ ପ୍ରାୟତଃ ସ୍ଥାୟୀ ଆୟ ସୃଷ୍ଟି କରିବାରେ ବିଫଳ ହୁଏ। ବିଶେଷକରି ସୀମିତ ଜମି ମାଲିକାନା ଥିବା ଚାଷୀଙ୍କ ପାଇଁ। ଏହି ଚ୍ୟାଲେଞ୍ଜଗୁଡ଼ିକର ସଫଳ ମୁକାବିଲା ପାଇଁ, ସମନ୍ୱିତ କୃଷି ପ୍ରଣାଳୀ କୃଷି ଲାଭ ବୃଦ୍ଧି କରିବା ପାଇଁ ଏକ ବୈଜ୍ଞାନିକ ଭାବରେ ପ୍ରମାଣିତ ଏବଂ ଆର୍ଥିକ ଦୃଷ୍ଟିରୁ ସମ୍ଭବ ପଥ ପ୍ରଦର୍ଶନ କରେ। ସମାନ ଫାର୍ମ ମଧ୍ୟରେ ପରିପୂରକ କୃଷି ଉପାଦାନଗୁଡ଼ିକୁ ମିଶ୍ରଣକରି ଚାଷୀମାନେ ସମ୍ବଳ ପୁନଃ ଚକ୍ରଣ କରିପାରିବେ। ଅପଚୟକୁ କମ୍ କରିପାରିବେ, ଆୟ ଉତ୍ସଗୁଡ଼ିକୁ ବିବିଧ କରିପାରିବେ ଏବଂ ପରିବେଶଗତ ସ୍ଥାୟିତ୍ୱ ବୃଦ୍ଧି କରିପାରିବେ। ଏହି ଆଲୋଚ୍ୟ ବିଷୟଟି ଏକ ପାଞ୍ଚ-ଉପାଦାନ ସମନ୍ୱିତ କୃଷି ମଡେଲ - କୃଷି, ଉଦ୍ୟାନକୃଷି, ମାଛଚାଷ, ପଶୁପାଳନ ଏବଂ ମହୁମାଛି ପାଳନ ଉପରେ ବିଷଦ ତଥ୍ୟ ରହିଛି।

**କୃଷି**

କୃଷି ଉପାଦାନ ସମନ୍ୱିତ କୃଷି ପ୍ରଣାଳୀର ମୂଳଦୁଆ। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଅମଳକୁ ସ୍ଥିର କରିବା ଏବଂ ଏକକ ଫସଲ ସହ ଜଡ଼ିତ ବିପଦକୁ ହ୍ରାସକରିବା ପାଇଁ ବିବିଧ ଫସଲ ଅତ୍ୟାବଶ୍ୟକ। ଶସ୍ୟ, ଡାଲି, ତୈଳବୀଜ ଏବଂ ପନିପରିବା ଏକତ୍ରିତ କରିବା ଦ୍ୱାରା ବର୍ଷ ସାରା ନିରନ୍ତର ଉତ୍ପାଦନ ସୁନିଶ୍ଚିତ ହୁଏ। ଡାଲିଜାତୀୟ ଫସଲ ସହ ଫସଲ ପରିବର୍ତ୍ତନ ପ୍ରାକୃତିକ ଭାବରେ ମାଟିର ଯବକ୍ଷାରଜାନକୁ ସମୃଦ୍ଧ କରିଥାଏ ଏବଂ ମହଙ୍ଗା ସାର ଉପରେ ନିର୍ଭରଶୀଳତା ହ୍ରାସ କରିଥାଏ। ମକା ସହ ବରଗୁଡ଼ି, ମଟର ସହ ଚିନାବାଦାମ କିମ୍ବା ବାଜରା ସହ ଡାଲି ଭଳି ଆନ୍ତଃ ଫସଲ ପ୍ରଣାଳୀ କୀଟପତଙ୍ଗ ଆକ୍ରମଣକୁ ହ୍ରାସ କରିବା ସହ ଜମିର ଉତ୍ପାଦକତାକୁ ଅଧିକ କରିଥାଏ। ବାଜରା, ସ୍ୱଳ୍ପକାଳୀନ ଧାନ, ମରୁଡ଼ିସହଣି ମକା ଏବଂ ଉଚ୍ଚ-ଉତ୍ପାଦନକ୍ଷମ ଡାଲି ପରି ଜଳବାୟୁ ଅନୁକୂଳ ଫସଲ ପ୍ରଚଳନ ଅନିଶ୍ଚିତ ପାଣିପାଗକୁ ମୁକାବିଲା କରିଥାଏ।

"କୃଷି ଉପାଦାନ ସମନ୍ୱିତ କୃଷି ପ୍ରଣାଳୀର ମୂଳଦୁଆ। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଅମଳକୁ ସ୍ଥିରକରିବା ଏବଂ ଏକକ ଫସଲ ସହ ଜଡ଼ିତ ବିପଦକୁ ହ୍ରାସ କରିବା ପାଇଁ ବିବିଧ ଫସଲ ଅତ୍ୟାବଶ୍ୟକ। ଶସ୍ୟ, ଡାଲି, ତୈଳବୀଜ ଏବଂ ପନିପରିବା ଏକତ୍ରିତ କରିବା ଦ୍ୱାରା ବର୍ଷ ସାରା ନିରନ୍ତର ଉତ୍ପାଦନ ସୁନିଶ୍ଚିତ ହୁଏ। ଡାଲିଜାତୀୟ ଫସଲ ସହ ଫସଲ ପରିବର୍ତ୍ତନ ପ୍ରାକୃତିକ ଭାବରେ ମାଟିର ଯବକ୍ଷାରଜାନକୁ ସମୃଦ୍ଧ କରିଥାଏ ଏବଂ ମହଙ୍ଗା ସାର ଉପରେ ନିର୍ଭରଶୀଳତା ହ୍ରାସ କରିଥାଏ।"



ସମନ୍ୱିତ କୃଷି ପ୍ରଣାଳୀରେ, କୃଷି ଉପ-ଉତ୍ପାଦଗୁଡ଼ିକ ଅନ୍ୟ ଉପାଦାନ ପାଇଁ ମୂଲ୍ୟବାନ୍ ଉପଯୋଗୀ ହୋଇଯାଏ। ନଡ଼ା, କୁଟା, ବୋଟି ଏବଂ ଭୁସା ପରି ଫସଲ ଅବଶିଷ୍ଟାଂଶକୁ ପଶୁପାଳନ ପାଇଁ ଖାଦ୍ୟ,କମ୍ପୋଷ୍ଟ, ଛତୁ ଶଯ୍ୟା ପ୍ରସ୍ତୁତି ସାମଗ୍ରୀ କିମ୍ବା ମାଛ ପୋଖରୀରେ ପୁଷ୍ଟିସାର ଉତ୍ସ ଭାବରେ ବ୍ୟବହାର କରାଯାଏ। ଫାର୍ମ ମଧ୍ୟରେ ଉତ୍ପାଦିତ ଜୈବିକ ଅବଶିଷ୍ଟାଂଶ ଜିଆଖତ, ଗୋବରସାର, ବାୟୋଗ୍ୟାସ୍ ସ୍ଲରି ଏବଂ ସବୁଜସାର ମାଟି ଗଠନକୁ ଉନ୍ନତ କରିଥାଏ। ଜୀବାଣୁ କାର୍ଯ୍ୟକଳାପ ବୃଦ୍ଧି କରିଥାଏ ଏବଂ ଫସଲ ପାଇଁ ପୁଷ୍ଟିସାର ଉପଲବ୍ଧତାକୁ ବୃଦ୍ଧି କରିଥାଏ। ଏହା ରାସାୟନିକ ସାର ଉପରେ ନିର୍ଭରଶୀଳତା ହ୍ରାସକରେ ଏବଂ ଦୀର୍ଘକାଳୀନ ମାଟି ସ୍ୱାସ୍ଥ୍ୟକୁ ଉନ୍ନତକରେ। ଛାଦିକରଣ, ବୁନ୍ଦା ଜଳସେଚନ, ଶୂନ୍ୟଚାଷ ଏବଂ ସମନ୍ୱିତ କୀଟପତଙ୍ଗ ପରିଚାଳନା ଭଳି ସ୍ଥାୟୀ ଅଭ୍ୟାସଗୁଡ଼ିକ କେବଳ ଆନୁଷଙ୍ଗିକ ଖର୍ଚ୍ଚ ହ୍ରାସ କରନ୍ତି ନାହିଁ ବରଂ ସମ୍ପଦ ଅବକ୍ଷୟକୁ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରନ୍ତି। ତେଣୁ କୃଷି ଉପାଦାନ ସେହି ଆଧାର ଭାବରେ କାର୍ଯ୍ୟକରେ ଯାହା ଉପରେ ଅବଶିଷ୍ଟ ଉପାଦାନଗୁଡ଼ିକ ସମନ୍ୱୟ ଗଠନ କରିବାରେ ସକ୍ଷମ ହୁଅନ୍ତି।

**ଉଦ୍ୟାନ କୃଷି**

ଉଦ୍ୟାନ କୃଷି ଉପାଦାନ ଉଚ୍ଚ-ମୂଲ୍ୟର ଫଳ, ପନିପରିବା ଏବଂ ବୃକ୍ଷରୋପଣ ଫସଲଯୋଡ଼ି କୃଷି ଆୟକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରେ। ଉଦ୍ୟାନକୃଷି ପାଇଁ ଉତ୍ସର୍ଗୀକୃତ ଏକ ଛୋଟ କ୍ଷେତ୍ର ମଧ୍ୟ ନିୟମିତ ନଗଦ ଆୟ ଏବଂ ପୁଷ୍ଟିକର ସୁରକ୍ଷା ପ୍ରଦାନ କରିପାରିବ। ଆମ୍ବ, ଗୁଆ,ଅମୃତଭଣ୍ଡା, କଦଳୀ, ସଜନା, ଲେମ୍ବୁ ଏବଂ ସୀତାଫଳ ପରି ଫଳଗଛ ଦୀର୍ଘକାଳୀନ, ସ୍ଥିର ଆୟ ପ୍ରଦାନ କରେ ଏବଂ ଅପେକ୍ଷାକୃତ କମ୍ ରକ୍ଷଣାବେକ୍ଷଣ ଆବଶ୍ୟକ କରେ। ଉଚ୍ଚ-ଘନତାରୋପଣ ପ୍ରଣାଳୀ ଏବଂ ବହୁସ୍ତରୀୟ ଉଦ୍ୟାନ ଚାଷୀମାନଙ୍କୁ ସୀମାନ୍ତ ଜମିରେ ମଧ୍ୟ ବିବିଧ ଫଳଫସଲ ଚାଷ କରିବାକୁ ଅନୁମତି ଦିଏ। ଏହା ସହ ପନିପରିବା ଚାଷ - ବିଲାତି, ଭେଣ୍ଡି, କଖାରୁ, ସବୁଜ ପତ୍ରଯୁକ୍ତ ପରିବା,ବିନ୍ସ ପ୍ରତ୍ୟେକ ଋତୁରେ ଭଲ କାରବାର ସୁନିଶ୍ଚିତ କରେ, ଯାହା ଚାଷୀମାନଙ୍କୁ ବର୍ଷସାରା ଆୟ ଅର୍ଜନ କରିବାକୁ ସକ୍ଷମ କରିଥାଏ।

ଉଦ୍ୟାନ କୃଷି ଏବଂ ଅନ୍ୟାନ୍ୟ ଉପାଦାନ ମଧ୍ୟରେ ସମନ୍ୱୟ ସମନ୍ୱିତ କୃଷିର ଏକ ପ୍ରମୁଖ ଶକ୍ତି। ପଡ଼ିଥିବା ଫଳ, ଚୋପା ଏବଂ ବଜାରରେ ଅଯୋଗ୍ୟ ପନିପରିବା ପଶୁପାଳନ ପାଇଁ ଉତ୍କୃଷ୍ଟ ଖାଦ୍ୟ କିମ୍ବା ଜିଆସାର ପାଇଁ ପ୍ରସ୍ତୁତି ଉପାଦାନ ଭାବରେ କାର୍ଯ୍ୟକରେ। ଫାର୍ମରେ ଉତ୍ପାଦିତ ପୁଷ୍ଟିକର ଭରପୂର ଜିଆଖତ ଉଦ୍ୟାନ ଫସଲର ବୃଦ୍ଧି, ଅମଳ ଏବଂ ଗୁଣବତ୍ତା ଉନ୍ନତ କରେ, ସାର ଖର୍ଚ୍ଚ ହ୍ରାସ କରେ। ବଗିଚାରେ ସ୍ଥାପିତ ବୁନ୍ଦାଜଳସେଚନ ପ୍ରଣାଳୀ ପ୍ରାୟତଃ ନିକଟବର୍ତ୍ତୀ ପନିପରିବା ଜମି ସହ ପାଣି ବାଣ୍ଟିଥାଏ, ଯାହା ଜଳ ବ୍ୟବହାର ଦକ୍ଷତା ବୃଦ୍ଧି କରେ। ବଗିଚାରେ ପନିପରିବା, ଔଷଧୀୟ ଗଛ କିମ୍ବା ଯବକ୍ଷାରଜାନ ବିବନ୍ଧନକାରୀ ବୃକ୍ଷ ଆନ୍ତଃ ଫସଲ କରିବା ଦ୍ୱାରା ମାଟିର ଉର୍ବରତା ଏବଂ ଆୟ ଆହୁରି ବୃଦ୍ଧି ହୁଏ। ଉଦ୍ୟାନ କୃଷିକୁ ସମନ୍ୱିତ କରି ଚାଷୀମାନେ କେବଳ ଶସ୍ୟ-କୃଷି ତୁଳନାରେ ପ୍ରତି ୟୁନିଟ୍ କ୍ଷେତ୍ରରେ ୨-୩ ଗୁଣ ଅଧିକ ଲାଭ ହାସଲ କରିପାରିବେ। ତାହା ଆୟ ଦ୍ୱିଗୁଣିତ କରିବାପାଇଁ ଏକ ରଣନୈତିକ କୌଶଳ ଭାବରେ ପ୍ରତିଷ୍ଠିତ କରିଥାଏ।

**ମାଛଚାଷ**

ମତ୍ସ୍ୟଚାଷ (ମାଛଚାଷ) ସମନ୍ୱିତ କୃଷିରେ ଏକ ଜଳୀୟ ଉପାଦାନ ଏବଂ ସମ୍ପଦ ପୁନଃ ଚକ୍ରଣ କରି ଅଧିକ ଆୟ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ବିଶେଷଭାବରେ ପୋଖରୀ, ନିମ୍ନଭୂମି କିମ୍ବା ଋତୁକାଳୀନ ଜଳାଶୟ ଥିବା ଚାଷୀଙ୍କ ପାଇଁ। ରୋହି, ଭାକୁର, ମିରିକାଳି, ଘାସକାର୍ପ, ରୁପାକାର୍ପ ଏବଂ ଜାପାନୀ କଉ ପରି ମଧୁର ଜଳ ମାଛ ପ୍ରଜାତିଗୁଡ଼ିକ ତୁଳନାତ୍ମକ ଭାବରେ କମ୍ ପରିଚାଳନା ଖର୍ଚ୍ଚରେ ଉଚ୍ଚ ଲାଭ ପ୍ରଦାନ କରନ୍ତି। ପଶୁପାଳନ ଏବଂ କୃଷି ସହ ସମନ୍ୱିତ ହେଲେ ମାଛ ଚାଷ ଦକ୍ଷ ଏବଂ ସ୍ଥାୟୀ ହୁଏ। ଉଦାହରଣ ସ୍ୱରୂପ ମାଛ ପୋଖରୀକୁ ସାର ଦେବା ପାଇଁ ମାପ ପରିମାଣରେ ପୁଷ୍ଟିକର ପଦାର୍ଥଯୁକ୍ତ ଗାଈ ଗୋବର କିମ୍ବା କୁକୁଡ଼ା ଖତ ବ୍ୟବହାର କରାଯାଏ, ଯାହା ପ୍ରାକୃତିକ ପ୍ଲାଙ୍କଟନ ବୃଦ୍ଧିକୁ ପ୍ରୋତ୍ସାହିତ କରେ, ଯାହା ମାଛ ଖାଦ୍ୟ ଭାବରେ କାର୍ଯ୍ୟକରେ। ଯେପରି ସମୟ ସହ ଜମାହେଉଥିବା ପୋଖରୀ ପଙ୍କ ଫସଲ ଏବଂ ଫଳଗଛ ପାଇଁ ଏକ ମୂଲ୍ୟବାନ୍ ଜୈବିକ ସାର ହୋଇଯାଏ। (କ୍ରମଶଃ...)

ମଧୁବାବୁ କମ୍ପ୍ଲେକ୍ସ, ଖନ୍ତାପଡ଼ା, ବାଲେଶ୍ୱର, ମୋ : ୯୪୩୭୧୧୭୪୦୬

## ଆଳୁରେ ହୁଡ଼ା ଦେଉଥିଲେ...



ଆଳୁ ଲଗାଇବାର ୩ ସପ୍ତାହ ହୋଇଯାଇଥିଲେ କିମ୍ବା ଗଛ ୧୦-୧୨ ସେ.ମି. ହୋଇଥିଲେ ପ୍ରଥମେ ହୁଡ଼ା ଦିଅନ୍ତୁ। ପ୍ରଥମେ ଭଲଭାବରେ କୋଡ଼ାଖୁସା କରି ଘାସ ବାଛନ୍ତୁ। ଏହାଦ୍ୱାରା ଆଳୁଗଛ ମୂଳର ମାଟି ହାଲୁକା ହୋଇଯିବ। ତା’ପରେ ଜମିରେ କିସମ ଦେଖି ବଳକା ୩୦-୪୫କି.ଗ୍ରା. ଯବକ୍ଷାରଜାନ ସାରକୁ ଆଳୁ ଗଛ ଧାଡ଼ର ୨ ପାଖରେ ୩-୪ସେ.ମି. ଦୂରତାରେ ୨-୩ସେ.ମି. ଗଭୀରରେ ହୁଡ଼ା ଦିଅନ୍ତୁ। ୧ଏକର ଜମିରେ ଆଳୁ ଲଗାଇବା ଲାଗି ୬-୮କୁଇଣ୍ଟାଲ(୨୫ଗ୍ରାମ୍ ଓଜନର ବିହନ ଆଳୁ) ସଂଗ୍ରହ କରି ଅନ୍ଧାରରେ ୭ଦିନ ଚଟାଣରେ ରଖି ଦିଅନ୍ତୁ। ପରେ ଲଗାଇବା ପୂର୍ବରୁ ବିହନକୁ ୧୦ଲିଟର ପାଣିରେ ୨୦ଗ୍ରାମ୍ ମାଙ୍କୋଜେବ୍ ସହ ୧ ଗ୍ରାମ୍ ଷ୍ଟ୍ରେପ୍‌ଟୋସାଇକ୍ଲିନ୍ ମିଶାଇ ଦ୍ରବଣ ପ୍ରସ୍ତୁତକରି ୩୦ମିନିଟ୍ ଭିଜାଇ ଛାଇରେ ଶୁଖାଇ ଦିଅନ୍ତୁ। ଜମି ପ୍ରସ୍ତୁତି ବେଳେ ସାଧାରଣ ଜମି ପାଇଁ ଏକର ପ୍ରତି ୮ଟନ୍ କମ୍ପୋଷ୍ଟ ଓ ନଈବାଲିରେ ୧୦ଟନ୍ କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ସାଧାରଣ ଜମି ପାଇଁ ଅନୁମୋଦିତ ସାର ଯଥା: ୬୦-୩୦-୪୦ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ ଏବଂ ନଈବାଲିରେ ୯୦-୪୫-୬୦ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ ପ୍ରୟୋଗ କରନ୍ତୁ। ଆଳୁ ଲଗାଇବା ବେଳେ ସବୁତକ ଫସ୍‌ଫରସ୍ ଓ ପଟାସ ଏବଂ ଅଧା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ତା’ ସହ ଏକର ପ୍ରତି ୫ କି.ଗ୍ରା. ବ୍ଲିଚିଂ ପାଉଡର ଓ ୪କି.ଗ୍ରା. ଫୋରେଟ୍ ପ୍ରୟୋଗକଲେ ପ୍ରାଥମିକ ଅବସ୍ଥାରେ ପୋକ ଝାଉଁଳା, ଯାଦୁରା ରୋଗ ଦମନ ହୋଇଥାଏ।

## ପିଆଜ ଲଗାଉଥିଲେ...



ପିଆଜ ତଳିଗୁଡିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଉପାଡ଼ି ଲଗାନ୍ତୁ। ଶୀତଦିନରେ ୮-୧୦ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢ ବାହାରିପଡ଼େ। ଜମିକୁ ଭଲଭାବରେ ୪-୫ଥର ଚାଷକରି ମାଟି ଗୁଣ୍ଡକରି ଦିଅନ୍ତୁ। ପାଣି ମଡ଼େଇବାର ସୁବିଧା ଦେଖି ୨ ମିଟର ଓସାରର ଛୋଟ ଛୋଟ ପଟାଳିକରି ଖତସାର ଦେଇ ଜମି ସମତୁଲ କରିଦିଅନ୍ତୁ। ପଟାଳି ପ୍ରସ୍ତୁତି ସମୟରେ ଏକର ପ୍ରତି ୧୦କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ। ଏହାଦ୍ୱାରା ଉଇ ବା କଟାପୋକ ହେବେ ନାହିଁ। ଧାଡ଼ିକୁ ଧାଡ଼ି ୧୫ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ଚାରା ଲଗାନ୍ତୁ। ଏକର ପ୍ରତି ୮-୧୨ ଟନ ଶଢ଼ା ଗୋବରଖତ ଗୁଣ୍ଡ ତଳି ଲଗେଇବାର ୧ ସପ୍ତାହ ପୂର୍ବରୁ ଜମିରେ ପକାଇ ଭଲଭାବେ ମାଟିରେ ମିଶାଇ ଦିଅନ୍ତୁ। ପିଆଜ ଚାଷ ଲାଗି ଏକର ପ୍ରତି ୪୮କି.ଗ୍ରା. ଯବକ୍ଷାରଜାନ, ୨୪କି.ଗ୍ରା. ଫସ୍‌ଫରସ୍ ଓ ୨୪କି.ଗ୍ରା. ପଟାସ ସାର ଆବଶ୍ୟକ। ଅଧା ଯବକ୍ଷାରଜାନ, ସମୁଦାୟ ଫସ୍‌ଫରସ୍ ଓ ଅଧା ପଟାସ ସାରକୁ ମୂଳସାର ରୂପେ ତଳି ରୋଇବାର ୨ ଦିନ ଆଗରୁ ମାଟିରେ ମିଶେଇ ଦିଅନ୍ତୁ।

## ପନିପରିବା ଚାଷ

ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା- ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ। ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗଚାଷ କଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କିଗ୍ରା ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ୍ ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ। ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କିଗ୍ରା ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।



# ଶୀତକାଳୀନ ମାଛଚାଷ ପୋଖରୀର ପରିଚାଳନା



ଚିନ୍ମୟୀ ଷଡ଼ଙ୍ଗୀ

ଶୀତଦିନରେ ବିଶେଷତଃ ପୋଖରୀ ପାଣି ଗୋଳିଆ ହେବା ସହ ଦଳସବୁ ସ୍ଥିରହୋଇ ଉପରେ ଏକ ଚାଦର ଭଳି ବସିଯାଏ। ଏହା ଫଳରେ ମାଛମାନେ ଅନବରତ ଭାବେ ପାଣିରେ ଭଲଭାବେ ଓ ଚଳପ୍ରଚଳ କରିବାରେ ଅସୁବିଧା ହୋଇଥାଏ। ଏଣୁ ଅନେକ ଥର ଆମେ ଦେଖୁ ଯେ, ଶୀତଦିନେ ପୋଖରୀରେ ମାଛସବୁ ମରି ଭାସୁଥାନ୍ତି। ଏଭଳି ସ୍ଥିତିରେ ପୋଖରୀଗୁଡ଼ିକରେ ମାଛଚାଷ ସମୟରେ ପାଣିର ଉପଯୁକ୍ତ ପରିଚାଳନା ଆବଶ୍ୟକ ହୋଇଥାଏ। ଏହା ସହ ଅଧିକ ଶୀତ ପଡ଼ିଲେ ମଧ୍ୟ ପାଣିର ତାପମାତ୍ରା ଓ ଅମ୍ଳଜାନ ସାଧାରଣ ଦିନଠୁ କମିଯାଉଥିବାରୁ ମାଛମାନଙ୍କ ଉପରେ ଏକପ୍ରକାର ଚାପ ସୃଷ୍ଟିହୁଏ। ଫଳରେ ମାଛମାନଙ୍କୁ ବିଭିନ୍ନ ପ୍ରକାର ରୋଗ ହେବା ଦ୍ୱାରା ସେମାନେ ମରିଯିବା ସମ୍ଭାବନା ରହିଥାଏ।

**ଶୀତକାଳୀନ ମାଛଚାଷ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ**

ଶୀତଦିନରେ ପୋଖରୀ ପାଣିର ଗଭୀରତା ଅତିକମ୍‌ରେ ୬ ଫୁଟ ରଖିବା ଆବଶ୍ୟକ। ଏହିଦିନରେ ମାଛମାନଙ୍କର ଖାଦ୍ୟର ଆବଶ୍ୟକତା କମ୍ ଥାଏ। ସେଥିପାଇଁ ସାଧାରଣ ଖାଦ୍ୟ ପରିମାଣରୁ ୫୦-୭୫ ଭାଗ କମ୍ ଖାଦ୍ୟ ଦେବା ଆବଶ୍ୟକ। ଗୋବର, କୁକୁଡ଼ାମଳ, ପିଡ଼ିଆ ଭଳି ଜୈବିକ ଖାଦ୍ୟପୋଖରୀରେ ପକାନ୍ତୁ ନାହିଁ। କାରଣ ଏହା ପାଣିର ଗୁଣବତ୍ତା ହ୍ରାସ କରିଥାଏ। ଶୀତକାଳରେ କାର୍ପମାଛରେ ଅଲ୍ସର, ଫଙ୍ଗସ, ଗିଲ୍ରୋଟ ଅଧିକ ଦେଖାଯାଏ। ଏହା ସହ ଅନ୍ୟାନ୍ୟ ରୋଗ ମଧ୍ୟ ହୋଇଥାଏ। ଶୀତଦିନିଆ ରୋଗର ପ୍ରତିକାର ପାଇଁ ଶୀତଋତୁ ପୂର୍ବରୁ ଏକର ପିଛା ସିଫାକ୍ସ ୪୦୦ମି.ଲି., ପୋଟାସିୟମ ପରମଙ୍ଗାନେଟ (KMNO୪ ) ୧-୨ କି.ଗ୍ରା. କିମ୍ବା ଚୂନ (LIME ) ୫୦-୧୦୦ କି.ଗ୍ରା. ପୋଖରୀରେ ପ୍ରୟୋଗ କରନ୍ତୁ। ଏକର ପିଛା ୧୦୦ କି.ଗ୍ରା. ହାରରେ ସାଧାରଣ ଲୁଣ ପ୍ରୟୋଗ କରିବା ଦ୍ୱାରା ମଧ୍ୟ ମାଛର ଚାପ କମେ ଓ ପରଜୀବୀ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ପୋଖରୀ ପାଣିର ସର୍ବଦା ଉତ୍ତମ ଗୁଣବତ୍ତା ଓ ପରିଷ୍କାର ରଖିବା ଆବଶ୍ୟକ। ଏଥିପାଇଁ DO, PH ଓ ପାଣିର ଧୂଳିକଣା ସମୟ ସମୟରେ ପରୀକ୍ଷା କରାଇବା ଉଚିତ। ଶୀତରେ ମାଛକୁ ବେଶି ଜଲ ଲଗାଇ ଧରିବା କିମ୍ବା ଅନାବଶ୍ୟକ ଚଳାଚଳ ଉପରେ ବାରଣ କରନ୍ତୁ। ପାଣିରେ ଅମ୍ଳଜାନର ପରିମାଣ ବଢ଼ାଇବା ପାଇଁ ସାଧାରଣ ଏରଟର୍/ପ୍ୟାଡଲ୍‌ୱିଲ୍ ବ୍ୟବହାରକରନ୍ତୁ।

**ଖାଦ୍ୟ ପରିଚାଳନା**



➤ଅଣ୍ଡାରେ ମାଛ ଖାଇବା କମାଇ ଦେଇଥାଏ,ତେଣୁ ଖାଦ୍ୟ ୫୦-୭୫ % କମାଇବା ଉଚିତ।

➤ଖାଦ୍ୟର ଉପଯୁକ୍ତ ବ୍ୟବହାର, ପାଣିର ଗୁଣବତ୍ତା ଠିକ୍ ରଖିବା ଏବଂ ଖାଦ୍ୟ ନଷ୍ଟକୁ ରୋକିବାକୁ ସକାଳ ୧୦ଟା ପରଠୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଖାଦ୍ୟ ଦେବା ଭଲ।

➤ଅତ୍ୟଧିକ ଖାଦ୍ୟ ଦେଲେ ପାଣି ଦୂଷିତ ହୋଇ ମାଛ ମରିଯିବା ସମ୍ଭାବନା ରହିଥାଏ।

ଶୀତକାଳରେ ମାଛର ବୃଦ୍ଧି କମ୍ ହୋଇଥାଏ,କିନ୍ତୁ ଠିକ୍ ପୋଖରୀ ପରିଚାଳନା ଦ୍ୱାରା ମାଛ ମୃତ୍ୟୁ,ରୋଗ ଓ ଉତ୍ପାଦନ କ୍ଷତିକୁ ରୋକାଯାଇପାରେ। ଖାଦ୍ୟ, ପାଣିର ଗୁଣବତ୍ତା ରକ୍ଷା, ଅକ୍ସିଜେନ୍ ଓ ରୋଗ ନିୟନ୍ତ୍ରଣ-ଏହି ଚାରିଟି ହିଁ ଶୀତ ପରିଚାଳନାର ମୂଳ ଆଧାର।

-ମତ୍ସ୍ୟବିଜ୍ଞାନ ଅଧିକାରୀ,
ଓୟୁଏଟି,ଭୁବନେଶ୍ୱର
ମୋ : ୯୪୩୯୯୧୪୯୯୧


ପଦ୍ମପୁର ଟାଉନ କ୍ଲବ୍ ପକ୍ଷରୁ ଆୟୋଜିତ ଲୋକ ମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରା।

## ପଦ୍ମପୁର ଲୋକ ମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରା

**ଯୋଗଦେଲେ ୧୮ ସାଂସ୍କୃତିକ ଦଳ, ୪୦୦ରୁ ଊର୍ଦ୍ଧ୍ୱ କଳାକାର**

ପଦ୍ମପୁର,୯।୧୨(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲ୍ଲା ପଦ୍ମପୁର ଟାଉନ କ୍ଲବ୍ ପକ୍ଷରୁ ଆୟୋଜିତ ଲୋକ ମହୋତ୍ସବ ମଞ୍ଚରେ ପାଞ୍ଚଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ମଙ୍ଗଳବାର ପାରମ୍ପରିକ ଭାବେ ସାଂସ୍କୃତିକ ଶୋଭାଯାତ୍ରା ଆୟୋଜନ ହୋଇଥିଲା। ଏହି ଶୋଭାଯାତ୍ରା ସ୍ଥାନୀୟ ଅଶୋକ ପଡ଼ିଆରୁ ବାହାରି ମଶାଲ ଧରି ନଗର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ୪୦୦ରୁ ଊର୍ଦ୍ଧ୍ୱ କଳାକାର ଓ ୧୮ ଗୋଟି ସାଂସ୍କୃତିକ ଦଳ ଭାଗ ନେଇଥିଲେ। ସ୍ଥାନୀୟ ସାଂସ୍କୃତିକ ଦଳ ସହ କେନ୍ଦୁଝରର ସାନ୍ତାଳୀ ନୃତ୍ୟ, ବ୍ରହ୍ମପୁରର ବାଘନାଚ, ଧର୍ମଗଡ଼ର ଘୁଡୁକା ନାଚ, ପୁରୀର ସମରକଳା, ଛତିଶଗଡ଼ର ଲୋକନୃତ୍ୟ ଏହି ଶୋଭାଯାତ୍ରାର ଆକର୍ଷଣ ସାଜିଥିଲା। ସେହିପରି ବିଭିନ୍ନ ସଚେତନଧର୍ମୀ ଝାଙ୍କିମାନ ସାମିଲ ଥିଲେ। ସେହିପରି ବିଭିନ୍ନ ଗ୍ରାମରୁ ଆସି ଏଥିରେ ସାମିଲ ହୋଇଥିବା ଖଞ୍ଜର ବା ଗ୍ରାମ ପୂଜକମାନଙ୍କୁ କମିଟି ତରଫରୁ ସମ୍ମାନିତ କରାଯାଇଥିଲା।

## ଆଜିଠୁ ବୌଦ୍ଧରେ ଧନୁଯାତ୍ରା

ବୌଦ୍ଧ,୯।୧୨(ଅଜିତ କୁମାର ବାରିକ)

ବୌଦ୍ଧ ସହରର ମଦନ ମୋହନ ନାଟ୍ୟ କଳା ପରିଷଦ ପକ୍ଷରୁ ବୁଧବାରଠାରୁ ରୈରାଣୀ ପଡ଼ିଆଠାରେ ଆରମ୍ଭ ହେବାକୁ ଯାଉଛି ଆଧାମ୍ପିକ ଧନୁଯାତ୍ରା। ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ଧନୁଯାତ୍ରା ୧୯ ବର୍ଷରେ ପଦାର୍ପଣ କରୁଥିବାବେଳେ ୮ ଦିନ ଧରି ଶ୍ରୀକୃଷ୍ଣଙ୍କ ଲୀଳା ଓ ପୌରାଣିକ କଥାବସ୍ତୁକୁ ନେଇ ନାଟକ ଶୈଳୀରେ ପରିବେଷଣ କରାଯିବ। ଯାତ୍ରାକୁ ଅଧିକ ସରସ ସୁନ୍ଦର କରିବାକୁ ମିନାବଜାର ଓ ଖାଦ୍ୟ ଷ୍ଟଲମାନ ଖୋଲାଯାଇଛି। ବୁଧବାର ସକାଳେ ମହାନଦୀରୁ ଏକ କଳସ ଶୋଭାଯାତ୍ରା ମଦନମୋହନ ଜୀଉଙ୍କ ମନ୍ଦିରକୁ ଆସିବା ପରେ ପୂଜାର୍ଚ୍ଚନା କରାଯାଇ ଧନୁଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଦାୟିତ୍ୱରେ ରହିଥିବା ଅନୁଷ୍ଠାନର ସମ୍ପାଦକ ପଙ୍କଜ କୁମାର ମେହେର ସୂଚନା ଦେଇଛନ୍ତି।

# ଆଇସିୟୁ ରୋଗୀସେବାରେ ଅବ୍ୟବସ୍ଥା

- ରୋଗୀ ଖଟିଆରୁ ତଳକୁ ଖସି ପଡ଼ିବା ଅଭିଯୋଗ
- ସୁନ୍ଦରଗଡ଼ ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ

ସୁନ୍ଦରଗଡ଼,୯।୧୨(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ କଲେଜ ଏବଂ ହସପିଟାଲରେ ଆଇସିୟୁରେ ରହି ଚିକିତ୍ସିତ ହେଉଥିବା ଜଣେ ରୋଗୀ ଖଟିଆରୁ ତଳକୁ ଖସି ପଡ଼ିବା ଅଭିଯୋଗ ହୋଇଛି। ରୋଗୀ ଜଣକ ରାତି ତମାମ ତଳେ ପଡ଼ିରହିବା ପରେ ସକାଳେ ଡ୍ୟୁଟିରେ ଥିବା ସ୍ୱାସ୍ଥ୍ୟକର୍ମୀମାନେ ତାଙ୍କୁ ପୁଣି ଖଟିଆରେ ଶୁଆଇ ଥିଲେ। ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ ତସଲାଡ଼ିହି ଗ୍ରାମର ରୋଗୀ ଶ୍ରୀନିବାସ ନାୟକ (୮୨) ଯିଏକି ବର୍ତ୍ତମାନ ସୁନ୍ଦରଗଡ଼ ସ୍ଥିତ ପତ୍ରାପାଲୀରେ ତାଙ୍କ ପରିବାର ସହିତ ରହୁଛନ୍ତି। ନିଶ୍ୱାସ


ଆଇସିୟୁରେ ରୋଗୀଙ୍କୁ ଭେଟୁଛନ୍ତି ସ୍ଥାନୀୟ ନେତା।

ନେବାରେ କଷ୍ଟ ଅନୁଭବ କରୁଥିବାରୁ ଚିକିତ୍ସା ପାଇଁ ଗତ ୩ଦିନ ପୂର୍ବରୁ ସେ ସ୍ଥାନୀୟ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟ ଭଲ ନ ଥିବାରୁ ତାଙ୍କୁ ସୋମବାର ଠାରୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଛି। ଆଇସିୟୁରେ କେବଳ ରୋଗୀ ଛଡ଼ା ଅନ୍ୟ କାହାକୁ ରଖାଯିବାର ନିୟମ ନ ଥିବାରୁ ରୋଗୀ ଜଣକ ଆଇସିୟୁରେ କେବଳ ଡାକ୍ତର ଓ ଷ୍ଟାଫମାନଙ୍କ ଭରସାରେ ରହିଥାନ୍ତି। କିନ୍ତୁ ଅତି ଦୁଃଖର ବିଷୟ ଏଠି ଆଇସିୟୁରେ ରାତ୍ରି ଡିଉଟିରେ ଥିବା କର୍ମଚାରୀ ଆଇସିୟୁରେ ରାତିରେ ନ ରହି ଅନ୍ୟ ଗୋଟିଏ କୋଠରୀରେ ଶୋଉଥିବା ଯୋଗୁ ଚିକିତ୍ସା ହେଉଥିବା ଶ୍ରୀନିବାସ ରାତିରେ ତାଙ୍କ ଶୋଇଥିବା ଖଟ ଉପରୁ ସୋମବାର ରାତିରେ ତଳେ ପଡ଼ିଯାଇ ଥିଲେ। ତାଙ୍କୁ ମଙ୍ଗଳବାର ସକାଳେ କର୍ମଚାରୀମାନେ ଦେଖି ପୁଣି ଖଟରେ ଶୁଆଇଥିଲେ। ରାତିରେ ଖାଲି ଚଟାଣରେ ପଡିରହିବା ଦ୍ୱାରା ତାଙ୍କର ନିଶ୍ୱାସ ନେବାରେ ଜଟିଳ ପରିସ୍ଥିତି ହୋଇ ବର୍ତ୍ତମାନ ନାକରେ ଅକ୍ସିଜେନ ଲଗାଇ ଚିକିତ୍ସା ହେଉଛନ୍ତି। ଏହି ବିଷୟରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ସକାଳେ ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଅବଗତ ହେବା ପରେ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଅଧୀକ୍ଷକ ନିର୍ମଳ କୁମାର ସାହାଣୀଙ୍କୁ ଜଣାଇଲେ। ସହିତ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଏବଂ ଯୁବନେତା ବରୁଣ ବାଗଙ୍କ ସହିତ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ଯାଇ ପଡ଼ିତ ରୋଗୀଙ୍କୁ ଭେଟିବା ସହିତ ତାଙ୍କ ପତ୍ନୀଙ୍କ ଠାରୁ ସବୁ ବିଷୟରେ ପଚାରି ବୁଝିଥିଲେ। ଡାକ୍ତର ଏବଂ ଚିକିତ୍ସାଳୟର ଅଧୀକ୍ଷକଙ୍କୁ ରୋଗୀର ଚିକିତ୍ସା ବିଷୟରେ ସବୁ ବୁଝିବା ସହିତ ଏଭଳି ଘଟଣା ଯେପରି ନ ଘଟେ ଓ ରୋଗୀର ଯେମିତି ଆଉ କିଛି ଅସୁବିଧା ନ ହେବ ସେଥିପ୍ରତି ଯତ୍ନବାନ ହେବାକୁ କହିଥିଲେ।

## ଖୋଲୁନି ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ

**ଅସନ୍ତୋଷ ପ୍ରକାଶ କଲେ ବୀରମିତ୍ରପୁର ବିଧାୟକ**

କୁଆଁରମୁଣ୍ଡା,୯।୧୨(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡାରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଏବେ ମାସ ମାସ ଧରି ତାଲା ବନ୍ଦ ରହୁଥିବା ଅଭିଯୋଗ ହେଉଛି। ଏହି ଅଭିଯୋଗ କରିଛନ୍ତି ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ। ମଙ୍ଗଳବାର କୌଣସି କାମରେ ବିଧାୟକ ତିର୍କୀ ନିଜ ସମର୍ଥକମାନଙ୍କ ସହ କୁଆଁରମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ପରିଦର୍ଶନରେ ଯାଇଥିଲେ। ହେଲେ ସେଠାରେ ପହଞ୍ଚି ଦେଖିଲେ ଯେ,ସରକାରୀ ଦିବସରେ ଗ୍ରୀଲ ତାଲା ପଡ଼ିଛି। କେବଳ ଦିନେ ୨ଦିନ ନୁହେଁ ମାସାଧିକ କାଳ ଉକ୍ତ କାର୍ଯ୍ୟାଳୟ ବନ୍ଦ ରହିଥିବାରୁ ସ୍ଥାନୀୟ ଠିକାଦାର ଓ ଅନ୍ୟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ବିଧାୟକ ତିର୍କୀ ଅଭିଯୋଗ କରିଛନ୍ତି। ଏ ନେଇ ବିଧାୟକ ତିର୍କୀ ଫୋନ ଯୋଗେ ରାଉରକେଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦାଶରଥି ସେଠୀଙ୍କୁ ଘଟଣା ସମ୍ପର୍କରେ ପଚାରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କୁଆଁରମୁଣ୍ଡା କାର୍ଯ୍ୟାଳୟ ଦୀର୍ଘ ଦିନ ହେଲା ତାଲା ବନ୍ଦ ରହୁଥିବା ନେଇ ରାଉରକେଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସେଠୀଙ୍କୁ ଫୋନ ଯୋଗେ ପଚାରିବାରୁ ସେ ଏହାକୁ ଏକ ପ୍ରକାର ସ୍ୱୀକାର କରିଛନ୍ତି। ସରକାର ଏସଓମାନଙ୍କୁ ନିଯୁକ୍ତି ଦେଇ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଛି ବୋଲି ଗ୍ରାମ୍ୟ ଉନ୍ନୟନ ଅଧିକାରୀ ସେଠୀ କହିଛନ୍ତି।


ତାଲା ପଡିଛି କୁଆଁରମୁଣ୍ଡା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ।

## ଜିଲ୍ଲାସ୍ତରୀୟ ସାଂସଦ ଖେଳ ମହୋତ୍ସବ ପ୍ରସ୍ତୁତି ବୈଠକ

ସୁନ୍ଦରଗଡ଼,୯।୧୨(ଜୟ ନାରାୟଣ ମେଣ୍ଡୁଲି)

ଜିଲ୍ଲାସ୍ତରୀୟ ସାଂସଦ ଖେଳ ମହୋତ୍ସବ ସୁନ୍ଦରଗଡ଼ ଭବାନୀପୁରସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଆସନ୍ତା ୧୩ ରୁ ୧୬ ତାରିଖ ତିନି ଦିନ ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ଅବସରରେ ଭାଜପା ସୁନ୍ଦରଗଡ଼ ଓ ରାଉରକେଲା ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଆୟୋଜିତ ସାଂସଦ ଖେଳ ମହୋତ୍ସବର ପ୍ରସ୍ତୁତି ବୈଠକ ମଙ୍ଗଳବାର ଭୋଜପୁରସ୍ଥିତ ଭାଜପା ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ଗିରିଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗତ ୪ ରୁ ୧୦ତାରିଖ ପର୍ଯ୍ୟନ୍ତ ପଞ୍ଚାୟତ, ବ୍ଲକ ଏବଂ ବିଧାନସଭାସ୍ତରରେ ଚୟନ ହୋଇଥିବା ୫୦୦୦ରୁ ଊର୍ଦ୍ଧ୍ୱ ଉଭୟ ବାଳିକା ଓ ବାଳକ ଖେଳାଳି ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଦଳଗତ ଖେଳ ମଧ୍ୟରେ ତୀରନ୍ଦାଜ, ହକି, ଫୁଟବଲ, ଭଲିବଲ, ଖୋଖୋ, କବାଡି, ହ୍ୟାଣ୍ଡବଲ, ବ୍ୟାଡ଼ମିଣ୍ଟନ, ବକ୍ସିଂ, ସାଇକେଲିଂ, ଆଥଲେଟିକ ମଧ୍ୟରେ ୧୦୦, ୨୦୦, ୪୦୦, ୮୦୦ ଏବଂ ୧୫୦୦ ମିଟର ଦୌଡ଼, ଥ୍ରୋ, ଜାଭଲିଙ୍ଗ ଥ୍ରୋ, ସଟପୁଟ, ହାଇଜମ୍ପ, ଲଙ୍ଗଜମ୍ପ ଏବଂ ପାରମ୍ପରିକ ଖେଳ ମଧ୍ୟରେ ରଙ୍ଗୋଲି, ପୁଚି, ଦୌଡ଼ ଡିଆଁ ଓ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଣୁ ଏହି ଜିଲ୍ଲାସ୍ତରୀୟ ଖେଳ ମହୋତ୍ସବକୁ କିଭଳି ସୁଚାରୁରୂପେ ସଫଳ ରୂପାୟନ ଦେବେ ସେହି ଉଦ୍ଦେଶ୍ୟରେ ଉପସ୍ଥିତ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କୁ ମଞ୍ଚାସୀନ ଅତିଥିବୃନ୍ଦ ଅବଗତ କରାଇଥିଲେ। ଏହି ପ୍ରସ୍ତୁତି ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ନରସିଂହ ମିଞ୍ଜ, ରାହାସବିହାରୀ ପ୍ରଧାନ, ଜିଲ୍ଲା ଉପସଭାପତି ସୁରେନ୍ଦ୍ର ଦେହୁରୀ, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ନାଏକ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ଜିଲ୍ଲା କୋଷାଧ୍ୟକ୍ଷ ଦିନେଶ କର, ରାଉରକେଲା ସାଙ୍ଗଠନିକ ଜିଲ୍ଲାର ଜିଲ୍ଲା ସଂଯୋଜକ ଦିଲୀପ ପଟ୍ଟନାୟକ, ରଘୁନାଥପାଲି ନିର୍ବାଚନମଣ୍ଡଳୀର ସଂଯୋଜକ ମନୋରଞ୍ଜନ ମୁନି, ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ସଂଯୋଜକ ସୁନୀଲ ତିୱାରୀ, ରାଉରକେଲା ନିର୍ବାଚନ ମଣ୍ଡଳୀର ସଂଯୋଜକ ପ୍ରକାଶ ପାଶୱାନ, ରାଜ୍ୟ ଯୁବ ମୋର୍ଚ୍ଚା ସଦସ୍ୟ ରୁପେଶ ପଟେଲଙ୍କ ସମେତ ଦଳର ସମସ୍ତ ଜାତୀୟ, ରାଜ୍ୟ, ଜିଲ୍ଲା ପଦାଧିକାରୀ, ମଣ୍ଡଳ ସଭାପତି, ସାଂସଦ ପ୍ରତିନିଧି, ସାଂସଦ ଖେଳ ମହୋତ୍ସବ କାର୍ଯ୍ୟକ୍ରମର ଜିଲ୍ଲା ଓ ମଣ୍ଡଳ ସ୍ତରୀୟ ସଂଯୋଜକ, ସହ ସଂଯୋଜକ ଏବଂ ବରିଷ୍ଠ ନେତୃବୃନ୍ଦ ପ୍ରମୁଖ ଯୋଗଦେଇଥିଲେ।


ପ୍ରସ୍ତୁତି ବୈଠକରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ସାଂସଦ ଖେଳ ଅଭିଯାନର ସଂଯୋଜକ।

## ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମିନି ମାରାଥନ

ସୁନ୍ଦରଗଡ଼, ୯।୧୨ (ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲ୍ଲା ସବଡେଗା ବ୍ଲକ ଅନ୍ତର୍ଗତ କରମଡିହି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ମିନି ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀନନ୍ଦିତା ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ୧୦କିମି ମିନି ମାରାଥନ ପ୍ରତିଯୋଗିତାରେ ବିଦ୍ୟାଳୟର ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସବଡେଗା ବ୍ଲକ ଅଧ୍ୟକ୍ଷା କୁନ୍ତି ପ୍ରଧାନ, ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର, ସଦରଥାନା ଆଇଆଇସି ସୁସ୍ମିତା ଦେବତା, ସ୍ଥାନୀୟ ସରପଞ୍ଚ ସୁସ୍ମିତା କୁଜୁର ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଏହି ମାରାଥନକୁ ଶୁଭାରମ୍ଭ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହି ପ୍ରତିଯୋଗିତାର ବାଳକ ବିଭାଗରେ ଜୀତରାଜ କମାର–ପ୍ରଥମ, ରୋହନ କେଶରୀ–ଦ୍ୱିତୀୟ, ଗୌରବ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବାଳିକା ବିଭାଗରେ ପୁଷ୍ପାଞ୍ଜଳି ପ୍ରଧାନ ପ୍ରଥମ,ଦୀପାବଳୀ ବାଗରତୀ ଦ୍ୱିତୀୟ ଓ ସଫିରା ଲମଙ୍ଗା ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ଖେଳ ଶିକ୍ଷକ ଅଶ୍ୱିନୀ ପ୍ରଧାନ ଓ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ।


ମିନି ମାରାଥନକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ମଦ ବିରୋଧରେ ଅଣ୍ଟା ଭିଡ଼ିଲେ ମହିଳା ଗୋଷ୍ଠୀ

ବଡ଼ଗାଁ, ୯।୧୨(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁର ଭୂୟାଁପଡ଼ା ଓ ଗୌଡ଼ପଡ଼ାର ମହିଳାମାନେ ମଦ ବିରୋଧି ସ୍ୱର ଉତ୍ତୋଳନ କରି କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଠାରେ ଅଭିଯୋଗ ଜଣାଇଛନ୍ତି। ସୋମବାର ମଦ ବିରୋଧୀ ବୈଠକ କରିବା ସହ ପଡାରେ ଖୋଲାଖୋଲି ଅବାଧ ମଦ ବିକ୍ରି ବନ୍ଦ କରିବାକୁ ଥାନାରେ ଲିଖିତ ଜଣାଇଛନ୍ତି। ୫୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଥାନାକୁ ଯାଇ ଉଭୟ ପଡ଼ାରେ ମଦ ବିକ୍ରୀ ବନ୍ଦ କରିବାକୁ ଦାବି କରିଛନ୍ତି। ଗ୍ରାମର ମହିଳା ଗୋଷ୍ଠୀ ସଦସ୍ୟା ହେମଲତା କର୍ସେଲ, ରେଣୁକା ସିହ୍ନା, ଅନିତା ଅଗ୍ରୱାଲ, ସ୍ଥାନୀୟ ୱାର୍ଡ ସଭ୍ୟା ଗୈରି ମାଝୀ, ଜଗଧନ ଖଡିଆ, ରଜନୀ ଭିତ୍ରିଆ, ମଞ୍ଜୁଲତା କର୍ସେଲ, ରେଣୁକା ବାରିକ ପ୍ରମୁଖ ବହୁ ସଂଖ୍ୟକ ମହିଳା ଗୋଷ୍ଠୀ ସଦସ୍ୟା ଓ ଗ୍ରାମର କେଶବ କର୍ସେଲ, ବାବୁଲି କର୍ସେଲ, ବିରବଲ କୈଡ଼ି ପ୍ରମୁଖ ଥାନାକୁ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଭୟ ପଡ଼ାରେ ମଦବେପାରୀମାନଙ୍କର ନାମ ଦର୍ଶାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ପଡ଼ାରେ ଅବାଧ ମଦ କାରବାର ଯୋଗୁ ବହୁ ବିଶୃଙ୍ଖଳା ସୃଷ୍ଟି ହେଉଥିବା, ଚୋରି ବଢୁଥିବା, ଗଣ୍ଡଗୋଳ ହେଉଥିବା ପତ୍ରରେ ଦର୍ଶାଯାଇଛି।


ଥାନାକୁ ପଡ଼ାବାସୀ ଦାବିପତ୍ର ଦେବାକୁ ଆସିଛନ୍ତି।

## ପାଇକମାଲ ବ୍ଲକ୍ ସ୍ତରୀୟ ଜୁନିୟର ରେଡକ୍ରସ

ପାଇକମାଲ,୯।୧୨(ବଡ଼ ଶତପଥୀ)

ପାଇକମାଲ ବ୍ଲକସ୍ତରୀୟ ଜୁନିୟର ରେଡ କ୍ରସ ଭୁବନେଶରପୁର ଗ୍ରା.ପ. ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ଭିଷ୍ମଦେବ ପଧାନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଦାଦଶ ପଧାନ ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ସରଥ ସାହୁ, ଟଙ୍କଧର ହାତୀ ବିଦ୍ୟାଳୟ ପରିଚାଳନା ସଭାପତି ଓ ପଙ୍କଜ ସାହୁ ସମିତି ସଭ୍ୟ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଜେଆର୍‌ସିଓ ଦୋଲଗୋବିନ୍ଦ ସାହୁ ଓ ବ୍ଲକ କ୍ରିଡ଼ା ସମ୍ପାଦକ ସୁଦର୍ଶନ ମହାକୁରଙ୍କ ତତ୍ତ୍ୱାବଧାନରେ ଚିତ୍ରାଙ୍କନ, କୁଇଜ୍, ବକ୍ତୃତା, ରଚନା, ନାଚ,ଗୀତ, ପ୍ରାଥମିକ ଚିକିତ୍ସା ପ୍ରଦର୍ଶନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ନରସିଂହ ପଧାନ ଓ ଅମିତ ସାହୁ ମଞ୍ଚ ପରିଚାଳନା କରିଥିଲେ ଓ ଲୋକନାଥ ସାହୁ ଧନ୍ୟବାଦ ଦେଇଥିଲେ। ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## କନିଷ୍ଠ ବାଳିକାବାଳକ ସିପକ୍‌ଟାକ୍ର ତାଲିମ ଶିବିର ଉଦ୍‌ଘାଟିତ

ସୁନ୍ଦରଗଡ଼, ୯।୧୨(ଜୟନାରାୟଣ ମେଣ୍ଡୁଲି)

ଟାଙ୍ଗରପାଲି ବ୍ଲକ୍ ଯୋଗୀମାଲ ଗ୍ରାମ ପଞ୍ଚାୟତ ନିକଟସ୍ଥ ତେନ୍ତୁଲିଡିପା ହନୁମାନ ମନ୍ଦିର ପ୍ରାଙ୍ଗଣରେ ରାଜ୍ୟସ୍ତରୀୟ କନିଷ୍ଠ ବାଳିକାବାଳକ ସିପକ୍‌ଟାକ୍ର ତାଲିମ ଶିବିର ମଙ୍ଗଳବାର ଅପରାହ୍ନ ୫ଟାରେ ଉଦ୍‌ଘାଟିତ ହୋଇଯାଇଛି। ଯୋଗୀମାଲ ଗ୍ରାମ ପଞ୍ଚାୟତ ସରପଞ୍ଚ ସୌଦାମିନୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଥିଲେ, ପଞ୍ଚାୟତରେ ରାଜ୍ୟସ୍ତରୀୟ ସିପ୍‌କଟାକ୍ର ତାଲିମ ଶିବିର ହେବା ଗର୍ବର ବିଷୟ। ଗ୍ରାମାଞ୍ଚଳରେ ରାଜ୍ୟସ୍ତରୀୟ ସିପକ୍‌ଟାକ୍ର ତାଲିମ ଶିବିର ଆୟୋଜକ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିବା ସହିତ ଖେଳାଳିମାନେ ଜାତୀୟସ୍ତରରେ ପଦକ ହାସଲ କରି ରାଜ୍ୟର ଗର୍ବ ଆଣନ୍ତୁ ବୋଲି କହିଥିଲେ। ଓଡ଼ିଶା ରାଜ୍ୟ ସିପକ୍‌ଟାକ୍ର ସଂଘ ସାଧାରଣ ସମ୍ପାଦକ ପୃଥ୍ୱିରାଜ ସାହୁଙ୍କ ନିର୍ଦ୍ଦେଶରେ ସୁନ୍ଦରଗଡ଼ ଜିଲ୍ଲା ସିପକ୍‌ଟାକ୍ର ସଂଘ ସେକ୍ରେଟାରୀ ସୁଶାନ୍ତ କୁମାର ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୮ ତାରିଖ ପର୍ଯ୍ୟନ୍ତ ଏହି ତାଲିମ ଶିବିର ଚାଲିବ। ଜନସେବା ସମିତି ଯୋଗୀମାଲ ଅନୁଷ୍ଠାନର ସଭାପତି ନଳୀନ କୁମାର ପଟେଲ ଏବଂ ସମ୍ପାଦକ ତଥା ଟ୍ରେନର ଲିପ୍ସା ଷଡ଼ଙ୍ଗୀ ଉପସ୍ଥିତ ରହି ଶିବିରକୁ ସଫଳ କରିବା ପାଇଁ ସହଯୋଗ କରିଛନ୍ତି। ଆକାଶ କୁମାର ରେଡ୍ଡୀ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ବିକାଶ କୁଆ ଓ ରସାନନ୍ଦ ମହାନନ୍ଦିଆ କୋଚ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ତାଲିମ ଶିବିରରୁ ୧୫ ବାଳିକା ଓ ୧୫ ବାଳକ ଚୟନ ହୋଇ ଆସନ୍ତା ୨୯ ତାରିଖ ପଞ୍ଜାବ ଲଭଲି ପ୍ରଫେସନାଲ ବିଶ୍ୱ ବିଦ୍ୟାଳୟରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯିବେ।


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିଙ୍କ ସହିତ ଅତିଥି ଓ ଆୟୋଜକ କମିଟି କର୍ମକର୍ତ୍ତା।

# ବେଟି ବଚାଓ, ବେଟି ପଢ଼ାଓ କର୍ମଶାଳା

ଲହୁଣୀପଡା, ୯।୧୨(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜୀବ ଗାନ୍ଧୀ ସଭାଗୃହ ଠାରେ ମଙ୍ଗଳବାର ଏକ ବ୍ଲକ ସ୍ତରୀୟ ବେଟି ବଚାଓ ବେଟି ପଢ଼ାଓ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିପିଓ ପୁଷ୍ପଲତା ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଆଇନଜୀବୀ ଦିନେଶ କୁମାର ଦାଶ, ବ୍ୟାଙ୍କ ମ୍ୟାନେଜର ଶୁରେଶ କୁମାର ବାଦୀ, ଜିତା ସଙ୍ଗଠନର ଜିଲା ସଂଯୋଜିକା ମଧୁସ୍ମିତା ମହାପାତ୍ର, ବିଏସ୍‌ଏସ୍‌ଓ ରଜତ କୁମାର ସାହୁ ମଞ୍ଚାସୀନ ଥିଲେ। ଗୋପବନ୍ଧୁ ସାହୁ ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇ ଥିବାବେଳେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାମାଜିକ ଓ ରାଜନୈତିକ ଅଧିକାର ଏବଂ ଅନଲାଇନ ସୁରକ୍ଷା ଓ ସାଇବର ବୁଲିଂ, ଆର୍ଥିକ ସାକ୍ଷରତା ଓ ଅର୍ଥନୈତିକ ଅଧିକାର, ବାଲ୍ୟ ବିବାହ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। କିଶୋରୀ ବାଳିକାମାନଙ୍କୁ ନେଇ ବାଲ୍ୟ ବିବାହ ଓ ବେଟି ବଚାଓ ବେଟି ପଢ଼ାଓ ବିଷୟ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲ୍ୟ ବିବାହ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ରୁକ୍ସନା ପମିନ, ଦ୍ୱିତୀୟ ପୂଜା ମାହାନ୍ତ, ତୃତୀୟ ଲକ୍ଷ୍ମୀ ମାହାନ୍ତ, ବେଟି ବଚାଓ ବେଟି ପଢ଼ାଓ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଅର୍ଚ୍ଚନା ନାଏକ, ଦ୍ୱିତୀୟ ସୀମା ମୁଣ୍ଡା, ତୃତୀୟ ରୂପାଲି ନାଏକଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସୁପରଭାଇଜର ପୁଷ୍ପମଞ୍ଜରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତୀକ କୁମାର ମହାନ୍ତି, ବିଶି ପୋଷଣ ସତ୍ୟ ପ୍ରକାଶ ଦ୍ୱିବେଦୀ, ସୁପର ଭାଇଜର ଜହ୍ନବୀ ମାହାନ୍ତ, ପ୍ରେମ ମାହାନ୍ତ, ରଞ୍ଜିତା ସାହୁ, ମମତା ପିଏ ମଧୁସ୍ମିତା ମାହାନ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀ, ଅଙ୍ଗନୱାଡି କର୍ମୀ କିଶୋରୀ ବାଳିକାମାନେ ଉପସ୍ଥିତ ଥିଲେ।


ବେଟି ବଚାଓ ବେଟି ପଢ଼ାଓ କର୍ମଶାଳାରେ ଅଧିକାରୀ, ଅଙ୍ଗନୱାଡି କର୍ମୀ ଓ ଅନ୍ୟମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ମାଷ୍ଟର୍ସ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ

### ଭାଗନେଲେ ୧୬ ଦେଶର ୧୩୭ ମହିଳା ଓ ୧୪୭ ପୁରୁଷ ଖେଳାଳି

ଭୁବନେଶ୍ୱର, ୯।୧୨ (ତପନ ସ୍ୱାଇଁ)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାର ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ରାଜେଶ ପାଟିଲ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଭେନୁଗୋପାଳ ମହାଲିଙ୍ଗମ୍, କ୍ରୀଡ଼ା ସଚିବ ୟେଦୁଲା ବିଜୟ, କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏବଂ ଆୟୋଜକ କମିଟି ସମ୍ପାଦକ ନିଲେନ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏବର୍ଷ ଓଡ଼ିଶା ମାଷ୍ଟର୍ସରେ ୧୪୭ ପୁରୁଷ ଓ ୧୩୭ ମହିଳା ଭାଗ ନେଇଛନ୍ତି। ଏମାନେ ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ ଏବଂ ମିକ୍ସଡ ଡବଲ୍ସ ଟାଇଟଲ ପାଇଁ ଲଢେଇ କରିବେ।


ଉଦ୍‌ଘାଟନୀ ଉତ୍ସବରେ ଖେଳାଳିଙ୍କ ସହ ଅତିଥି ବୃନ୍ଦ।

ପ୍ରଥମ ଦିନର ପୂର୍ବାହ୍ନରେ ୨୪ଟି କ୍ୱାଲିଫାଇଂ ମ୍ୟାଚ ହୋଇଥିବା ବେଳେ ଏଥିରୁ ୨୪ଟି ଦଳ ମୁଖ୍ୟ ଡ୍ର'କୁ ଉନ୍ନୀତ ହୋଇଛନ୍ତି । ଅପରାହ୍ନରେ ମୁଖ୍ୟ ଡ୍ରରେ ୨୦ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଯୋଗ୍ୟତା ପର୍ଯ୍ୟାୟରୁ ମୁଖ୍ୟ ଡ୍ର'କୁ ଉନ୍ନୀତ ହୋଇଥିବା ଭାରତୀୟ ସିଙ୍ଗଲ୍ସ ଖେଳାଳିମାନେ ହେଲେ ଅଂଶ ବିଶାଳ ଗୁପ୍ତା, ମାନବ ଚୌଧୁରୀ, ରୋନକ ଚୌହାନ, ନୁମେର ଶେଖ, ମେଧାବୀ ନଗର, ସଂସ୍କାର ସାରସ୍ୱତ ଆଦିତ୍ୟ ଦିବାକର, ଲୋକେଶ ରେଡ୍ଡୀ, ତାଇପେଇର ଚି ୟୁନ ଚେଙ୍ଗ, ଜାପାନର ନନାମୀ ସୋମେୟା ଓ ଇଣ୍ଡୋନେସିଆର ଡାଳିଆ ଅଘନିଆ ପୁଟେରୀ। ଡବଲ୍ସରେ ଭାରତ୍‌ର ବିମଲରାଜ ଆନ୍ନାଦୁରେଇ ଓ ଶ୍ରେୟା ବାଲାଜୀ ଯୋଡି, ରୋହିତ ମାରିସ୍ୱାମୀ-ରିଧି କୌର, ଭି. ରେଡ୍ଡି-କେ. ସେଲଭାମ, ଜେନିଥ ଅବିଗେଲ-ଲିଖିତା ଶ୍ରୀବାସ୍ତବ, ଡି. ଭେଲ ମୁରୁଗାନ-ପି.ନଟରାଜାନ, ନିତିନ କୁମାର-ହର୍ଷ ରଣା, କେ. କୁମାରଭେଲ-ଆର. ମୋହନ କୁମାର, ଭି ଆର ନର୍ଦ୍ଧନା-ରିଦୁବର୍ଷିଣୀ ରାମାସ୍ୱାମୀ, ଅଦିତି ଭଟ୍ଟ-ଶ୍ରାବଣୀ ବାଲେକାର, ଏନ. ଇଶ୍ୱର ମୂର୍ତ୍ତୀ-ଡି. ଭେଲ ମୁରୁଗାନ, ମୁରଲୀ କ୍ରିଷ୍ଣା କନୁରୀ-ଅଭିଜିତ ମହାରଣା ଓ ସାକ୍ଷୀ ଗହ୍ଲାବତ-ତନୀଷା ସିଂ । ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ମୁଖ୍ୟ ଡ୍ର ପ୍ରତିଯୋଗିତାରେ ଭାରତୀୟ ଖେଳାଳି କେଭିନ ଥାଙ୍ଗମ, ସାନିଥ ଦୟାନନ୍ଦ, ତୁଷାର ସୁବିର, ଇଣ୍ଡୋନେସିଆ ଖେଳାଳି ମହମ୍ମଦ ୟୁସୁଫ, ରିଚି ରିକାର୍ଡୋ ପ୍ରମୁଖ ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ୧ ଲକ୍ଷ ୧୦ ହଜାର ଡ଼ଲାର ପୁରସ୍କାର ରାଶି ବିଶିଷ୍ଟ ଏହି ପ୍ରତିଯୋଗିତାକୁ ପରିଚାଳନା ପାଇଁ ୧୦ ଜଣିଆ ବିଡବ୍ଲ୍ୟୁଏଫ ମନୋନୀତ ଅଫିସିଆଲ ଦଳ, ୧୨ ଜଣ ଭାରତୀୟ ବ୍ୟାଡ୍‌ମିଣ୍ଟନ ସଙ୍ଘ ମନୋନୀତ ଅଫିସିଆଲ ଏବଂ ୪୬ ଜଣ ଓସବା ମନୋନୀତ ଅଫିସିଆଲ ପରିଚାଳନା କରୁଛନ୍ତି।

# ସେସା ଫୁଟ୍‌ବଲ ଏକାଡେମୀକୁ ଯୋଗ୍ୟତା

### ଇଣ୍ଡିଆନ ଓମେନ୍ସ ଲିଗ୍

ପଣଜୀ, ୯।୧୨(ପି.ଟି.)

ସେସା ମହିଳା ଫୁଟ୍‌ବଲ ଏକାଡେମୀ (ଏସ୍‌ଏଫ୍‌ଏ)ର ସିନିୟର ମହିଳା ଦଳ ପ୍ରଥମଥର ପାଇଁ ଇଣ୍ଡିଆନ ଓମେନ୍ସ ଲିଗ୍(ଆଇଡବ୍ଲ୍ୟୁଏଲ୍) ଲାଗି ଯୋଗ୍ୟତା ଅର୍ଜନ କରିଛି। ଗୋଆର ଏହି ଦଳ ନିକଟରେ ୩ ବର୍ଷ ପରେ ଜାତୀୟ ଲିଗ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ଦଳ ବର୍ତ୍ତମାନ ଆଇଡବ୍ଲ୍ୟୁଏଲ୍‌ର ୯ମ ସଂସ୍କରଣରେ ଭାଗ ନେଉଥିବା ଭାରତର ୯ ଏଲିଟ୍ ଦଳରେ ସ୍ଥାନ ପାଇଛି। ଟୁର୍ନାମେଣ୍ଟ ପଶ୍ଚିମବଙ୍ଗରେ ଡିସେମ୍ବର ୨୦ରୁ ଜାନୁଆରୀ ୬ ପର୍ଯ୍ୟନ୍ତ ଖେଳାଯିବ। ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ତଥା ଏସ୍‌ଏଫ୍‌ଏର ପୂର୍ବତନ କୋଚ୍ ଆର୍ମାଣ୍ଡୋ କୋଲାକୋ ଅଗାଆରେ ମହିଳା ଫୁଟ୍‌ବଲର ପୁନରୁଦ୍ଧାରକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଇକୋସିଷ୍ଟମର ପୁନର୍ଗଠନ ନୂତନ ପିଢ଼ିର ମହିଳା ଫୁଟ୍‌ବଲରଙ୍କୁ ପ୍ରେରଣା ଯୋଗାଇଦେବ। ଏହାର ସମସ୍ତ ଶ୍ରେୟ ଏକାଡେମୀକୁ ଯିବ ବୋଲି ସେ କହିଛନ୍ତି।

# ଭାରତୀୟ ଦଳରେ କମଳିନୀ, ବୈଷ୍ଣବୀ ନୂଆ ମୁହଁ

### ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜ୍

ନୂଆଦିଲ୍ଲୀ, ୯।୧୨(ପି.ଟି.)

ଶ୍ରୀଲଙ୍କା ବିପକ୍ଷ ଆସନ୍ତା ୫ ମ୍ୟାଚ୍‌ବିଶିଷ୍ଟ ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟ୍ ଘରୋଇ ସିରିଜ୍ ପାଇଁ ମଙ୍ଗଳବାର ୧୫ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ପ୍ରଥମଥର ଦୁଇ ନୂଆ ଖେଳାଳି ଗୁନାଲାନ କମଳିନୀ ଓ ବୈଷ୍ଣବୀ ଶର୍ମାଙ୍କୁ ସ୍ଥାନ ମିଳିଛି। ଡିସେମ୍ବର ୨୧ରୁ ୩୦ ପର୍ଯ୍ୟନ୍ତ ଏହି ସିରିଜ୍ ଖେଳାଯିବ। ପ୍ରଥମ ଦୁଇ ଗେମ୍ ଯଥାକ୍ରମେ ବିଶାଖାପାଟଣା ଓ ଥିରୁଭାନନ୍ତପୁରମ୍‌ରେ ଖେଳାଯିବ। ୧୭ ବର୍ଷୀୟା ଉଇକେଟ୍‌କିପର-ବ୍ୟାଟର କମଳିନୀ ମହିଳା ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)ରେ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ୯ଟି ମ୍ୟାଚ୍ ଖେଳିଛନ୍ତି। ସେହିପରି ୧୯ ବର୍ଷୀୟା ବୈଷ୍ଣବୀଙ୍କ ନାମ ଅବଶ୍ୟ ଡବ୍ଲ୍ୟୁପିଏଲ୍ ନିଲାମି ତାଲିକାରେ ସ୍ଥାନ ପାଇ ନ ଥିଲା। ଗତମାସରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ସଫଳତା ପାଇଥିବା ଭାରତୀୟ ଦଳର ଦୁଇ ସଦସ୍ୟା ରାଧା ଯାଦବ ଓ ଉମା ଛେତ୍ରୀଙ୍କ ସ୍ଥାନରେ କମଳିନୀ ଏବଂ ବୈଷ୍ଣବୀଙ୍କୁ ଦଳରେ ନିଆଯାଇଛି। କମଳିନୀ ଓ ବୈଷ୍ଣବୀଙ୍କୁ ଛାଡ଼ିଦେଲେ ଦଳରେ ସ୍ଥାନ ପାଇଥିବା ଅନ୍ୟ ସମସ୍ତ ହେଉଛନ୍ତି ଜଣାଶୁଣା ଖେଳାଳି। ସେମାନଙ୍କ ମଧ୍ୟରେ ଅଛନ୍ତି ହରମନପ୍ରୀତ୍ କୌର। ସେ ଦଳର ଅଧିନାୟିକତ୍ୱ କରିବେ। ସ୍ମୃତି ମନ୍ଧାନା ଉପଅଧିନାୟିକା ଦାୟିତ୍ୱ ତୁଲାଇବେ। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ପୂର୍ବରୁ ଆଘାତପ୍ରାପ୍ତ ପ୍ରତିକା ରାଓ୍ୱଲଙ୍କ ସ୍ଥାନରେ ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ବିଗ୍ ହିଟର ବ୍ୟାଟର ଶେଫାଳି ବର୍ମାଙ୍କୁ ମଧ୍ୟ ଦଳରେ ନିଆଯାଇଛି। ନଭି ମୁମ୍ବାଇରେ ଜାନୁଆରୀ ୯ରୁ ଡବ୍ଲ୍ୟୁପିଏଲ୍ ଆରମ୍ଭ ପୂର୍ବରୁ ଭାରତ ଓ ଶ୍ରୀଲଙ୍କା ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ଖେଳିବେ। ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଗତଥର ଏକ ଅନ୍ତର୍ଜାତୀୟ ଟି୨୦ ୨୦୨୪ ଅକ୍ଟୋବରରେ ବିଶ୍ୱକପ୍‌ରେ ଖେଳାଯାଇଥିଲା। ସୂଚନାଯୋଗ୍ୟ, ପ୍ରକୃତରେ ଡିସେମ୍ବରରେ ଭାରତ ଓ ବାଂଲାଦେଶ ମହିଳା କ୍ରିକେଟ ଦଳ ମଧ୍ୟରେ ଏକ ହ୍ୱାଇଟ୍ ବଲ୍ ସିରିଜ୍ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। ମାତ୍ର ଦୁଇ ଦେଶ ମଧ୍ୟରେ ବର୍ତ୍ତମାନ ସୁସମ୍ପର୍କ ନ ଥିବାରୁ ଏହାକୁ ବାତିଲ କରାଯାଇ ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜ୍‌ର ଆୟୋଜନ କରାଯାଇଛି।

**ଭାରତୀୟ ମହିଳା ଟି୨୦ କ୍ରିକେଟ୍ ଦଳ:** ହରମନପ୍ରୀତ୍ କୌର(ଅଧିନାୟିକା), ସ୍ମୃତି ମନ୍ଧାନା(ଉପଅଧିନାୟିକା), ଦୀପ୍ତି ଶର୍ମା, ସ୍ନେହ ରାଣା, ଜେମିମା ରୋଡ୍ରିଗ୍ସ, ଶେଫାଳି ବର୍ମା, ହର୍ଲିନ ଦେଓଲ, ଅମନଜୋତ୍ କୌର, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତି ଗୌଡ଼, ରେଣୁକା ସିଂ ଠାକୁର, ରିଚା ଘୋଷ୍(ଉଇକେଟ୍‌କିପର), ଜି. କମଳିନୀ (ଉଇକେଟ୍‌କିପର), ଶ୍ରୀ ଚାରନୀ ଓ ବୈଷ୍ଣବୀ ଶର୍ମା।

# ନିଲାମିରେ ଭାଗନେବେ ୩୫୦ ଖେଳାଳି

### ଆଇପିଏଲ୍ ୨୦୨୬

ମୁମ୍ବାଇ, ୯।୧୨(ପି.ଟି.)

ଡିସେମ୍ବର ୧୬ରେ ଆବୁଧାବିଠାରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ୍) ନିଲାମି ଅନୁଷ୍ଠିତ ହେବ। ଏଥିରେ ୨୪୦ ଭାରତୀୟଙ୍କ ସମେତ ମୋଟ ୩୫୦ ଖେଳାଳି ଅଂଶଗ୍ରହଣ କରିବେ। ଶେଷ ମୁହୂର୍ତ୍ତରେ ଫାଇନାଲ ଲିଷ୍ଟରେ ଆଶ୍ଚର୍ଯ୍ୟଜନକ ଭାବେ ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ୍ ଡି'କକ୍‌ଙ୍କୁ ଏଥିରେ ସାମିଲ କରାଯାଇଛି। ନିକଟରେ ଅନ୍ତର୍ଜାତୀୟ ଦିନିକିଆ ଅବସରରୁ ଫେରିଥିବା ଉଇକେଟ୍‌କିପର-ବ୍ୟାଟର ଡି'କକ୍‌ଙ୍କ ବେସ୍ ପ୍ରାଇସ୍ ୧ କୋଟି ଟଙ୍କା ରଖାଯାଇଛି। ତାଲିକାରେ ଅଷ୍ଟ୍ରେଲିଆ ବ୍ୟାଟର ଷ୍ଟିଭ ସ୍ମିଥ୍‌ଙ୍କ ନାମକୁ ମଧ୍ୟ ସାମିଲ କରାଯାଇଛି। ସେ ଗତଥର ୨୦୨୧ ଖେଳାଳି ନିଲାମିରେ ତାଙ୍କ ନାମ ପଞ୍ଜୀକୃତ କରିଥିଲେ। ଖେଳାଳି ନିଲାମ ପାଇଁ ମୋଟ ୧,୩୯୦ ଜଣ ସେମାନଙ୍କ ନାମ ପଞ୍ଜୀକୃତ କରିଥିଲେ। ପ୍ରଥମେ ଏହି ତାଲିକାକୁ ୧,୦୦୫ ଏବଂ ପରେ ୩୫୦କୁ ସଂକ୍ଷିପ୍ତ କରାଯାଇଥିଲା। ୧୦ଟି ଦଳକୁ ନେଇ ବିଶ୍ୱର ଏହି ସବୁଠାରୁ ବଡ଼ ଟି୨୦ ଲିଗ୍‌ର ୧୯ତମ ସଂସ୍କରଣ ପାଇଁ ୭୭ଟି ସ୍ଥାନ ଉପଲବ୍ଧ ଅଛି। ତନ୍ମଧ୍ୟରେ ବିଦେଶୀ ଖେଳାଳିଙ୍କ ସଂଖ୍ୟା ୩୧ ରହିଛି। ପ୍ରଥମ ସେଟ୍‌ରେ ନିଲାମ ହେବାକୁଥିବା ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ମୁମ୍ବାଇ ଇଣ୍ଡିଆନ୍ ବ୍ୟାଟର ପୃଥ୍ୱୀ ଶ' ଓ ସର୍ଫରାଜ ଖାନ୍। ଉଭୟଙ୍କ ବେସ୍ ପ୍ରାଇସ୍ ୭୫ ଲକ୍ଷ ଟଙ୍କା ଲେଖାଏ ରଖାଯାଇଛି। ଶ' ୨୦୧୮ରୁ ୨୦୨୪ ପର୍ଯ୍ୟନ୍ତ ନିୟମିତ ଆଇପିଏଲ୍‌ର ଅଂଶବିଶେଷ ରହି ଆସିଛନ୍ତି। ଗତବର୍ଷ କିନ୍ତୁ ସେ ବିକ୍ରି ହୋଇପାରି ନ ଥିବାବେଳେ ସର୍ଫରାଜ ୨୦୨୧ ପରଠାରୁ ପ୍ରତିଯୋଗିତାରେ ଖେଳିନାହାନ୍ତି। ଖେଳାଳି ତାଲିକାରେ ସ୍ଥାନ ପାଇଥିବା ବିଦେଶୀ ଖେଳାଳିମାନଙ୍କ ମଧ୍ୟରେ ଦୁଇ ଅଷ୍ଟ୍ରେଲୀୟ କାମେରନ ଗ୍ରୀନ୍ ଓ ଜେକ୍ ଫ୍ରେଜର-ମ୍ୟାକ୍‌ଗୁର୍କ ପୂର୍ବତନ ଚେନ୍ନାଇ ସୁପର କିଙ୍ଗ୍ସ ଓପ୍‌ନର ଡେଭନ କନୱେ ଓ ଦକ୍ଷିଣ ଆଫ୍ରିକାର ଡେଭିଡ ମିଲର ଅନ୍ୟତମ ରହିଛନ୍ତି। ପ୍ରତ୍ୟେକ ଖେଳାଳିଙ୍କ ବେସ୍ ପ୍ରାଇସ୍ ୨ କୋଟି ରଖାଯାଇଛି। କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର)ରୁ ରିଲିଜ୍ ହୋଇଥିବା ଭେଙ୍କଟେଶ ଆୟାରଙ୍କ ବେସ୍ ପ୍ରାଇସ ୨ କୋଟି ଟଙ୍କା ରଖାଯାଇଛି। ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିବା ଘରୋଇ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି କୁନାଲ ଚାଣ୍ଡେଲା ଓ ଅଶୋକ କୁମାର। ସୟଦ ମୁସ୍ତାକ୍ ଅଲି ଟି୨୦ ଟ୍ରଫିରେ ଉଭୟ ଯଥାକ୍ରମେ ହେଉଛନ୍ତି ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟର ଓ ସର୍ବାଧିକ ଉଇକେଟ ହାସଲକାରୀ ବୋଲର। ୩ଥର ଚାମ୍ପିୟନ କେକେଆର୍ ନିଲାମିକୁ ସବୁଠାରୁ ଅଧିକ ୬୪.୩ କୋଟି ଟଙ୍କା ନେଇ ଓହ୍ଲାଇବ। ଏହା ପଛକୁ ରହିଛି ୫ଥର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ(ସିଏସ୍‌କେ)। ଥରେ ଆଇପିଏଲ ଟାଇଟଲ ଜିତିଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ ତୃତୀୟ ସର୍ବାଧିକ ୨୫.୫ କୋଟି ଟଙ୍କା ନେଇ ନିଲାମିକୁ ଓହ୍ଲାଇବ। ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିବା ୨୧ଜଣ ଇଂଲଣ୍ଡ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଉଇକେଟ୍‌କିପର ବ୍ୟାଟର ଜେମି ସ୍ମିଥ୍, ପେସର ଗସ୍ ଆଟକିନ୍‌ସନ, ଲିଆମ ଲିଭିଂଷ୍ଟୋନ୍ ଏବଂ ଟେଷ୍ଟ ଓପ୍‌ନର ବେନ୍ ଡକେଟ। ନିଲାମିରେ ଗ୍ରୀନ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଆଶା କରାଯାଉଛି। ତାଲିକାରେ ସ୍ଥାନ ପାଇଁ ୧୯ ଅଷ୍ଟ୍ରେଲୀୟ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଜୋଶ୍ ଇଂଲିଶ, ମାଥ୍ୟୁ ଶର୍ଟ, କୁପର କୋନୋଲି ଓ ବିୟୁ ୱେବଷ୍ଟର ଅନ୍ୟତମ। ଆଇପିଏଲ୍ ନିଲାମିରେ ସାମିଲ ହେବାକୁଥିବା ଦକ୍ଷିଣ ଆଫ୍ରିକାର ୧୫ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଫାଷ୍ଟ ବୋଲର ଏନ୍‌ରିଜ ନର୍ଜେ, ଲୁନ୍‌ଗି ଏନ୍‌ଗିଡ଼ି, ଜେରାଲ୍ଡ କୋଜି ଏବଂ ଅଲ୍‌ରାଉଣ୍ଡର ୱିଆନ ମଲ୍‌ଡର। ସେହିପରି ତାଲିକାରେ ସ୍ଥାନ ପାଇଥିବା ୯ ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଫାଷ୍ଟ ବୋଲର ଅଲ୍‌ଜାରି ଯୋଶେଫ୍ ଓ ଶାମର ଜୋଶେଫ, ଆକିମ୍ ଅଗଷ୍ଟି, ଶାଇ ହୋପ୍ ଓ ରୋଷ୍ଟନ ଚେଜ୍। ଶ୍ରୀଲଙ୍କା ସ୍ପିନର ୱାନିନ୍ଦୁ ହସରଙ୍ଗା, ଦୁନିଥ ୱେଲାଲେଗ୍, ମାହିଶ ଥିକ୍‌ସାନା ଓ ଟ୍ରାଭିନ ମାଥ୍ୟୁ, ପାଥୁମ ନିଶାଙ୍କା, କୁଶାଲ ମେଣ୍ଡିସ ଓ କୁଶାଲ ପେରେରାଙ୍କ ସମେତ ୧୨ ଜଣ ଖେଳାଳି ନିଲାମିରେ ଅବତୀର୍ଣ୍ଣ ହେବେ।




## Classified Everyday
0674-2580101, 9692975378




**BRIDE WANTED**

ଝିଅ ଆବଶ୍ୟକ: ଚାକିରି କରିଥିବା ବ୍ରାହ୍ମଣ ପୁଅ, ବୟସ- ୪୭ ବର୍ଷ, ଦ୍ୱିତୀୟ ବିବାହ ପାଇଁ ଯେ କୌଣସି ଜାତିର ଝିଅ ଆବଶ୍ୟକ। ଯୋଗାଯୋଗ: 9937371168. D-2713

Wanted Brahmin B-tech bride for boy 1999/5'6", software Engineer, MNC Bangalore. 7008283078. D-2787

**GROOM WANTED**

Good Looking Bania girl 1997, 5'3", MBA, Bank PO. 9853366347. D-2775

Proposals invited from Bank officers State/ Central Govt./ psu Engineers for an Asst. manager (SBI) Brahmin bride, 27 years, 5'7". Contact No.- 8280857693. D-2776

ବ୍ରାହ୍ମଣ Govt Lab Technician, 49, ବୟସ୍କା divorce ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 6370471610. D-2790

34 ବୟସ୍କା ବିଧବା Govt. Lecture, ସୁନ୍ଦର, ଖଣ୍ଡାୟତ ଝିଅଙ୍କୁ ବରପାତ୍ର ଯୋଗାଯୋଗ କରନ୍ତୁ। 8249280543. D-2791

See Career Appointment on every Wednesday & Saturday




**SALE**

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14




The massage felt totally professional! & comfortable at all times-7978109255. D-221

All types of physiotherapy with massage, Contact number 9556924059/ 7656969134. D-2766

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

IN THE COURT OF THE 1ST ADDL. CIVIL JUDGE, SENIOR DIVISION, BHUBANESWAR
C.S. No.1715/2019

Bishnu Mohan Dash .....Plaintiff
Versus
Jayasingh Tanka & others ...... Defendants

NOTICE U/S.5, RULE- 20 OF C.P.C.

To,
1. Jayasingh Tanka, aged about 54 years, S/o- Late Lata Tanka, Village- Bachharapatna, near Radha Krushna Temple, P.O./P.S- Jatni, Dist.- Puri (Now Khordha) (Grandson of Mithi Bai), 2. Bilasini Mallick, aged about 60 years, D/o- Rama Mallick, At- Godhisahi, P.O./P.S.- Jatni, Dist.- Puri (Now Khordha), 3. Narendra Mallick, aged about 70 years, 4. Kuntala Mallick, aged about 67 years, 5. Sutei Mallick, aged about 65 years, 6. Supa Mallick, aged about 63 years, 7. Jayanti Mallick, aged about 61 years, Sl. No.3 to 7 are son and daughter of Late Laxman Mallick respectively and residing at village- Godhi Sahi, P.O./ P.S.- Jatni, Dist.- Puri (Now Khordha).

Whereas, the plaintiff has instituted the aforesaid civil suit against you for declaration of right, title and interest over the suit land. You hereby summoned to appear in this court in person or by a pleader duly instructed and able to answer all material questions relating to the civil suit or shall accompany by some person able to answer all such question on the 27th day of January 2026 at 10.30 O' clock to answer the claim.

SCHEDULE OF PROPERTY

Mouza- Bachharapatna, Sabak Khata No. 224, Leger Khata No. 311 and Settlement Khata No. 211/5 and Khata No. 306, Plot No. 440/581, measuring an area Ac0.050 decimals, out of Ac0.500 decimals from eastern side and Mouza- Bachharapatna, Khata No. 211/4, Plot No. 440/580, measuring an area Ac0.250 decimals, out of Ac0.500 decimals, the purchase area is Ac0.085 decimals from the South-West corner of aforesaid total area Ac0.300 decimals of Sub-Registrar/Tahasil/P.O./P.S.- Jatni, Dist.- Puri now Khordha, the plot comprising of wide 42ft. means 63 kadi, length from North to South 89ft. means 135 kadi.

Given under my hand and the seal of the Court this 23rd day of October 2025.

Sd./- Dt.23.10.2025
1st Addl. Civil Judge, Senior Division, Bhubaneswar
D-2789


# ପ୍ରଥମ ଟ୍ରାନ୍ସଜେଣ୍ଡର ଫୁଟ୍‌ବଲ ଲିଗ୍

ଜାମ୍‌ସେଦ୍‌ପୁର, ୯।୧୨(ପି.ଟି.)

ଜାମ୍‌ସେଦ୍‌ପୁର ସୁପର ଲିଗ୍ ଅଧୀନରେ ପ୍ରଥମଥର ୭ଟି ଟ୍ରାନ୍ସଜେଣ୍ଡର ଦଳକୁ ନେଇ ଏକ ସ୍ୱତନ୍ତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଭାରତୀୟ ଫୁଟ୍‌ବଲର ଏହା ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ବୋଲି କୁହାଯାଉଛି। ଫାଇଭ୍-ଏ-ସାଇଡ୍ ଫର୍ମାଟ୍‌ରେ ଖେଳାଯାଉଥିବା ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ଦଳଗୁଡ଼ିକ ହେଲେ ଜାମ୍‌ସେଦ୍‌ପୁର ଏଫ୍‌ଟି, ଚାଇବସା ଏଫ୍‌ସି, ଚକ୍ରଧରପୁର ଏଫ୍‌ସି, ଜାମ୍‌ସେଦ୍‌ପୁର ଇନ୍ଦ୍ରନଗର ଏଫ୍‌ସି, ନାଓମୁଣ୍ଡି ଏଫ୍‌ସି, ସରାଇକେଲା ଏଫ୍‌ସି ଓ କୋଲହାନ ଟାଇଗର୍ସ ଏଫ୍‌ସି। ପ୍ରଥମେ ଏହି ଟୁର୍ନାମେଣ୍ଟ ୪ ଦଳକୁ ନେଇ ଆୟୋଜନ କରିବା ଲାଗି ସ୍ଥିର ହୋଇଥିଲା। ମାତ୍ର ପରେ ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଥିଲା। ଏହି ଟୁର୍ନାମେଣ୍ଟ ହେଉଛି ଜାମ୍‌ସେଦ୍‌ପୁର ସୁପର ଲିଗ୍‌ର ଏକ ଅଂଶବିଶେଷ। ରବିବାର ଉଦ୍‌ଘାଟନୀ ଦିବସରେ ଜାମ୍‌ସେଦ୍‌ପୁର ଏଫ୍‌ସି ୭-୦ ଗୋଲ୍‌ରେ ଚାଇବସା ଏଫ୍‌ସିକୁ ହରାଇ ଦେଇଥିବା ବେଳେ ଚକ୍ରଧରପୁର ଏଫ୍‌ସି ବିପକ୍ଷରେ କୋଲହାନ ଟାଇଗର୍ସ ୩-୦ ଗୋଲରେ ବିଜୟଲାଭ କରିଛି। ଅନ୍ୟପକ୍ଷେ ଜାମ୍‌ସେଦ୍‌ପୁର ଇନ୍ଦ୍ରନଗର ଏଫ୍‌ସି ଓ ନୋଆମୁଣ୍ଡି ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା।


## ମନେ ପଡ଼ନ୍ତି

### ଏକାଦଶ ଶ୍ରାଦ୍ଧବାର୍ଷିକୀ



**ଁ ଚକ୍ରଧର ନନ୍ଦ**

ରାଣୀପଡ଼ା, ସାଲେପୁର
ଆବିର୍ଭାବ: ୧୬।୦୩।୧୯୩୪
ତିରୋଧାନ: ୧୨।୧୨।୨୦୧୪
ତୁମ ଅମର ଆତ୍ମାର ଶାନ୍ତି ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରଣାମ ଜଣାଉଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ
ଧ-୨୭୮୮


# ପୋଡିୟମ ଫିନିଶ ଲକ୍ଷ୍ୟରେ ଭାରତ

### ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ବିଶ୍ୱକପ୍ ହକି

ଚେନ୍ନାଇ, ୯।୧୨(ପି.ଟି.)

ଅନ୍ତର୍ଜାତୀୟ ହକି ମହାସଙ୍ଘ (ଏଫ୍‌ଆଇଏଚ୍) ପୁରୁଷ ଜୁନିୟର ବିଶ୍ୱକପ୍ ହକି ଟାଇଟଲ ହାସଲ କରିବାର ସ୍ୱପ୍ନ ହୁଏତ ଶେଷ ହୋଇଯାଇଥାଇପାରେ। କିନ୍ତୁ ଅତିକମ୍‌ରେ ପୋଡିୟମ ଫିନିଶ ସହ ଘରୋଇ ଦର୍ଶକଙ୍କ ମନରେ କିଛିଟା ଖୁସି ଆଣିଦେବାକୁ ଆଶା ରଖିଥିବ ନିଶ୍ଚୟ। ଭାରତ ବୁଧବାର ବ୍ରୋଞ୍ଜ୍ ପଦକ ମୁକାବିଲାରେ ଆର୍ଜେଣ୍ଟିନାକୁ ଭେଟିବ। ଭାରତ ୯ ବର୍ଷ ପୂର୍ବେ ୨୦୧୬ ଲକ୍ଷ୍ନୌ ସଂସ୍କରଣରେ ଟାଇଟଲ ବିଜୟୀ ହୋଇଥିଲା। ଦଳ ରବିବାର ସେମିଫାଇନାଲରେ ୭ଥର ଚାମ୍ପିୟନ ତଥା ଗତଥରର ଟାଇଟଲ ବିଜେତା ଜର୍ମାନୀଠାରୁ ୧-୫ ଗୋଲରେ ହାରିଯାଇଥିଲା। ମ୍ୟାଚ୍ ପରେ ଭାରତର ମୁଖ୍ୟ କୋଚ୍ ପି.ଆର୍. ଶ୍ରୀଜେଶ ସ୍ୱୀକାର କରିଥିଲେ ଯେ, ତାଙ୍କ ଦଳ ଯୋଜନା ମୁତାବକ ଖେଳିବାରେ ବିଫଳ ହୋଇଥିଲା। ଛୋଟ ଛୋଟ ତ୍ରୁଟି ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା ଏବଂ ଭାରତର ଟାଇଟଲ ଆଶା ଧୂଳିସାତ୍ ହୋଇଯାଇଥିଲା। ତୃତୀୟ ସ୍ଥାନ ପାଇଁ ମୁକାବିଲାରେ ଥିବା ଦୁଇଥର ଚାମ୍ପିୟନ ଆର୍ଜେଣ୍ଟିନା ଆୟୋଜକ ଭାରତକୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି। ମ୍ୟାଚ୍ ଜିତିବାକୁ ହେଲେ ଭାରତକୁ ଦଳଗତ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। ୨୦୦୫ ଓ ୨୦୨୧ ଟାଇଟଲ ବିଜେତା ଆର୍ଜେଣ୍ଟିନା ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ସେମିଫାଇନାଲ ମ୍ୟାଚ୍‌ରେ ସ୍ପେନ୍‌ଠାରୁ ଅଳ୍ପକେ ୨-୧ ଗୋଲରେ ହାରିଯାଇଥିଲା। ଏହି ପରାଜୟ ଦଳକୁ ଖୁବ୍ ଆଘାତ ଦେଇଥିବ। ଭଲ ପ୍ରଦର୍ଶନ ସହ ଟୁର୍ନାମେଣ୍ଟ ଶେଷ କରିବା ଲାଗି ଦଳ ବ୍ୟାକୁଳ ରହିଥିବ ନିଶ୍ଚୟ।




ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଅବସରରେ ଦର୍ଶକରେ ଭରା ବାରବାଟୀ ଷ୍ଟାଡିୟମ।

# ବାରବାଟୀରେ ଟି୨୦ ଉତ୍ସାହ

**ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ। ଏହି ଅନ୍ତର୍ଜାତୀୟ ମ୍ୟାଚ ଲାଗି ଦର୍ଶକଙ୍କ ମନରେ ନାହିଁ ନ ଥିବା ଉତ୍ସାହ ପରିଲକ୍ଷିତ ହୋଇଛି।**




## ମ୍ୟାଚ୍ ଦେଖିଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ମ୍ୟାଚ୍ ଦେଖିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଗେଷ୍ଟ ଲାଉଞ୍ଜ୍‌ର ବ୍ୟବସ୍ଥା କରାଯାଇଥିଲା। ଏଥିରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହିତ ରାଜ୍ୟର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବସି ମ୍ୟାଚ୍ ଉପଭୋଗ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଯୋଗ ଦେଇଥିଲେ।



ଷ୍ଟାଡିୟମ ଗ୍ୟାଲେରିରେ ଭିନ୍ନ ବେଶରେ ଜଣେ କୁନି ଦର୍ଶକ।




ସଚିନ ତେନ୍ଦୁଲକର ଓ ସୂର୍ଯ୍ୟକୁମାର ଯାଦବଙ୍କ ପ୍ରଶଂସକ।




ଭାରତୀୟ ଜର୍ସିରେ ଉଲ୍ଲସିତ ଦର୍ଶକ।




ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ହାର୍ଦ୍ଦିକ ପାଣ୍ଡ୍ୟା।




ବାରବାଟୀ ଷ୍ଟାଡିୟମ୍‌ରେ ମଙ୍ଗଳବାର ଟି୨୦ ମ୍ୟାଚ୍ ପରେ ଭାରତ ଓ ଦକ୍ଷିଣ ଆଫ୍ରିକାର ଖେଳାଳି କରମର୍ଦ୍ଦନ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)